୨୦୨୪ ମସିହା ଧରାପୃଷ୍ଠରୁ ବିଦାୟ ନେଉଥିବା ବେଳେ ଏବଂ ନୂତନ ବର୍ଷକୁ ବିଶ୍ୱବାସୀ ସ୍ୱାଗତ ଜଣାଉଥିବା ସମୟରେ ପଛକୁ ପଛ କେତୋଟି ଛାତିଥରା ବିମାନ ଦୁର୍ଘଟଣା ଆକାଶମାର୍ଗରେ ଯାତ୍ରୀଙ୍କ ନିରାପତ୍ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଡିସେମ୍ବର ଗୋଟିଏ ମାସ ଭିତରେ ଛ’ଟି ବଡ଼ଧରଣର ବିମାନ ଦୁର୍ଘଟଣାରେ ୨୪୭ଜଣ ଯାତ୍ରୀଙ୍କ ଅକାଳ ମୃତ୍ୟୁ ବିଶ୍ୱବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ବେସାମରିକ ବିମାନ ଚଳାଚଳ ଇତିହାସରେ ଚଳିତ ଡିସେମ୍ବର ମାସ ଏକପ୍ରକାର ଘାତକ ସାବ୍ୟସ୍ତ ହୋଇଛି। ରବିବାର ସକାଳେ ଦକ୍ଷିଣ କୋରିଆର ସୁଆନ୍ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ଘଟିଥିବା ଭୟଙ୍କର ବିମାନ ଦୁର୍ଘଟଣାରେ ୧୭୯ଜଣ ଯାତ୍ରୀଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ବିମାନ କର୍ମଚାରୀଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏଭଳି ଦୁର୍ଘଟଣା ଦକ୍ଷିଣ କୋରିଆ ବେସାମରିକ ବିମାନ ଚଳାଚଳ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ଦୁର୍ଘଟଣାର କାରଣ ନେଇ ଏବେ ଭିନ୍ନ ଭିନ୍ନ ମତପ୍ରକାଶ ପାଉଛି। ବିଶେଷ କରି ଯାତ୍ରୀବାହୀ ବିମାନଟି ଠିକଣା ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ଅବତରଣ କରିବା ସମୟରେ ଏତେ ବଡ଼ ଦୁର୍ଘଟଣା କାହିଁକି ଓ କିପରି ଘଟିଲା, ବିଭିନ୍ନ ମହଲରେ ତାହାର ତର୍ଜମା ଚାଲିଛି। ଜେଜୁ ଏୟାର୍‌ର ଏହି ବୋଇଂ ବିମାନରେ ୧୭୫ ଯାତ୍ରୀ ଓ ଛ’ଜଣ କର୍ମଚାରୀ ବ୍ୟାଙ୍କକ୍‌ରୁ ମୁଆନ୍ ଆସୁଥିଲେ ଏବଂ ଅବତରଣ କରିବା ସମୟରେ ଗୁରୁତର ସମସ୍ୟା ଦେଖା ଦେଇଥିଲା। ପ୍ରଥମ କଥା ହେଉଛି, ବିମାନରେ ଏକ ପକ୍ଷୀ ମାଡ଼ହେବା ଯୋଗୁଁ ଅନେକ ବ୍ୟବସ୍ଥାରେ ତ୍ରୁଟି ଦେଖା ଦେଇଥିଲା। ପରେ ପରେ ବିମାନର ଚକ ନଖୋଲିବାରୁ ପାଇଲଟ୍ ଏହାକୁ ଖୁବ୍ କଷ୍ଟରେ ବିନା ଚକରେ ଅବତରଣ କରାଇଥିଲେ। ଅବତରଣ ପରେ ଏହା ଘୋଷାରି ହୋଇ ରନ୍ ୱେ ଉପରେ ଯାଉଥିବା ବେଳେ ହଠାତ୍ ଏଥିରେ ନିଆଁ ଲାଗିଯାଇଥିଲା। ସେହି ସମୟରେ ବିମାନର ବେଗ କମାଇବା ସମ୍ଭବପର ନହେବାରୁ ଜଳନ୍ତା ବିମାନଟି ରନ୍‌ୱେରୁ ତଳକୁ ଖସିଯାଇ ଏକ ପାଚେରୀରେ ପିଟି ହୋଇଗଲା ଏବଂ ପ୍ରଚଣ୍ଡ ବିସ୍ଫୋରଣ ଘଟି ତାହା ଏକ ଅଗ୍ନିପିଣ୍ଡୁଳାରେ ପରିଣତ ହୋଇଥିଲା। ଏହି ବିସ୍ଫୋରଣ ଏତେ ଭୀଷଣ ଥିଲା ଯେ ବିମାନ ଭିତରେ ବସିଥିବା ଅନେକ ଯାତ୍ରୀଙ୍କ ପୋଡ଼ା ମୃତ ଶରୀର ଆଖପାଖ ଅଞ୍ଚଳରେ ଛିଟିକି ପଡିଥିଲା। ଦକ୍ଷିଣ କୋରିଆ ସରକାର ଏହି ମର୍ମନ୍ତୁଦ ଦୁର୍ଘଟଣା ଯୋଗୁଁ ବ୍ୟଥିତ ହୋଇ ଦେଶବ୍ୟାପୀ ସାତଦିନିଆ ଶୋକ ପାଳନ କରୁଛନ୍ତି। ଏହାର ଚାରିଦିନ ପୂର୍ବରୁ ୨୫ ତାରିଖ ପବିତ୍ର ବଡ଼ଦିନରେ ଆଜାର ବୈଜାନ୍‌ର ଆକତୁ ବିମାନଘାଟୀରେ ଘଟିଥିବା ବିମାନ ଦୁର୍ଘଟଣାରେ ୩୮ଜଣଙ୍କ ମୃତ୍ୟୁ ହୋଇଥିଲା। ବାକୁ ଠାରୁ ୬୮ ଯାତ୍ରୀଙ୍କୁ ନେଇ ଗ୍ରୋଜ୍ନି ଯାଉଥିବା ବିମାନରେ ଅଚାନକ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ପାଇଲଟ୍ ଜରୁରି ଅବତରଣ ପାଇଁ ଉଦ୍ୟମ କରିଥିଲେ ହେଁ ପାଗ ଖରାପ ଥିବାରୁ ତାହା ସମ୍ଭବପର ହୋଇନଥିଲା ଏବଂ ଭାରସାମ୍ୟ ହରାଇ ବିମାନଟି ସ୍ଥଳ ଭାଗରେ ମାଡ଼ ହୋଇ ଦୁର୍ଘଟଣା ଘଟିଲା। ତେବେ ପରବର୍ତ୍ତୀ ସମୟରେ ଏହି ଦୁର୍ଘଟଣାର କାରଣ ନେଇ ଆଉ ଏକ ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିଛି, ଯାହା ସାରା ବିଶ୍ୱକୁ ସ୍ତବ୍ଧ କରିଛି। ଖ୍ରୀଷ୍ଟମାସରେ ଆଜାରବୈଜାନ୍ ଏୟାର ଲାଇନ୍ସର ଏହି ବିମାନ ଦୁର୍ଘଟଣା ରୁଷ୍‌ର କ୍ଷେପଣାସ୍ତ୍ର ମାଡ଼ କାରଣରୁ ହୋଇଥିଲା ବୋଲି ନିଜେ ରାଷ୍ଟ୍ରପତି ପୁଟିନ୍ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଏଥିଲାଗି ଆଜାରବୈଜାନ୍ ରାଷ୍ଟ୍ରପତିଙ୍କ ଠାରେ କ୍ଷମା ପ୍ରାର୍ଥନା କରିଛନ୍ତି। ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣକୁ ରୋକାଯିବା ବେଳେ ଭୁଲ୍‌ରେ ସେହି ବିମାନରେ କ୍ଷେପଣାସ୍ତ୍ର ମାଡ଼ ହେଲା ବୋଲି ପ୍ରକାଶ କରି ପୁଟିନ୍ କ୍ଷମା ଚାହିଁଛନ୍ତି। ଏହି ଦୁର୍ଘଟଣାର ତିନିଦିନ ପୂର୍ବରୁ ୨୨ତାରିଖ ଦିନ ଦକ୍ଷିଣ ବ୍ରାଜିଲ୍‌ରେ ଏକ ଘରୋଇ ବିମାନ ଦୁର୍ଘଟଣାରେ ଗୋଟି ପରିବାରର ୧୨ଜଣ ସଦସ୍ୟ ପ୍ରାଣ ହରାଇଥିଲେ। ସେହିପରି ଆର୍ଜେଣ୍ଟିନାର ସାନ୍ ଫର୍ଣ୍ଣାଡୋ ବିମାନ ବନ୍ଦରରେ ଅବତରଣ ସମୟରେ ଦୁର୍ଘଟଣା ଘଟି ଦୁଇ ପାଇଲଟ୍‌ଙ୍କ ମୃତ୍ୟୁ ଘଟିଥିଲା। ନିୟମିତ ଭାବରେ ଉଡ଼ାଣ କରୁଥିବା ବିମାନଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ଉଡ଼ାଣ ପୂର୍ବରୁ ଯନ୍ତ୍ରାଂଶ ପରୀକ୍ଷଣ ଠିକ୍ ଭାବରେ ହେଉନଥିବାରୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାର ଅଭିଯୋଗ ହେଉଛି। ବିମାନ ଚଳାଚଳ କ୍ଷେତ୍ରରେ ରହିଥିବା ନିୟମାବଳୀକୁ ଠିକ୍ ଭାବରେ ପାଳନ କରାଯିବାର ଜରୁରି ଆବଶ୍ୟକତା ରହିଛି।

# ସମ୍ବିଧାନର ବର୍ଷ ଥିଲା ୨୦୨୪



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ବର୍ଷ ୨୦୨୪ ସମ୍ବିଧାନ ବର୍ଷ ଭାବେ ମନେ ରହିବ। ଏହିବର୍ଷ ସମ୍ବିଧାନ ପ୍ରଣୟନର ୭୫ବର୍ଷ ପୂର୍ତ୍ତୀ ପାଇଁ ମନେରହିବ ନାହିଁ ବରଂ ମନେରହିବ ସମ୍ବିଧାନ ପାଇଁ ସଂସଦରେ ଦୁଇଦିନର ବିଶେଷ ଚର୍ଚ୍ଚା ପାଇଁ। ପ୍ରଥମଥର ପାଇଁ ସମ୍ବିଧାନ ରାଜନୀତିର ପ୍ରସଙ୍ଗ ହୋଇଥିଲା। ସମ୍ବିଧାନ ଉପରେ ରାଜନୀତି ହେବା ଭାରତ ପାଇଁ ଏକ ଶୁଭଙ୍କର ଘଟଣା ବୋଲି କୁହାଯାଇପାରେ। ୨୦୨୫ରେ ଯେ ସମ୍ବିଧାନକୁ ନେଇ ଚର୍ଚ୍ଚା ଥମିବ ସେ କଥା ଜଣାପଡୁନାହିଁ ବରଂ ଏହି ଚର୍ଚ୍ଚା ଅଧିକ ବ୍ୟାପକ ହୋଇପାରେ। କଥାଟା କେମିତି କେମିତି ଲାଗୁଛି ନିଶ୍ଚୟ। ଗଣତାନ୍ତ୍ରିକ ରାଜନୀତିର କ୍ଷୟ କାରଣରୁ ଆମର ଭାଷାଜ୍ଞାନ ମଧ୍ୟ କମିଗଲାଣି। ଆମେ ଅନେକ ସମୟରେ କହୁଛେ ଯେ କୌଣସି ଭଲ ପ୍ରସଙ୍ଗକୁ ନେଇ ରାଜନୀତି କରାନଯାଉ। ଏକଥା ମଧ୍ୟ ସତ୍ୟ ଯେ ଗଣତନ୍ତ୍ରରେ ଯେଉଁ ପ୍ରସଙ୍ଗକୁ ନେଇ ରାଜନୀତି ହେବନାହିଁ, ହୋ ହାଲ୍ଲା ହେବନାହିଁ ସେହି ପ୍ରସଙ୍ଗ ଉପରେ କୌଣସି ନିଷ୍କର୍ଷ ବାହାରିବ ନାହିଁ। ଯେତେବେଳ ପର୍ଯ୍ୟନ୍ତ ମହିଳାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ଭଳି ପ୍ରସଙ୍ଗ ଉପରେ ରାଜନୀତି, ବୟାନବାଜି ଚାଲିବ ନାହିଁ ଓ ଏସବୁ ପ୍ରସଙ୍ଗକୁ ନେଇ ହଇଗୋଳ ହେବ ନାହିଁ ସେତେବେଳେ ପର୍ଯ୍ୟନ୍ତ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେବେ ନାହିଁ। ୨୫ ବର୍ଷ ପୂର୍ବେ ସମ୍ବିଧାନ ପ୍ରଣୟନର ସ୍ୱର୍ଣ୍ଣଜୟନ୍ତୀ ପାଳନ କରାଯାଇଥିଲା। ବୋଧହୁଏ ଦେଶର ଅନେକ ନାଗରିକଙ୍କୁ ଏ ବାବଦରେ ଜଣାନଥିଲା ଓ ସାଧାରଣ ଲୋକେ ମଧ୍ୟ ଏଭଳି ଅନେକ କଥାକୁ ଜାଣିବାକୁ ଚାହାନ୍ତି ନାହିଁ। ଲୋକଙ୍କର ଏଭଳି ଉଦାସୀନତାର ଫାଇଦା ଉଠାଇ ସରକାର ସେତେବେଳେ ସମ୍ବିଧାନର କାର୍ଯ୍ୟର ସମୀକ୍ଷା ପାଇଁ ଏକ ରାଷ୍ଟ୍ରୀୟ ଆୟୋଗ (କମିଶନ) ଗଠନ କରିଥିଲେ। ସେହି ଆୟୋଗର ଅଧକ୍ଷ ଥିଲେ ବିଚାରପତି ଭେଙ୍କଟଚେଲେୟା। କମିଶନ ସମ୍ବିଧାନର ମୂଳ ଢାଞ୍ଚାର କୌଣସି ପରିବର୍ତ୍ତନ କରିବା ପାଇଁ ଉଦ୍ୟମ କରିନଥିଲେ କିନ୍ତୁ କମିଶନଙ୍କ ସମୟରେ ଏକ ଗଳାବାଟ ଖୋଲିଯାଇଥିଲା। ଏହି ପରିପ୍ରେକ୍ଷିରେ ୨୦୨୪ରେ ସମ୍ବିଧାନକୁ ନେଇ ରାଜନୀତି କରାଯିବା ଏପରିକି ସଂସଦ ଏକ ଆଖଡ଼ାଶାଳାରେ ପରିଣତ ହେବା ଭଳି ଘଟଣା ଘଟିଥିଲା। ସମ୍ବିଧାନକୁ ନେଇ ଚର୍ଚ୍ଚା ସ୍ୱାଗତଯୋଗ୍ୟ କିନ୍ତୁ ସଂସଦରେ ଧସ୍ତାଧସ୍ତି ଭଳି ଘଟଣା ନିନ୍ଦନୀୟ ନିଶ୍ଚୟ।

ନିଃସନ୍ଦେହ ଯେ ବର୍ଷ ୨୦୨୪ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ଲୋକସଭା ନିର୍ବାଚନ। ନିର୍ବାଚନରେ ମଧ୍ୟ ସମ୍ବିଧାନ ଏକ ପ୍ରସଙ୍ଗ ହୋଇଥିଲା। ନିର୍ବାଚନ ପ୍ରଚାର ବେଳେ ସମ୍ବିଧାନ କଥାକୁ ବିରୋଧୀମାନେ ଉଠାଇଥିଲେ। ନିର୍ବାଚନ ପରେ ମଧ୍ୟ ସମ୍ବିଧାନକୁ ନେଇ ବିଶ୍ଲେଷଣ ଏବଂ ଆଲୋଚନା ରାଜନୀତିରେ ‘ସମ୍ବିଧାନ’ ପ୍ରସଙ୍ଗକୁ ଉଜ୍ଜୀବିତ କରି ରଖିଥିଲା। ବିଜେପି ଯେତେବି ସ୍ପଷ୍ଟିକରଣ ଦେଉ ବା କଥାକୁ ଘୋଡାଇବା ପାଇଁ ଚାହୁଁ ନା କାହିଁକି ଏକଥା ସତ୍ୟ ଯେ ୨୦୨୪ର ନିର୍ବାଚନରେ ବିଜେପିର ‘୪୦୦ପାର୍’ ସ୍ଲୋଗାନକୁ ଝଟ୍‌କା ଦେଇଛି ସମ୍ବିଧାନ। ୪୦୦ ପାଖାପାଖି ସାଂସଦ ଜିତିବା ପରେ ବିଜେପି ସମ୍ବିଧାନରେ କେତେକ ସଂଶୋଧନ କରିଥାନ୍ତା। ଏହାକୁ ସଂଶୋଧନ ନୁହେଁ ବରଂ ଦେଶରେ ଜରୁରୀକାଳୀନ ପରିସ୍ଥିତି ବେଳେ ହୋଇଥିବା ସମ୍ବିଦାନର ୪୨ତମ ସଂଶୋଧନ ଆଧାରରେ ସମ୍ବିଧାନର ପୁନଃ ଲିଖନ ଭଳି ହୋଇଥାନ୍ତା। କିଛି ସଂଶୋଧନ ମାଧ୍ୟମରେ ବିଜେପି ଭାରତୀୟ ରାଜନୀତିରେ ତା’ର ବର୍ଚ୍ଚସ୍ୱକୁ ଏକ ସ୍ଥାୟୀ ରୂପ ଦେବାକୁ ଚାହୁଁଥିଲା। ଏକଥା ମଧ୍ୟ ସତ୍ୟ ଯେ ସମ୍ବିଧାନ ବଞ୍ଚାଅ ସ୍ଲୋଗାନ ଇଣ୍ଡିଆ ମେଣ୍ଟ ପାଇଁ କିଛି ପରିମାଣରେ ଲାଭଦାୟକ ହୋଇଥିଲା। ଏହି ବର୍ଷ ହୋଇଥିବା ନିର୍ବାଚନରେ ସମ୍ବିଧାନର ପ୍ରଶ୍ନ (ପ୍ରସଙ୍ଗ) ଭୋଟରମାନଙ୍କର ଏକ ବଡ଼ ଭାଗ ଯେଉଁମାନେ ଜନଜୀବନ ସହ ଜଡିତ ପ୍ରସଙ୍ଗକୁ ନେଇ ଅସନ୍ତୁଷ୍ଟ ମଧ୍ୟରେ ଥିଲେ ସେମାନେ ବିରୋଧୀ ଦଳକୁ ସମର୍ଥନ କରିଥିଲେ। ହୋଇପାରେ ନିଜର ଭୋଟକୁ ସମ୍ବିଧାନ ସହ ଯୋଡିବା ପାଇଁ ଚାହିଁଥିବା ଭୋଟରଙ୍କ ସଂଖ୍ୟା କମ୍ ହୋଇପାରେ କିନ୍ତୁ ବିଜେପିକୁ ଏହା ଏକ ଧକ୍କା ଥିଲା। ଏହି ଅପ୍ରତ୍ୟାସିତ ଧକ୍କାର ବିଶ୍ଲେଷଣ କଲେ ସମ୍ବିଧାନ ହିଁ କାରକ ବୋଲି ସ୍ପଷ୍ଟ।

ନିର୍ବାଚନ ପରେ ବିଜେପିର ଫଳାଫଳକୁ ନେଇ କରାଯାଇଥିବା ସମୀକ୍ଷାରେ ମଧ୍ୟ ଏକଥା ଆଲୋଚନା କରାଯାଇଥିଲା। ଯଦି ୨୦୨୪ ନିର୍ବାଚନ ‘ଇଣ୍ଡିଆ ସାଇନିଙ୍ଗ’କୁ ଖାରଜ କରିଦେଇଛି ବୋଲି କହିବା ତେବେ ୨୦୨୪କୁ ସମ୍ବିଧାନ ବଦଳାଇବାର ପ୍ରସ୍ତାବକୁ ଖାରଜ କରି ଦିଆଯାଇଥିବା ବର୍ଷ ଭାବେ ମଧ୍ୟ ଦେଖାଯାଇପାରେ। ଏଇଥିପାଇଁ ସମ୍ବିଧାନ ସହ ଜଡିତ ଆଲୋଚନା/ତର୍ଜମା ନିର୍ବାଚନ ପରେ ମଧ୍ୟ ଜାରି ରହିଛି। ସଂସଦର ଉଭୟ ସଦନ (ଲୋକସଭା ଓ ରାଜ୍ୟ ସଭା)ରେ ସମ୍ବିଧାନକୁ ନେଇ ପ୍ରଶ୍ନ ଉଠିଛି। ଶାସକ ଦଳ ଏଥିରୁ ବୁଝିଯାଇଛି ସମ୍ବିଧାନ ଉପରେ ଆକ୍ରମଣ ରାଜନୈତିକ ପରିଦୃଶ୍ୟରେ ମହଙ୍ଗା ପଡିପାରେ। ମନରେ ଯାହାବି ଥାଉ ନା କାହିଁକି ଶାସକ ସମ୍ବିଧାନ ଆଗରେ ନଇଁବାକୁ ବାଧ୍ୟ। ଅନ୍ୟପକ୍ଷରେ ବିରୋଧୀମାନେ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ସମ୍ବିଧାନକୁ ମୁଖ୍ୟ ପ୍ରତୀକ ଭାବରେ ବ୍ୟବହାର କଲେ। ଜାତିଭିତ୍ତିକ ଜନଗଣନାର ଦାବି ହେଉ ବା ସଂରକ୍ଷଣରେ ବର୍ଗୀକରଣ ପ୍ରସଙ୍ଗ ହେଉ, ଇଭିଏମ୍‌ର ବିରୋଧ ହେଉ ବା ଆଦାନୀ ପ୍ରସଙ୍ଗ ହେଉ ଏବେ ସବୁ ପ୍ରଶ୍ନ ସମ୍ବିଧାନ ସହ ଯୋଡି ହୋଇଯାଉଛି। ସମ୍ବିଧାନକୁ ନେଇ ଆଲୋଚନା କେବଳ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସିମୀତ ହୋଇ ରହିନାହିଁ। ଦେଶର ଅନେକ ସଂଗଠନ ଏବଂ ବ୍ୟକ୍ତିବିଶେଷ ସମ୍ବିଧାନ ବଞ୍ଚାଅ ପ୍ରସଙ୍ଗର ଅଂଶ ପାଲଟିଗଲେଣି। ସମ୍ବିଧାନ ପୁସ୍ତକ ହାତରେ ଧରିଥିବା ରାହୁଲ ଗାନ୍ଧୀଙ୍କ ଫଟୋ ୨୦୨୪ର ବର୍ଷର ଛବି ଭାବରେ ମଧ୍ୟ ମନେ ରହିବ।

ଆଶା କରାଯାଉଛି ୨୦୨୫ରେ ସମ୍ବିଧାନକୁ ନେଇ ରାଜନୀତି ଚାଲିବ ଏବଂ ଚାଲିବା ଉଚିତ୍ ମଧ୍ୟ। କିନ୍ତୁ ବିତିଯାଇଥିବା ବର୍ଷ ୨୦୨୪ ଆଲୋଚନା ୩ଟି ଶିକ୍ଷା ଦେଇଛି। ପ୍ରଥମଟି ହେଉଛି ସବୁବେଳେ ସମ୍ବିଧାନ ବଞ୍ଚାଅ ସ୍ଲୋଗାନ ଦେଇ ବିରୋଧୀ ବିଜେପିକୁ ନିର୍ବାଚନରେ ହରାଇପାରିବେ ନାହିଁ। ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରୁ ଏକଥା ସାବ୍ୟସ୍ତ ହୋଇଯାଇଛି। ଗୋଟିଏ କଥାକୁ ବାରମ୍ବାର ଦୋହରାଇଲେ ତା’ର ଗୁରୁତ୍ୱ କମିଯାଏ କଥା ସତ୍ୟ ପାଲଟିଛି। ଦ୍ୱିତୀୟ ହେଉଛି ସମ୍ବିଧାନକୁ ପ୍ରସଙ୍ଗ କରି ହୋହାଲ୍ଲା କଲେ ଚଳିବ ନାହିଁ ବରଂ ସମ୍ବିଧାନର ଆଦର୍ଶକୁ ଅନ୍ତିମ ବ୍ୟକ୍ତିର ସୁଖ ଦୁଃଖ ସହ ଯୋଡିବାକୁ ହେବ। ମହିଳା, ଗରିବ, ଦଳିତ, ଆଦିବାସୀ, ସଂଖ୍ୟାଲଘୁଙ୍କ ଆକାଂକ୍ଷା ସହ ସମ୍ବିଧାନକୁ ଯୋଡିବାକୁ ହେବ। ତୃତୀୟ ହେଉଛି ସମ୍ବିଧାନକୁ ଏକ ଦସ୍ତାବେଜରେ ସିମୀତ ରଖିବା ଠିକ୍ ନୁହେଁ। ସମ୍ବିଧାନ ଏକ ଦସ୍ତାବେଜ ନୁହେଁ। ଏହା ଏକ ଦର୍ଶନ ଅଟେ, ଭାରତର ଭବିଷ୍ୟତର ମାର୍ଗଦର୍ଶକ। ସମ୍ବିଧାନ ବଞ୍ଚାଅ ସ୍ଲୋଗାନକୁ ଭାରତର ସ୍ୱଧର୍ମକୁ ବଞ୍ଚାଇବା ପାଇଁ ଲଢ଼େଇରେ ପରିବର୍ତ୍ତନ କରାଯିବା ଉଚିତ୍।

# ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସର ଅନୁଚିନ୍ତା



ଦିଲ୍ଲୀପ ଦାଶଶର୍ମା
ବୀର ସୁରେନ୍ଦ୍ର ସାଏ ନଗର, ଭୁବନେଶ୍ୱର
ମୋ: ୮୯୮୪୦୦୭୬୦୦

ଉତ୍କଳ ସମ୍ମିଳନୀ - ଓଡ଼ିଶାବାସୀ ଓ ଓଡ଼ିଆ ଭାଷୀମାନଙ୍କର ଏକ ଜାତୀୟ ଜନ ଅନୁଷ୍ଠାନ। ୧୯୦୩ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ଜନ ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ସାଧିତ ହୋଇଥିଲା ୧୯୩୬ ମସିହା ଏପ୍ରିଲ ମାସ ଏକ ତାରିଖ ଦିନ ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପରେ। ବର୍ତ୍ତମାନ ଉତ୍କଳ ସମ୍ମିଳନୀ କାମ କରୁଛି ସର୍ବଭାରତୀୟ ଏକତା, ଜାତୀୟ ସଂହତି ଏବଂ ସର୍ବଭାରତୀୟ ଭାଷା, ସଂସ୍କୃତି, ଧର୍ମ ଓ ପରମ୍ପରାକୁ ସମ୍ମାନ ଦେଇ, ଓଡ଼ିଆ ଭାଷା, ସାହିତ୍ୟ, କଳା, ସଂସ୍କୃତି ଓ ପରମ୍ପରାର ଅଭିବୃଦ୍ଧି ଓ ପ୍ରସାର କରିବା ପାଇଁ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଗଢା ହୋଇଥିବା ଅନୁଷ୍ଠାନର ସଦସ୍ୟ ସଦସ୍ୟା ସମସ୍ତ ଓଡ଼ିଆ ବାସୀ ଓ ଭାଷୀ ଥିବା ବେଳେ ୧୯୮୬-୮୭ ମସିହାରେ ପଞ୍ଜିକୃତ କରାଯାଇ ଏହାର ଏକ ନିୟମାବଳୀ ପ୍ରସ୍ତୁତ କରାଯାଇଛି। ଏହି ନିୟମାବଳୀ ଅନୁସାରେ ଉତ୍କଳ ସମ୍ମିଳନୀ ଏବେ କାମ କରୁଛି। ଏହି ନିୟମାବଳୀ ଅନୁସାରେ ସମସ୍ତ ଓଡ଼ିଆଭାଷୀ, ଓଡ଼ିଶାରେ ସ୍ଥାୟୀ ଭାବରେ ବସବାସ କରୁଥିବା ଜାତି, ଧର୍ମ, ବର୍ଣ୍ଣ, ବର୍ଗ, ଭାଷା ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତ ଅଧିବାସୀ ଓ ଓଡ଼ିଶାର ସ୍ଥାୟୀ ଅଧିବାସୀ ଉତ୍କଳ ସମ୍ମିଳନୀର ସଭ୍ୟ ହୋଇପାରିବେ। ଏହି ନିୟମାବଳୀ ଅନୁସାରେ ଯେଉଁମାନେ ଓଡ଼ିଶାରେ ସ୍ଥାବର ସମ୍ପତ୍ତି କରି ଏକାଦିକ୍ରମେ ଦଶ ବର୍ଷ ବସବାସ କରିଛନ୍ତି, ସେମାନଙ୍କୁ ଓଡ଼ିଶାର ସ୍ଥାୟୀ ଅଧିବାସୀ ବା ଓଡ଼ିଆ ବୋଲି ଧରାଯିବ। ସଭ୍ୟ ପାଇଁ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ତିନି ପ୍ରକାର ସଭ୍ୟ ହୋଇପାରିବେ। ବିଷୁଭ ସଂକ୍ରାନ୍ତି ଠାରୁ ବିଷୁଭ ସଂକ୍ରାନ୍ତି ପର୍ଯ୍ୟନ୍ତ ୫ ଟଙ୍କା ଦେଇ ବାର୍ଷିକ ସଦସ୍ୟ, ଏକାଥରକେ ପାଞ୍ଚ ହଜାର ଟଙ୍କା ଦେଇ ପୃଷ୍ଠପୋଷକ ସଭ୍ୟ ଓ ଏକାଥରକେ ଏକ ଶହ ଟଙ୍କା ସଭ୍ୟ ଚାନ୍ଦା ଦେଇ ଆଜୀବନ ସଦସ୍ୟ ହୋଇପାରିବେ ଓ ସମସ୍ତେ ନିୟମାବଳୀ ମାନି ଚଳିବା ପାଇଁ ଏକ ଶପଥ ଗ୍ରହଣ କରିବେ।



ଉତ୍କଳ ସମ୍ମିଳନୀର ନିୟମାବଳୀରେ ଏକ କାର୍ଯ୍ୟକାରୀ ସମିତି ଅଛି। ଏହି ସମିତି ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରେ। ଏହି ସମିତିରେ ଜଣେ ସଭାପତି, ସାତ ଜଣ ଉପ-ସଭାପତି, ଜଣେ ସାଧାରଣ ସମ୍ପାଦକ, ସାତ ଜଣ ସମ୍ପାଦକ, ଜଣେ କୋଷାଧକ୍ଷଙ୍କ ସହିତ ଓଡ଼ିଶାର ପ୍ରତି ଜିଲ୍ଲାରୁ ଜଣେ ଜଣେ ପ୍ରତିନିଧି, ଓଡ଼ିଶା ବାହାରୁ ଚାରିଜଣ ପ୍ରତିନିଧି, ପୂର୍ବ ଥରର ସଭାପତି ଓ ସାଧାରଣ ସମ୍ପାଦକ ତଥା ସଭାପତିଙ୍କ ଦ୍ୱାରା ମନୋନୀତ ପରିଷଦର ଦୁଇଜଣ ସଭ୍ୟ ରହିପାରିବେ। ଏହି ସମିତିର ସଭ୍ୟମାନଙ୍କୁ ପରିଷଦ ନିର୍ବାଚିତ କରିବେ। ନିର୍ବାଚନ କଲା ବେଳେ ଓଡ଼ିଶାର ତିନୋଟି ରାଜସ୍ୱ ଅଞ୍ଚଳରୁ ପ୍ରତ୍ୟେକଟିରୁ ଜଣେ କରି ଓ ବିଚ୍ଛିନ୍ନାଞ୍ଚଳ ଗୁଡିକରୁ ଦୁଇଜଣ ସମ୍ପାଦକ ଯେଉଁଭଳି ନିର୍ବାଚିତ ହୋଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ବ୍ୟବସ୍ଥା ଅଛି। କାର୍ଯ୍ୟକାରୀ ସମିତିର କାର୍ଯ୍ୟକାଳ ତିନି ବର୍ଷ। ଏହା ଭିତରେ ଆମେ ଆଲୋଚନା କଲେ ଯେ, ପରିଷଦ କାର୍ଯ୍ୟକାରୀ ସମିତିକୁ ନିର୍ବାଚିତ କରିବ। ଏଠି ପରିଷଦ ଉପରେ ଆଲୋଚନା କଲେ ଜାଣି ହେବ, ଉତ୍କଳ ସମ୍ମିଳନୀରେ ପ୍ରତ୍ୟେକ୍ଷ ନିର୍ବାଚନ ନାହିଁ। ଏଠାରେ ପରୋକ୍ଷ ଭାବେ ନିର୍ବାଚନ ହୁଏ। ଅନ୍ୟ ଅର୍ଥରେ କହିବାକୁ ଗଲେ ସାଧାରଣ ସଭ୍ୟମାନଙ୍କର ସମ୍ମିଳନୀର କର୍ମକର୍ତ୍ତାମାନଙ୍କୁ ଭୋଟ ଦେବାର ଅଧିକାର ନାହିଁ। ସାଧାରଣ ସଭ୍ୟମାନେ ନିଜ ନିଜ ଜିଲ୍ଲା ଓ ଶାଖାରେ କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରିବା ସହିତ କେନ୍ଦ୍ରୀୟ କମିଟି ପାଇଁ ୧୦ଜଣ ପରିଷଦ ସଭ୍ୟ ନିର୍ବାଚିତ କରିବେ। ପରିଷଦ ସଦସ୍ୟମାନେ ଉତ୍କଳ ସମ୍ମିଳନୀର ନିର୍ବାଚନରେ ଭାଗ ନେଇପାରିବେ।

ଉତ୍କଳ ସମ୍ମିଳନୀର ପରିଷଦରେ ଯେଉଁମାନେ ରହିବେ ସେମାନେ ହେଲେ - ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ତଥା ଶାଖାରୁ ଦଶ ଜଣ ପ୍ରତିନିଧି, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ ଓ ତେଲେଙ୍ଗାନାରେ ବସବାସ କରୁଥିବା ଓଡ଼ିଆ ମାନଙ୍କ ମଧ୍ୟରୁ ପ୍ରତି ରାଜ୍ୟରୁ ଦଶଜଣ ଲେଖାଏଁ ପ୍ରତିନିଧି, ଭାରତର ଅନ୍ୟ ରାଜ୍ୟମାନଙ୍କରେ ବସବାସ କରୁଥିବା ଓଡ଼ିଆମାନଙ୍କ ମଧ୍ୟରୁ ୫ ଜଣ ପ୍ରତିନିଧି, ଭାରତ ବାହାରେ ବସବାସ କରୁଥିବା ଓଡ଼ିଆମାନଙ୍କ ମଧ୍ୟରୁ ୫ ଜଣ ପ୍ରତିନିଧି, ଓଡ଼ିଶାରୁ ନିର୍ବାଚିତ ସମସ୍ତ ଲୋକସଭା ଓ ରାଜ୍ୟସଭା ସଭ୍ୟ, ସଭାପତିଙ୍କ ଦ୍ୱାରା ମନୋନୀତ ୫ଜଣ ବିଶିଷ୍ଟ ବ୍ୟକ୍ତି, ଉତ୍କଳ ସମ୍ମିଳନୀର ସମସ୍ତ ବିଗତ ସଭାପତି ଓ ସାଧାରଣ ସମ୍ପାଦକ ତଥା ସମସ୍ତ ଜିଲ୍ଲା ସମିତି ଓ ଶାଖା ସମିତିର ସଭାପତି ମାନେ। କାର୍ଯ୍ୟକାରୀ ସମିତି ଭଳି ପରିଷଦର କାର୍ଯ୍ୟକାଳ ମଧ୍ୟ ତିନି ବର୍ଷ। ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସମିତି ପ୍ରତି ଚାରି ମାସରେ ଥରେ ବସିବା ପାଇଁ ବ୍ୟବସ୍ଥା ଥିବାବେଳେ ପରିଷଦ ବୈଠକ ବର୍ଷକୁ ଅନ୍ତତଃ ଥରେ ଆହୂତ ହେବ।

ଉତ୍କଳ ସମ୍ମିଳନୀର କାର୍ଯ୍ୟକ୍ରମକୁ ବ୍ୟାପକ ତଥା କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକାରୀ ସମିତି ବିଭିନ୍ନ ଜିଲ୍ଲାରେ ଉକ୍ତ ଜିଲ୍ଲାର ସଭ୍ୟମାନଙ୍କୁ ନେଇ ଜିଲ୍ଲା ସମିତି ମାନ ଗଠନ କରିପାରିବେ। ସେହିଭଳି ଶିଳ୍ପାଞ୍ଚଳ, ବିଚ୍ଛିନ୍ନାଞ୍ଚଳ ବା ପ୍ରବାସୀ ଅଞ୍ଚଳ ମାନଙ୍କରେ ଉତ୍କଳ ସମ୍ମିଳନୀର ସଭ୍ୟମାନଙ୍କୁ ନେଇ ଶାଖା ସମିତି ମାନ କାର୍ଯ୍ୟକାରୀ ସମିତି ଗଠନ କରିପାରିବେ। ଏହି ଜିଲ୍ଲା ଓ ଶାଖା ସମିତିମାନଙ୍କରୁ ପରିଷଦ ସଦସ୍ୟମାନେ କେନ୍ଦ୍ରୀୟ କମିଟିକୁ ଯାଇ ଉପରେ ଲେଖା ଯାଇଥିବା ଅନୁଯାଇ କେନ୍ଦ୍ରୀୟ ନିର୍ବାଚନରେ ଭାଗ ନେଇପାରିବେ। ଉତ୍କଳ ସମ୍ମିଳନୀର ନୀୟମାବଳୀ ଅନୁସାରେ ସମ୍ମିଳନୀର ପ୍ରତେକ ଜିଲ୍ଲାରେ ଜିଲ୍ଲା ଶାଖା କାର୍ଯ୍ୟ କରୁଥିବାବେଳେ ରାଉରକେଲା, ପାରାଦୀପ, ହୀରାକୁଦ ଓ ମଞ୍ଚେଶ୍ୱର ଭଳି ଶିଳ୍ପାଞ୍ଚଳ ଶାଖା, ଭୁବନେଶ୍ୱର ଭଳି ବୃହତ ସହର ଶାଖା ସହିତ ବିଚ୍ଛିନ୍ନାଞ୍ଚଳ ଶାଖା ମାନ କାମ କରୁଛି। ଉତ୍କଳ ସମ୍ମିଳନୀର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରରେ ଅବସ୍ଥିତ। ସମ୍ମିଳନୀ ପାଇଁ ରାଜ୍ୟ ସରକାର ଏକ ସରକାରୀ ବାସଭବନ ଯୋଗାଇ ଦେଇଛନ୍ତି। ସମ୍ମିଳନୀ ଏକ ପ୍ରବାହ। ଏହାର ସମସ୍ତ କାମ ସୁଚାରୁ ରୂପେ ଚାଲିଲେ ଓଡ଼ିଶାବାସୀ ଓ ଓଡ଼ିଆ ଭାଷୀମାନଙ୍କର ଏହା ଆତ୍ମା ଭାବେ ପରିଚିତ ହେବ। ବନ୍ଦେ ଉତ୍କଳ ଜନନୀ।

# ନାରୀ ସଶକ୍ତିକରଣ



ଡ. ସୁନୀତି ମୁଣ୍ଡ
ଭୁବନେଶ୍ୱର, ମୋ : ୯୭୭୮୩୧୧୫୩୩

ଏକ ସମୃଦ୍ଧ ଓ ଶୃଙ୍ଖଳିତ ପରିବାର ଗଠନ ପଛରେ ଜଣେ ସଶକ୍ତ ନାରୀ ହିଁ ରହିଥାଏ। ଏକ ବିକଶିତ ରାଷ୍ଟ୍ର ଗଠନରେ ନାରୀମାନଙ୍କର ପ୍ରମୁଖ ଭୂମିକା ରହିଛି। ପୌରାଣିକ ବିଷୟବସ୍ତୁରୁ ନେଇ ଇତିହାସକୁ ଅବଲୋକନ କଲେ ଯୁଗେ ଯୁଗେ ନାରୀମାନେ ପ୍ରଗତିର ଚକକୁ କିଭଳି ଆଗକୁ ବଢାଇଛନ୍ତି, ତାହାର ଅନେକ ଉଦାହରଣ ଦେଖିବାକୁ ମିଳେ। ଏସବୁ ସତ୍ତ୍ୱେ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀମାନଙ୍କୁ ଯେଉଁଭଳି ଗୁରୁତ୍ୱ ମିଳିବା କଥା ତାହା ହୁଏତ ମିଳିପାରି ନଥିଲା। ସେଥିପାଇଁ ସେମାନଙ୍କ ନିମନ୍ତେ ସଂରକ୍ଷଣ ପ୍ରସଙ୍ଗ ଉଠିଥିଲା। ତାହାକୁ ସଂସଦରେ ଅନୁମୋଦନ ମିଳିସାରିଛି। ୩୩ ପ୍ରତିଶତ ମହିଳା ପ୍ରତିନିଧିତ୍ୱ କରିବାର ସୁଯୋଗ ଯେଭଳି ପାଇବେ, ତାହା ଆଇନତଃ ନିଶ୍ଚିତ କରାଯାଇଛି। ଏହା ନାରୀ ସଶକ୍ତିକରଣ ଦିଗରେ ଏକ ପ୍ରଭାବୀ ପଦକ୍ଷେପ ହୋଇଛି। କେବଳ ସେତିକି ନୁହେଁ, ନାରୀମାନେ ଯେଭଳି ମାନସିକ, ଶାରୀରିକ, ବୌଦ୍ଧିକ, ଶିକ୍ଷାଗତ, ଆର୍ଥିକ ଓ କୌଣସି ପ୍ରସଙ୍ଗରେ ନିଷ୍ପତି ନେବା କ୍ଷେତ୍ରରେ ସମସ୍ତ ସୁବିଧା ସୁଯୋଗ ପାଇବେ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସାମ୍ପ୍ରତିକ ସମୟରେ ନାରୀମାନେ ନିଜକୁ ସବୁକ୍ଷେତ୍ରରେ ବେଶ୍ ପାରଦର୍ଶୀ ବୋଲି ପ୍ରତିପାଦିତ କରିଛନ୍ତି। ଶିକ୍ଷାଦାନ ଠାରୁ ନେଇ ଚିକିତ୍ସା, ଗବେଷଣାରୁ ନେଇ ମହାକାଶ ବିଜ୍ଞାନ, କୃଷିରୁ ନେଇ ବ୍ୟବସାୟ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ନାରୀମାନଙ୍କର ଉପସ୍ଥିତି ସ୍ପଷ୍ଟ ପରିଦୃଶ୍ୟ ହେଉଛି। ସେମାନେ ଆଉ ନିଜକୁ ଅବଳା, ଦୁର୍ବଳା ବୋଲି ମନେ କରୁନାହାନ୍ତି। ପ୍ରତିରକ୍ଷା ବାହିନୀରେ ଯୋଗଦେଇ ସେମାନେ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ନିଜ ଜୀବନକୁ ବାଜି ଲଗାଉଛନ୍ତି। ସେମାନଙ୍କର ସଫଳତା ମଧ୍ୟ ଆଇନ ପ୍ରଣେତାମାନଙ୍କୁ ସେମାନଙ୍କ ସମ୍ପର୍କରେ ଚିନ୍ତା କରିବାକୁ ବସ୍ତୁତଃ ବାଧ୍ୟ କରିଛି, ଯାହାର ପ୍ରତିଫଳନ ଘଟିଛି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣକୁ ଅନୁମୋଦନ ମିଳିବାରେ। ନାରୀଟିଏ ସେତେବେଳେ ସଶକ୍ତ ହୁଏ, ଯେତେବେଳେ ସେ ସବୁ କ୍ଷେତ୍ରରେ ପୁରୁଷ ସହିତ ସମାନ ସୁଯୋଗ ଓ ସୁବିଧା ଲାଭକରେ, ନିଜର ଅଧିକାର ସାବ୍ୟସ୍ତ କରିପାରେ। ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାଲ୍ୟକାଳରୁ ଝିଅଟିଏର ଶିକ୍ଷା ପାଇଁ କସ୍ତୁରବା ବିଦ୍ୟାଳୟରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଏକାଧିକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ‘ବେଟି ବଚାଓ ବେଟି ପଢାଓ’ କନ୍ୟା ସନ୍ତାନର ସୁରକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଯୋଜନା ହୋଇଛି। ଏହା କନ୍ୟାଭ୍ରୁଣ ହତ୍ୟାକୁ ରୋକିବା ଦିଗରେ ଅନେକାଂଶରେ ସଫଳ ହୋଇପାରିଛି। ସୁକନ୍ୟା ସମୃଦ୍ଧି ଯୋଜନା, ବାଳିକା ସମୃଦ୍ଧି ଯୋଜନା ମାଧ୍ୟମିକ ଶିକ୍ଷା ନିମନ୍ତେ ବାଳିକାଙ୍କ ପାଇଁ ଜାତୀୟ ପ୍ରୋତ୍ସାହନ ଯୋଜନା ଆଦି କାର୍ଯ୍ୟକାରୀ କରାଯାଉଛି। କିଶୋରୀମାନଙ୍କର କଲ୍ୟାଣକୁ ସୁନିଶ୍ଚିତ କରିବାକୁ ସ୍କିମ୍ ଫର ଆଡୋଲେସେଣ୍ଟ ଗାର୍ଲସ୍ ଯୋଜନା କାର୍ଯ୍ୟକାରୀ ହେଉଛି, ଯାହା ଅଧୀନରେ ସେମାନଙ୍କୁ ଉଭୟ ପୁଷ୍ଟିଗତ ଓ ଅଣପୁଷ୍ଟିଗତ ସମର୍ଥନ ଯୋଗାଇ ଦିଆଯାଉଛି। ଏଥିରେ ସେମାନଙ୍କ ପାଇଁ କିଶୋରୀ ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯାଉଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। କାରଣ କିଶୋରୀ ଅବସ୍ଥାରୁ ଜଣେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିଲେ, ସେ ଭବିଷ୍ୟତରେ ଜଣେ ସୁସ୍ଥ ମହିଳା ହୋଇପାରିବ। କେବଳ ଯୋଜନା ପ୍ରଣୟନ ନୁହେଁ, ତାହା ଯେଭଳି ସଫଳତାର ସହିତ ରୂପାୟନ ହୋଇପାରିବ ସେଥିପାଇଁ ଗୋଷ୍ଠୀ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ବ୍ୟାପକ ଅଭିଯାନ ହାତକୁ ନିଆଯାଉଛି। ସେଥିରେ ଗଣମାଧ୍ୟମଗୁଡିକୁ ସାମିଲ କରାଯିବା ସହିତ ଆଶାକର୍ମୀ ମାନଙ୍କର ସହାୟତା ନିଆଯାଉଛି। ରକ୍ତହୀନତା ଓ ଅପପୁଷ୍ଟି ଦୂରୀକରଣକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିବିଧ ପ୍ରୟାସ ହାତକୁ ନିଆଯାଉଛି। ମହିଳାମାନଙ୍କୁ ବିଭିନ୍ନ ସ୍ତରରେ ହିଂସାତ୍ମକ ଘଟଣାରୁ ସୁରକ୍ଷା ପ୍ରଦାନ କରିବାକୁ ନିର୍ଭୟା ପାଣ୍ଠି ଅଧୀନରେ ଦୁଇଟି ଯୋଜନା କାର୍ଯ୍ୟକାରୀ କରାଯାଉଛି।

**ବିକଶିତ ଓଡ଼ିଶାର ଚିତ୍ର**

ଗୋଟିଏ ହେଉଛି ୱାନ୍ ଷ୍ଟପ ସେଣ୍ଟର ଏବଂ ୟୁନିଭର୍ସାଲାଇଜେସନ ଅଫ୍ ଓମେନ୍ ହେଲ୍ପଲାଇନ୍। ଏଥିରେ ସେମାନଙ୍କୁ ପୋଲିସ ସହାୟତା, ଚିକିତ୍ସା ସହାୟତା, ଆଇନଗତ ସହାୟତା ଓ ପରାମର୍ଶ, ମନସ୍ତାତ୍ତ୍ୱିକ-ସାମାଜିକ ପରାମର୍ଶ, ଅସ୍ଥାୟୀ ଆଶ୍ରୟସ୍ଥଳ ଆଦି ସହାୟତା ଗୋଟିଏ ଛାତ ତଳେ ଉପଲବ୍ଧ କରାଯାଉଛି। ମହିଳା ହେଲ୍‌ପଲାଇନର ସହାୟତା ନେବାକୁ ଜରୁରି ସମୟରେ ଜଣେ ମହିଳା ୧୮୧ ନମ୍ବରକୁ ଫୋନ୍ କରିପାରିବେ। ଏସବୁ ସହିତ ମହିଳାମାନେ ପୂର୍ବରୁ ଯେଉଁଭଳି ଭାବରେ ରୋଷେଇ ଘରେ କାଠ, ଘସି, କୋଇଲା ଆଦିକୁ ଜାଳେଣି ଭାବରେ ବ୍ୟବହାର କରି ରୋଗାକ୍ରାନ୍ତ ହେଉଥିଲେ, ସେହି ସମସ୍ୟା ଦୂର କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏଥିରେ ଆର୍ଥିକ ଦୁର୍ବଳ ବର୍ଗର ମହିଳାମାନଙ୍କୁ ଏଲ୍‌ପିଜି ସଂଯୋଗ ଯୋଗାଇ ଦିଆଯାଇଛି। ସାମ୍ପ୍ରତିକ ସମୟରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଧିକରୁ ଅଧିକ ସଂଖ୍ୟାରେ କାମ କରୁଥିବାରୁ ସେମାନେ ଯେଭଳି ସୁରକ୍ଷିତ ଭାବରେ ରହିପାରିବେ, ସେଥିପାଇଁ କର୍ମଜୀବି ମହିଳା ହଷ୍ଟେଲ ନିର୍ମାଣ କରାଯାଉଛି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନାରେ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ସେମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ସ୍ଥାନାନ୍ତର କରାଯାଉଛି। ‘ସୁଭଦ୍ରା’ ଭଳି ଯୋଜନା ପ୍ରଣୟନ କରି ମହିଳାମାନଙ୍କ ଖାତାକୁ ଅର୍ଥ ଯୋଗାଇ ଦେଇ ତାଙ୍କ ହାତକୁ ସବଳ କରିବା ସହିତ ତାଙ୍କୁ ଅର୍ଥ ରୋଜଗାର କ୍ଷେତ୍ରରେ ଉତ୍ସାହିତ କରିବାର ପ୍ରୟାସ କରାଯାଉଛି। ଏହା ସେମାନଙ୍କ ଜରୁରି ଆବଶ୍ୟକତା ସମୟରେ ବିଶେଷ ସହାୟକ ହେଉଛି। ଏବେ ମହିଳା ସଶକ୍ତିକରଣରେ ପ୍ରମୁଖ ସ୍ଥାନ ନେଇଛି ମିଶନ ଶକ୍ତି। ଏହା ଏକ ସମନ୍ୱିତ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ, ଯାହାକୁ ମହିଳାମାନଙ୍କୁ ନିରାପଦ ଓ ସୁରକ୍ଷିତ ରଖିବା ସହିତ ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରି ସଶକ୍ତ କରିବା ପାଇଁ ମିଶନ୍ ମୋଡରେ କାର୍ଯ୍ୟକାରୀ କରାଯାଉଛି। ଏଥିରେ ସେମାନଙ୍କୁ ପଞ୍ଚାୟତ ସ୍ତରରୁ ନେଇ ରାଷ୍ଟ୍ର ଗଠନରେ ସମାନ ଭାଗୀଦାର କରିବାର ପ୍ରୟାସ କରାଯାଉଛି।

# ମୃତ୍ୟୁଂ ଅବଲୋପୟ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଏକ ଯୁଗାନ୍ତକାରୀ ଆହ୍ୱାନ ଦେଇ କହିଛନ୍ତି - ମରନା, ମାରନା, ଯଦି ପାର ମୃତ୍ୟୁକୁ ଅବଲୁପ୍ତ କର। ମୃତ୍ୟୁ ହେଉଛି ଏକ ବ୍ୟାଧି ଯାହାକୁ କି ଆଧାତ୍ମିକ ଚିକିତ୍ସା ମାଧ୍ୟମରେ କରାୟତ୍ତ କରିହେବ। ପୁର୍ନବାର ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ହଜରତ ଯୀଶୁ ଓ ହଜରତ୍ ମହମ୍ମଦ ମଧ୍ୟ ଆମ୍ଭମାନଙ୍କର ପ୍ରେରିତ ପୁରୁଷ। ଆର୍ଯ୍ୟଧାରା ଯଦି ଜୀବନ୍ତ ରହିଥାନ୍ତା ତାହାହେଲେ ହଜରତ ଯୀଶୁ ଓ ହଜ୍‌ରତ ମହମ୍ମଦ ହୁଏତ ଏକାଦଶ ଓ ଦ୍ୱାଦଶ ଅବତାର ହିସାବରେ ପରିଗଣିତ ହୁଅନ୍ତେ। ମହାପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପ୍ରାଣଦାନ ହୋଇଥିଲା ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଔଦାସୀନ୍ୟ ଓ ଅଦୂରଦର୍ଶୀତା ନିମିତ୍ତ। ପରିବେଶ ଓ ପରିସ୍ଥିତି ତାଙ୍କର ଏହି ପ୍ରକାର ମୃତ୍ୟୁକୁ ଅନିବାର୍ଯ୍ୟ ପ୍ରୟୋଜନ କରି ଉଠାଇଥିଲା। କିନ୍ତୁ ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ମୃତ୍ୟୁକୁ ମଧ୍ୟ ପରିହାର କରି ହୋଇଥାନ୍ତା। ଅତ୍ୟନ୍ତ ନିଶ୍ଚୟାତ୍ମକ ଭାବରେ ଦୃଢ଼ କଣ୍ଠରେ ଶ୍ରୀ ଶ୍ରୀ ଠାକୁର ପ୍ରକାଶ କଲେ - ପ୍ରଭୁଯୀଶୁଙ୍କର କ୍ରୁଶବିଦ୍ଧ ହେବା ଯେ ଭାଗବତ ବିଧାନ ତାହା ମୁଁ ମନେକରେନାହିଁ। ମୋ ମନରେ ଭାବନା ଜାଗ୍ରତ ହୁଏ ଯେ ପ୍ରଭୁ ଯୀଶୁ କ୍ରୁଶବିଦ୍ଧ ନହୋଇ ବଞ୍ଚିଥିଲେ। ଯୀଶୁଙ୍କର ଜୀବନ ହେଉଛି ସମଗ୍ର ପୃଥିବୀର ମହାସମ୍ପଦ। ତାଙ୍କର ଏକ ନିଃଶ୍ୱାସରେ ଜଗତରେ କେତେ ଯେ ମଙ୍ଗଳ ହୁଏ, ତା’ର କୂଳକିନାରା ଆମେ କରିପାରିବୁ କି? ନୃଶଂସ ହତ୍ୟା ଭିତର ଦେଇ ପ୍ରଭୁ ଯୀଶୁଙ୍କର ଯେଉଁ ଅକାଳ ମୃତ୍ୟୁ ଘଟିଲା ତାହା ମାନବ ଜାତି ଇତିହାସରେ ଅତ୍ୟନ୍ତ ଦୁଃଖଦାୟକ। ପ୍ରଭୁଯୀଶୁ ବଞ୍ଚି ରହିଥିଲେ ତାଙ୍କର ଆଦର୍ଶ ଓ ଉଦ୍ଦେଶ୍ୟର ପ୍ରତିଷ୍ଠା ଆହୁରି ବୃଦ୍ଧି ପାଇଥାନ୍ତା। ମନେରଖିବାକୁ ହେବ ଯେଉଁମାନେ ତଥାଗତ, ସେମାନେ ବିଧାତୃ ପୁରୁଷର ଗୁଣରେ ଅଭିଷିକ୍ତ ଓ ସେହିମାନେ ହିଁ ଖ୍ରୀଷ୍ଟ, ଆଉ ଖ୍ରୀଷ୍ଟମାନେ ଅଭିଷିକ୍ତ। ମୃତ୍ୟୁ ମଧ୍ୟ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ପରାସ୍ତ ବା ପ୍ରତିନିବୃତ୍ତ କରିପାରିନାହିଁ। କ୍ରୁଶବିଦ୍ଧ ଅବସ୍ଥାରେ ରହି ମଧ୍ୟ ମନୁଷ୍ୟ ଜାତିର ମଙ୍ଗଳ ନିମିତ୍ତ ସେ ପରମପିତାଙ୍କ ପାଖରେ ପ୍ରାର୍ଥନା କରିଯାଇଛନ୍ତି। ପ୍ରାଣ ହରାଇଲେ ମଧ୍ୟ ପ୍ରଭୁ ତାଙ୍କ ଜୀବନର ବ୍ରତ ଠାରୁ ବିଚ୍ୟୁତ ହୋଇନାହାନ୍ତି, ଏହା ହିଁ ହେଉଛି ପ୍ରଭୁଙ୍କର ଜୟଗାଥା। ତେବେ ତାଙ୍କର ଭକ୍ତମାନେ ଯଦି ଶକ୍ତିସମର୍ଥ, ପରାକ୍ରମୀ ଓ କୁଶଳ-କୌଶଳୀ ହୋଇଥାନ୍ତେ, ତାହାହେଲେ ପ୍ରଭୁ ଯୀଶୁଙ୍କୁ ଏଭଳି ଭାବରେ ପ୍ରାଣ ହରାଇବାକୁ ପଡ଼ିନଥାନ୍ତା। ପ୍ରଭୁ ଯୀଶୁଙ୍କର ମୃତ୍ୟୁ କଥା ଉଠିବାରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଗମ୍ଭୀର ଓ ବିଷର୍ଣ୍ଣ ହୋଇଗଲେ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଘୋଷଣା କଲେ - ଏହା ହିଁ ସତ୍ୟ। ଯିଏ ପ୍ରକୃତ ଇଷ୍ଟନିଷ୍ଠ ସେ ଯେତେ ନଗଣ୍ୟ ହେଉନା କାହିଁକି, ଦିନେ ନା ଦିନେ ସେ ତା’ର ଚରିତ୍ରର ଗୁଣରେ ମହାନ ବୋଲି ପରିଗଣିତ ହେବ। ପ୍ରଭୁ ଯୀଶୁଙ୍କର କ୍ରୁଶ ଆରୋହଣ ପରେ ଭକ୍ତବୃନ୍ଦ ଯେତେବେଳେ ଭୟରେ ଲୁଚିଯାଇଥିଲେ, ସେତେବେଳେ ମେରୀ ମ୍ୟାଗ୍‌ଡିଲିନୀ ଯୀଶୁ ପ୍ରେମରେ ପାଗଳ ହୋଇ ଜୀବନର ମାୟାକୁ ତୁଚ୍ଛ କରି ପ୍ରଭୁଙ୍କର ସନ୍ଧାନରେ ଘରଛାଡ଼ି ପଥକୁ ଚାଲିଆସିଥିଲେ। ସେ କି ବ୍ୟାକୁଳ ଅନୁସନ୍ଧାନ। ମୁଖରେ ଯୀଶୁଙ୍କର କଥା ଆଉ ଦୁଇଟି ତୃଷିତ ନୟନରେ ଯୀଶୁଙ୍କର ଅନ୍ୱେଷଣ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଲୁହଭିଜା ନୟନରେ ପ୍ରକାଶ କଲେ - ମହାପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଅତ୍ୟନ୍ତ ଦୁର୍ବଳ ଥିଲା। ମୋର ମନେହୁଏ ପିଟର୍ ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରିପାରିଥାନ୍ତା। ଜନୈକ ଭକ୍ତ ପ୍ରକାଶ କଲେ ଯୀଶୁଖ୍ରୀଷ୍ଟ ତାଙ୍କ ଜୀବନର ରହସ୍ୟମୟ ଅଠରବର୍ଷ ଭିତରେ ଭାରତ ବର୍ଷରେ ବହୁଦିନ କଟାଇଥିଲେ। ପ୍ରଭୁ କାଶୀ ଓ ଜଗନ୍ନାଥଧାମ ପୁରୀରେ କିଛିଦିନ ବାସ କରିଥିଲେ। କାଶ୍ମୀରରେ ପ୍ରଭୁଙ୍କର କବର ଅଛି ବୋଲି ଶୁଣାଯାଏ। ୧୯୪୮, ଡିସେମ୍ବର ୨୫ ତାରିଖ ଏକ ଶୁଭ ସକାଳରେ ଶ୍ରୀ ଶ୍ରୀ ଠାକୁର ଆବେଗାପ୍ଲୁତ କଣ୍ଠରେ ଆମେରିକାନ୍ ଭକ୍ତ ହାଉଜରମ୍ୟାନ୍ ଭାଇଙ୍କୁ ଦେଖି ପ୍ରକାଶ କଲେ - ଆଜି ଯୀଶୁଙ୍କର ଜନ୍ମଦିନ, ପୃଥିବୀକୁ ସେ ଆସିଥିଲେ ଜଗତର ଦୁଃଖ ଘୁଞ୍ଚାଇବା ପାଇଁ, ସେହି ଦିବ୍ୟ ମହାପୁରୁଷଙ୍କର ଜନ୍ମଦିନ - ଯାହାଙ୍କୁ ଆମେ ବିଦାୟ ଦେଇଛୁ ଦୁଃଖ, କଷ୍ଟ, ଯନ୍ତ୍ରଣା, ଅନାଦର ଓ ଅପଘାତ ଦେଇ। ବାଇବେଲରେ ଭଗବାନ ଯୀଶୁ ମୁଖ୍ୟ ଭାବରେ କହିଛନ୍ତି - ଭଗବାନଙ୍କୁ ଭଲପାଅ, ନିଜକୁ ନିୟନ୍ତ୍ରିତ କର, ପାରିପାର୍ଶ୍ୱିକଙ୍କୁ ଭଲପାଇ ସେମାନଙ୍କ ଭିତରେ ଭଗବାନଙ୍କୁ ପ୍ରତିଷ୍ଠା କର। ସେ କହିଛନ୍ତି - ଆବ୍ରାହମ୍ ଯେତେବେଳେ ନଥିଲେ ସେତେବେଳେ ମୁଁ ଥିଲି। ଭଗବାନ ଶ୍ରୀକୃଷ୍ଣ ଭକ୍ତପ୍ରବର ଅର୍ଜୁନଙ୍କୁ କହିଛନ୍ତି - ତୁମର ଓ ମୋର ବହୁ ଜନ୍ମ ଅତୀତ ହୋଇଛି। ସେଗୁଡ଼ିକ ମୁଁ ଜାଣିଛି କିନ୍ତୁ ତୁମେ ଜାଣନାହିଁ। ପ୍ରଭୁ ଯୀଶୁ କହିଛନ୍ତି - ଯିଏ ମୋ ଠାରୁ ଅନ୍ୟ କିଛିକୁ ବେଶୀ ଭଲପାଏ ସେ ମୋତେ ପାଇବାର ଯୋଗ୍ୟ ନୁହେଁ। ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ କହିଛନ୍ତି - ସମସ୍ତ ପ୍ରବୃତ୍ତିର ଧର୍ମ ତ୍ୟାଗ କରି ଏକମାତ୍ର ମୋତେ ରକ୍ଷା କରିଚାଲ। ମୋ ଠାରେ ଚିତ୍ତ ରଖ, ମୋର ଭକ୍ତ ହୁଅ, ମୋତେ ଯାଜନ କର ଓ ମୋତେ ନମସ୍କାର କର, ସବୁଶାସ୍ତ୍ରର ମୂଳ ହେଉଛି ଏକ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଯୀଶୁଖ୍ରୀଷ୍ଟ, ରସୁଲ, ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର ଓ ଚୈତନ୍ୟଦେବ ଇତ୍ୟାଦିଙ୍କୁ ସମସ୍ତେ ଭଗବାନ ବୋଲି ଜାଣନ୍ତି। ତା’ର ଅର୍ଥ ସେମାନେ ସଂଜ୍ଞାନରେ ଈଶ୍ୱରଙ୍କ ସଙ୍ଗେ ଯୋଗଯୁକ୍ତ ରହି ପୃଥିବୀରେ ତାଙ୍କର କର୍ମ କରନ୍ତି ନର ଦେହ ଧାରଣ କରି। କଥାପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ମୋର ମନେହୁଏ ଯୀଶୁଖ୍ରୀଷ୍ଟଙ୍କୁ କବରରୁ ଉଠାଇ କତିପୟ ଭକ୍ତ କାଶ୍ମୀର ନେଇଆସିଥିଲେ। ଜଣେ ତହସିଲଦାର ସେମାନଙ୍କ ନେତୃତ୍ୱ ନେଇଥିଲେ, ଆଉ ଏହା ଭାବିବାକୁ ମୋତେ ଭଲ ଲାଗେ। ମୁସଲମାନ ମାନଙ୍କର ରୋଜକାୟାମତ୍, ହିନ୍ଦୁମାନଙ୍କର ଗୟାରେ ପିଣ୍ଡଦାନ ଓ ଖ୍ରୀଷ୍ଟିଆନ ମାନଙ୍କର ବିଚାର ଦିନ ହେଉଛି ଏକ ଭାବରେ ପର୍ଯ୍ୟବେସିତ।




# ବିଦାୟ - ୨୦୨୪

## ଆଇନ୍

ମହିଳା ହିଂସାକୁ ରୋକିବା ପାଇଁ ୨୦୦୫ରେ ମହିଳାଙ୍କ ଘରୋଇ ହିଂସା ଆଇନରୁ ସୁରକ୍ଷା ଆଇନ ପ୍ରଣୟନ କରାଯାଇଥିଲା।

ଘରୋଇ ହିଂସା ଅଧିନିୟମ ୨୦୦୫ ଧାରା ୩ ଅନୁଯାୟୀ କୌଣସି କାର୍ଯ୍ୟ ଯାହା ପୀଡିତାଙ୍କୁ ଶାରୀରିକ, ଯୌନ, ମୁଖଗତ କିମ୍ବା ଅର୍ଥନୈତିକ କ୍ଷତି ଘଟାଏ, ତାହା ଘରୋଇ ହିଂସା ଅଧିନିୟମ ଅଧିନରେ ଆସିଥାଏ।

ମହିଳାଙ୍କୁ ଯୌତୁକ ପାଇଁ ଦିଆଯାଉଥିବା ନିର୍ଯାତନାରୁ ରକ୍ଷା କରିବା ଲାଗି ଯୌତୁକ ନିରୋଧ ଆଇନ ୧୯୬୧ ନିୟମାବଳୀ ରହିଛି।

ଓଡ଼ିଶାରେ ଘଟୁଥିବା ଅପରାଧ ମୁଖ୍ୟତଃ ଫୋନ୍ କରି ବ୍ୟାଙ୍କ ଆକାଉଣ୍ଟ ଅଚଳ ଧମକ ଦେଇ ସୂଚନା ମାଗିବା। ଅଚଳ ଜୀବନବୀମା ପଲିସିକୁ ଚାଲୁ କରିବା ପାଇଁ କହିବା, ଫୋନ୍ କରି ମିଛ ପରିଚୟ ଦେଇ ଓଟିପି, ପିନ୍, ସିଭିଭି, ଆକାଉଣ୍ଟ ନମ୍ବର, ଆଧାର ନମ୍ବର ହାସଲ କରିବା ସହ ବିଭିନ୍ନ ତରିକାରେ ଲୁଟେରାମାନେ ଲୁଟ୍ କରିଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି।

### ବିଭିନ୍ନ ତରିକାରେ ଲୁଟ୍



## ଅପରାଧ



ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୨୪ ରିପୋର୍ଟ କହୁଛି ୨୬.୨୧ ପ୍ରତିଶତ ମହିଳା ଘରୋଇ ହିଂସାର ଶିକାର ହେଉଥିବାବେଳେ ତନ୍ମଧ୍ୟରୁ ୬୦ ପ୍ରତିଶତ ମହିଳା ଶାରିରୀକ ନିର୍ଯାତନାର ଶିକାର ହେଉଛନ୍ତି। ତେବେ ପୁରୁଷମାନଙ୍କ କ୍ଷେତ୍ରରେ ଘରୋଇ ହିଂସାର ମାତ୍ରା କମ୍ ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେବେ ଘରୋଇ ହିଂସାର ପରିଣାମ କେତେ ସାଂଘାତିକ ହୋଇପାରେ ତାହା ନିକଟରେ ବେଙ୍ଗାଲୁରୁର ସପ୍ଟୱେୟର ଇଂଜିନିୟର ଅତୁଲ ସୁବାଷଙ୍କ ଆତ୍ମହତ୍ୟା ଘଟଣାରୁ ସ୍ପଷ୍ଟ ହୋଇଯାଇଛି।



ସାଇବର ଅପରାଧୀଙ୍କ କବଳରୁ ବର୍ତ୍ତିପାରି ନାହାନ୍ତି ମହିଳା ଓ ଶିଶୁ। ରାଜ୍ୟରେ ୨୦୨୨ରେ ୭୨୩ ମାମଲା ରୁଜୁ ହୋଇଥିବା ବେଳେ ୨୦୨୩ରେ ୯୨୫ ଓ ୨୦୨୪ରେ ୭୧୯ ମାମଲା ରୁଜୁ ହୋଇଛି। ତେବେ ସାମାଜିକ ଗଣମାଧ୍ୟମରେ ଏଭଳି ଅପରାଧ ଘଟିଥିବା ସୂଚନା ଦିଆଯାଇଛି।

### ମହିଳା ଓ ଶିଶୁ ବିରୋଧୀ ଅପରାଧ ବୃଦ୍ଧି



## ଅତୁଲ ସୁବାଷଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁର ସପ୍ଟୱେୟର ଅତୁଲ ସୁବାଷଙ୍କ ଆତ୍ମହତ୍ୟା ଘଟଣା ସାରା ଦେଶରେ ଚହଳ ସୃଷ୍ଟି କରିଥିଲା। ଗତ ଡିସେମ୍ବର ୯ରେ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ୍ୟୁ ପୂର୍ବରୁ ସେ ୯୦ ମିନିଟର ଏକ ଲମ୍ବା ଭିଡିଓ ଏବଂ ୨୪ ପୃଷ୍ଠାର ଯେଉଁ ସୁଇସାଇଡ ନୋଟ୍ ଛାଡି ଯାଇଛନ୍ତି ସେଥିରେ ପତ୍ନୀଙ୍କ ସମେତ ଶ୍ୱଶୁର ଘର ଲୋକଙ୍କ ନିର୍ଯାତନାର କାହାଣୀ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ମୃତ ସୁବାଷଙ୍କ ପତ୍ନୀ ଶାଶୁ ଓ ଶଳାଙ୍କୁ ପୋଲିସ୍ ଗିରଫ କରିଛି। ପତ୍ନୀ ନିକିତାଙ୍କ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ପୋଲିସ ମଧ୍ୟ ସ୍ପଷ୍ଟ କରିଛି।

## ଘରୋଇ ହିଂସାର ପ୍ରକାର



- ଯୌତୁକ ଲାଗି ଦାବି କରିବା, ଜବରଦସ୍ତ ସଂପତ୍ତି ମାଗିବା, ପତ୍ନୀ ଏବଂ ପିଲାଙ୍କ ଖର୍ଚ୍ଚ ପାଇଁ ଅର୍ଥ ନେବା, ଚାକିରି ପାଇଁ ଅନୁମତି ନଦେବା, ବେତନ ଜୋରଜବରଦସ୍ତ ନେଇଯିବା ଇତ୍ୟାଦି...
- ଆତ୍ମ ସମ୍ମାନ ହାନୀ ହେବା ଭଳି କଥା କହିବା, ଖରାପ ବ୍ୟବହାର କରିବା, ଭୟଭୀତ କରାଇବା, ଜଣଙ୍କ ଉପରେ ପ୍ରାଧାନ୍ୟ ବିସ୍ତା କରିବା, ଧମକ ଦେବା।
- ଯୌନ ସଂପର୍କ ଉପରେ ଚାପ ପକାଇବା, ବିନା ସହମତିରେ ଜୋରଜବରଦସ୍ତ ଯୌନ ଇଚ୍ଛା ପୂରଣ କରିବା
- ଶରୀରରେ କୌଣସି ପ୍ରକାର କ୍ଷତ, କିମ୍ବା ଆଘାତ ପହଞ୍ଚାଇବା, ମାରପିଟ କରିବା, ଅସୁସ୍ଥ ହେଲେ ଔଷଧ ନଦେବା, କେଶ ଓ ଚର୍ମକୁ ଆଘାତ ପହଞ୍ଚାଇବା।
- ବୃଦ୍ଧଙ୍କ ପ୍ରତି ଘରୋଇ ହିଂସାର ମାତ୍ରା ଅଧିକ ହୋଇଥାଏ, ଯାହା ଅତ୍ୟନ୍ତ ସମ୍ବେଦନଶୀଳ।
- ଶିଶୁମାନେ ବି ଘରୋଇ ହିଂସାର ଶିକାର ହୋଇଥାନ୍ତି, ବିଶେଷ କରି ସହରାଞ୍ଚଳରେ ଏହାର ମାତ୍ରା ଅଧିକ ହୋଇଥାଏ।
- ଭାରତରେ ପୁରୁଷମାନଙ୍କ ପ୍ରତି ଘରୋଇ ହିଂସା ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି।

## ୨୦୨୪ରେ ସାଇବର ଲୁଟେରାଙ୍କ ଦୌରାତ୍ମ୍ୟ

୨୦୨୪ରେ ଓଡ଼ିଶାରେ ସାଇବର ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥିଲା। ୨୦୨୪ରେ ୨୦୨୩ ଅପେକ୍ଷା କମ୍ ମାମଲା ରୁଜୁ ହୋଇଥିଲେ ମଧ୍ୟ ସାଇବର ଠକମାନେ ଅଧିକ ଟଙ୍କା ଠକେଇ କରି ନେଇଯାଇଥିଲେ। ପ୍ରାୟ ୧୬୨ କୋଟି ଟଙ୍କା ଠକମାନେ ନେଇଯାଇଥିବା ରିପୋର୍ଟରୁ ଜଣାପଡିଛି।

### ଡିଜିଟାଲ୍ ଆରେଷ୍ଟ



ନୂଆ ତରିକାରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରି ଠକ ଲୁଟି ଚାଲିଛନ୍ତି। ସେ ମଧ୍ୟରେ ଡିଜିଟାଲ୍ ଆରେଷ୍ଟ ଅନ୍ୟତମ। ସାଇବର ଠକମାନେ ନିଜକୁ ସେନା ଅଧିକାରୀ, ଜିଏସ୍‌ଟି ଅଧିକାରୀ, ଆୟକର ଅଧିକାରୀ, ସିବିଆଇ ଅଧିକାରୀ କହି ବିଭିନ୍ନ ମାମଲା ଥିବା ଦର୍ଶାଇ ଗିରଫ ଭୟ ସୃଷ୍ଟି କରିବା ୨୦୨୪ରେ ଥିଲା ଅନ୍ୟତମ ଠକେଇ।

ଓଡ଼ିଶା ଭାସ୍କର ODISHA BHASKAR

## ରାଜ୍ୟ ଖବର



ରଘୁନାଥପୁର, (ଭାସ୍କର ନ୍ୟୁଜ) : ଗତ ପାଞ୍ଚଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷାରେ ଧାନଫସଲ ବ୍ୟାପକ କ୍ଷୟକ୍ଷତିକୁ ନେଇ ରଘୁନାଥପୁର ତହସିଲ ଅଧିନ ରାଢଙ୍ଗ ଓ ରେଢୁଆ ପଞ୍ଚାୟତର ଶତାଧିକ ଚାଷୀ ନବ ନିର୍ମାଣ କୃଷକ ସଂଗଠନ ଦେବୀ ପ୍ରଶାଦ ମହାରଣା ଓ ରଶ୍ମୀ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୟରେ ରଘୁନାଥପୁର ବ୍ଲକ ଓ ତହସିଲକୁ ଘେରିବା ସହିତ ଏକ ଦାବୀପତ୍ର କରିଛନ୍ତି। ପ୍ରଥମେ ଚାଷୀ ମାନେ ଏକ ତ୍ରିତ ହୋଇ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୁର୍ତ୍ତୀର ପୁଷ୍ପମାଲ୍ୟ ଅର୍ପଣ କରି ସେଠାରୁ ଏକ ଶୋଭାଯାତ୍ରରେ ବ୍ଲକ ଓ ତହସିଲରେ ପହଞ୍ଚି ବିକ୍ଷୋଭ କରିବା ସହ ଏକ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକରେ ବିଡିଓଙ୍କ ଅନୁଉପସ୍ଥିତିରେ ଜିପିଓ ସ୍ମାରକ ରଞ୍ଜନ ମହାନ୍ତି ଓ ତହସିଲରେ ତହସିଲଦାର ଅଭିପସା ପଟ୍ଟନାୟକ ଦାବୀ ପତ୍ର ଗ୍ରହଣ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟ କ୍ରମରେ, ଦିଲିପ କୁମାର ନାୟକ, ଦିପ୍ତି ରଞ୍ଜନ ବିଶ୍ୱାଳ, ବିଜନ ମହାପାତ୍ର, ପ୍ରକାଶ ମହାନ୍ତି, ଗୁରୁ ଚରଣ ସାହୁ, ସୁଧିର ରଞ୍ଜନ ରାଉତ, ନିରୋଦ ବେହେରା, ଘନଶ୍ୟାମ ଜେନା, ଲକ୍ଷ୍ମୀ ଧର ନାୟକଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ରହି ବିକ୍ଷୋଭ କରିବା ସହ ତହସିଲ ଓ ବ୍ଲକ ମାଧ୍ୟମରେ ୮ ଦଫା ଦାବୀକୁ ତୁରନ୍ତ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି।



## ମରଣଯନ୍ତା ପାଲଟିଛି ରାଇରଙ୍ଗପୁର ଘାଟ ଠାରୁ ଯଅଁରାବାରିମୂଳ ରାସ୍ତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖାନନଗର ଛକ ଠାରୁ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଫାଣ୍ଡିବର ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ଏହି ୭ କିଲୋମିଟର ରାସ୍ତାର ବହୁ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହୋଇଛି। ଏପରିକି ରାସ୍ତା ସାରା ପିଚୁ ଉଠି ବଡ଼ ବଡ଼ ମେଷ୍ଟାଲ ରାସ୍ତାରେ ଗଡ଼ିବା ଦ୍ୱାରା ଦୁଇ ଚକିଆ, ଚାରିଚକିଆ ଯାନ ଯିବା ତ ଦୂରର କଥା ସାଧାରଣ ଲୋକଟିଏ ଚାଲିକରି ଯିବା କଷ୍ଟକର ହେଉଛି। ଏହି ରାସ୍ତା ଉପରେ ଦୁଇଟି ପଞ୍ଚାୟତର ଜନସାଧାରଣ ଯାତାୟତ ପାଇଁ ନିର୍ଭର କରୁଥିବା ବେଳେ ଡେଲଟା କଲେଜ, ଦୁଇଟି ସଂସ୍କୃତ ମହାବିଦ୍ୟାଳୟ, ସମେତ ଦୁଇଟି ପଞ୍ଚାୟତରେ ରହିଥିବା ଦୁଇଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଯାତାୟତ ପାଇଁ ନିର୍ଭର କରିଥାନ୍ତି। ତୁରନ୍ତ ଏହି ରାସ୍ତାଟିକୁ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅବହେଳିତ 'ଲକ୍ଷ୍ମୀପାଦ' ପର୍ଯ୍ୟଟନପୀଠ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ବଣପାହାଡ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ କେନ୍ଦୁଝର ଜିଲାରେ ଅନେକ ଐତିହ୍ୟଭରା ପର୍ଯ୍ୟଟନସ୍ଥଳ ଭରି ରହିଛି। ଜିଲାରେ ବର୍ତ୍ତମାନ ୧୭ଟି ପର୍ଯ୍ୟଟନସ୍ଥଳ ସରକାରୀ ସ୍ୱୀକୃତି ପାଇଛି। କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପାଦ ପର୍ଯ୍ୟଟନସ୍ଥଳଟି ଏବେ ମଧ୍ୟ ପର୍ଯ୍ୟଟନସ୍ଥଳୀର ସରକାରୀ ମାନ୍ୟତା ପାଇନଥିବାବେଳେ ସବୁ କ୍ଷେତ୍ରରେ ଅବହେଳାର ଶିକାର ହୋଇଛି। ପ୍ରାକୃତିକ ଶୋଭାରାଜି ମଧ୍ୟରେ ରହିଛି ଏହି ଲକ୍ଷ୍ମୀପାଦ ପର୍ଯ୍ୟଟନ କ୍ଷେତ୍ର। କେନ୍ଦୁଝରଗଡ ପୌରପାଳିକା ଓ ବାଂଶପାଳ ବ୍ଲକର ସୀମାନ୍ତରେ ଥିବା ଇନ୍ଦ୍ରଛତ୍ର ପାହାଡ ତଳେ ଅବସ୍ଥିତ ଏହି ପ୍ରକୃତିଦତ୍ତ ପର୍ଯ୍ୟଟନସ୍ଥଳୀ। ଶାଳ, ପିଆଶାଳ, ସଳପ, ହରିଡା, ବାହାଡଳ, ଅଁଳା, ପାତାଳଗରୁଡ, ଗଙ୍ଗଶିଉଳିରେ ପରିପୂର୍ଣ୍ଣ ଏହି ଅଞ୍ଚଳଟି ସିଦ୍ଧମଠ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ସ୍ଥାନଟିର ନାମକରଣ କାହିଁକି ଲକ୍ଷ୍ମୀପାଦ ହେଲା ତାହା ଏଠାରେ ପରିଲକ୍ଷିତ ହେଉଛି। ଝରଣା କୂଳେ କୂଳେ ଇନ୍ଦ୍ରଛତ୍ର ପାହାଡର ପାଦଦେଶରେ ଗୋଟିଏ ଆମ୍ବ ଗଛ ମୂଳେ ପଥର ମଧ୍ୟରେ ରହିଛି ଏକ ପାଦ ଚିହ୍ନ। ଓଦା ମାଟି ଉପରେ ପାଦ ଚିହ୍ନ ରହିବା ଭଳି ଏହି ପାଦ ଚିହ୍ନଟି ପଥର ଉପରେ ରହିଛି। ଏହାକୁ ମାଆ ଲକ୍ଷ୍ମୀଙ୍କର ପାଦ ଚିହ୍ନ ବୋଲି କୁହାଯାଉଥିବାବେଳେ ପୌରାଣିକ ଯୁଗରୁ ଏହି ପାଦ ଚିହ୍ନ ଥିବା ଲୋକ କଥା ଅଛି। କେନ୍ଦୁଝରର ଲକ୍ଷ୍ମୀପାଦଠାରେ ମାତା ଲକ୍ଷ୍ମୀଙ୍କର ଡାହାଣ ପାଦ ଚିହ୍ନ ରହିଥିବାବେଳେ ବାମ ପାଦ ଚିହ୍ନ ବଣେଇ ନିକଟସ୍ଥ ଖଣ୍ଡାଧାରରେ ଅଛି ବୋଲି ପୁରୁଖା ଲୋକମାନେ କୁହନ୍ତି। କେନ୍ଦୁଝର ସହର ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରତା ଓ ପୌରପାଳିକା ସୀମାରୁ ମାତ୍ର ଦେଢଶହ ମିଟର ଦୂରରେ ଅବସ୍ଥିତ ଏହି ସ୍ଥଳଟିକୁ ଯିବାକୁ ହେଲେ ପୁରୁଣା ସହର ରାଜବାଟୀ ନିକଟରେ ଯାଇଥିବା ଜାତୀୟ ରାଜପଥ ନିକଟରେ ପଡିବ ଲକ୍ଷ୍ମୀପାଦ ପର୍ଯ୍ୟଟନସ୍ଥଳୀ। ଜାତୀୟ ରାଜପଥଠାରୁ ପ୍ରାୟ ୧୦୦ ଫୁଟ ପର୍ଯ୍ୟନ୍ତ ପିଚୁ ରାସ୍ତା ପରେ ଲକ୍ଷ୍ମୀପାଦକୁ ଯିବା ରାସ୍ତା ଆଦୌ ଭଲ ନୁହେଁ। ସ୍ଥାନୀୟ ଲୋକେ ପୂର୍ବରୁ ଗଛଲତା ସଫା କରି ଏଠାକୁ ଗମନାଗମନ ପାଇଁ ରାସ୍ତାଟିଏ କରିଛନ୍ତି। ସବୁଦିନିଆ ରାସ୍ତା ଏଠାକୁ ନଥିବାବେଳେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ମଧ୍ୟ ନାହିଁ। ଲକ୍ଷ୍ମୀପାଦ ଅଞ୍ଚଳରେ ୨୦୦୫ ମସିହାରୁ ଏକ ଶିବମନ୍ଦିରଟିଏ ମଧ୍ୟ ସ୍ଥାପନା କରାଯାଇଛି। ଏହି ଅଞ୍ଚଳଟିର ଉନ୍ନତି ପାଇଁ ସ୍ଥାନୀୟ ଯୁବକମାନେ ଅଣ୍ଟା ଭିଡିଥିଲେ ମଧ୍ୟ ସରକାରୀ ସହାୟତା ନମିଳିବା କାରଣରୁ ପର୍ଯ୍ୟଟନ କେନ୍ଦ୍ରର ବିକାଶ ହୋଇପାରୁନାହିଁ। ଅନ୍ୟ ଦିନମାନଙ୍କ ଅପେକ୍ଷା ଲକ୍ଷ୍ମୀପୂଜା, ଶିବଜାଗର, ବନଦୂର୍ଗା ପୂଜା, କଳସ ଯାତ୍ରା, ଶ୍ରାବଣ ପୂର୍ଣ୍ଣିମା ସମୟରେ ଏହି ଲକ୍ଷ୍ମୀପାଦରେ ବିଶେଷ ଜନ ସମାଗମ ହୋଇଥାଏ। ପର୍ଯ୍ୟଟକମାନଙ୍କର ଆଗମନକୁ ଆଖି ଆଗରେ ରଖି ସ୍ଥାନୀୟ ଲୋକେ ଏଠାରେ ବିଦ୍ୟୁତ୍ ଆଲୁଅର ବ୍ୟବସ୍ଥା ନିଜ ଉଦ୍ୟମରେ କରିଛନ୍ତି। ପ୍ରଶାସନର ନାକ ତଳେ ଥିବା ଏହି ପର୍ଯ୍ୟଟନ କ୍ଷେତ୍ରଟି ପ୍ରତି ଆଦୌ ଦୃଷ୍ଟି ନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରନ୍ତି। ଏହି ସ୍ଥାନଟି କେବଳ ଲକ୍ଷ୍ମୀପାଦ ପାଇଁ ପ୍ରସିଦ୍ଧିଲାଭ କରିନାହିଁ। ଇନ୍ଦ୍ରଛତ୍ର ପାହାଡରେ ବଣ ଟଗର ବିଶେଷ ମାତ୍ରାରେ ମିଳୁଥିବାରୁ ବସନ୍ତ ଋତୁରେ ଏହାକୁ ସଂଗ୍ରହ କରିବା ସହ ଅନ୍ୟାନ୍ୟ ଚେରମୂଳି ଔଷଧ ସଂଗ୍ରହ କରିବାକୁ କବିରାଜ ଓ ବୈଦ୍ୟମାନେ ଆସୁଥିବା ସ୍ଥାନୀୟ ଲୋକେ କହନ୍ତି। ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନୀତ ହୋଇନଥିବା ଲକ୍ଷ୍ମୀପାଦର ଅନେକ ଐତିହ୍ୟ ଥିଲେ ହେଁ ଏଠାକୁ ଭଲ ରାସ୍ତାଟିଏ କରାଯାଇପାରିନାହିଁ କି ପାନୀୟ ଜଳ ବ୍ୟବସ୍ଥା କରାଯାଇପାରିନାହିଁ। ସ୍ଥାନଟି ନିଛାଟିଆ ହୋଇଥିବା, ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ସହ ପ୍ରଚାର,ପ୍ରସାର ଅଭାବ କାରଣରୁ ସନ୍ଧ୍ୟା ସମୟରେ ପର୍ଯ୍ୟଟକଙ୍କର ମଧ୍ୟ ଏଠାକୁ ଆସିବା ଅସୁବିଧା ସୃଷ୍ଟି କରୁଛି। କେନ୍ଦୁଝର ସହରଠାରୁ ଅଳ୍ପ ଦୂରରେ ଅବସ୍ଥିତ ଏହି ଐତିହ୍ୟସଂପନ୍ନ ସ୍ଥାନଟି ପ୍ରତି ପର୍ଯ୍ୟଟନ ବିଭାଗ ବିଶେଷ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ବାଂଶପାଳ ବ୍ଲକ କର୍ତ୍ତୃପକ୍ଷଙ୍କ ସମେତ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଲକ୍ଷ୍ମୀପାଦ ପର୍ଯ୍ୟଟନ କ୍ଷେତ୍ରକୁ ବିକାଶ କରିପାରିଲେ ଏଠାକୁ ବହୁ ପର୍ଯ୍ୟଟକ ଆସିପାରନ୍ତେ ଏବଂ ପର୍ଯ୍ୟଟନ ଉପରେ ନିର୍ଭର କରି ଚଳୁଥିବା ଲୋକଙ୍କ ପାଇଁ କର୍ମସଂସ୍ଥାନ ମିଳିପାରନ୍ତା ବୋଲି ସାଧାରଣରେ ମତପୋଷଣ ହୋଇଛି।

## ଓପିଜିସି ପକ୍ଷରୁ କୁଶ୍ରାଲୋଇରେ ଚକ୍ଷୁ ପରୀକ୍ଷା ଶିବିର



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଓଡିଶା ପାୱାର ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ସିଏସ୍ଆର କାର୍ଯ୍ୟକ୍ରମ ଅଧୀନରେ ସୋମବାର ଝାରସୁଗୁଡା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ କୁଶ୍ରାଲୋଇର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ଓପିଜିସିର ବରିଷ୍ଠ ଉପସଭାପତି ସୁକାନ୍ତ ମହାପାତ୍ରଙ୍କ ଦ୍ୱାରା ଏହି ଶିବିରଟି ଉଦଘାଟିତ ହୋଇଥିଲା ଓ ମାନବ ସମ୍ବଳ ଓ ପ୍ରଶାସନ ମୁଖ୍ୟ ଡକ୍ଟର ରତିକାନ୍ତ ଦାସ, କୁଶ୍ରାଲୋଇ ପଞ୍ଚାୟତ ସରପଞ୍ଚ ରଘୁମଣି ପ୍ରଧାନ, ବରିଷ୍ଠ ଅଧିକାରୀ ହିମାଂଶୁ ଭୂଷଣ ବେହେରା ଏବଂ ତ୍ରିଲୋଚନ ନେତ୍ରାଳୟର ଡା. ଦାନିଶ ତାହିର ଉପସ୍ଥିତ ଥିଲେ। ଏହି ଶିବିର ସକାଳ ୧୦ଟା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। କୁଶ୍ରାଲୋଇ ପଞ୍ଚାୟତ ସମେତ ରେମେଣ୍ଡା, ଦଳଗାଁ ଓ ତେଲେନପାଲି ଆଦି ପଞ୍ଚାୟତର ୨୨୪ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୨୮ ଙ୍କୁ ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ବିନାମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ୨୧ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା କରାଯାଇଥିଲା। ଓପିଜିସି ସିଏସଆର ଦଳର ସଦସ୍ୟ ହିମାଂଶୁ ଭୂଷଣ ବେହେରା, ତାପସ ପଣ୍ଡା, ରାଜେନ୍ଦ୍ର ସା, ରୋମିୟାନ ଛତ୍ରିଆ, ଅମର ସିଂ, ଦେବାଶିଷ ପଟ୍ଟନାୟକ ଏହି ଶିବିରର ସଂଯୋଜନା କରିବାରେ ସାହାଯ୍ୟ କରିଥିଲେ।

OPGC Power for Progress

## ଶ୍ରମିକ ପୁନଃ ନିଯୁକ୍ତି ପରେ ଧାରଣା ପ୍ରତ୍ୟାହୃତ




ପାରାଦୀପ, (ଭାସ୍କର ନ୍ୟୁଜ୍) : ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟରତ ପ୍ରାକ୍ସ ଏୟାର କମ୍ପାନୀରେ ମେଣ୍ଟେନାନ୍ସରେ କାର୍ଯ୍ୟ କରୁଥିବା ଜଣେ ସ୍ଥାନୀୟ ଶ୍ରମିକ ସଞ୍ଜୟ ସ୍ୱାଇଁଙ୍କୁ ଅନ୍ୟାୟ ଭାବେ କାର୍ଯ୍ୟରୁ ଦୀର୍ଘଦିନ ଅନ୍ତର କରିବା ବିରୁଦ୍ଧରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଙ୍ଘ ପକ୍ଷରୁ ପ୍ରାକ୍ସଏୟାର କଲୋନୀ ମୁଖ୍ୟ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ଶ୍ରମିକ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା ଓ ଉପସଭାପତି ରତ୍ନାକର ଜେନାଙ୍କ ନେତୃତ୍ୱରେ ଶ୍ରମିକ ମାନେ ଧାରଣାରେ ବସିଥିଲେ। ଶ୍ରୀ ବେହେରା ଓ ଜେନାଙ୍କ ଅଭିଯୋଗ ଅନୁଯାୟୀ କମ୍ପାନୀରେ ଶ୍ରମିକ ମାନଙ୍କୁ ଶୋଷଣ ବିରୁଦ୍ଧରେ ସଞ୍ଜୟ ସ୍ୱାଇଁ ସ୍ୱର ଉତ୍ତୋଳନ କରିବାରୁ ଆଇଓସିଏଲର ଜଣେ ଅଧିକାରୀ ଜଣେ ବହିରାଗତ ଅପରାଧି ନେତାର ପ୍ରରୋଚନା ଓ ଅର୍ଥ ଲୋଭରେ ତାଙ୍କ ଉପରେ ମିଥ୍ୟା ଅଭିଯୋଗ ଓ ମାମଲା ରୁଜୁ କରି ତାଙ୍କୁ କାର୍ଯ୍ୟରୁ ଅନ୍ତର କରିଥିଲେ। କୁଜଙ୍ଗ ନ୍ୟାୟାଳୟରେ ସଞ୍ଜୟ ନିର୍ଦ୍ଦୋଷ ସାବ୍ୟସ୍ତ ହେବାପରେ ମଧ୍ୟ ତାଙ୍କୁ ଦୀର୍ଘ ୧୮ ମାସ ହେବ କର୍ତ୍ତୃପକ୍ଷ କାର୍ଯ୍ୟରେ ଯୋଗ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ତେବେ ଏହି ଧାରଣାରେ ଯଦି ବହିଷ୍କୃତ ଶ୍ରମିକଙ୍କୁ ତୁରନ୍ତ ଅବସ୍ଥାପିତ କରାନଯାଏ, ତେବେ ଏହାପରେ ଆଇଓସିଏଲ ରିଫାଇନେରୀର ମୁଖ୍ୟ ଫାଟକ ଆଗରେ ଆମରଣ ଅନଶନ କରାଯାଇ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ଶ୍ରମିକ ନେତା ମାନେ ଚେତାବନୀ ଦେଇଥିଲେ। ଏହି ଘଟଣା ପରେ କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ବହିଷ୍କୃତ କର୍ମଚାରୀ ସଞ୍ଜୟ ସ୍ୱାଇଁଙ୍କୁ କାର୍ଯ୍ୟରେ ପୁନଃ ଅବସ୍ଥାପିତ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ସଂଘର ସଭାପତି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ କହିଛନ୍ତି ଯେ ଶ୍ରମିକ ଶୋଷଣ ବିରୁଦ୍ଧରେ ଏବଂ ସେମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ତାଙ୍କ ସଙ୍ଘ ବିନା ସ୍ୱାର୍ଥରେ ସର୍ବଦା କାର୍ଯ୍ୟ କରିବ। ଯେଉଁ ବହିରାଗତ ଅପରାଧି ଛଦ୍ମବେଶି ନେତା ନିଜ ସ୍ୱାର୍ଥ ହାସଲ ପାଇଁ କମ୍ପାନୀ ଅଧିକାରୀ ମାନଙ୍କୁ ଧରି ଏଠାରେ ସ୍ଥାନୀୟ ଶ୍ରମିକ ଶୋଷଣ କରୁଛନ୍ତି ସେମାନଙ୍କୁ କଡା ଜବାବ ଦିଆଯିବ ବୋଲି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଚେତାବନୀ ଦେଇଛନ୍ତି।



ରଘୁନାଥପୁର, (ଭାସ୍କରନ୍ୟୁଜ) : ଡିସେମ୍ବର ମାସ ୨୦ ତାରିଖ ଠାରୁ ୫ ଦିନ ଧରି ଲଘୁଚାପ ବର୍ଷାରେ ହୋଇଥିବା ଧାନଫସଲ କ୍ଷୟକ୍ଷତିର ଆକଳନ ପାଇଁ ରାଜ୍ୟସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ତହସିଲ ଅଞ୍ଚଳରେ ତହସିଲ କର୍ମଚାରୀ, ଆର୍‌ଆଇଓ କୃଷି କର୍ମଚାରୀ ମାନେ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ହେଲେ ତଦନ୍ତ ଦାୟିତ୍ୱରେ ଥିବା କର୍ମଚାରୀ ମାନେ କେବଳ ରାସ୍ତାକଡରେ ଥିବା ଧାନକ୍ଷେତକୁ ତଦନ୍ତ କରି ପଳାଇ ଆସୁଛନ୍ତି। ଯାହାଫଳରେ ଗହିର ମଧ ଭାଗରୁ ବର୍ଷାଜଳ ନିଷ୍କାସିତ ନ ହୋଇ ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲେ ବି ତାହାର ପ୍ରକୃତ ତଦନ୍ତ ହୋଇ ପାରୁନାହିଁ ବୋଲି ଗୁଆଳି ପୁରଗ୍ରାମର ଚାଷୀ ଜାନକୀ ବଲ୍ଲବ ସ୍ୱାଇଁ, ସର୍ବେଶ୍ୱର ପଟ୍ଟନାୟକ, ଅଭୟ ଶାମନ୍ତ ରାୟ, ଅଭୟ କୁମାର ସ୍ୱାଇଁ, ପ୍ରଦିପ୍ତ କୁମାର ସ୍ୱାଇଁ, ଶଙ୍କର ପଟ୍ଟନାୟକ, ଗଜେନ୍ଦ୍ର ମଲ୍ଲିକ, ଯଜ୍ଞେଶ୍ୱର ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ତଦନ୍ତ ଅଧିକାରୀମାନେ ଗହିର ମଧ୍ୟଭାଗକୁ ଯାଇ ତଦନ୍ତ କରି ସଠିକ ତଥ୍ୟ ସରକାରଙ୍କୁ ଦେବାପାଇଁ ଚାଷୀଙ୍କ ପକ୍ଷରୁ ସରକାରଙ୍କ ନିକଟରେ ଦାବୀ କରିଛନ୍ତି।



# ହାତୀ ଭୟରେ ଜନଜୀବନ, ଏପଟେ ବୁଲା କୁକୁର, ସହରବାସୀଙ୍କ ପାଇଁ ଅଡୁଆ





କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝର ଜିଲ୍ଲାରେ ବନ୍ୟପ୍ରାଣୀଙ୍କ ଆତଙ୍କ ନେଇ କେଉଁଠି ଗାଁ ଲୋକେ ଆତଙ୍କିତ ତ ପୁଣି କେଉଁଠି ସହରରେ ବୁଲୁଥିବା ପଶୁଙ୍କ ଉପଦ୍ରବରେ ଭୀତତ୍ରସ୍ତ। ଏମିତି ସଙ୍କଟରେ ମଣିଷ ଆଉ ପଶୁ। ଏପଟେ ଆଇନ ପାଇଁ ସରକାର ହାତ ବାନ୍ଧିବସିଛନ୍ତି । କେନ୍ଦୁଝର ଜିଲ୍ଲାରେ ଖଣି ଓ ଶିଳ୍ପ ଯୋଗୁଁ ବ୍ୟାପକ ଜଙ୍ଗଲ ଧ୍ୱଂସ ହେଉଥିବାରୁ ବନ୍ୟଜନ୍ତୁ ଓ ପ୍ରାଣୀଙ୍କର ଆଶ୍ରୟସ୍ଥଳୀ ସଙ୍କୁଚିତ ହେବାରେ ଲାଗିଛି। ଏହାଛଡା ବନ୍ୟପ୍ରାଣୀଙ୍କ ସଂଖ୍ୟା ବିଭିନ୍ନ କାରଣରୁ ହ୍ରାସ ପାଇଥିବାରୁ ଖାଦ୍ୟ ଅଭାବ ଓ ଜଳକ୍ଳିଷ୍ଟ ସାଙ୍ଗକୁ ପ୍ରଦୂଷଣରେ ଅତିଷ୍ଠ ହୋଇ ଏହି ଜୀବଜନ୍ତୁ ଜନବସତି ମୁହାଁ ହେଉଛନ୍ତି। ଜଙ୍ଗଲୀ ପଶୁ ଜନବସତିକୁ ଆସିଲେ ମଣିଷ ସହ ମୁହାଁମୁହିଁ ହେବାରୁ ଧନ ଜୀବନ ନଷ୍ଟ ହେଉଛି। ଏହି କ୍ଷୟକ୍ଷତିକୁ କ୍ଷତିପୂରଣ ମାଧ୍ୟମରେ ଭରଣା କରିହେବ ନାହିଁ। ଫଳରେ ପଶୁ-ମଣିଷର ସହାବସ୍ଥାନ ବାଧାବାପ୍ତ ହେଉଛି। ଏକଥାକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ଓଡିଶା ସରକାର ୨୦୧୭ ମସିହାରେ ଜାରି କରିଥିବା ନିର୍ଦ୍ଦେଶ ଅନୁଯାୟୀ ବନ୍ୟ ପ୍ରାଣୀ ଯେପରିକି ବାଘ, ହାତୀ, କୁମ୍ଭୀର, ଭାଲୁ, ଶିଆଳ, ଜଙ୍ଗଲୀ କୁକୁର ଆକ୍ରମଣରେ ମୃତକଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ, ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କା ଓ ସାମାନ୍ୟ ଆହତଙ୍କୁ ମାଗଣା ଚିକିତ୍ସା ସହ ୫୦୦୦ ଟଙ୍କା କ୍ଷତିପୂରଣ ଦେବା ବ୍ୟବସ୍ଥା ରହିଛି। ହେଲେ ଏହି କ୍ଷତିପୂରଣ କ'ଣ ମଣିଷ ବନ୍ୟପ୍ରାଣୀ ମଧ୍ୟରେ ବୃଦ୍ଧି ପାଉଥିବା ତିକ୍ତତାର ସମାଧାନ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଏଥିସହ ଜଙ୍ଗଲ ଓ ପରିବେଶର ସୁରକ୍ଷା କରିବା, ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ, ଖାଦ୍ୟାଭାବ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି। ଜିଲ୍ଲାର ୧୩ଟି ଯାକ ବ୍ଲକରେ ଏହି ସମସ୍ୟା ଲାଗି ରହିଥିବାବେଳେ କେତେକ ବ୍ଲକ ଯେପରିକି ବାଂଶପାଳ, ତେଲକୋଇ, ସଦର, ଘଟଗାଁ, ପାଟଣା, ଯୋଡା, ଚମ୍ପୁଆ ଆଦି ବ୍ଲକରେ ଅଧିକ ଦେଖାଦେଉଛି । ଏଠାରେ ସୂଚନାଯୋଗ୍ୟ ଯେ, ଗତ ୩୦ବର୍ଷ ହେଲା ବିକାଶ ନାମରେ ଅବିଚାରିତ ଜଙ୍ଗଲ ଧ୍ୱଂସ କରି ଖଣି ଖନନ, ପରିବେଶ ନଷ୍ଟ ଯୋଗୁଁ ଜିଲ୍ଲାର ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ବର୍ଷା ଦିନରେ ବର୍ଷା ନାହିଁ, ବରଂ ଗ୍ରୀଷ୍ମ ଋତୁ ଭଳି ଅବସ୍ଥା ଉପୁଜିଥିବାରୁ ପାନୀୟ ଜଳ ସଙ୍କଟ ଦେଖାଦେଉଛି। ସେହିପରି ଧୂଳିଧୂଆଁ ସାଙ୍ଗକୁ ଜଳବାୟୁ ପ୍ରଦୂଷଣ, ରୋଗବ୍ୟାଧି ବୃଦ୍ଧି ଆଦି ସମଗ୍ର ଜୀବଜଗତକୁ ଧ୍ୱଂସ ମୁଖକୁ ଠେଲିଦେଉଛି। ଖଣି ଯୋଗୁଁ ବହୁ ଝରଣା, ନାଳ ଶୁଷ୍କ ହୋଇଯାଇଥିବାବେଳେ ଘଞ୍ଚ ଜଙ୍ଗଲ, ପାହାଡ ଆଦି ଧ୍ୱସ୍ତ ବିଧ୍ୱସ୍ତ ହୋଇପଡୁଛି। ଏହାର ପ୍ରତିକୂଳ ପ୍ରଭାବ ମନୁଷ୍ୟ, ପଶୁପକ୍ଷୀ, ଜୀବଜନ୍ତୁ ଆଦି ଉପରେ ପଡୁଛି। ଏହାଛଡା ଜଙ୍ଗଲରେ ଖାଦ୍ୟାଭାବ ଓ ଜଳକ୍ଳିଷ୍ଟ ଯୋଗୁଁ ଜୀବଜନ୍ତୁ ଗ୍ରାମାମୁଖୀ ହେଉଛନ୍ତି। ବହୁ କଷ୍ଟରେ ଖଟି ଜମିରେ ଚାଷ କରିଥିବା ଧାନ, ଆଖୁ, ପନିପରିବା, ମକା ଆଦି ଫସଲକୁ ହାତୀ, ଭାଲୁ, ବାର୍‌ହା ଖାଇଦେଉଥିବାରୁ ତିକ୍ତତା ବଢୁଛି। ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇ ଅନେକ ମୃତାହତ ହେଉଛନ୍ତି। ସେହିପରି ଏବେ କେନ୍ଦୁଝର ସମେତ ଅନ୍ୟାନ୍ୟ ସହରମାନଙ୍କରେ ରାସ୍ତାରେ ବୁଲାକୁକୁର ଓ ଗାଈଗୋରୁ ଏକ ବିଚିତ୍ର ଅବସ୍ଥା ସୃଷ୍ଟି କରୁଛନ୍ତି। ରାତିରେ ଯେ କୌଣସି ଜଣେ ପଥଚାରୀକୁ ଦେଖିଲେ ଦଳଦଳ ବୁଲା କୁକୁର କାମୁଡିବାକୁ ଦଉଡାଇ ଆଣୁଛନ୍ତି । ଏହି କୁକୁରମାନଙ୍କ ବନ୍ଧ୍ୟାକରଣ କରାଗଲେ ଆଇନର ଖିଲାପି ହେବ ବୋଲି କୁହାଯାଉଥିବାବେଳେ, ବୁଲୁଥିବା ଗାଈଗୋରୁଙ୍କ ପାଇଁ ଦୁର୍ଘଟଣା ମଧ୍ୟ ବେଶୀ ସଂଖ୍ୟାରେ ହେଉଛି । ଜଙ୍ଗଲରେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରେ ଜଙ୍ଗଲୀ ବାରାହା, କୁଟୁରା, ଠେକୁଆ ଆଦି ସୁରକ୍ଷିତ ନ ଥିବାବେଳେ ସହରରେ ବୁଲାକୁକୁର ଦାଉରେ ସହରୀ ମଣିଷ ମଧ୍ୟ ଅସୁରକ୍ଷିତ ବୋଲି ଆଲୋଚନା ହେଉଛି।

# ରାସ୍ତା ଏବଂ ପାଣି ପାଇଁ ହଟହଟା ଗ୍ରାମବାସୀ



ଝରୀଗାଁ (ଭାସ୍କର ନ୍ୟୁଜ୍) : ନାଁ ଅଛି ଭଲ ରାସ୍ତା ନାଁ ମିଳିଛି ମୁନ୍ଦାଏ ବିଶୁଦ୍ଧ ପିଇବା ପାଣି। ଗାଁ ଆଗାମୀ ପିଢ଼ିର ଭବିଷ୍ୟତ ପାଇଁ ପ୍ରତି ବର୍ଷ ନିଜ ପାଇଁ ନିଜେ ରାସ୍ତା ନିର୍ମାଣ କରି ଆସୁଛନ୍ତି। ଗ୍ରାମବାସୀ ହେଲେ ସବୁବେଳେ ନେତାଙ୍କ ପ୍ରତିଶୃତିରେ ସିମିତ ରହିଯାଉଛି। ଏ ଗାଁର ରାସ୍ତା ଆଉ ପାଣି ଯାହାକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି ଗ୍ରାମବାସୀ। ବେଲଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ଛତାଆମ୍ବ ଗ୍ରାମ ଯେଉଁଠି ପାଖାପାଖି ଚାଳିଶି ପରିବାର ରହିଆସୁଥିବା ବେଳେ ଗାଁ ବସି ଆଜକୁ ହେବ ପଚାଶ ବର୍ଷରୁ ଉର୍ଦ୍ଧ ହେଲେ ଗାଁକୁ ନାହିଁ ରାସ୍ତା। ଗାଁର ଉଭୟ ପଟକୁ ଯେଉଁ ରାସ୍ତା ଅଛି ତାହା ନଥିବା ସାଙ୍ଗେ ସମାନ। ନେତା ଆସନ୍ତି ନେତା ଯାଆନ୍ତି ହେଲେ କେବଳ ଲୋକଙ୍କ ଗୁହାରି ଆଉ ତାଙ୍କ ପ୍ରତିଶୃତିରେ ଅଟକି ରହିଯାଇଛି ବିକାଶ। ଏବେ ଅଳପ ବର୍ଷା ପଡିଗଲେ ସମ୍ପୂର୍ଣ୍ଣ ମାଟି ରାସ୍ତା ଗୁଡିକ କାଦୁଅ ପଚପଚ ହୋଇପଡୁଛି, ପ୍ରତିଦିନ ଗାଁରୁ କୋଡିଏ ପଚିଶ ପିଲା ସ୍କୁଲ କଲେଜ ଯାଇଥାନ୍ତି। ଆଉ ଛତାଆମ୍ବ ଠାରୁ ଡ଼ାବାଗୁଡା ଦେଇ ଯେଉଁ ରାସ୍ତାଟି ରହିଛି, ସେଇ ରାସ୍ତା ହେଉଛି ଏମାନଙ୍କ ମୁଖ୍ୟ ରାସ୍ତା। ନିଜର ଜୀବନ ଜୀବିକା କୁହନ୍ତୁ କି ହାଟ ବଜାର, ଏଇ ରାସ୍ତା ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ପ୍ରତିବର୍ଷ ପରିବାର ପିଛା ଚାନ୍ଦା ଆଦାୟ କରି ଗ୍ରାମବାସୀ ନିଜେ ଖଟି ନିଜପାଇଁ ନିଜେ ରାସ୍ତା ତିଆର କରିଥାନ୍ତି। ଗାଁ ମୁଣ୍ଡରେ ଥିବା ନାଳ ପାରି ହେବାଲାଗି ଗ୍ରାମବାସୀ ମିଳିମିଶି ହୋମ ପାଇପ ପକେଇ ନିର୍ମାଣ କରିଛନ୍ତି ପୋଲ ଯାହା ପ୍ରତିବର୍ଷ ବର୍ଷା ଆସିଲେ ଧୋଇଯାଇଥାଏ। ଗାଁ ବାହାରର ସ୍ଥିତି ଯେମିତି ଗାଁ ଭିତର ଟା ବି ସେଇ ସମାନ ସ୍ଥିତି। ଘରୁ ବାହାରିଲେ କାଦୁଅରେ ପାଦ ପଖାଳି ଚାଲିବାକୁ ପାଡେ ଏମାନଙ୍କୁ। ଗାଁର ଆବାଳ ବୃଦ୍ଧଙ୍କୁ ଏଭଳି ସମସ୍ୟାରେ ବଂଚିବାକୁ ପଡୁଛି। ଏଠି ଉନ୍ନୟନ ମୂଳକ କାମ କହିଲେ ଆଜକୁ ପାଞ୍ଚ ବର୍ଷ ତଳେ ଗାଁ ମଝିରେ ତିଆରି ହୋଇଥିବା କଂକ୍ରିଟ ରାସ୍ତା ଖଣ୍ଡିକ ଯାହାକି ଏବେ ମାଟିରେ ମିଶିଯାଇଥିବା ବେଳେ ଗାଁରେ ଡ୍ରେନ ଟିଏ ନଥିବାରୁ ସେତକ ବି ଧୋଇ ହୋଇଗଲାଣି। ଅନେକ ଆବେଦନ ନିବେଦନ ପରେ ବି ଆଜିଯାଏଁ ଏ ଗାଁର ସମସ୍ୟା ଉପରେ ତତ୍କାଳୀନ ନେତାଙ୍କ ଦୃଷ୍ଟି ଟିକେ ପଡିଲା ନାହିଁ। ବସୁଧା ଯୋଜନା ଏ ଗାଁରେ ପହଂଚି ପାରିନି, ଝରୀଗାଁ ପଞ୍ଚାୟତ ସମିତିରେ ଏ ଯୋଜନା ନାମରେ ଗ୍ରାମବାସୀଙ୍କୁ ଭୁଆଁ ବୁଲାଉଥିବା ବେଳେ କେଉଁଠି କେବଳ ବୋର୍ଡରେ କାମ ସିମିତ ରହିଯାଇଛି ତ କେଉଁଠି ଘର ଆଗରେ ଟେପ ଗୁଡିକ ଦେଇ ବର୍ଷ ବର୍ଷ ଧରି କାମ ଅଟକି ରହିଛି। ହେଲେ ଏ ଗାଁରେ ବସୁଧାର ନାଁ ଗନ୍ଧ ବି ନାହିଁ, ଗାଁରେ କହିବାକୁ ଗଲେ ଗ୍ରାମବାସୀଙ୍କ ଲାଗି ରହିଛି ଗୋଟିଏ ନଳକୂପ ପାଣି ପାଇଁ ଲୋକଙ୍କୁ ବେଳେବେଳେ ଟଣା ଓଟରା ହେବାକୁ ପଡୁଛି। କିଏ ସ୍କୁଲ ଯିବ ତ କିଏ ନିଜ ନିଜ କର୍ମ କ୍ଷେତ୍ରକୁ ସମସ୍ତଙ୍କୁ ଦରକାର ପାଣି। ଏ ଗାଁର ଗ୍ରାମବାସୀ ଦୀର୍ଘ ଦିନ ରାସ୍ତା ନିର୍ମାଣ ଲାଗି ସରକାରଙ୍କୁ ଗୁହାରି କରି କରି ଥକିଯାଇଥିବା ପ୍ରକାଶ କରିଛନ୍ତି। କିନ୍ତୁ ଏମାନଙ୍କ କଥାକୁ କେବେ କେହି ଶୁଣିନାହାନ୍ତି, କେବଳ ନିଜେ ଶ୍ରମଦାନ କରି ଏବଂ ଚାନ୍ଦା ଆଦାୟ କରି ପ୍ରତିବର୍ଷ ରାସ୍ତା ନିର୍ମାଣ କରିଚାଲିଛନ୍ତି ହେଲେ ଏ ଗାଁ ପ୍ରତି ନା ପ୍ରଶାସକ କି ପ୍ରଶାସନ କାହାରି ହେଲେ ଦୃଷ୍ଟି ପଡୁନାହିଁ।

# ଶାଖା ଡାକଘରୁ ଟଙ୍କା ଉଠାଇବା ବନ୍ଦ



କୁଜଙ୍ଗ, (ଭାସ୍କର ନ୍ୟୁଜ୍): ଲୋକମାନେ ଦୁଇମାସ ହେବ ଶାଖା ଡାକଘରୁ ଟଙ୍କା ଉଠାଇ ପାରୁନାହାନ୍ତି। ବିଭିନ୍ନ ସମୟରେ ଲୋକମାନେ ଟଙ୍କା ଉଠାଇବା ପାଇଁ ଆସି ବାରମ୍ବାର ଫେରୁଛନ୍ତି। ହେଲେ ଡାକଘରୁ ଟଙ୍କା ଉଠି ପାରୁନି। ବିଶେଷକରି ଭିନ୍ନକ୍ଷମ ଭତ୍ତା, ବିଧବାଭତ୍ତା ଓ ବାର୍ଦ୍ଧକ୍ୟଭତ୍ତା ପାଉଥିବା ହିତାଧିକାରୀ ମାନେ, ଉକ୍ତ ଶାଖା ଡାକଘରୁ ଟଙ୍କା ଉଠାଇନପାରି ଦୁଇ ମାସ ହେବ ହଇରାଣ ହରକତ ହେଉଥିବାର ଅଭିଯୋଗ ହେଉଛି। ଏରସମା ବ୍ଲକ୍ ବଳେଇପୁର ପଞ୍ଚାୟତ ଅନ୍ତର୍ଗତ ଏସ୍ - ନଳକଣି ଶାଖା ଡାକଘରେ ଏପରି ଅବସ୍ଥା ଦେଖାଯାଇଛି। କୁଜଙ୍ଗ ସବ୍ ପୋଷ୍ଟ ଅଫିସ୍ ଅଧିନସ୍ଥ ଉକ୍ତ ଏସ୍ - ନଳକଣି ଶାଖା ଡାକଘରେ ନିକଟତମ ଅଞ୍ଚଳର ଶତାଧିକ ଭତ୍ତା ହିତାଧିକାରୀ ସଞ୍ଚୟ ଖାତା ଖୋଲିଛନ୍ତି। ଉକ୍ତ ହିତାଧିକାରୀଙ୍କ ପ୍ରତିମାସର ଭତ୍ତା ଟଙ୍କା ସରକାରୀ ସ୍ତରରେ ଏହି ଶାଖା ଡାକଘରର ସଞ୍ଚୟ ଖାତାକୁ ଆସିଥାଏ। ମାତ୍ର ଗତ ଦୁଇମାସ ହେଲାଣି ଭତ୍ତା ଟଙ୍କା ଆସିଥିଲେ ମଧ ତାହା ଉଠିପାରୁ ନାହିଁ ବୋଲି ଉକ୍ତ ଶାଖା ଡାକଘରକୁ ଆସି, ଟଙ୍କା ଉଠାଇ ନପାରି ଫେରୁଥିବା ଅଞ୍ଚଳର ଦୁଃଖୀ ନାୟକ, କାନ୍ଦୁରି ସ୍ୱାଇଁ, ସୂନାମଣି ରାଉତ, ରେବତୀ ନାୟକ, ସ୍ୱର୍ଣ୍ଣପ୍ରିୟା ନାୟକ, ଶରତ ଚନ୍ଦ୍ର ରାଉତ, ଦିଗମ୍ବର ନାୟକ, ଦୈତାରୀ ସ୍ୱାଇଁ, ବାବାଜୀ ଦ୍ୱିବେଦୀ, ବିଷ୍ଣୁ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଶାଖା ଡାକଘର ପୋଷ୍ଟ ମାଷ୍ଟର ବାସନ୍ତୀ ସିଂଙ୍କୁ ପଚାରିବାରୁ ସେ ଗତ ନଭେମ୍ବର ମାସରୁ ଏହି ଶାଖା ଡାକଘରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଇପିବିପିଆଇଡି ଆସିନଥିବାରୁ ଟଙ୍କା ଉଠାଯାଇ ପାରୁନାହିଁ ବୋଲି କହିଛନ୍ତି। ତେବେ ଉକ୍ତ ଅସୁବିଧା ସମ୍ପର୍କରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ବୋଲି ପ୍ରକାଶ କହିଛନ୍ତି।

# ନେଟୱାର୍କ ସମସ୍ୟା ସତ୍ତ୍ୱେ ଜଙ୍ଗଲରେ ଚାଲିଛି ଚକ୍ଷୁ ପରୀକ୍ଷା



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ବ୍ଲକ ଉଡୁପା ପଂଚାୟତ ସଦର ମହକୁମା ଠାରେ ଖରିଫ ଧାନ ସଂଗ୍ରହ ପାଇଁ ମାଲକାନାଗିରି ଲ୍ୟାମ୍ପସକୁ ଦାୟିତ୍ୱ ଦିଆଯାଇଛି। ଏହି ମଣ୍ଡିରେ ସେହି ପଞ୍ଚାୟତର ୨୫୫ ଜଣ ଚାଷୀ ପୂର୍ବରୁ ନାମ ପଞ୍ଜୀକରଣ କରିଥିବା ବେଳେ ସପ୍ତାହର ଶନିବାର ଗୋଟିଏ ଦିନ ମଣ୍ଡିରୁ ୧୫୦୦ କୁଇଣ୍ଟାଲ ଧାନ ଖରିଦ କରାଯିବାର ବ୍ୟବସ୍ଥା ରହିଛି ମଣ୍ଡି ନିକଟରେ ଚାଷୀମାନେ ଧାନ ବିକ୍ରି କରିବା ପୂର୍ବରୁ ସେମାନଙ୍କର ଚକ୍ଷୁ ପରୀକ୍ଷା କରାଯାଏ । କିନ୍ତୁ ନେଟୱାର୍କ ସମସ୍ୟା ଯୋଗୁ ଚାଷୀମାନେ ବହୁ ସମୟ ଅପେକ୍ଷା କରିଥିଲେ ମଧ ତାହା ସମ୍ଭବ ହୋଇପାରି ନ ଥିଲା। ଫଳରେ ଲ୍ୟାମ୍ପସ କର୍ତ୍ତୃପକ୍ଷ ନିକଟସ୍ଥ ଜଙ୍ଗଲରେ ଯେଉଁଠାରେ ନେଟ୍ ସଂଯୋଗ ହେଉଛି ସେଠାରେ ଚକ୍ଷୁର ଫଟୋ ନିଆ ଯାଇଛି। ଏଥିପାଇଁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ପୂର୍ବତନ ବ୍ଲକ ଅଧକ୍ଷା ସୁକାନ୍ତି ବୁରୁଦା କହିଛନ୍ତି, ଚାଷୀମାନଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଏହି ଅଞ୍ଚଳରେ ତୁରନ୍ତ ନେଟୱାର୍କ ବ୍ୟବସ୍ଥା କରିବା ପାଇଁ ବହୁପୂର୍ବରୁ ଦାବିହୋଇ ଆସୁଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରି ନାହିଁ। ଯାହା ଫଳରେ ଆଭ୍ୟନ୍ତରୀଣ ଅଞ୍ଚଳର ଚାଷୀମାନଙ୍କ ସହ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଶ୍ରୀମତୀ ବୁରୁଦା ଦାବି କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଲ୍ୟାମ୍ପସ ପରିଚାଳକ ଅଭିମନ୍ୟୁ ନାୟକ କହିଛନ୍ତି, ନେଟ୍ ସମସ୍ୟା ଘଟଣା ସତ୍ୟ । ଏ ସମ୍ବନ୍ଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି ।

# ନିଖିଳ ଓଡିଶା ଆଇନଜୀବୀ ପରିଷଦର ଉପସଭାପତି ହେଲେ ନରସିଂହ ତ୍ରିପାଠୀ



ନବରଂଗପୁର, (ଭାସ୍କର ନ୍ୟୁଜ) : ମାଲକାନଗିରି ଠାରେ ଆୟୋଜିତ ୫୩ ତମ ନିଖିଳ ଓଡିଶା ଆଇନଜୀବୀ ପରିଷଦର ରାଜ୍ୟ ଉପସଭାପତି ଭାବରେ ସର୍ବସମ୍ମତି କ୍ରମେ ମନୋନୀତ ହେଲେ ନବରଙ୍ଗପୁର ଜିଲ୍ଲା ଓକିଲ ସଭାପତି ନରସିଂହ ତ୍ରିପାଠୀ। ଦୁଇଦିନ ଧରି ମାଲକାନଗିରି ଠାରେ ଚାଲିଥିବା ରାଜ୍ୟ ଅଧିବେଶନର ଦ୍ୱିତୀୟ ଦିନରେ ନିଜର କର୍ତ୍ତବ୍ୟନିଷ୍ଠା ତଥା ବଳିଷ୍ଠ ନେତୃତ୍ୱର ପରାକାଷ୍ଠା ଯୋଗୁଁ ରାଜ୍ୟ ନେତୃବୃନ୍ଦ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ଦେଇଛନ୍ତି। ଏଥିରେ ସଭାପତି ଭାବରେ ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର ସଭାପତି ଭାବରେ ସର୍ବସମ୍ମତି କ୍ରମେ ମନୋନୀତ କରାଯିବା ସହ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଶ୍ରୀ ନରସିଂହ ତ୍ରିପାଠୀ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହନ କରି ସଙ୍ଘର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଖବର ଶୁଣିବା ପରେ ତାଙ୍କର ଶୁଭେଚ୍ଛୁ ତଥା ନବରଙ୍ଗପୁର ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛ।

# ନିଲାମ ହେବ କାଜୁ ଜଙ୍ଗଲ

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅଧୀନ କୁଜଙ୍ଗ ବନଖଣ୍ଡର ଜଟାଧାର ତଣ୍ଡା କାଜୁ ଜଙ୍ଗଲ ନିଲାମ ହେବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ବନଖଣ୍ଡ ଅଧିକାରୀ ରାଜନଗରର କୁଜଙ୍ଗ ବନାଞ୍ଚଳରେ ଥିବା ଜଟାଧାର ତଣ୍ଡା କାଜୁ ଜଙ୍ଗଲରୁ କାଜୁ ସଂଗ୍ରହ କରିବା ପାଇଁ ବନଖଣ୍ଡ ଅଧିକାରୀ ରାଜନଗରଙ୍କ ପକ୍ଷରୁ ଏହି ନିଲାମ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ଜାନୁଆରୀ ୨୪ ତାରିଖରେ ରାଜନଗର କାର୍ଯ୍ୟାଳୟରେ କାଜୁ ଜଙ୍ଗଲର ନିଲାମ କରାଯିବ ବୋଲି ବାଲିତୁଠ ଫରେଷ୍ଟର ପଦ୍ମନାଭ ରାଉତ ପ୍ରକାଶ କରିଛନ୍ତି। ସୂଚନା ଥାଉକି ଏହି ଜଟାଧାର ତଣ୍ଡା ୧୩୭୪ ଏକର ଜଙ୍ଗଲରେ କାଜୁ, ଝାଉଁ, ପଟାସ, ଆକାସିଆ, ଶିଶୁ ଆଦି ବିଭିନ୍ନ ବୃକ୍ଷ ରହିଛି। ଯେଉଁ ମାନେ କାଜୁ ଜଙ୍ଗଲ ନିଲାମ ଧରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚି ନିଲାମରେ ଭାଗ ନେବା ପାଇଁ ବିଭାଗ ତରଫରୁ କୁହାଯାଇଛି।

# ଜାଲରେ ଲାଗିଲା କଇଁଛ ଅପସାରଣ ଯନ୍ତ୍ର




ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଅଲିଭି ରିଡ୍‌ଲ କଇଁଛ ସୁରକ୍ଷା ପାଇଁ ମାଛଧରା ଜାଲରେ ଲାଗିଲା କଇଁଛ ଅପସାରଣ ଯନ୍ତ୍ର। ଏ ନେଇ ନୂଆଗଡ ମାଛଧରା ଜେଟିରେ ପରୀକ୍ଷା ମୂଳକ ଭାବେ ଉକ୍ତ ଯନ୍ତ୍ର ଲଗାଯିବା ସହ ମତ୍ସ୍ୟଜୀବୀ ଓ ବୋଟ ମାଲିକଙ୍କୁ ସଚେତନତା କରାଯାଇଛି। ଉକ୍ତ ଯନ୍ତ୍ର ଲାଗିବା ଦ୍ୱାରା କଇଁଛ ସଂରକ୍ଷଣ ହେବା ସହ ସମୁଦ୍ରର ପରିବେଶ ଓ ମତ୍ସ୍ୟକ୍ଷେତ୍ରରେ ଏକ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ଜାଲରେ କଇଁଛ ଅପସାରଣ ଯନ୍ତ୍ର ଲାଗିବା ଦ୍ୱାରା କଇଁଛ ଜାଲରେ ପଡିବେ ନାହିଁ, କିନ୍ତୁ ମାଛ ଜାଲରେ ରହିବେ। ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟରେ ସାମୁଦ୍ରିକ ମାଛ ଧରା ନିୟନ୍ତ୍ରଣ ଆଇନ ଦ୍ୱାରା ଜାଲରେ ଏହି ଯନ୍ତ୍ର ବାଧ୍ୟତାମୂଳକ କରାଯାଇଛି। ଏହି ଯନ୍ତ୍ର ଜାଲରେ ଲାଗିବା ଦ୍ୱାରା ଜାଲ ଅଧିକ ଖୋଲିବା ସହ ଇନ୍ଧନ କମାଇବାରେ ସହାୟକ ହୋଇଥାଏ। ଏହି ଯନ୍ତ୍ର ନ ଲାଗିବା ଦ୍ୱାରା ସମୁଦ୍ରରୁ ଧରାଯାଉଥିବା ଚିଙ୍ଗୁଡ଼ି ଭାରତରୁ ଆମେରିକା ରପ୍ତାନି କରିବା ସମ୍ଭବ ହେଉନାହିଁ। ଆମେରିକାକୁ ଏହି ରପ୍ତାନି ହୋଇ ନ ପାରିବା ଯୋଗୁଁ ପ୍ରତିବର୍ଷ ଭାରତକୁ ଅନ୍ୟୁନ ୪୫୦୦କୋଟି ଟଙ୍କା (୫୫୦ମିଲିୟନ ଆମେରିକା ଡଲାର) କ୍ଷତି ସହିବାକୁ ପଡୁଛି। ଫଳରେ ମାଛଧରା ଜେଠି ମାନଙ୍କରେ ଏହି ଅନିୟନ୍ତ୍ରିତ ଚିଙ୍ଗୁଡ଼ିର ମୂଲ୍ୟ ବହୁତ କମିଯାଉଛି। ଏହି ମୂଲ୍ୟ ହ୍ରାସ ଦ୍ୱାରା ମତ୍ସ୍ୟଜୀବୀ ଓ ବୋଟ ମାଲିକ ମାନେ ବିଶେଷ ପ୍ରଭାବିତ ହେଉଛନ୍ତି। ଆମେରିକା ଆଇନ ଅଧୀନରେ ସ୍ୱୀକୃତିପ୍ରାପ୍ତ ଦ୍ୱାରା ଏହି ସାମୁଦ୍ରିକ ଚିଙ୍ଗୁଡ଼ି ଆମେରିକାକୁ ରପ୍ତାନି କରିବା ପାଇଁ ସମସ୍ତେ ମାଛଧରା ଜାଲରେ କଇଁଛ ଅପସାରଣ ଯନ୍ତ୍ର (ଟେଡ଼) ବ୍ୟବହାର କରିବାକୁ ସଚେତନ କରାଯାଇଥିବା ରାଜ୍ୟ ସଂଯୋଜକ ନେଟ ଫିସ ଶୁଭ୍ରକାନ୍ତ ମହାପାତ୍ର ଯୋଗଦେଇ ପ୍ରକାଶ କରିଛନ୍ତି। ସୋମବାର ପରୀକ୍ଷାମୂଳକ ଭାବେ ୨ଟି ଟ୍ରଲର ଜାଲରେ ଏହି ଯନ୍ତ୍ର ଲଗାଇ ୨୦କିମି ପର୍ଯ୍ୟନ୍ତ ସମୁଦ୍ରକୁ ଯାଇଥିଲେ। ଜାଲରେ କେବଳ ମାଛ ଥିଲେ କିନ୍ତୁ କଇଁଛ ନଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମୁଦ୍ରିକ ପୁରୀ ଏମ୍‌ଇ ୟୁନିଟ ମାନସ କୁମାର ପରିଡା, ବି. ନିଗମ କୁମାର, ଅସ୍ତରଙ୍ଗ ସହକାରୀ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ)ସତ୍ୟବ୍ରତ ଦାସ, ସାଗର ମିତ୍ର ବିଶ୍ୱଜିତି ବେହୁରା, ଓମ୍ ପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଟ୍ରଲର ମାଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କୃଷକ ମୋର୍ଚ୍ଚା ସଭାପତିଙ୍କ ହଳଦିଆ ଧାନମଣ୍ଡି ପରିଦର୍ଶନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମୟୁରଭଞ୍ଜ ଜିଲ୍ଲା ଯଶିପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହଳଦିଆ ଧାନମଣ୍ଡୀକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଧାନମଣ୍ଡି ପରିଦର୍ଶନ ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ପ୍ରାବଧାନ ଅନୁଯାୟୀ ଧାନମଣ୍ଡିର ତଦାରଖ ରାଜ୍ୟ ସଭାପତି ମହେଶ୍ୱର ସାହୁ କରିଥିଲେ। ଉପସ୍ଥିତ ଚାଷୀମାନଙ୍କୁ ଧାନ ସଂଗ୍ରହ ଉପରେ ଆଲୋଚନା କରିଥିଲେ। ବିଜେଡି ନବୀନ ପଟ୍ଟନାୟକ ସରକାର ୨୦୧୫ ଧାନ କୁଇଣ୍ଟାଲ ପ୍ରତି ଏକଶହ ଟଙ୍କା ବୋନସ ପ୍ରଦାନ କରିବାକୁ ଘୋଷଣା କରିଥିଲେ କିନ୍ତୁ ଦେଲେ ନାହିଁ। ବିଜେପି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ୩୧ ଶହ ଟଙ୍କା ଧାନ କୁଇଣ୍ଟାଲ ଚାଷୀ ମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଉଛନ୍ତି। ସେଥିପାଇଁ ଉପସ୍ଥିତ ଚାଷୀ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ଜିଲ୍ଲା ସଭାପତି ମଦନ ମୋହନ ମହାନ୍ତ, ଚିନ୍ମୟ କୁମାର ପଳେଇ, ଗଣେଶ ଲୋହାର ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ପାୱାରଲିଫ୍ଟରେ ସଫଳତା ଜିଲ୍ଲାର ଗୌରବ ବଢ଼ାଇଛି




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ଇଣ୍ଡିଆନ୍ ପାୱାର ଲିଫ୍ଟିଙ୍ଗ ଫେଡରେସନ ଆଇପିଏଫ୍ ୨୦୨୪ - ୨୫ ରାଜ୍ୟ ପାୱାରଲିଫ୍ଟିଂ ଚ୍ୟାମ୍ପିଅନସିପ୍ ରାଉରକେଲାରେ ଆୟୋଜିତ ହୋଇଥିଲା। ଏଥିରେ ମାଲକାନଗିରି ଜିଲ୍ଲାର ୭ ଜଣ ପାୱାରଲିଫ୍ଟର ଭାଗ ନେଇଥିଲେ। ସମଗ୍ର ଓଡ଼ିଶାର ୩୦ ଜିଲ୍ଲାରୁ ସାମିଲ ହେବାକୁ ପୁରୁଷ ୧୭୯ ଜଣ ଏବଂ ମହିଳା ୩୫ ଜଣ ଭାଗ ନେଇଥିଲେ। ମାଲକାନଗିରି ଜିଲ୍ଲାର ଯୁବ ପାୱାରଲିଫ୍ଟର ଶେଖ ଆଫ୍‌ତାବ ୯୩ କେ.ଜି. ସବ୍-ଜୁନିଅର ବଡିୱେଟ୍ କ୍ୟାଟାଗୋରିରେ ୨ୟ ସ୍ଥାନ ଅର୍ଜନ କରିଥିଲେ। ମହିଳା ବିଭାଗରେ, ଉଷା ଶର୍ମା ୮୩ କେ.ଜି. ସିନିଅର ବିଭାଗରେ ପ୍ରଥମ ସ୍ଥାନରେ ଥିଲେ। ଏହା ସହିତ, ସଞ୍ଜିତା ହାଲଦାର ୮୪ କେ.ଜି. ଉର୍ଦ୍ଧ୍ୱ ବିଭାଗରେ 'ବେଞ୍ଚ ପ୍ରେସ୍' ଇଭେଣ୍ଟରେ ୨ୟ ପଦକ ସଂଗ୍ରହ କରିଥିଲେ। ରୟାଲ ଫିଟ୍ନେସ ଜୀମର ସିଦ୍ଧାର୍ଥ ଶଙ୍କର ବେହେରା ମାଲକାନଗିରି ଟିମ୍ ସହ କୋଚ୍ ହୋଇ ଆମ ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିଲେ।

# ସାରଳା ଆଶୁତୋଷ ରଙ୍ଗମଞ୍ଚ ପକ୍ଷରୁ ବନ୍ଧୁମିଳନ



ଜଗତସିଂହପୁର, (ଭାସ୍କର ନ୍ୟୁଜ ): ସାରଳା ଆଶୁତୋଷ ରଙ୍ଗ ମଞ୍ଚ ପକ୍ଷରୁ ଏକ ବନ୍ଧୁମିଳନ ଉତ୍ସବ ରଘୁନାଥପୁର ବ୍ଲକ ଅନ୍ତର୍ଗତ ନୂଆଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ରଙ୍ଗମଞ୍ଚର ମୁଖ୍ୟ ଆଶୁତୋଷ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅରୁଣ କୁମାର ରାଉତରାୟ, ବିକ୍ରମ ନାୟକ, ସରୋଜ କୁମାର ଦ୍ୱିବେଦୀ, ତପୁତୋଷ ମିଶ୍ର,କୁନା ପଟ୍ଟନାୟକ,ଚିନ୍ମୟ ସ୍ୱାଇଁ,ମନୋଜ ବିଶ୍ୱାଳ, ତପନ ନାୟକ,ତରୁଣ ରାଉତରାୟ ଜଗନ୍ନାଥ ବେହେରା, ନରେନ୍ଦ୍ର ରାଉତ, ଦେବେନ୍ଦ୍ର ଓଝା, ବିକ୍ରମ ବିଶ୍ୱାଳ, ପ୍ରଶାନ୍ତ ଜେନା,ସବିତା ମହାନ୍ତି, ବିଜୟଲକ୍ଷ୍ମୀ ପ୍ରମୁଖ ଯୋଗଦେଇଥିଲେ। ରଙ୍ଗମଞ୍ଚର କଳାକାର ମାନେ ଆସନ୍ତା ବର୍ଷ ୨୦୨୫ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କରିବା ସହ ଦୁଇଟି ନୂଆ ନାଟକ ନିଜ ସ୍ତ୍ରୀ ପର ସ୍ତ୍ରୀ ଓ ଭୁଲ ବୁଝିବେନି ରହିଲା ରାଣ ମଞ୍ଚସ୍ଥ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ମନୋଜ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତକ ଓ ଆହତଙ୍କ ପରିବାରଙ୍କୁ ସହାୟତା ଦାବି

ନିଆଳି, ( ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ନିଆଳି ବ୍ଲକ ଅଞ୍ଚଳର ପ୍ରାୟ ୨୫ ରୁ ୩୦ ଯାତ୍ରୀଙ୍କୁ ନେଇ ଏକ ଘରୋଇ ବସ୍ ଗୁପ୍ତେଶ୍ୱର ତ୍ରୀଥ ଯାତ୍ରା ଯାଉଥିବା ସମୟରେ କୋରାପୁଟ ଡକରିଘାଟିରେ ଘରୋଇ ବସ୍‌ଟି ଓଲଟି ପଡ଼ିଥିବା ଜଣାପଡ଼ିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅନେକ ଜଣଙ୍କର ମୃତ୍ୟୁ ହୋଇଥିବା ଜଣା ପଡ଼ିଛି ଓ ଆହୁରି ଅନେକ ଯାତ୍ରୀ ବର୍ତ୍ତମାନ ଗୁରୁତର ଆହତ ଅଛନ୍ତି। ସେଇ ସମସ୍ତ ମୃତ୍ୟୁଙ୍କ ପରିବାରକୁ ଏହି ଏକ ବଡ ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଭଗବାନ୍ ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ ଓ ସମସ୍ତ ଆହତ ମାନଙ୍କ ସ୍ୱାସ୍ଥ୍ୟର ଆରୋଗ୍ୟ ନିମନ୍ତେ ଭଗବାନ୍‌ଙ୍କ ପାଖରେ ପ୍ରାର୍ଥନା କରୁଛି ଓ ତାହା ଶହ ସରକାରୀ ସ୍ତରରେ ସମସ୍ତ ମୃତ୍ୟୁଙ୍କ ପରିବାରକୁ କଅନୁକମ୍ପା ରାଶି ପୂରଣ ପ୍ରଦାନ କରିବା ସହ ସମସ୍ତ ଆହତ ମାନଙ୍କୁ ମେଡିକାଲ୍‌ରେ ଚିକିତ୍ସାର ସମସ୍ତ ଭାର ପ୍ରଦାନ କରିବା ସହ ସରକାରୀ ସ୍ତରରେ ସମସ୍ତ ସାହାଯ୍ୟ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପାଖରେ ନିଆଳି ବାସି ଅନୁରୋଧ ତଥା ଦାବୀ କରୁଛି।



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ସର୍ବପୁରାତନ ଖ୍ୟାତି ସମ୍ପନ୍ନ ଅନନ୍ତ ସଂସ୍କୃତ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଅଶୋକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକ ଉତ୍ସବକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶକ୍ତି ପ୍ରସାଦ ମିଶ୍ର ବେଦ ପାଠ କରିଥିଲେ। ଅଧ୍ୟାପକ ସୁଦର୍ଶନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାରସ୍ୱତ ପରିଷଦ ସଭାପତି ବିଶିଷ୍ଟ ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ। ସମ୍ମାନିତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ବିଡିଓ ଆଶୁତୋଷ ମିଶ୍ର, ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବିଶ୍ୱାଳ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ବିଭିନ୍ନ ବ୍ୟକ୍ତିବିଶେଷ, ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ୍ତ କୁମାର ମିଶ୍ର, ପ୍ରକାଶ ସେଠୀ, ବବିତା ବାରିକ, ପ୍ରଦୀପ୍ତ କୁମାର ଦାସ ସରୋଜିନୀ ବଳ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଜାଫୁରଗୁଡ଼ା ଗ୍ରାମବାସୀ

ଖଇରପୁଟ (ଭାସ୍କର ନ୍ୟୁଜ୍) : ଲୋକେ ଡିଜିଟାଲ ଦୁନିଆଁରେ ପାଦ ଥାପିଥିବାବେଳେ ସରକାର '୫-ଜି' ପରେ '୬- ଜି' ପ୍ରଚଳନ ପାଇଁ ଉଦ୍ୟମ ଚଳାଇଛନ୍ତି ଓ ମାତ୍ର ଏମିତି ଆଦିବାସୀ ଅଞ୍ଚଳ ଅଛି ଯେଉଁଠି ଆଜି ବି ଲୋକେ ମୌଳିକ ଆବଶ୍ୟକତା ପାଇଁ ସଂଘର୍ଷ କରୁଛନ୍ତି । ଏପରି ଏକ ଗ୍ରାମ ହେଉଛି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କର୍ତନପାଲ୍ଲୀ ପଞ୍ଚାୟତ ଜାଫୁରଗୁଡା ଗ୍ରାମ। କେଉଁ କାଳରୁ ଏଠାରେ ମାତ୍ର ୧୨ଘର ବସବାସ କରୁଥିବା ବେଳେ ଲୋକ ସଂଖ୍ୟା ୬୦ରୁ ଊର୍ଦ୍ଧ୍ୱ। ମାତ୍ର ପରିତାପର ବିଷୟ ଏହି ସାହିରେ ସରକାରଙ୍କ ଯୋଜନା କହିଲେ ବିଜୁଳି ଛଡା ଗାଁକୁ ନା ଅଛି ରାସ୍ତା ନା ଲୋକଙ୍କ ପାଖରେ ପହଞ୍ଚି ପାରିଛି ଶୁଦ୍ଧ ପାନୀୟଜଳ। ଗାଁର ଲୋକେ ପାନୀୟ ଜଳ କହିଲେ ନିଜ ଚେଷ୍ଟାରେ କୂଅଟିଏ ଖୋଳି ନିଜର ଶୋଷ ମେଣ୍ଟାଉଛନ୍ତି। ଗାଁକୁ ଯିବାକୁହେଲେ ପାଦଚଲା ରାସ୍ତା। ଗାଁର କୌଣସି ମହିଳା ଓ ପୁରୁଷଙ୍କ ଦେହ ଯଦି ଖରାପ ହୁଏ ଗାଁ ଠାରୁ ଦୀର୍ଘ ୪ କିଲୋମିଟର ଖଟିଆରେ ବୋହି ଆଣିବା ପରେ ଯାଇ ମିଳେ ଆମ୍ବୁଲାନ୍ସ ସୁବିଧା। ତାହା ବି ବର୍ଷାଦିନ ହେଲେ କଥା ସରିଲା। ବର୍ଷା ଦିନର ଦୟନୀୟ ସ୍ଥିତି କଥା ଜଣେ ଆଖିରେ ନଦେଖିଲେ ବିଶ୍ୱାସ କରିପାରିବ ନାହିଁ। କର୍ତନପାଲ୍ଲୀ ପଞ୍ଚାୟତ ସଦରଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କୁ ପଚାରିବାରୁ ଗ୍ରାମକୁ ଯଦି ରାସ୍ତାନାହିଁ ତା'ହେଲେ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ କରନ୍ତୁ ଆମେ ମନରେଗା ଯୋଜନାରେ ଗାଁକୁ ରାସ୍ତା ନିର୍ମାଣ କରିଦେବୁ । ସେହିପରି ଶୁଦ୍ଧ ପାନୀୟ ଜଳ ଉପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ପ୍ରଧାନଙ୍କୁ ପଚାରିବାରୁ ସେହି ସମାନ କଥା କହିଥିଲେ। ଗ୍ରାମବାସୀ ଖଣ୍ଡେ ଲିଖିତ ଆକାରରେ ଦେଲେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏଠି ପ୍ରଶ୍ନ ଉଠୁଛି ସରକାରୀ ବାବୁମାନେ କ'ଣ ଶୀତତାପ ନିୟନ୍ତ୍ରିତ ଘରେ ବସି ରହିବେ, ଲୋକେ ସମସ୍ୟା ଲିଖିତ ଆକାରରେ ଦେଲେ ଯାଇ କାମ ହେବ। ସରକାରୀ କର୍ମଚାରୀମାନେ ସରକାରଙ୍କ ତହବିଲରୁ ହଜାର ହଜାର ଟଙ୍କା ଦରମା ନେଉଛନ୍ତି କ'ଣ ଖାଲି ଶୀତତାପ ନିୟନ୍ତ୍ରଣ ଘରେ ବସି ରହିବା ପାଇଁ ? ହେଲେ ସରକାର କହୁଛନ୍ତି ଅଧିକାରୀମାନେ ଲୋକଙ୍କ ନିକଟକୁ ଯାଅ ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ କର । କିନ୍ତୁ ଏଠି ସରକାରଙ୍କ ନିୟମକୁ ଫୁଁ' କରି ଉଡ଼ାଇ ଚାଲିଛନ୍ତି । ଏହି ଗ୍ରାମରେ କିପରି ମୌଳିକ ସୁବିଧା ଉପଲବ୍ଧ ହେବ ଚେଷ୍ଟା କରିବାକୁ ନିବେଦନ କରିଛନ୍ତି ଗ୍ରାମର ଦଶରଥ ଭୂମିଆ, କୃଷ୍ଣ ପୁଟିଆ, କମଳ ପୁଟିଆ, ଯମୁନା ପୁଟିଆ, ମଙ୍ଗଳ ଦେଇ ପୁଟିଆ, ସାବିତ୍ରୀ ଭୂମିଆ, ବୁଦ୍ରୀ ଭୂମିଆ, ଲକିନାଥ ପୁଟିଆ ପ୍ରମୁଖ।

# ଧାନ କ୍ଷୟକ୍ଷତି ପରଖିଲେ ତହସିଲଦାର



ଏରସମା (ଭାସ୍କର ନ୍ୟୁଜ୍) : ଉଭୟ କୃଷି ବିଭାଗ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଏରସମା ଅଞ୍ଚଳର ଖରିଫ୍ ଚାଷ କ୍ଷୟକ୍ଷତିର ଆକଳନ ଆରମ୍ଭ ହୋଇଥଲା ବେଳେ, ପୂର୍ବାହ୍ନରେ ଏରସମା ତହସିଲଦାର ଦେବୀ ପ୍ରଶାଦ ଆଚାର୍ଯ୍ୟ, ବଳେଇପୁର, ଚଟୁଆ, ବାଲିତୁଠ ପଞ୍ଚାୟତର ବଡ ଗବପୁର, ଭାଲୁକନ୍ଧା ପ୍ରଭୃତି ବିଭିନ୍ନ ଅଞ୍ଚଳ ବୁଲି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ବାଲିତୁଠ ପଞ୍ଚାୟତର ବଡ଼ ଗବପୁର ଠାରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାଲିତୁଠ ପୂର୍ବତନ ସରପଞ୍ଚ ଅଖିଳ ବଲ୍ଲଭ ସ୍ୱାଇଁ, ଶରତ ପାତ୍ର, ଅନୁଜ ରାୟ, ଧ୍ରୁବଚରଣ ରାଉତ, ଇନ୍ଦ୍ରଜିତ ପରିଡା, ବାବାଜୀ ବାରିକ, ଶ୍ୟାମସୁନ୍ଦର ଖଟୁଆ, କୃଷ୍ଣମୋହନ ରାଉତ, ସୁବଳ ବାରିକ, ବଟକୃଷ୍ଣ ସାହୁ ଓ ନିବାରଣ ପରିଡ଼ା ପ୍ରମୁଖ ଚାଷୀମାନେ, ତହସିଲଦାରଙ୍କୁ ଧାନ ଗଜା ହୋଇଥିବାର ଦେଖାଇଥିଲେ। ତେବେ ଏ ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ଦିଆଯିବ ବୋଲି ଏରସମା ତହସିଲଦାର ଶ୍ରୀ ଆଚାର୍ଯ୍ୟ ଚାଷୀମାନଙ୍କୁ କହିଛନ୍ତି। ତହସିଲଦାରଙ୍କ ସହିତ ରାଜସ୍ୱ ବିଭାଗ ଓ କୃଷି ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉମେଶ ଚନ୍ଦ୍ର ଚ୍ୟାରିଟେବୁଲ୍ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍) : ସମାଜକୁ ଗଢ଼ିବାରେ ଶିକ୍ଷକ ମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଉତ୍ତମ ଶିକ୍ଷକ ହେବା ଏକ ସାଧନାର ବିଷୟ। ସ୍ୱର୍ଗତଃ ଉମେଶ ଚନ୍ଦ୍ର ରାଉତ ଜଣେ ସେହିପରି ଆଦର୍ଶ ଶିକ୍ଷକ ଥିଲେ। ଆଜି ପଟ୍ଟାମୁଣ୍ଡାଇ ବ୍ଲକ୍ ସଂସାରଫଳ ପଞ୍ଚାୟତର ସିଂହାରପୁର ଠାରେ ଆୟୋଜିତ ସମାଜସେବା, ପୂଜ୍ୟପୂଜା ସଂକଳ୍ପରେ ଗଠିତ ଉମେଶ ଚନ୍ଦ୍ର ଚାରିଟେବୁଲ୍ ଟ୍ରଷ୍ଟର ଚତୁର୍ଥ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଦ୍ମଶ୍ରୀ, ପଦ୍ମବିଭୂଷଣ ସୁଦର୍ଶନ ସାହୁ ଏହି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ସଚ୍ଚିଦାନନ୍ଦ ଦାସ, ସମ୍ମାନିତ ଅତିଥି ଡ଼ ଧରଣୀଧର ରାଉତ, ଟ୍ରଷ୍ଟି ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ପ୍ରତିବର୍ଷ ପରି ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଦଶଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ପାଞ୍ଚ ହଜାର ଅର୍ଥରାଶି ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା ଏବଂ ଆର୍ଥିକ ଅନଗ୍ରସର ଛାତ୍ରୀ ସୁନୟନା ରାଉତଙ୍କୁ ମଧ ପାଞ୍ଚ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଗୁରୁ ଗୌରବ ସମ୍ମାନରେ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ଦାସ, କସ୍ତୁରୀ ଚରଣ ସ୍ୱାଇଁ, ରବିନ୍ଦ୍ରନାଥ ପରିଡା, ସୁଶାନ୍ତ କୁମାର ଦାଶ, ଦାମୋଦର ସ୍ୱାଇଁଙ୍କୁ ଅଙ୍ଗବସ୍ତ୍ର ପ୍ରଶଂସାପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଉମେଶ ଚନ୍ଦ୍ର ରାଉତଙ୍କ ସ୍ମୃତିରେ ଏକ ସ୍ମରଣିକା 'ଅଲିଭା ସ୍ୱାକ୍ଷର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବବିତା ମଞ୍ଜରୀ ଜେନା ଅତିଥିଙ୍କୁ ସ୍ୱାଗତ କରିଥିଲେ, କବିତା ରାଉତ, ସୁଧାଂଶୁବାଳା ରାଉତ, ପଙ୍କଜିନୀ ରାଉତ, ନମିତା ରାଉତ ଆଦି ଦେଶବନ୍ଦନା ଗାନ କରିଥିଲେ। ଜ୍ୟୋତିରଞ୍ଜନ ରାଉତ, ମମତା ରାଉତ ଚିତ୍ତରଞ୍ଜନ ରାଉତ ଆଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦାଶିବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ଏସ୍‌ୟୁଜେ ସଂଘର ବହୁ ସାମ୍ବାଦିକ ଯୋଗ ଦେଇଥିଲେ।

# ଦୁଇଟି ଉଠାଜଳସେଚନ ପ୍ରକଳ୍ପ ଅଚଳ





ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ବ୍ଲକ ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ଠରକସପୁର ଇବ ନଦୀ କୂଳରେ ଥିବା ୨ ଉଠାଜଳସେଚନ ପ୍ରକଳ୍ପ ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଛି। ଏଥିପାଇଁ ଚାଷିକୂଳ ବହୁ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଲୋଇସିଂହ ପଞ୍ଚାୟତ ଅନ୍ତର୍ଗତ ଠରକସପୁର, ଭୋଇମୁଣ୍ଡା, ନୂଆପଡ଼ା ଗ୍ରାମବାସୀ ଉକ୍ତ ୨ ଉଠାଜଳସେଚନ ପ୍ରକଳ୍ପ ସାହାଯ୍ୟରେ ବର୍ଷ ତମାମ ପ୍ରାୟ ୪୦୦ ଏକର ଜମିରେ କୋବି, ଟମାଟର, ବିନ୍ସ, ଝୁଡଙ୍ଗ, ଭେଣ୍ଡି, ଲାଉ, କଖାରୁ, ମୂଳା, କାକୁଡି ଇତ୍ୟାଦି ଚାଷ କରି ସ୍ଥାନୀୟ ଅଞ୍ଚଳର ପନିପରିବା ଅଭାବକୁ କିଛି ମାତ୍ରାରେ ଭରଣ କରିବା ସହିତ ନିଜର ପରିବାର ପୋଷଣ କରୁଥିଲେ। ହେଲେ ବର୍ତ୍ତମାନ ୨ଟି ଉଠାଜଳସେଚନ ପ୍ରକଳ୍ପ ଅଚଳ ସକାଶେ ଚାଷୀ ନିକଟସ୍ଥ ଜଳାଶୟ, କୂଅ ଉପରେ ନିର୍ଭରଶୀଳ। ତେବେ ଖରାଦିନରେ ଜଳସ୍ତର ହ୍ରାସ ପାଇବା ପରେ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବା ଚାଷୀ କହିଛନ୍ତି। ଅନ୍ୟପକ୍ଷରେ ଗୋଟିଏ ପଟେ ଇବ ନଦୀରେ ପ୍ରଚୁର ବାଲି ଜମି ଯିବା ସହିତ ଅନ୍ୟପଟେ ଇବ ନଦୀର ଜଳ ଠରକସପୁର ଆର ପଟ ଲହଣ୍ଡାବୁଡ଼ କୂଳ ଦେଇ ପ୍ରବାହିତ ହେଉଥିବାରୁ ଜଳ ଅଭାବ କାରଣରୁ ଏହି ୨ଟି ଉଠାଜଳସେଚନ ଅଚଳ ହୋଇପଡିଛି। ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଲୁହା ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନଦେଲେ ଦୀର୍ଘ ଦିନରୁ ଅଚଳ ଥିବା ଏହି ପ୍ରକଳ୍ପ ଗୁଡ଼ିକର ପାଇପ ଓ ମୋଟର ଚୋରି ହେବାର ଯଥେଷ୍ଟ ସମ୍ଭାବନା ଥିବା ଲୋକେ କହିଛନ୍ତି। ଅପରପକ୍ଷରେ ଚାଷୀ କୂଳଙ୍କ ଏହି ସମସ୍ୟାକୁ ଗୁରୁତର ଭାବେ ଗ୍ରହଣ କରି ଉକ୍ତ ଦୁଇଟି ଉଠାଜଳସେଚନ ପ୍ରକଳ୍ପକୁ ଅତିଶୀଘ୍ର କାର୍ଯ୍ୟକ୍ଷମ କରିବା ସହିତ ଖରା ଦିନରେ ସ୍ଥାନୀୟ ଅଞ୍ଚଳର ଜଳସଙ୍କଟ ଦୂର କରିବା ପାଇଁ ଲହଣ୍ଡାବୁଡ଼ରୁ ଠରକସପୁର ପର୍ଯ୍ୟନ୍ତ ଇବ ନଦୀ ଉପରେ ବାଲି ବନ୍ଧ ନିର୍ମାଣ କରିବା ଲାଗି ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ସଇଁତଲା (ଭାସ୍କର ନ୍ୟୁଜ୍): ସଇଁତଲା ଅଞ୍ଚଳର ବ୍ୟବସାୟୀ ତଥା ମୋହିତ ଏମ୍ପୋରିଅମର ମାଲିକ କିଶୋର ଅଗ୍ରୱାଲଙ୍କର ୬୨ବର୍ଷ ବୟସରେ ବାପୁଜୀ ଚୌକସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ



ଜଣେ ମେଳାପୀ, ମିଷ୍ଟଭାସି, ଧର୍ମପରାୟଣ ବ୍ୟକ୍ତି ଥିଲେ । ମୃତ୍ୟୁ ସମୟରେ ତାଙ୍କର ଦୁଇପୁଅ ସଚିନ ଓ ମୋହିତଙ୍କ ସହ ଧର୍ମପତ୍ନୀ, ଝିଅ, ନାତି ନାତୁଣୀ ଏବଂ ସମସ୍ତ ମିତ୍ତଲ ପରିବାର ଉପସ୍ଥିତ ଥିଲେ । ତାଙ୍କର ବଡ଼ପୁଅ ସଚିନ ଅଗ୍ରୱାଲ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ଖବରରେ ସଇଁତଲା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ମୃତ୍ୟୁ ଘଟଣା ଶୁଣି ପୂର୍ବତନ ସାଂସଦ ଶରତ ପଟ୍ଟନାୟକ, ପୂର୍ବତନମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ବଣିକ ସଂଘ ସଭାପତି ତରୁଣ ବେହେରା, କାର୍ଯ୍ୟରତ ସାମ୍ବାଦିକ ସଂଘ ସମ୍ପାଦକ ବିଶାଳ ଅଗ୍ରୱାଲ, ମାରୱାଡ଼ି ସମାଜ ସଭାପତି ରାଜକୁମାର ଅଗ୍ରୱାଲ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକୋତ୍ସବ ପାଳିତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ଦରସିଂହା ଭାଲୁମୁଣ୍ଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୭ତମ ବାର୍ଷିକ ଉତ୍ସବ ମହାସମାରୋହରେ ରବିବାର ପାଳିତ ହୋଇଯାଇଛି। ଏହି ଆୟୋଜିତ ଉତ୍ସବରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି ଧର୍ମ ଜାଗରଣ ମଞ୍ଚ ବିଭାଗ ସଂଯୋଜକ ଶରତ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ କୃତିବାସ ମୁଦୁଲି ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ଜେନା ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା କମିଟି ସହିତ ଜଡ଼ିତଥିବା ସରପଞ୍ଚ ବିଜେନ୍ଦ୍ର କୁମାର ସାହୁ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବିଶ୍ୱାଳ, ପରିଚାଳନା କମିଟିର ଉପ ସଭାପତି ମନ୍ମଥ ବିଶ୍ୱାଳ, ଯୁଗ୍ମ ସମ୍ପାଦକ କଳ୍ପତରୁ ବିଶ୍ୱାଳ, କୋଷାଧ୍ୟକ୍ଷ ସୁଶାନ୍ତ କୁମାର ନାୟକ, ସଙ୍କୁଳସ୍ତରୀୟ ସଦସ୍ୟ ମିହିର କୁମାର ସିଂହ, ସଂଯୋଜକ ପ୍ରଶାନ୍ତ କୁମାର ଦେହୁରୀ, ଅନୁଷ୍ଠାନର ପୂର୍ବତନ ସଭାପତି ଗଣେଶ୍ୱର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଭୁବନାନନ୍ଦ ବିଶ୍ୱାଳ, ପୂର୍ବତନ ସମ୍ପାଦକ ଶ୍ରୀନିବାସ ସାହୁ, ପୂର୍ବତନ କୋଷାଧ୍ୟକ୍ଷ କ୍ଷୀରୋଦ କୁମାର ସାହୁ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମୁଖ୍ୟ ଅତିଥି ଶ୍ରୀ ପାଣି ଓ ସମ୍ମାନୀତ ଅତିଥି ଶ୍ରୀ ପ୍ରଧାନ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ବେଳେ, ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ରଙ୍ଗାରଙ୍ଗ ପରିବେଷଣ କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ ଗୁରୁଜୀ, ଗରୁ ମା', ଅଞ୍ଚଳର ବହୁ ମାନ୍ୟଗଣ୍ୟ ଅତିଥି ଓ ଅଭିଭାବକଙ୍କର ସହଯୋଗରେ ଉତ୍ସବ ପାଳିତ ହୋଇଥିଲା।

# ନାଟ୍ୟକାର ସୁଧାକରଙ୍କ ୭୫ତମ ଜୟନ୍ତୀ ନିମନ୍ତେ ପ୍ରସ୍ତୁତି



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : କାଳଜୟୀ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୫ ତମ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ମୃତି ପରିଷଦର ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ପ୍ଳେଶ୍ୱରୀ ନାରାୟଣୀ ପୀଠ ଗନ୍ଧାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଦିବଂଗତ ପ୍ରଧାନମନ୍ତ୍ରୀ ଡ଼. ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପାର୍ଥନା କରାଯାଇଥିଲା। ପରେ ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ ନାଟ୍ୟକାର ସ୍ୱର୍ଗତ ସୁଧାକର ଦ୍ୱିବେଦୀଙ୍କ ୭୫ ତମ ଜୟନ୍ତି ଉତ୍ସବ ପାଳନ କରାଯିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ଜୟନ୍ତୀ ଉତ୍ସବର ତାରିଖ ଓ ସ୍ଥାନ ଓ ସମୟ ସ୍ଥିର କରିବା ଉପରେ ଆଲୋଚନା କରିଥିଲେ। ତେବେ ଆସନ୍ତା ୨୦୨୫ ମସିହା ଅପ୍ରେଲ ମାସ ୨୭ତାରିଖରେ ଜୟନ୍ତୀ ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଗଲା। ୭୫ତମ ଜୟନ୍ତୀ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ଉପଦେଷ୍ଟା ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ ପ୍ରସ୍ତାବ ରଖିଥିଲେ ଏବଂ ଏହାକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। ସେହିପରି ଜୟନ୍ତୀ ଉତ୍ସବ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହେବା ସହ ଏକ ସ୍ମରଣିକା ପ୍ରକାଶ ପାଇବା ପାଇଁ ନିଷ୍ପତ୍ତି ନିଆଗଲା । ଏହି ବୈଠକରେ ଉପଦେଷ୍ଟା ପ୍ରତିଭାରାଣୀ ରାୟ, ଗୀତା ରଥ, ଉପ ସଭାପତି କୈଳାସ ଚନ୍ଦ୍ର ମଲ୍ଲିକ, ସହ ସମ୍ପାଦକ ବନମାଳୀ ମହାରଣା ଓ ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ ଓ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ରବି ମହାନ୍ତି, ଗଣମାଧ୍ୟମ ସଂଯୋଜକ ତପନ ରାଉତରାୟ, ବରିଷ୍ଠ ସଭ୍ୟ ନିରଞ୍ଜନ ପାତ୍ର, ଶୁଭ୍ରାଂଶୁ ଆଚାର୍ଯ୍ୟ, ବୈଷ୍ଣବ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଯୋଜକ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାସ୍ ଗଭର୍ଣ୍ଣିଂବଡି ବୈଠକ




ବାଲିମେଳା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ପରିଚାଳନା ସଂସ୍ଥା ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଡ଼ିକାଲ ଇନ୍ ଚାର୍ଜ ଡାକ୍ତର ସମ୍ବିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ବୈଠକଟି ଡକାଯାଇଥିଲା। ତେବେ ଏହି ବୈଠକର ମୂଳ ଉଦ୍ଦେଶ୍ୟ ହେଲା ଯେ ବର୍ଷକୁ ୨ଥର ମେଡ଼ିକାଲ ପରିଚାଳନା ନିମନ୍ତେ ୭୫ହଜାର ଲେଖାଏଁ ସରକାରୀ ଅନୁଦାନ ଆସୁଛି। ତେଣୁ ଏହି ଟଙ୍କାକୁ ମେଡ଼ିକାଲର କେଉଁ କେଉଁ ବାବଦକୁ ଖର୍ଚ୍ଚ କରାଯିବ ସେନେଇ ଏକ ତାଲିକା ସର୍ବ ସମ୍ମୁଖରେ ପ୍ରଦାନ କରାଯାଇଥିଲା। ତେବେ ମେଡ଼ିକାଲରେ ବ୍ୟବହୃତ ହେଉଥିବା ଆବଶ୍ୟକୀୟ ଜିନିଷ ଯଥା- ବିପି ମାପକ ମେସିନ, ବ୍ୟାଟେରୀ, ପଙ୍ଖା, ଫିନାଇଲ, ବ୍ଲିଚିଂ ପାଉଡର, ଆଉଟ ଡୋର ରୋଗୀମାନଙ୍କ ନିମନ୍ତେ ବ୍ୟବହୃତ ହେଉଥିବା ଟୋକେନ୍ କାଗଜ ଏହିପରି ବିଭିନ୍ନ ମାଧ୍ୟମରେ ଖର୍ଚ୍ଚ ହେଉଥିବା ଜଣାପଡିଥିଲା। ଏଥିସହ ଏହି ବୈଠକରେ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି ଏବଂ ସାମ୍ବାଦିକ ଯୋଗ ଦେଇଥିବା ବେଳେ ମେଡ଼ିକାଲର ବହୁ ସମସ୍ୟା ଗୁଡିକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଯେପରିକି ପ୍ରତ୍ୟେକ ଦିନ ଏହି ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୦୦ରୁ ଊର୍ଦ୍ଧ୍ୱ ଆଉଟ ଡୋର ରୋଗୀ ଏବଂ ଇନଡୋର ରୋଗୀ ୧୦ରୁ ଊର୍ଦ୍ଧ୍ୱ ଦୈନିକ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଯାହାକି ମାଲକାନଗିରି ଜିଲ୍ଲାର କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ରୋଗୀ ଏପରି ଦୈନିକ ଚିକିତ୍ସା ନିମନ୍ତେ ଆସୁନଥିବା ସୂଚନା ମିଳିଛି। ତଥାପି ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବାରୁ ଏଠାକୁ କେବଳ ୩ ଡାକ୍ତର ଏବଂ ଜଣେ ଆୟୁଷ ଡାକ୍ତର ଦେଇ ସ୍ୱାସ୍ଥ୍ୟ ବିଭାଗ କାମ ଚଳା ନୀତି ଆପଣାଇଥିବା ଜନ ପ୍ରତିନିଧିମାନେ କହିଥିଲେ। ଏଥିସହ ଏତେ ରୋଗୀ ଆସିବା ସତ୍ତ୍ୱେ ରୋଗୀ କିମ୍ବା ଡାକ୍ତରଙ୍କ ବ୍ୟବହାର ନିମନ୍ତେ ଶୌଚାଳୟ ନଥିବା ଆଲୋଚନା ହୋଇଥିଲା। ୬ ଶଯ୍ୟା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମୟରେ ସଟ୍ ସର୍କିଟ ହେଉଥିବା କିଛି କର୍ମଚାରୀ ଅଭିଯୋଗ କରିଥିଲେ। ଏଥିସହ ଡାକ୍ତର, ଷ୍ଟାଫ ନର୍ସ ଏବଂ ଫାର୍ମାସିଷ୍ଟଙ୍କ ଅଭାବ ହେତୁ ବର୍ତ୍ତମାନ କାର୍ଯ୍ୟରତ ଥିବା କିଛି କର୍ମଚାରୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡୁଛି ବୋଲି ଅଭିଯୋଗ ଆଣିଥିଲେ। ବାଲିମେଳାରେ ପ୍ରସୂତି ଓ ଶିଶୁରୋଗ ବିଭାଗ ପାଇଁ କୌଣସି ବିଶେଷଜ୍ଞ ନଥିବାରୁ ଲୋକେ ବହୁ ଖର୍ଚ୍ଚାନ୍ତ ହୋଇ ମାଲକାନଗିରି ଯାଉଛନ୍ତି। ତେଣୁ ତୁରନ୍ତ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ଦୃଷ୍ଟି ଗୋଚରକୁ ଏହା ଆଣି ପ୍ରତ୍ୟେକ ସପ୍ତାହର ୨ ଦିନ ଶିଶୁ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କୁ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିବା ପାଇଁ ଚେଷ୍ଟା କରିବେ ବୋଲି ବିଧାୟକ ପ୍ରତିନିଧି ଇସାକ୍ ଖୋସଲା କହିଥିଲେ। ଏହିପରି ନାନାଦି ସମସ୍ୟା ମଧ୍ୟରେ ମେଡ଼ିକାଲ ରହିଥିବା ହେତୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଥିବା ମେଡ଼ିକାଲ କର୍ମଚାରୀମାନେ ସ୍ୱୀକାର କରିଥିଲେ। ତେଣୁ ତୁରନ୍ତ ଏହିସବୁ ଦିଗରେ ଚିତ୍ରକୋଣ୍ଡା ବିଧାୟକଙ୍କୁ ଜଣାଇ ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ପ୍ରତିନିଧି ଶ୍ରୀ ଖୋସଲା ପ୍ରତିଶ୍ରୁତି ଦେଇଥିଲେ। ତେବେ ଆଜିର ଏହି କାର୍ଯ୍ୟକ୍ରମରେ ବାଲିମେଳା ନଗର ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ସ୍ଥାନୀୟ ବିଜେପି ନେତା ଶୁଭେନ୍ଦୁ ପଟ୍ଟନାୟକ, ମେଡ଼ିକାଲ ଆକାଉଣ୍ଟାଣ୍ଟ ମ୍ୟାନେଜର ଇନ୍ଦ୍ରଜିତ ଦାସ, ଆୟୁଷ ଡାକ୍ତର ଡି ବୈଶାଳୀ, ବରିଷ୍ଠ ସାମ୍ବାଦିକ ଚନ୍ଦନ ବାରିକଙ୍କ ସମେତ ମେଡ଼ିକାଲର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ରାଶିଫଳ

**ମଙ୍ଗଳବାର, ୩୧ ଡିସେମ୍ବର ୨୦୨୪**



**ମେଷ :** କର୍ମକ୍ଷେତ୍ରରେ ଅଧିକାରୀଙ୍କ ସହଯୋଗ ଏବଂ ବିଶ୍ୱାସ ପାଇବେ। ଅପ୍ରତ୍ୟାଶିତ ଖର୍ଚ୍ଚ ହେତୁ ଟେନ୍‌ସନ୍ ହେବେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେବ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ। ସାଥୀ ସହିତ ମତଭେଦ ଦୂର ହେବ।



**ବୃଷ :** ଗ୍ରାହକ ବ୍ୟବସାୟରେ ଭଲ ହେବେ। କାର୍ଯ୍ୟ ଆଚରଣ, ସଙ୍କୋଚତା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଠିନ ପରିଶ୍ରମ କରିବା ଲାଭଦାୟକ ହେବ। ଚିନ୍ତା ରହିବ। ଶତ୍ରୁମାନେ ପରାସ୍ତ ହେବେ। ବ୍ୟବସାୟ ଯାତ୍ରା ସଫଳ ହେବ।



**ମିଥୁନ :** ସମ୍ମାନ ପାଇବେ। ବ୍ୟବସାୟରେ ନୂତନ ଚୁକ୍ତିନାମା ହେବ। ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ବିବାଦ ଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ। ପେଟ ରୋଗରେ ପୀଡିତ ହେବାର ସମ୍ଭାବନା।



**କର୍କଟ:** ମନ୍ଦିରରେ ଠାକୁରଙ୍କ ଦର୍ଶନ ସୁଯୋଗ ପାଇବେ। ଯନ୍ତ୍ର ସହିତ ଯାନ ଏବଂ ଯନ୍ତ୍ର ବ୍ୟବହାର କରନ୍ତୁ। ଧନର ସମ୍ଭାବନା। ସାଙ୍ଗମାନଙ୍କୁ ଭେଟିବେ। ଯାତ୍ରା ସଫଳ ହେବ। କାରବାରରେ ସାବଧାନ ରୁହନ୍ତୁ। ଆଇନଗତ ବାଧା ଦୂର ହେବ।



**ସିଂହ :** ସ୍ୱାସ୍ଥ୍ୟ ଭଲ ରହିବ। ପ୍ରେମ ସମ୍ପର୍କରେ ଦୂରେଇ ରୁହନ୍ତୁ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସାବଧାନ ରୁହ। ବିବାଦକୁ ଯାଆନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ। ଉପକୃତ ହେବେ। ଅଜ୍ଞାତ ଭୟ ଆପଣଙ୍କୁ ହନ୍ତସନ୍ତ କରିବ। ଶତ୍ରୁମାନେ ଶାନ୍ତ ରହିବେ।



**କନ୍ୟା :** ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ଆଖି ଯନ୍ତ୍ରଣା ହେବାର ସମ୍ଭାବନା। ଧନ ଲାଭ ହେବ। ଶତ୍ରୁ ଦ୍ୱାରା ଅସୁବିଧାରେ ପଡ଼ିବେ। ଅପମାନିତ ହେବାର ସମ୍ଭାବନା। ଧନ କ୍ଷତି। ଶାରୀରିକ ଯନ୍ତ୍ରଣା ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।



**ତୁଳା :** ପ୍ରଗତିର ରାସ୍ତା ଖୋଲିଯିବ। କାର୍ଯ୍ୟ ପ୍ରତି ଉଦାସୀନତା ରହିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। କିଛି ଲାଭର ସମ୍ଭାବନା। ଚିନ୍ତା କମ୍ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ଜମି ଏବଂ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ।



**ବିଛା :** ପାର୍ଟି ଏବଂ ପିକ୍‌ନିକ୍ ଉପଭୋଗ କରାଯିବ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଶତ୍ରୁ ଉପରେ ବିଜୟ। କୁସଙ୍ଗରୁ କ୍ଷତି। ଜୀବନସାଥି ପାଇବେ। କିଛି ରୋଜଗାର ହେବ। ମାତା ଯନ୍ତ୍ରଣା ଭୋଗିବେ। କାରବାରରେ ସାବଧାନ ରୁହନ୍ତୁ।



**ଧନୁ :** ବୃଥା ବ୍ୟସ୍ତତା ରହିବେ। ଭୟ-ଯନ୍ତ୍ରଣା, ମାନସିକ ଦୁଶ୍ଚିନ୍ତା ସମ୍ଭାବନା। ଲାଭ ଠିକ ରହିବ। ଦୁଃଖଦ ଖବର ମିଳିପାରେ। କ୍ଷତି ଏବଂ ଭୟର ସମ୍ଭାବନା, ବୀରତ୍ୱ ସଫଳତା ଆଡକୁ ଗତି କରିବ, ଅସନ୍ତୋଷର ବାତାବରଣ ସୃଷ୍ଟି ହେବ। ଭୟ, ଯନ୍ତ୍ରଣା ଏବଂ ଦ୍ୱନ୍ଦ୍ୱ ହୋଇପାରେ।



**ମକର :** ଯାତ୍ରା ସମ୍ଭବ ହେବ। କିଛି ଦୁଃଖ ସମ୍ଭାବନା। ଲାଭ ହେବ। ମହିଳା ଶ୍ରେଣୀର ଯନ୍ତ୍ରଣା। କୁସଙ୍ଗ ଯୋଗୁଁ କଷ୍ଟ ସମ୍ଭାବନା। ଏହା ଏକ ଅସନ୍ତୁଷ୍ଟ ଦିନ ହେବ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଘର ବାହାରେ ଅଶାନ୍ତି ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ :** ଆୟ ବୃଦ୍ଧି ପାଇବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ବିରୋଧର ସମ୍ଭାବନା, ଅର୍ଥ ହରାଇବା, ଘରେ ଅସନ୍ତୋଷ, ରୋଗ ଦ୍ୱାରା ଘେରି ରହିବାର ସମ୍ଭାବନା, କିଛି ସଫଳତାର ସମ୍ଭାବନା। ଚିନ୍ତା ଉପୁଜିବ। ସ୍ତ୍ରୀ ପୀଡା, କିଛି ଲାଭ ଆଶା କରନ୍ତୁ।



**ମୀନ :** ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ପରିବାରର ଚିନ୍ତା ରହିବ। ଆପଣ ଅସୁସ୍ଥ ଅନୁଭବ କରିବେ। ଚିନ୍ତା ଆପଣଙ୍କୁଠାରୁ ମୁକ୍ତି ପାଇବ ନାହିଁ। ଝଗଡା ଏବଂ ଅପମାନରୁ ଦୂରେଇ ରୁହନ୍ତୁ।



ଶ୍ରୀପତିଙ୍କ ପତ୍ରୀ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସୁକମା ଜିଲ୍ଲାର ଅତ୍ୟଧିକ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଏଫଓବି ମୁର୍କରାଜକୋଣ୍ଡାରେ, କମାଣ୍ଡାଣ୍ଟ ସେକେଣ୍ଡ ସିଆର୍‌ପିଏଫ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶନାରେ ଏବଂ ଦ୍ୱିତୀୟ କମାଣ୍ଡ ଅଧିକାରୀ ପୱନ୍ କୁମାର ଅଧୀନରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଶ୍ୱାନୀ କୁମାର ସିଂ (କ୍ୟାମ୍ପ କମାଣ୍ଡରଙ୍କ ନେତୃତ୍ୱରେ ଫିଟ୍ ଇଣ୍ଡିଆ ସାଇକିଲିଂ ଡ୍ରାଇଭ-୨୦୨୪) ସଂଗଠିତ ବାହିନୀର ଯବାନ ମଧ୍ୟରେ ସାଇକେଲ ରାଲି ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଶ୍ୱାନି କୁମାର ସିଂ (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ), ଇନ୍‌ସପେକ୍ଟର ଜିଡି ଯୋଗୀନ୍ଦର ସିଂ, ଇନ୍‌ସପେକ୍ଟର ଜିଡି ତେଜରାମ ଏବଂ ବିଓସି ସମବାୟର ୧୧୦ ଜଣ ଯବାନମାନେ ଉତ୍ସାହର ସହ ସାଇକେଲ ରାଲିରେ ଅଂଶଗ୍ରହଣ କରିଥିଲେ। ଏଥିସହ ଶ୍ରୀ ଅଶ୍ୱାନୀ କୁମାର ସିଂ (ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ) ଯବାନମାନଙ୍କୁ ସୂଚନା ଦେଇଛନ୍ତି ଯେ ନିୟମିତ ଅଭ୍ୟାସ ଦ୍ୱାରା ଶରୀରକୁ ସୁସ୍ଥ ରଖିବା ପାଇଁ ସାଇକେଲ ଚଲାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଫିଟ୍ ଇଣ୍ଡିଆ ସାଇକିଲିଂ ଡ୍ରାଇଭ-୨୦୨୪ ଅଭିଯାନ ଦ୍ୱାରା ନକ୍ସଲ ପ୍ରଭାବିତ ଅଞ୍ଚଳ ଗ୍ରାମବାସୀମାନଙ୍କୁ ଶାରୀରିକ ସ୍ୱାସ୍ଥ୍ୟ ଏବଂ ସଚେତନତା ପଥରେ ନେବା ପାଇଁ ଏକ ଅଭିଯାନ। ଏକ ସୁସ୍ଥ ଭାରତ ଦିଗରେ କାର୍ଯ୍ୟ କରିବା ପାଇଁ ଏହା ଏକ ଅନ୍ୟତମ ସୁଯୋଗ ପ୍ରଦାନ କରା ଯିବାର ମାର୍ଗ ଦର୍ଶନ ଥିଲା ।

# ଗଜାଧାନ ଧରି ଚାଷୀଙ୍କ ପ୍ରତିବାଦ

ଗୁଣୁପୁର(ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ କୃଷକ ମହାସଭା ପକ୍ଷରୁ ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡର କମିଟି ତରଫରୁ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଗତ କିଛି ଦିନ ତଳେ ହୋଇଥିବା ଲଘୁଚାପ ଜନିଜ ବର୍ଷା ଯୋଗୁଁ ଧାନ ଓ କପା ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି । ଯାହାଫଳରେ ଗୁଣପୁର ଉପଖଣ୍ଡର ସମସ୍ତ ଚାଷୀଦ୍ୱନ୍ଦ୍ୱରେ ରହି କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବାରୁ ଅମଳ ହୋଇଥିବା ଧାନ ଗୁଡ଼ିକ ବିକ୍ରି କରିପାରୁ ନାହାଁନ୍ତି ଯାହାଦ୍ୱାରା ଆର୍ଥିକ ବୋଝ ଯୋଗୁଁ ଋଣରେ ବୁଡି ରହିଛନ୍ତି। ଏଣୁ ପ୍ରଶାସନ ଓ ସରକାର ଦୃଷ୍ଟି ଦେବା ର ଆବଶ୍ୟକତା ରହିଛି। ଏହି ଉଦ୍ଦେଶ୍ୟରେ ଅଖିଳ ଭାରତୀୟ କୃଷକ ପକ୍ଷରୁ ଚାଷୀ ମାନେ ମୁଣ୍ଡରେ ଗଜାଧାନ ଧରି ଗୁଣୁପୁର ବାଇପାସ୍ ଛକରୁ ଏକ ଶୋଭାଯାତ୍ରା ବାହାରି ଗୁଣୁପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ସେଠାରେ ଗଜାଧାନକୁ ଦେଖାଇବା ସହ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟରେ ୧୦ ଦଫା ଦାବି ସମ୍ବଳିତ ପତ୍ର ଉପଜିଲ୍ଲାପାଳଙ୍କ ଜରିୟାରେ ସହକାରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଚାଷୀ ଋଣ ଛାଡ଼ ହେଉନାହିଁ କିନ୍ତୁ କୋର୍ପରେଟ୍‌ମାନଙ୍କୁ ଋଣ ଛାଡ଼ କରାଯାଉଛି। ସାର ଓ ଜଳସେଚନ, ବିଦ୍ୟୁତ୍ ମୂଲ୍ୟ ବଢିଚାଲିଛି । ୧୦ଦଫା ଦାବି ମଧ୍ୟରେ ଲଘୁ ଚାପ ଜନିତ ଧାନ ଓ କପା ର ମାନ କୋହଳ କରାଯାଉ ,ଲଘୁ ଚାପ ବର୍ଷା ଫଳରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏକର ପିଛା ଟ.୫୦,୦୦୦/- ଦେବା ପାଇଁ ଘୋଷଣା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ




କରାଯାଉ । ଓଡ଼ିଶାରେ ହୋଇଥିବା ଲଘୁଚାପକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରାଯାଉ । ଋଣ ବୋଝ ଓ ଅତ୍ମହତ୍ୟା ଦୂର କରିବା ପାଇଁ ସମସ୍ତ ଚାଷୀମାନଙ୍କୁ କୃଷି ଋଣ ଛାଡ଼ କରାଯାଉ । ମଣ୍ଡିରେ କଟନି-ଛଟନି ବନ୍ଦ କରି ଚାଷୀମାନଙ୍କ ଠାରୁ ଧାନ ଓ କପା କିଣିବାର ସୁ-ବ୍ୟବସ୍ଥା କରାଯାଉ । ବିନା ଲାଇସେନସ୍‌ରେ ନିମ୍ନମାନର କୀଟ ନାଶକ ଔଷଧ ବଣ୍ଟନ କରାନଯାଉ । ସାର ବିକ୍ରି କରୁଥିବା ଦୋକାନକୁ ବନ୍ଦକରି ପ୍ରକୃତ କୀଟନାଶକ ଔଷଧ ଚାଷୀମାନଙ୍କୁ ଯୋଗାଇ ଦିଆଯାଉ । ଭାଗଚାଷୀ ମାନଙ୍କୁ ଚାଷୀର ମାନ୍ୟତା ସହ ବର୍ଷାରେ କ୍ଷତିଗ୍ରସ୍ତ ଭାଗଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯାଉ। ଲଘୁଚାଷ ଫଳରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ମୁଗ, ବିରି, ସୂର୍ଯ୍ୟମୁଖୀ, ଚଣା ଇତ୍ୟାଦି ବିହନ ପର୍ଯ୍ୟାପ୍ତ ପରିମାଣରେ ଯୋଗାଇ ଦିଆଯାଉ । ବାଗଶଳା ପଞ୍ଚାୟତରେ ଗତ ଖରିଫ ଋତୁରେ ଚାଷୀଙ୍କ ଠାରୁ ସରକାର ଧାନ କ୍ରୟ କରିଥିଲେ ଉକ୍ତ ଟଙ୍କା ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନାହିଁ, ତେଣୁ ଉକ୍ତ ଟଙ୍କା ଯଥାଶିଘ୍ର ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା।

# ତୁନପାର ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ତୁନପାର ପଞ୍ଚାୟତ ଠାରେ ସରପଞ୍ଚ ମଧୁ ଧାଙ୍ଗଡ଼ା ମାଝି ଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୁରେଶ୍ୱର ଭୋଇ ଯୋଗ ଦେଇ ସମୁଦାୟ ୧୧ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥି ମଧ୍ୟରେ ମାଲ ବାଉଁଶ, ଝିର ଝିରା, ମହୁଲ କଣା ଆଦି ଅଞ୍ଚଳକୁ ସୁପର ଭାଇଜର ମାନେ ପରିଦର୍ଶନ କରୁ ନଥିବାରୁ ଅଙ୍ଗନବାଡି କେନ୍ଦ୍ର ଠିକରେ ଚାଲୁ ନଥିବା,ଆବାସ ଯୋଜନାରେ ଉଚିତ ଲୋକଙ୍କୁ ଘର ମିଳିନଥିବା ଓ ପାନୀୟ ଜଳର ଘୋର ସମସ୍ୟା ରହିଥିବା ଅଭିଯୋଗ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଏଡିଓ ସନିଆ ଖସଲା ପରିଚାଳନା କରିଥିଲା ବେଳେ ଓଡିଶା ଜୀବିକା ମିଶନ ବିପିଏମ ଟୁନା ଖଟେଇ,ସିପି ପ୍ରଶାନ୍ତ କୁମାର ତ୍ରିପାଠୀ ଓ ବି.ଆ.ର.ସୀ ଦାମଦର କନ୍ଦପାଣି ଏହି ଶିବିରରେ ଯୋଗ ଦେଇ ଥିଲେ। ଅଧିକାଂଶ ସମୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କୌଣସି ବିଭାଗର ଅଧିକାରୀ ମାନେ ଯୋଗ ଦେଉନଥିବାରୁ ବିଡ଼ିଓ ଶ୍ରୀଯୁକ୍ତ ଭୋଇ ବିରକ୍ତି ପ୍ରକାଶ କରିଥିଲେ।

# ସ୍ୱୟଂ ସେବକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍): ନବରଂଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମା ଗ୍ରାମରେ ସୋମବାର ଦିନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରାଥମିକ ଶିକ୍ଷା ବର୍ଗ ତାଲିମ ସାରି ଫେରିଥିବା ଯୁବକ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ଗତ ଡ଼ିସେମ୍ବର ୨୨ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲ୍ଲା ର ପ୍ରାଥମିକ ସଂଘ ଶିକ୍ଷା ବର୍ଗ ନବରଙ୍ଗପୁର ସ୍ଥିତ କୋଭିଡ ସେଣ୍ଟର ରେ ଚାଲିଥିଲା । ଏହି ବର୍ଗ ରେ ତେନ୍ତୁଳୀଖୁଣ୍ଟି ଖଣ୍ଡ ର ଛଅ ଜଣ ଯୁବକ ଯୋଗ ଦେଇ ବର୍ଗ ସମାପ୍ତ କରିଥିଲେ । ବର୍ଗ ସାରି ଆଜି ଗ୍ରାମ କୁ ଫେରିବା ପରେ ଗାଁ ଅନେକ ମହିଳା ସେମାନଙ୍କୁ ଫୁଲ ହଳଦିଆ ଚାଉଳ ପକାଇ ସ୍ୱାଗତ କରିବା ସହ ସଂକୀର୍ତନ ସହ ନଗର ପରିକ୍ରମା କରିଥିଲେ। ବର୍ଗ ରୁ ଫେରି ଦେଶ ମାତୃକା ର ସେବା କରିବା ସହ ପ୍ରତିଦିନ ଶାଖା ଚଳାଇବା ସ୍ୱୟଂ ସେବକ ମାନେ ପ୍ରକାଶ କରିଥିଲେ । ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ତେନ୍ତୁଳିଖୁଣ୍ଟି ଖଣ୍ଡ ସଂଘ ଚାଳକ ସୁଧାଂଶୁ ଶେଖର ବିଷୋୟୀ, ଧର୍ମ ଜାଗରଣ ପ୍ରମୁଖ ସୌମ୍ୟ ରଞ୍ଜନ ସାହୁ, ରାଜୀବ ଲୋଚନ ଗୌଡ଼, ଅଶୋକ କୁମାର ପଟ୍ଟନାୟକ, ବିଶ୍ୱ ରଞ୍ଜନ ସାହୁ, ରାମ କୃଷ୍ଣ ବିଷୋୟୀ ଓ ଗଣେଶ ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୁଣପୁର କଳିଙ୍ଗ ବୈଷ୍ୟ ସଂଘର ବନ୍ଧୁମିଳନ

ଗୁଣପୁର (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଗୁଣପୁର ସ୍ଥିତ କଳିଙ୍ଗ ବୈଷ୍ୟ ସଙ୍ଘ ପକ୍ଷରୁ ଏକ ବନ୍ଧୁ ମିଳନ ପୁରୁଣା ଗୁଣପୁର ଆମ୍ବ ତୋଟା ରେ ବହୁ ଆଡମ୍ବର ରେ ପାଳିତ ହୋଇଯାଇଛି । ଗୁଣପୁର କଳିଙ୍ଗ ବୈଷ୍ୟ ସଙ୍ଘ ର ସଭାପତି ଏସ ବାବା ପ୍ରସାଦ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯକ୍ରମ ରେ ଆନ୍ଧ୍ର ପ୍ରଦେଶର ରାଜ୍ୟ ସଭାପତି ବି ଗୋବିନ୍ଦ ରାଜୁଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କଳିଙ୍ଗ ବୈଷ୍ୟ ଜାତି ର ବିକାଶ ପାଇଁ ଗୁଣପୁର ସଂଘ ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ସେ କହିଲେ ଆନ୍ଧ୍ର ପ୍ରଦେଶର ସରକାର ୨୦୧୪ ମସିହାରେ ରେ ବୈଷ୍ୟ ଜାତି କୁ ପଛୁଆ ବର୍ଗ ମାନ୍ୟତା ଦେଇଥିଲେ ଏବେ ଆମେ ସରକାର ଙ୍କ ପାଖରେ ଓବିସି କରିବକୁ ଦାବି କରୁଛୁ । ତେଣୁ ଓଡ଼ିଶା ସରକାରଙ୍କ ପାଖରେ ଏହି ଦାବି କରିବାକୁ ଗୁଣପୁର କଳିଙ୍ଗ ବୈଷ୍ୟ ସଙ୍ଘ କୁ ପରାମର୍ଶ ପ୍ରଦାନ କରିଥିଲେ। ତାହା ସହ ବୈଷ୍ୟ ସଂଘ ର ଗରିବ ପରିବାରକୁ ସଙ୍ଘ ଚିହ୍ନଟ କରି ବିଭିନ୍ନ ସାହାଯ୍ୟ ସହଯୋଗ କରିବାକୁ ସେ ପରାମର୍ଶ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମ ରେ ଆନ୍ଧ୍ରପ୍ରଦେଶ ବୈଷ୍ୟ ସଙ୍ଘ ର ମିଡ଼ିଆ କର୍ଡିନେଟର ଟି ଗଣେଶ୍ୱର ଯୋଗ ଦେଇ ନିଜର ମତ ପ୍ରଦାନ୍ କରିଥିଲେ । ଗୁଣପୁର କଳିଙ୍ଗ ବୈଷ୍ୟ ସଙ୍ଘ ର ସଭାପତି ଏସ : ବାବା ପ୍ରସାଦ ,ଉପ ସଭାପତି ପି ନାଗ ରାଜୁ ସମ୍ପାଦକ




ପି ଶାଇ କ୍ରିଷ୍ଣା ଯୁଗ୍ମ ସମ୍ପାଦକ ଏ ଭେଙ୍କେଟ ରାବଣା କୋଷାଧକ୍ଷ ହରିନଥ ରାଓ ଏହି ଅବସର ରେ ଉଭୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସେହିପରି ଆନ୍ଧ୍ର ର କୋଟା ବାମ ।ଲି ସଭାପତି ଲାଡି ଚୀନା ବାବୁ ପାର୍ବତୀ ପୁରମ ସଭାପତି ବି ଭେଙ୍କଟ ରାବଣ ସମ୍ପାଦକ ଗୌରୀ ଶଙ୍କର , ପାରଳାଖେମୁଣ୍ଡି ସଭାପତି ବସ୍ୟରାଜୁ ବାଲାଜୀ , ଗୁଡ଼ାରୀ ସଭାପତି ବୈକୁଣ୍ଠ ରାଓ ଜେ କେ ପୁର ର ସଭାପତି ଗୌରୀ ଶଙ୍କର ସହ ବହୁ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସର ରେ ସଂଘ ପାଇଁ କର୍ଯ୍ୟ କରିଥିବା ଦିବଂଗତ ମାର୍ଣି ଭାସ୍କର ରାଓ ବି. ଭେଙ୍କଟ ରାଓ ଓ ମର୍ଣିଂ କ୍ରିଷ୍ଣା ରାଓଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ତାଙ୍କ ପରିବାରକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ସଂଘ ବରିଷ୍ଟ ସଦସ୍ୟ ସୁଦର୍ଶନ ରାଓ, କ୍ରିଷ୍ଣା ରାଓ ସୁବୁଦ୍ଧି ,ଲା ଡି ସେଶଗିରି ରାଓଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସର ରେ ସଂଘ ର ଉନ୍ନତି କାମନା କରି ସଂଘ ପକ୍ଷରୁ କନ୍ୟକା ପରମେଶ୍ୱରି ମନ୍ଦିରରେ ପୂଜା ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କଳିଙ୍ଗ ବୈଷ୍ୟ ସଙ୍ଘର ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ହଜାର ହଜାର ସଭ୍ୟ ସାମିଲ ହୋଇଥିଲେ ହୋଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ସୀମାନ୍ତ ଅଞ୍ଚଳର ଛାତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଆଦିବାସୀ ଅଧୁଷିତ ଅଞ୍ଚଳର ନବମ ଶ୍ରେଣୀ ଛାତ୍ର ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରି ନିଜ ଅଞ୍ଚଳ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଇରିଗେସନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଗତ ୨୭/୧୨ ରିଖ ଦିନ ରାଜ୍ୟ ସ୍ତରୀୟ କୁଇଜ, ରଚନା , ଚିତ୍ରାଙ୍କନ, ଡିବେଟ ଆଦି ପ୍ରତିଯୋଗିତା ଭର୍ଚୁଆଲ ମାଧ୍ୟମରେ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ପଡିଆ ବ୍ଲକ ଅନ୍ତର୍ଗତ ବାପନପାଲ୍ଲୀ ଆଦର୍ଶ ବିଦ୍ୟାଳୟର ଛାତ୍ର ପି ରୋହିତ କୁଇଜ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରେ ୧ନଂ ରେଙ୍କ ରଖି ନିଜ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତେବେ ପି ରୋହିତ ନାମକ ଛାତ୍ର ପଡିଆ ସଦର ମହକୁମା ରେ ବସବାସ କରୁଥିବା ପଗମାଲା ତ୍ରିନାଥଙ୍କ ପୁଅ। ଯିଏ କି ନିଜ ପୁଅକୁ ଟାଇଲୋରିଂ ବୃତ୍ତି କରି ବହୁ ଦୁଃଖ କଷ୍ଟରେ ପାଠ ପଢ଼ାଉଛନ୍ତି। ତେବେ କୃତି ଛାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ର ସୁଅ ଛୁଟୁଥିବା ବେଳେ ଆଗାମୀ ଜାନୁଆରୀ ମାସ ୫ ତାରିଖ ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଗ୍ରାଉଣ୍ଡ ବରମୁଣ୍ଡା ଠାରେ ପୁରସ୍କୃତ କରାଯିବ ବୋଲି ବାଲିମେଲା ଇରିଗେସନ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପୀତବାସ ସେଠୀ ସୂଚନା ଦେଇଛନ୍ତି।



**ବିଭିନ୍ନ ମହଲରୁ ପି.ରୋହିତଙ୍କୁ ଶୁଭେଚ୍ଛାର ସୁଅ**

# ପରିଣତ ବୟସରେ ପରିବାର ବୋଝ ମୁଣ୍ଡାଇଛନ୍ତି ଦିବ୍ୟାଙ୍ଗ ସହଦେବ

ଝରିଗାଁ, (ଭାସ୍କର ନ୍ୟୁଜ୍): ଦିବ୍ୟାଙ୍ଗ ହୋଇବି ପରିଣତ ବୟସରେ ସଂଘର୍ଷ ଜାରି ରଖି ରଖି ଘରର ୪ ପ୍ରାଣୀଙ୍କ ଭରଣପୋଷଣ କରୁଛନ୍ତି ସହଦେବ ମାଳୀ (୬୫)। ସହଦେବ ଝରିଗାଁ ସଦର ଜୟନ୍ତୀ ନଗର ୩ ନଂ ୱାର୍ଡରେ ରୁହନ୍ତି । ସହଦେବ ସ୍ତ୍ରୀ ହେମ ମାଳୀ (୬୦) ସହ ଦୁଇ ପୁଅକୁ ନେଇ ତାଙ୍କ ପରିବାର। ବଡ଼ ପୁଅ ରୁକ୍ ଚନ୍ଦ ମାଳୀ+୨ ରେ ପଢୁଥିବା ବେଳେ ସାନ ପୁଅ ଶୋଭା ମାଳୀ ୬ ଶ୍ରେଣୀରେ ପଢୁଛି। ପରିବାରର ଆର୍ଥିକ ପରିସ୍ଥିତି ଦୁର୍ବଳ। ସମ୍ପତ୍ତି ବୋଲି କିଛି ନାହିଁ। ସରକାରୀ ଯୋଜନାରେ କେଉଁ କାଳୁ ମିଳିଥିଲା ଆବାସ ଘର ଖଣ୍ଡେ। ପରିବାରର ଦୈନନ୍ଦିନ ଗୁଜୁରାଣ ପନ୍ଥା



କହିଲେ ମାଳୀ ଦମ୍ପତି ଝରିଗାଁ ସଦର ସ୍ଥିତ ମିଲରୁ ଚୁଡ଼ା ଓ ମୁଢ଼ି କିଣି ଆଣି ଘର ଘର ବୁଲି ବିକ୍ରି କରିଥାନ୍ତି। ସେଇଥିରେ ଚାଲେ ପରିବାରର ଜୀବନ । ସରକାରୀ ସହାୟତା କହିଲେ ବାର୍ଦ୍ଧକ ଭତ୍ତା ହଜାରେ ଟଙ୍କା ଭତ୍ତା। ଚୁଡ଼ା ମୁଢି ବିକ୍ରି କରି ଆୟ ହେଉଥିବା ଟଙ୍କା ପରିବାରର ସବୁ ଜରୁରୀ ଆବଶ୍ୟକତା ପୂରଣ କରିବା ଅସମ୍ଭବ। ଭିନ୍ନକ୍ଷମ ଟ୍ରାଇ ସାଇକେଲ ଧରି ଝରିଗାଁ ସଦର ଗଳିକନ୍ଦି ସହ ଆଖପାଖ ଗାଁ ବୁଲି ବିକ୍ରି କରନ୍ତି ସହଦେବ। ସକାଳୁ ଉଠି ସକାଳ ୯ ଘଣ୍ଟା ପର୍ଯ୍ୟନ୍ତ ବୁଲିବାକୁ ପଡୁଥିବା କହିଛନ୍ତି ସହଦେବ। ସକାଳୁ ଲୋକେ ଚା ସହ ମୁଢି ଖାଇବା ଭଲ ପାଇଥାନ୍ତି ତେଣୁ ଏହି ସମୟରେ ବିକ୍ରି ଭଲ ହୋଇଥାଏ। ବୁଢ଼ା ବୟସ ଯୋଗୁଁ ପୂର୍ବ ଭଳି ବୁଲି ହେଉନଥିବା କହିଛନ୍ତି ସହଦେବ। ପତ୍ନୀ ମଧ୍ୟ ବାର୍ଦ୍ଧକ୍ୟ ରେ ଉପନୀତ । ଦେହରେ ଆଉ ଆଗଭଳି ଶକ୍ତି ନାହିଁ। ଘରର ନିତ୍ୟ କାମ ପୁଣି ଚୁଡ଼ା ମୁଢ଼ି ବିକ୍ରି କରିବା କଷ୍ଟ ହେଉଥିଲେ ମଧ୍ୟ କରିବାକୁ ପଡୁଛି ବୋଲି ପତ୍ନୀ ହେମ କହିଛନ୍ତି। ପକ୍କା ଆବାସ ଘର ଖଣ୍ଡେ ଯୋଗାଇଦେବାକୁ ପ୍ରଶାସନ ନିକଟରେ ଗୁହାରି କରୁଛନ୍ତି। ମାଳୀ ଦମ୍ପତି। ରାସନକାର୍ଡରେ ପରିବାରକୁ ମିଳୁଛି ୩୫ କେଜି ଚାଉଳ। ଏପରି ସ୍ଥିତିରେ ବି ଦମ୍ପତି ଦୁଇ ପୁଅ ପାଠ ପଢି କେମିତି ମଣିଷ ହେବେ ଏବଂ ଦାରିଦ୍ର୍ୟତାରୁ ଉର୍ଦ୍ଧ୍ୱରେ ଉଠି ବଞ୍ଚିବେ ସେଇ ଆଶା ରଖିଛନ୍ତି ସହଦେବ ଓ ପତ୍ନୀ ହେମ।

# ପୁସ୍ତକ 'ଅନନ୍ୟ ପାରଳା, ଅନନ୍ୟ ବ୍ୟକ୍ତିତ୍ୱ' ଉନ୍ମୋଚିତ




ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଠାରେ ବୁଦ୍ଧ ମନ୍ଦିରରେ ଡ଼ ରୀନା ସାହୁଙ୍କ ପୁସ୍ତକ 'ଅନନ୍ୟ ପାରଳା ଅନ୍ୟବ୍ୟକ୍ତିତ୍ୱ' ଉନ୍ମୋଚିତ ହୋଇଛି। ଏଥିରେ ବିଶିଷ୍ଟ ଗାଳ୍ପିକା ଇ ନ୍ଦିରା ଦତ୍ତ, ବିଶିଷ୍ଟ ସାହିତ୍ୟିକା ବାସନ୍ତୀ ମହାନ୍ତି, ପୌରୁଷର ସମ୍ପାଦକ ଡ଼ ଅସିତ ମହାନ୍ତି, ରମାଦେବୀ ବିଶ୍ୱ ବିଦ୍ୟାଳୟ ପ୍ରଧପକ ଡ଼ ମାନସ ବେହେରା, ଭିଜା ମାଟିର ସମ୍ପାଦିକା ଚିନ୍ମୟୀ ଷଡ଼ଙ୍ଗୀ, ତୀର ତରଙ୍ଗର ସମ୍ପାଦିକା ବନ୍ଦନା ମିଶ୍ର, ସମୀକ୍ଷକ ଭାବେ ଇଂ ବିଷ୍ଣୁ ମୋହନ ଅଧିକାରୀ ଓ ମଞ୍ଚ ସଞ୍ଚାଳକ ଭାବେ ବିଘ୍ନେଶ୍ୱର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକ ଉପରେ ଆଲୋଚନା କରିବା ସହ ପାରଳାର ଭୂୟସୀ ପ୍ରଶଂସା କରିଥିଲେ । ଶେଷରେ ଡା ସୁକନ୍ୟା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# କେସିଏସ୍‌ଏକୁ ହରାଇ ବଲାଙ୍ଗୀର ରାଇଜିଂ ଷ୍ଟୁଡେଣ୍ଟ୍ ଚମ୍ପିୟାନ

ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ଖେଳ ପଡିଆଠାରେ ଚାରି ଦିନ ଧରି ଚାଲିଥିବା ୨୧ ତମ କେସିଏସଏ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କେସିଏସଏ ଖଡ଼ିଆଳକୁ ହରାଇ ବଲାଙ୍ଗୀର ରାଇଜିଙ୍ଗ ଷ୍ଟୁଡେଣ୍ଟ ଚମ୍ପିୟାନ ହୋଇଛି । ପ୍ରଥମେ ବଲାଙ୍ଗୀର ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭର ୯ ଉଇକେଟ ହରାଇ ୧୭୩ ସଂଗ୍ରହ କରିଥିବାବେଳେ ଖଡିଆଳ କେସିଏସଏ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ କରିଥିଲା । ବଲାଙ୍ଗୀର ଦଳ ୩୪ ରନରେ ବିଜୟ ହାସଲ କରିଛି । ମ୍ୟାନ ଅଫ ଦ ମ୍ୟାଚ ପ୍ରିନ୍ସ କୁମାର ସିଂ ୨୩ବଲରେ ୫୩ରନ କରି ମେନ ଅଫ ଦ ମେଚ ପାଇଥିବା ବେଳେ ଓ ସି ଏ ପେନାଲ ଏମ୍ପାୟାର ବିଶ୍ୱମ୍ବର ମହାକୁଡ଼, ସାସ୍ୱତୀ ଶତପଥି ଖେଳ ପରିଚାଳନା କରିଥିଲେ । ଧାରା ବିବରଣୀ ପ୍ରଦାନ କରିଥିଲେ ଧନଞ୍ଜୟ ମଲ୍ଲିକ, ପ୍ରକାଶ ପାତ୍ର, ଆଶିଷ ତ୍ରିବେଦୀ, ଭୀମରାଜ ତାଣ୍ଡି, ଚମ୍ପିୟାନ ବଲାଙ୍ଗୀର ଦଳକୁ ୫୧ ହଜାର




ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିବା ବେଳେ ରନସ ଅଫ୍ ଦଳକୁ ୩୧ ହଜାର ଟଙ୍କା ଟ୍ରଫି ପ୍ରଦାନ କରିଥିଲେ । ଏହି ଉଦଯାପନୀ ଦିନରେ ମୁଖ୍ୟ ଅତିଥି ଭାବରେ କେ ସି ଏସ ଏ ସଭାପତି ଖଡ଼ିଆଳ ବିଧାୟକ ଆଧୀରାଜ ମୋହନ ପାଣିଗ୍ରାହୀ,କଂଗ୍ରେସ ର ବିଧାୟକ ପାର୍ଥୀ କମଳ ଚରଣ ତାଣ୍ଡି,ଖଡିଆଳ ଏନ ଏ ସି ଅଧକ୍ଷ ଉଜ୍ଜଳ ଗୁପ୍ତା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଅକ୍ଷୟ ନନ୍ଦ ଯୋଗ ଦେଇଥିଲେ । କେସିଏସଏ ଉପ ସଭାପତି ବିଶ୍ୱଜିତ୍ ପାଢୀ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଦୁଇ ଜଣ ପୂର୍ବତନ ବରିଷ୍ଠ ଖେଳାଳି ସତ୍ୟ ତାଣ୍ଡି ଏବଂ ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସନ୍ତୁ ପଟ୍ଟନାୟକ, ଚିତ୍ରଭାନୁ ସିଂ ଦେଓ, ତାପସ ପତି,ତନ୍ମୟ ବାଗ, ସୁରେଶ ଯାଦବ, ପବିତ୍ର ପ୍ରଧାନ, ମିଳନ ଯାଦବ, ଆଦିତ୍ୟ ମହାପାତ୍ର, ଅଶ୍ୱିନୀ ପାଢ଼ୀ, ଟିଟୁ ପାଣ୍ଡେ, ସିବ ସିଙ୍ଘଲ, ବିନୋଦ ଦୁରିଆ, ରୁପେଶ ଛତ୍ରିଆ,ସହଯୋଗ କରିଥିଲେ ।

## ଚର୍ଚ୍ଚର ମିଳିତ କ୍ୟାଣ୍ଡେଲ ଶୋଭାଯାତ୍ରା

# କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

ବାଲିମେଳା, (ଭାସ୍କର ନ୍ୟୁଜ୍): ପାଖେଇ ଆସୁଛି ଇଂରାଜୀ ନବବର୍ଷ। ଏଥି ନିମନ୍ତେ ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ବସବାସ କରୁଥିବା ସମସ୍ତ ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଭଉଣୀମାନଙ୍କର ମନରେ ଉତ୍ସାହ ବୃଦ୍ଧି ପାଇଛି। ଘରେ ବାହାରେ ସବୁଠି ଚାଲିଛି ଜୋରଦାର ପ୍ରସ୍ତୁତି। ରଙ୍ଗ ବେରଙ୍ଗ ଆଲୋକ ମାଳାରେ ସଜା ଯାଇଛି ସେମାନଙ୍କର ଉପାସନା ସ୍ଥଳୀ ଚର୍ଚ୍ଚ। ରଙ୍ଗ ବେରଙ୍ଗ ଆଲୋକରେ ଝଲସି ଉଠୁଛି ବାଲିମେଳା ସହରରେ ଥିବା ଆଇଏମଏସଟି ଇମାନୁଏଲ, ଜେଇଏଲସି, ବେରସେବା ଓ ବାଇବେଲ ମିସନ ଚର୍ଚ୍ଚ। ବିଶ୍ୱବାସୀଙ୍କୁ ମୁକ୍ତି ଦେବା ପାଇଁ ଗତ ଡିସେମ୍ବର ମାସ ୨୫ ତାରିଖରେ ଜନ୍ମ ନେଇଛନ୍ତି ଜଗତକର୍ତ୍ତା ଯୀଶୁ। ଏହି ଦିନ ଠାରୁ ନୂତନ ବର୍ଷ ପାଳନ ଶେଷ ପର୍ଯ୍ୟନ୍ତ ପ୍ରତ୍ୟକ ଦିନ ଚର୍ଚ୍ଚ ମାନଙ୍କରେ ସ୍ୱତନ୍ତ୍ର ପ୍ରାର୍ଥନା ସହ



ଯୀଶୁଙ୍କ ଜନ୍ମର ପୂର୍ବାପର ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ଆଶ୍ରିତମାନଙ୍କୁ ଅବଗତ କରାଯାଇଥାଏ। ଏଥି ନିମନ୍ତେ ଗତକାଲି ରବିବାର ରାତିରେ ବାଲିମେଳା ସହରରେ ଖ୍ରୀଷ୍ଟାଧର୍ମାଥିଲମ୍ବୀଙ୍କ ପକ୍ଷରୁ ତଥା ବାଲିମେଳା ସହରରେ ଥିବା ସମସ୍ତ ଚର୍ଚ୍ଚର ମିଳିତ ଆନୁକୂଲ୍ୟରେ ଏକ ବିରାଟ କ୍ୟାଣ୍ଡେଲ ଶୋଭାଯାତ୍ରା ବାଲିମେଳା ସହରର ନୂଆସାହି ସ୍ଥିତ ବେରସେବା ଚର୍ଚ୍ଚରୁ ବାହାରି ଶତାଧିକ ଭାଇ ଭଉଣୀ ମାନେ ହାତରେ କ୍ୟାଣ୍ଡେଲ ଧରି ପ୍ରଭୁ ଯୀଶୁଙ୍କର ଗୀତ ଗାଇ ସହର ପରିକ୍ରମା କରିଥିଲେ। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ତାଙ୍କ ସହିତ ବାଲିମେଳା ଏନଏସିର ବିଧାୟକ ପ୍ରତିନିଧି ଇସାକ ଖୋସଲା, ବରିଷ୍ଠ ନାଗରିକ ରାଜେନ୍ଦ୍ର କୁଳଦୀପଙ୍କ ସମେତ ବାହୁ ବରିଷ୍ଠ ବ୍ୟକ୍ତିମାନେ ସାମିଲ ହୋଇଥିଲେ। ପ୍ରଭୁ ଯୀଶୁ ଅନ୍ଧାରକୁ ଦୂର କରି ଆଲୋକ ସହ ଧରାପୃଷ୍ଠରେ ଅବତରଣ କରିଥାନ୍ତି ବୋଲି ବିଶ୍ୱାସ ଥିବାରୁ ମହମବତୀ ପ୍ରଜ୍ୱଳନ ପରମ୍ପରା ଯୁଗ ଯୁଗରୁ ରହି ଆସିଛି। ଏହି ଅବସରରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ଏହି ଅବସରରେ ପ୍ରତ୍ୟେକ ଦିନ ଚର୍ଚ୍ଚ ପରିସରରେ ବାଇବେଲ ପଢାଯିବା ସହ ସମୂହ ପ୍ରାର୍ଥନା କରାଯାଇଥାଏ।



କରଞ୍ଜିଆ(ଭାସ୍କର ନ୍ୟୁଜ): ପାଞ୍ଚପିଢ଼ ୩୯୧ କଲେଜ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ଙ୍କୁ ଏକ ଦାବିପତ୍ର ଆଜି ତାଙ୍କ ଠାକୁରମୁଣ୍ଡା ସ୍ଥିତ ବାସଭବନରେ ପ୍ରଦାନ କରା ଯାଇଛି । ଏହି ଦାବିପତ୍ର ରେ ୧୯୯୪ ଅନୁଦାନ ନିୟମ ରେ ରାଜ୍ୟରେ ପ୍ରତିଟି ପଛୁଆ ଓ ଜନଜାତି ବ୍ଲକ ରେ ଦୁଇ ଟି +୨ କଲେଜ ଓ ଗୋଟିଏ +୩ କଲେଜ କୁ ପୂର୍ଣ୍ଣ ଅନୁଦାନ ପାଇଁ ବ୍ୟବସ୍ଥା ଥିଲା । ହେଲେ ସରକାର ୧୯୯୪ ନିୟମ ପ୍ରତିବଦଳରେ ୨୦୦୮ ବ୍ଲକ ଗ୍ରାଣ୍ଟ ପରିସର ଭୁକ୍ତ କରିଥିଲେ । ଯେଉଁ ମାନେ ଅନୁଦାନ ପାଉଛନ୍ତି ସେମାନେ ମଧ ପେନସନ ପାଇବାରୁ ବଞ୍ଚିତ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲା ର ୩୧ କଲେଜ ମଧ୍ୟରୁ ୨ ଟି ଓ କେନ୍ଦୁଝର ଜିଲ୍ଲାର ୧୦ ଟି କଲେଜ ମଧ୍ୟରୁ ୨ ଟି କଲେଜ ଅଦ୍ୟାବଧି ସର୍ବୋଚ୍ଚ ନ୍ୟାୟାଳୟ ର ହସ୍ତକ୍ଷେପ ଯୋଗୁଁ ୧୯୯୪ ଅନୁଦାନ ର ସମସ୍ତ ସୁବିଧା ସୁଯୋଗ ପାଇ ଆସୁଛନ୍ତି । ସଂଘ ର ଦାବି ଅନୁସାରେ ୧୯୯୪ ଅନୁଦାନ ଅନୁସାରେ ପୂର୍ଣ୍ଣ ଅନୁଦାନ ସାଙ୍ଗକୁ ପେନସନ ବ୍ୟବସ୍ଥା ପାଇଁ ବିଧାୟକଙ୍କ ମାଧ୍ୟମ ରେ ରାଜ୍ୟର ମୁଖ୍ୟମନ୍ତ୍ରୀ , ମୁଖ୍ୟ ଶାସନ ସଚିବ ଓ ଶିକ୍ଷା ମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରାଯାଇଛି । ଏହି ଦାବି ପତ୍ର ଦେବା ଅବସରରେ ପାଞ୍ଚପିଢ଼ ଡିଗ୍ରୀ ମହିଳା ମହାବିଦ୍ୟାଳୟର ର ଅଧ୍ୟକ୍ଷା ପ୍ରଣତି ବାରିକ , କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ,+୨ ଅଧ୍ୟକ୍ଷ ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ , ଅଧ୍ୟାପକ ଜନ୍ମେଜୟ ଶତପଥୀ , ଠାକୁରମୁଣ୍ଡା +୩ ମହାବିଦ୍ୟାଳୟ ର ଅଧ୍ୟାପକ ଅନୀଲ ପ୍ରଧାନ , ଅଧ୍ୟାପକ ଗୋବର୍ଦ୍ଧନ ମହାନ୍ତ , ଅଧ୍ୟାପକ ଜୟନ୍ତ ପାତ୍ର , ଶଶିଭୂଷଣ ରାଉତ , ଦୁର୍ଗାକାନ୍ତ ମହାନ୍ତ,ଅଜୟ କୁମାର ନାୟକ , ଭାଗିରଥି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ବିଧାୟକ ପଦ୍ମ ଚରଣ ହାଇବ୍ରୁର ଏ ବାବଦରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଝିଅ-ଜ୍ୱାଇଁ...

ଦେଉଥିଲେ। କେବଳ ପିକେ ମିଶ୍ର ନୁହନ୍ତି, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୂର୍ବତନ ସିଏଜି ଗିରିଶ ମୁର୍ମୁଙ୍କ ପରି ବଡ଼ବଡ଼ିଆଙ୍କ ସହ ନିଜ ଫଟୋ ଏଡିଟ୍ କରି ଲୋକଙ୍କୁ ଦେଖାଇ ଠକି ଚାଲିଥିଲେ। ଉଭୟ ଲୋକଙ୍କୁ ନିଜ ଅଫିସକୁ ଡାକି ବିଲ୍ ଫାଇନାଲ କରିବା ସହ ମୋଟାଅଙ୍କର ଫାଇଦା ଉଠାଉଥିଲେ। ତେବେ ଭୁବନେଶ୍ୱରର ଇନଫୋସିଟି ଥାନାରେ ଅଭିଯୋଗ ହେବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏପରିକି ସେମାନେ ପିକେ ମିଶ୍ରଙ୍କ ଜ୍ୱାଇଁ-ଝିଅ ନୁହନ୍ତି କି ସ୍ୱାମୀ-ସ୍ତ୍ରୀ ମଧ୍ୟ ନୁହନ୍ତି। ତେବେ ସେମାନେ କେତେ ଟଙ୍କା ଠକେଇ କରିଛନ୍ତି ସେ ନେଇ ସୂଚନା ମିଳିନଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

### ଫେବୃଆରୀରୁ...

ଅଜଣା ରୋଗରେ ପୀଡ଼ିତ ହୋଇ ନିଜର ଦୁଇଟି ଆଖିକୁ ନଷ୍ଟ କରିଛନ୍ତି। ବାପା ମାଆ ଶେଷରେ ନିରୂପାୟ ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତା'ର ସମସ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥିଲେ। ଏପରିକି ଆମ୍ବୁଲାନ୍ସ ମଗାଇ ତାକୁ ଏସସିବିକୁ ପଠାଇଥିଲେ। ସୂଚନାଯୋଗ୍ୟ ଯେ ପ୍ରତ୍ୟୁଷଙ୍କ ବାପା ମାଆ ବିଭିନ୍ନ ମେଡ଼ିକାଲରେ ତାକୁ ଦେଖାଇବା ପରେ ଉପଶମ ନ ହେବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିଲେ।

### ୭୮%...

ଆହୁରି ମଧ କହିଛନ୍ତି ଯେ, ଜଟିଳ ରୋଗରେ ପୀଡିତ ସବୁ ମାମଲା ଗୁଡିକୁ ଆମେ ସମାନ ଗୁରୁତ୍ୱ ଦେଉଛୁ । ସରକାରଙ୍କ ପାଖକୁ ଯେଉଁ ଆଶା ଭରସା ନେଇ ଲୋକମାନେ ଆସୁଛନ୍ତି ଆମେ ସେମାନଙ୍କୁ କେବେ ନିରାଶ କରିବୁ ନାହିଁ । ଆଜି ୧୦୦୦ ଲୋକ ଅଭିଯୋଗ ଶୁଣାଣି ପାଇଁ ପଞ୍ଜୀକରଣ କରିଥିଲେ । ଆଗାମୀ ଦିନରେ ଆରଡିସି ସ୍ତରରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ କାର୍ଯ୍ୟକାରୀ କରିବାର ଯୋଜନା ରହିଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ଶିକ୍ଷମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ ସିଂହ ଏବଂ ଅନ୍ୟ ବିଭାଗ ଗୁଡିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।


पावरग्रिड POWERGRID

**ନୋଟିସ୍**

ସିଇଆରସି(ବ୍ୟବସାୟର ସଞ୍ଚାଳନ) ବିନିମୟ ୧୯୯୯ ଏବଂ ସିଇଆରସି (ଟାରିଫ ନିୟମ ଏବଂ ସ୍ରୋତ) ବିନିମୟ ୨୦୧୯ର ବିନିମୟ ବିନିୟମ-୮୬ର ଅନୁମୋଦନ ସହିତ) ୨୦୧୯-୨୪ ତାରିଖ ପବ୍ଲକ ପାଇଁ ଟ୍ରାନ୍ସମିଶନ ତାରିଖର ସତ୍ୟାପନ ଏବଂ ୨) ୨୦୨୪-୨୯ ତାରିଫ ବ୍ଲକ ପାଇଁ ଟ୍ରାନ୍ସମିଶନ ତାରିଫ, ଯାଚିକା ସଂଖ୍ୟା-୧ ପାଇଁ ନିର୍ଦ୍ଧାରଣ: ୪୦୦ କେଭିଏସ୍ ସି ସିଙ୍ଗରୋଲି-ବିନ୍ଧ୍ୟାଚଳ ଟ୍ରାନ୍ସମିଶନ ଲାଇନ ସହିତ ବିନ୍ଧ୍ୟାଚଳରେ ଏଏନଆର ଏବଂ ଡବ୍ଲୁଆର ପାଇଁ (୨X୨୫୦ ମେଗାୱାଟ ଏଚବିଡିସି ବେକ୍ ଟୁ ବେକ୍)

୧. ଉପଯୁକ୍ତ ଟ୍ରାନ୍ସମିଶନ ସିଷ୍ଟମ୍ର ହିତାଧକାରୀ: (୧) ଏମପିପିଏମସିଏଲ, ଜବଲପୁର (୨) ଏମଏସଇଡିସିଏଲ, ମୁମ୍ବାଇ (୩) ଜିୟୁବିଏନଏଏଲ, ବଦୋଦରା(୪) ବିଦ୍ୟୁତ ବିଭାଗ ଗୋଆ ସରକାର, ପାନାଜୀ (୫) ଡିଏନଏଏଚଡିପିସିଏଲ, ସିଲବାସା (୬) ସିଏସ୍‌ପିଡିସିଏଲ, ରାୟପୁର (୭) ଆଜମେର ବିଦ୍ୟୁତ ବିତରଣ ନିଗମ ଲିମିଟେଡ୍ (୮) ଜୟପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ୍ (୯) ଯୋଧପୁର ବିଦ୍ୟୁତ ବିତରଣ ନିଗମ ଲିମିଟେଡ୍ (୧୦) ପଞ୍ଜାବ ରାଜ୍ୟ ବିଦ୍ୟୁତ ନିଗମ ଲିମିଟେଡ୍ (୧୧) ହରିଆଣା ପାୱାର ପର୍ଚେଜ ସେଣ୍ଟର (୧୨) ଜାମ୍ମୁକାଶ୍ମୀର ପାୱାର କର୍ପୋରେସନ ଲିମିଟେଡ୍ (୧୩) ଉତ୍ତରପ୍ରଦେଶ ପାୱାର କର୍ପୋରେସନ ଲିମିଟେଡ୍ (୧୪)ବିଏସଇଏସ୍ ଯମୁନା ପାୱାର ଲିମିଟେଡ୍ (୧୫) ବିଏସଇଏସ୍ ରାଜଧାନୀ ପାୱାର ଲିମିଟେଡ୍ (୧୬) ଟାଟା ପାୱାରା ଦିଲ୍ଲୀ ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (୧୭) ଚଣ୍ଡିଗଡ଼ ବିଦ୍ୟୁତ ନିଗମ (୧୮) ଉତ୍ତରାଞ୍ଚଳ ପାୱାର କର୍ପୋରେସନ ଲିମିଟେଡ୍ (୧୯) ଉତ୍ତର ମଧ୍ୟ ରେଲୱେ (୨୦) ନୂଆଦିଲ୍ଲୀ ନଗର ପରିଷଦ (୨୧) ହିମାଚଳପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ।

**୨. ଟାରିଫ୍ ବିବରଣୀ:**

**(କ)୨୦୧୯-୨୪ ବ୍ଲକ୍** — ଟଙ୍କା ଲକ୍ଷରେ

| ପିଟିସନ୍ ନଂ | ଆସେଟ୍ ବିବରଣୀ | ଡିଓସିଓ/ଇସିଓଡି/ ନ୍ୟାସନାଲ | ୩୧.୦୩.୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ମୂଲ୍ୟ | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|---|---|
| ପିଟିସନ୍ -୧ | ମିଳିତ ସାମଗ୍ରୀ | ୦୬.୦୬.୧୯୮୯ | ୧୨୧୬୫.୯୨ | ୨୨୬୫.୯୨ | ୪୩୮୮.୮୮ | ୬୬୪୭.୦୫ | ୭୪୫୨.୫୩ | ୭୪୮୭.୯୭ |

**(ଖ) ୨୦୨୪-୨୯ ବ୍ଲକ୍** — ଟଙ୍କା ଲକ୍ଷରେ

| ପିଟିସନ୍ ନଂ | ଆସେଟ୍ ବିବରଣୀ | ୩୧.୦୩.୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ମୂଲ୍ୟ | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
|---|---|---|---|---|---|---|---|
| ପିଟିସନ୍ -୧ | ମିଳିତ ସାମଗ୍ରୀ | ୪୯୨୦୫.୫୯ | ୭୫୨୦.୦୦ | ୭୫୮୭.୬୪ | ୭୫୪୮.୭୨ | ୭୪୧୦.୫୬ | ୭୨୮୮.୫୩ |

୪.ଏହି ନୋଟିସ ଏବଂ ଟାରିଫ୍‌ର ନିର୍ଦ୍ଧାରଣ ପାଇଁ ଦିଆଯାଇଥିବା ଆବେଦନପତ୍ରର ପ୍ରତି ଆବେଦକ ୱେବସାଇଟ୍ www.powergridindia.com.ରେ ପୋଷ୍ଟ କରାଯାଇଛି।

୫. ଉପରୋକ୍ତ ଆବେଦନରେ ଉଲ୍ଲିଖିତ ତାରିଫରେ ନିର୍ଦ୍ଧାରଣ ପାଇଁ ପ୍ରସ୍ତାବ, ଅଭିଯୋଗ ଏବଂ ଆପତ୍ତି, ଯଦି କିଛି ଥାଏ ହିତାଧିକାରୀମାନଙ୍କ ସହିତ କୌଣସି ବ୍ୟକ୍ତି ଦ୍ୱାରା ସଚିବ, କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ ୬ବି, ୭ ବି ଏବଂ ୮ବି ମଞ୍ଜିଲ, ଟାୱାର ବି, ୱାର୍ଲ୍ଡ ଟ୍ରେଡ ସେଣ୍ଟର ନରୋଜି ନଗର, ନୂଆଦିଲ୍ଲୀ-୧୧୦୦୨୯(କିମ୍ବା ଅନ୍ୟ ଠିକଣା ଯେଉଁଠି ଆୟୋଗଙ୍କ କାର୍ଯ୍ୟାଳୟ ଅବସ୍ଥିତ) ଏହି ସୂଚନା ପ୍ରକାଶନର ୩୦ ଦିନ ମଧ୍ୟରେ ଆବେଦନକାରୀ ଏହାର କର୍ପୋରେଟ କାର୍ଯ୍ୟାଳୟକୁ ଅଭିଯୋଗ ପଠାଇ ପାରିବେ।

ସ୍ଥାନ: ଗୁରଗ୍ରାମ
ତାରିଖ: ୩୦.୧୨.୨୦୨୪

ପାୱାରଗ୍ରୀଡ଼ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ ପାଇଁ
ସ୍ୱା/-
ଉପମହାପ୍ରବନ୍ଧକ (କମର୍ସିଆଲ୍)

PG/CC/Notice-181/Advt-229/2024-25

**ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ସୌଦାମିନି, ପ୍ଲଟ୍ ନଂ.୨, ସେକ୍ଟର-୨୯, ଗୁରଗାଁଓ, ହରିଆନା-୧୨୨୦୦୧
ପଞ୍ଜିକୃତ କାର୍ଯ୍ୟାଳୟ: ବି-୯, କୁତବ୍ ଇନଷ୍ଟିଚ୍ୟୁସନାଲ ଏରିଆ କଟୱାରିଆ ସରାଇ, ନୂଆଦିଲ୍ଲୀ ୧୧୦୦୧୬
www.powergridindia.com. ସିଆଇଏନ: ଏଲ୪୦୧୦୧ଡିଏଲ୧୯୮୯ଜିଓଆଇ୦୩୮୧୨୧
ଏକ ମହାରତ୍ନ ପିଏସୟୁ



## कार्यपालक अभियंता का कार्यालय
## लघु सिंचाई प्रमण्डल, मेदिनीनगर
e-mail I.D. - eemidmed-cemr-jhr@nic.in

पत्रांकः–688 / मेदिनीनगर, दिनांक– 30 / 12 / 2024

**ई0– निविदा रद्द संबंधित सूचना**

इस कार्यालय के द्वारा आमंत्रित ई0–निविदा सूचना सं0:– **WRD/MID/MEDININAGAR/B.D./S.L.I.-03/2024-25** जिला पलामू के तरहसी प्रखण्ड अन्तर्गत छतरपुर सोलर उदवह सिंचाई योजना का निर्माण कार्य, जिसका PR. N0 :- 342851 Minor Irrigation(24-25):D उक्त ई0– निविदा को अपरिहार्य कारणों से अगले आदेश तक रद्द किया जाता है।

कार्यपालक अभियंता,
लघु सिंचाई प्रमण्डल,
मेदिनीनगर।

PR.NO.343209 Minor Irrigation(24-25):D



## कार्यालय नगर पंचायत, महागामा
## (गोड्डा)
npmahagama1@gmail.com

**शुद्धि–पत्र**

महागामा नगर पंचायत कार्यालय के पत्रांक–764, दिनांक–16.2.2024 के PR NO 342136 द्वारा विभिन्न सामाचार पत्रों में प्रकशित अतिअल्पकालीन ई–निविदा आमंत्रण सूचना संख्या– UDD/NPM/05/2024-25 (3rd Call), Tender Reference No- 2024_UDD_96971_1 में तकनिकी कारणों से निविदा समर्पित करने की अंतिम तिथि एवं निविदा खोलने की तिथि निम्नरूप से संशोधित की जाती है।

1. ऑनलाईन निविदा प्राप्त करने की अंतिम तिथि :– दिनांक :05.01.2024 के अपराहन 03:00 बजे तक।
2. निविदा (तकनिकी) खोलने की तिथि :– दिनांक : 06.01.2024 को अपराहन 05:00 बजे तक।

शेष अन्य निविदा एवं शर्तें पूर्ववत रहेगी।

कार्यपालक पदाधिकारी
नगर पंचायत, महागामा।

PR 343137 Godda(24-25)D



## OFFICE OF THE PANCHAYAT SAMITI, GAISILET
AT/PO/PS:-Gaisilet, Dist.:- Bargarh (Odisha), PIN:- 768037
E_MailID:-ori-gaisilet@nic.in

i-

No. **7155** / Dt.**30.12.2024**

**CORRIGENDUM**

The E-Tender Call Notice ID No.**2024_PRBGI_108311_1**, Tender Reference No.**04/2024-25** for **Construction of Hostel Building for Gopabandhu SS School at Jenkeda, Talpali GP, Gaisilet Block**(Civil Work) of this Office, Published on date.**19.12.2024** is hereby cancelled due to some Technical Issue.

Sd/-Block Development Officer,
Gaisilet

OIPR 19191/11/0007/2425



O-1083

Email:- rw_dharmagarh@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**

BID IDENTIFICATION NO. DMGH/Online-10 of 2024-25 Dates: 27.12.2024

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Building works in the District of Kalahandi as mentioned in DTCN
2. Total No of Works : 04 No.
3.Estimated Cost: : Rs.1.68 Lakhs to Rs. 3.36 lakhs
4.Period of Completion: : 01 Calendar Month

5.Other Details:

| Availability of Tender online for bidding | | Last date & time seeking tender clarification | Date &timeof Opening of tender |
|---|---|---|---|
| From | To | | |
| 02.01.2025 At 10.00 AM | 13.01.2025 Up to 5.00 PM | 08.01.2025 Up to 5.00 PM | 15.01.2025 At 11.00 AM |

Further details can be seen from the website www.tendersorissa.gov.in

Sd/-Executive Engineer
Rural Works Division
Dharmagarh

OIPR 25100/11/0015/2425



## कार्यपालक अभियन्ता का कार्यालय
## ग्रामीण कार्य विभाग, कार्य प्रमण्डल, हजारीबाग

**ई-निविदा आमंत्रण सूचना**

ई–निविदा सं0 :– 13/2024-25/RWD/EE/HAZARIBAG दिनांक :– 30.12.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

1. कार्य की विवरणी :–

| क्र0 सं0 | आईडेन्टी फिकेशन संख्या / पैकेज संख्या | प्रखण्ड | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | कॉल |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/HAZ/MMGSY/20/2024-25 | बड़कागॉव | ग्राम चिरुडीह से हेसावार तक पथ निर्माण कार्य (लं0–4.500 कि0मी0) | 5,80,82,200/- | पॉच करोड़ अस्सी लाख बेरासी हजार दो सौ रुपये मात्र | 12 (बारह) माह | प्रथम |
| 2 | RWD/HAZ/MMGSY/21/2024-25 | बड़कागॉव | ग्राम कौशी से सेहदा तक पथ निर्माण कार्य (लं0–5.450 कि0मी0) | 7,59,29,400/- | सात करोड़ उनसठ लाख उनतीस हजार चार सौ रुपये मात्र | 12 (बारह) माह | प्रथम |

2. वेबसाईट में निविदा प्रकाशन की तिथि :– 08.01.2025
3. ई–निविदा प्राप्ति की अंतिम तिथि एवं समय :– 20.01.2025 अपराह्न 5.00 बजे तक ।
4. निविदा खोलने की, तिथि, एवं समय– 21.01.2025 अपराह्न 5:30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, हजारीबाग ।
6. ई–निविदा प्रकोष्ठ का दूरभाष सं0– 06546–265286।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है ।

कार्यपालक अभियंता,
ग्रामीण कार्य विभाग,
कार्य प्रमण्डल, हजारीबाग

PR 343165 Rural Work Department (24-25)_D



## झारखण्ड सरकार
## कार्यपालक अभियंता का कार्यालय,ग्रामीण कार्य विभाग, कार्य प्रमण्डल, चतरा

**ई–अल्पकालीन पुनर्निविदा आमंत्रण सूचना**

ई–पुनर्निविदा संख्या– 09/RIV/2024-25/RWD/CHATRA दिनांक– 28.12.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार **e-procurement** पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या / पैकेज संख्या | कार्य का नाम | प्राक्कलित राशि | | कार्य समाप्ति की अवधि | टेण्डर कॉल सं. |
|---|---|---|---|---|---|---|
| | | | अंक में (लाख) | अक्षर में | | |
| 1 | RWD/ CHATRA/ STPKG/05/ 2023-24 | ओरी से कोंची तक पथ का सुदृढ़ीकरण कार्य (लं.–5.600 कि.मी.)। | 1334.466 | तेरह करोड़ चौंतीस लाख छियालीस हजार छः सौ मात्र | 15 माह | पंचम |
| 2 | | पारामातु करमतर से टेढ़ी महुआ तक पथ का सुदृढ़ीकरण कार्य (लं.–1.900 कि.मी.)। | | | | |
| 3 | | पारामातु कस्तुरबा स्कुल से कटिया रोड तक पथ का सुदृढ़ीकरण कार्य (लं.–1.950 कि.मी.)। | | | | |
| 4 | | लमटा से शिवराजपुर तक पथ का सुदृढ़ीकरण कार्य (लं.–1.650 कि.मी.)। | | | | |
| 5 | | बेला से सोनपुर तक पथ का सुदृढ़ीकरण कार्य (लं.–2.200 कि.मी.)। | | | | |
| 6 | | बेदौली से बकसपुरा तक पथ का सुदृढ़ीकरण कार्य (लं.–1.680 कि.मी.)। | | | | |
| 7 | | चतरा से लुट्टू तक पथ का सुदृढ़ीकरण कार्य (लं.–5.520 कि.मी.)। | | | | |
| 8 | | चतरा से जलेद तक पथ का सुदृढ़ीकरण कार्य (लं.–4.500 कि.मी.)। | | | | |
| 9 | | एस.एच. चतरा–27KM से बारीसाखी तक पथ का सुदृढ़ीकरण कार्य (लं.–1.000 कि.मी.)। | | | | |

2. वेबसाईट में निविदा प्रकाशन की तिथि :– 11.01.2025
3. ई–निविदा प्राप्ति की अंतिम तिथि एवं समय :– 22.01.2025 अपराह्न 5.00 बजे तक।
4. ई–निविदा खोलने की तिथि एवं समय :– 24.01.2025 अपराह्न 3.30 बजे।
5. ई–निविदा आमंत्रित करनेवाले पदाधिकारी का नाम एवं पता :– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।
6. ई–निविदा प्रकोष्ठ का दूरभाष संख्या :– 06541-296208

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता ळें

कार्यपालक अभियंता,
ग्रामीण कार्य विभाग,कार्य प्रमण्डल,चतरा

PR 343229 Rural Work Department(24-25).D



## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, सिमडेगा।
**Email Id- rwdsimdega@gmail.com**
**अल्पकालीन ई–निविदा आमंत्रण सूचना**
**(e-Procurement Call)**

अल्पकालीन ई–निविदा सूचना संख्या – 20/2024-25/RWD/SIMदिनांक – 30-12-2024

**1.**कार्य की विस्तृत विवरणी:मुख्यमंत्री ग्राम सड़क योजना **(4515)**

| क्र० सं० | प्रखण्ड | आईडेन्टीफिकेशन संख्या | कार्य का नाम | प्राक्कलित राषि (लाख में) | टेंडर कॉल संख्या | कार्य समाप्ति की अवधि |
|---|---|---|---|---|---|---|
| 1 | बानो | RWD/SIM/ 20/2024-25 | आर0ई0ओ0 रोड से बीरता भंडारटोली तक प॰ I निर्माण कार्य। (लं0–2.620 कि0मी0) | 270.438 (दो करोड़ सत्तर लाख तैंतालीस हजार आठ सौ रूपये मात्र) | प्रथम | 15 महिना |

1. वेबसाइट में निविदा प्रकाशन की तिथि – 02-01-2025
2. अल्पकालीन ई–निविदा प्राप्ति की अंतिम तिथि एवं समय – 15-01-2025 अपराह्न 05:00 बजे तक।
3. अल्पकालीन ई–निविदा खोलने की तिथि एवं समय – 17-01-2025 अपराह्न 11:30 बजे।
4. अल्पकालीन ई–निविदा आमंत्रित करने वाले पदाधिकारी का पदनाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, सिमडेगा।
5. अल्पकालीन ई–निविदा प्रकोष्ठ का दूरभाष सं० – 06525-299956 एवं मोबाईल नम्बर 9973512046
6. निविदा शुल्क एवं अग्रधन की राशि विभागीय पत्रांक 3130 अनु0 दि0 09-10-2023 के निर्देशानुसार केवल Online Mode द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही निविदादाता की होगी।
8. प्राक्कलित राशि घट–बढ़ सकती है। अग्रधन की राशि परिमाण विपत्र के अनुसार मान्य होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, सिमडेगा।

PR 343239 Rural Work Department(24-25)D



## झारखण्ड सरकार
## ग्रामीण कार्य विभाग कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, जमशेदपुर
**ई–निविदा आमंत्रण सूचना**

ई–निविदा संख्या:- **19/2024-25/RWD/EE/JSR** दिनांक :- 30.12.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशनसंख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि |
|---|---|---|---|---|---|
| | | | अंक में | अक्षर में | |
| 1. | RWD/ JAMSHEDPUR/ 56/2024-25 | कापाड़िया चौक से डुंगरी शिव मंदिर हिजली भुरसान तक पथ निर्माण कार्य। (लं–1.905 कि0मी0) | 2,19,91,300.00 | दो करोड़ उन्नीस लाख एकानवे हजार तीन सौ रू0 मात्र | 12 माह |
| 2. | RWD/ JAMSHEDPUR/ 57/2024-25 | बाघराचुड़ा देहरीसोल होते हुए पुरनापानी तक पथ निर्माण कार्य। (लं–2.325 कि0मी0) | 2,57,18,700.00 | दो करोड़ सन्तावन लाख अठारह हजार सात सौ रू0 मात्र | 15 माह |
| 3. | RWD/ JAMSHEDPUR/ 58/2024-25 | बेनासोली सितुमडीह टोला से विमल हेम्ब्रम के घर तक पथ निर्माण कार्य। (लं–2.005 कि0मी0) | 2,16,56,300.00 | दो करोड़ सोलह लाख छप्पन हजार तीन सौ रू0 मात्र | 12 माह |
| 4. | RWD/ JAMSHEDPUR/ 59/2024-25 | डोमजुड़ी बकुल तल चौक से नयाग्राम पिपल पेड़ तक पथ निर्माण कार्य। (लं–1.170 कि0मी0) | 1,48,46,500.00 | एक करोड़ अड़तालीस लाख छियालीस हजार पॉच सौ रू0 मात्र | 12 माह |

2. वेबसाईट में निविदा प्रकाशन की तिथि :– 01.01.2025।
3. ई–निविदा प्राप्ति की अंतिम तिथि एवं समय :– 21.01.2025 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 22.01.2025 अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,
जमशेदपुर

PR 343216 REO(24-25)D



## झारखण्ड सरकार
## ग्रामीण कार्य विभाग कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, जमशेदपुर
**ई–निविदा आमंत्रण सूचना**

ई–निविदा संख्या:- **09/2024-25/STPKG/RWD/EE/JSR** दिनांक :- **30.12.2024**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि |
|---|---|---|---|---|---|
| | | | अंक में | अक्षर में | |
| 1 | RWD/EE/JSR/ STPKG/07/2024-25 | निरूडीह से पलासबानी तक पथ का सुदृढ़ीकरण कार्य। (लम्बाई–1.700 कि0मी0) | 77,06,600.00 | सतहत्तर लाख छः हजार छः सौ रू0 मात्र | 15 माह |
| | | आर0ई0ओ0 रोड से कोलाबरीया तक पथ का सुदृढ़ीकरण कार्य। (लम्बाई–1.350 कि0मी0) | 1,26,95,800.00 | एक करोड़ छब्बीस लाख पन्चानवे हजार आठ सौ रू0 मात्र | |
| | | बेसारपहाड़ी से चटानीपानी तक पथ का सुदृढ़ीकरण कार्य। (लम्बाई–7.000 कि0मी0) | 4,80,48,500.00 | चार करोड़ अस्सी लाख अड़तालीस हजार पॉच सौ रू0 मात्र | |
| | | आर0ई0ओ0 रोड से चिंगरा तक पथ का सुदृढ़ीकरण कार्य। (लम्बाई–1.850 कि0मी0) | 1,39,61,200.00 | एक करोड़ उन्चालीस लाख एकसठ हजार दो सौ रू0 मात्र | |
| | | L063 आर0ई0ओ0 पथ से जामबनी तक पथ का सुदृढ़ीकरण कार्य। (लम्बाई–1.825 कि0मी0) | 94,72,500.00 | चौरानवे लाख बहत्तर हजार पॉच सौ रू0 मात्र | |
| | कुल | | **9,18,84,600.00** | नौ करोड़अठारह लाख चौरासी हजार छः सौ रू0 मात्र | |

2. वेबसाईट में निविदा प्रकाशन की तिथि :– 01.01.2025।
3. ई–निविदा प्राप्ति की अंतिम तिथि एवं समय :– 21.01.2025 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 22.01.2025 अपराह्न 5.00 बजे ।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR.NO.343213 REO(24-25):D



## ई० प्रोक्योरमेन्ट सेल
## कार्यपालक अभियंता का कार्यालय
## भवन निर्माण विभाग, भवन प्रमण्डल, लातेहार
**ई– प्रोक्योरमेन्ट नोटिस**

ई–टेन्डर रेफरेन्स नं0–23/2024-25/EE/BCD/LATEHAR दिनांक– 28.12.2024

| क्र0 सं0 | कार्य का नाम | प्राक्कलित राशि (रू0) | कार्य पूर्ण करने की अवधि |
|---|---|---|---|
| 1 | Proposed Construction of Swimming Pool at Latehar | 49993300 /- | 11 (Eleven) Months |

1. वेबसाईट पर निविदा प्रकाशन की तिथि :– 07 / 01 / 2025 को 11:00 बजे
2. बिड प्राप्ति के लिए अन्तिम तिथि / समय :– 20 / 01 / 2025 को 11:00 बजे
3. निविदा प्रकाशित करने वाले कार्यालय का नाम एवं पत्ता :– कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल, लातेहार।
4. निविदा खोलने की तिथि / समय एवं स्थान :– 21 / 01 / 2025 को 11:30 बजे नोडल पदाधिकारी, ई0 प्रोक्योरमेन्ट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, राँची।
5. प्रोक्योरमेन्ट पदाधिकारी का सम्पर्क संख्या :– 9431501121
6. ई–प्रोक्योरमेन्ट सेल का हेल्पलाईन संख्या :– 8434414939
7. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
8. सूचना प्रौधोगिकी एवं ई–गवर्नेस विभाग, झारखण्ड सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, SOP के तहत् अग्रधन की राशि उसी खाते में वापस होगी। अगर खाता को बंद कर दिया जाता है तो उसकी सम्पूर्ण जवाबदेही निविदादाता की होगी।
- अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

कार्यपालक अभियंता का कार्यालय
भवन निर्माण विभाग, भवन प्रमण्डल, लातेहार

PR 343142 Building(24-25).D



## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, जमशेदपुर
**ई–अल्पकालिन पुनर्निविदा आमंत्रण सूचना**

ई–अल्पकालिन पुनर्निविदा संख्या:- **RWD/EE/JSR/STPKG/01/RXIV/2023-24** दिनांक :- **30.12.2024**

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल सं0 |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/EE/ JSR/ STPKG/01/2023-24 | देबंकी चौक से धिरोल तक पथ का विशेष मरम्मति कार्य। (लं–4.000 कि0मी0) | 1,26,68,500.00 | एक करोड़ छब्बीस लाख अड़सठ हजार पाँच सौ रू0 मात्र | 15 माह | पन्द्रहवॉं |
| | | गोविन्दपुर जादुगोड़ा रोड से कुलडीहा तक पथ का विशेष मरम्मति कार्य। (लं–1.450 कि0मी0) | 79,30,500.00 | उनासी लाख तीस हजार पाँच सौ रू0 मात्र | | |
| | | पोराडीह बारमपुट घाट (धुसुरडिपा) से तलसाई पी.सी.सी. रोड भाया नवागॉव पोड़ा भालकी तक पथ का विशेष मरम्मति कार्य। (लं–1.720 कि0मी0) | 1,16,44,800.00 | एक करोड़ सोलह लाख चौवालीस हजार आठ सौ रू0 मात्र | | |
| | | नारदा बलिया मा¡>ी के घर से रीचू हांसदा काशियाबेड़ा तक पथ का विशेष मरम्मति कार्य। (लं–1.520 कि0मी0) | 1,18,85,000.00 | एक करोड़ अठारह लाख पचासी हजार रू0 मात्र | | |
| | | T07 से सिलिंग तक पथ का विशेष मरम्मति कार्य। (लं–5.700 कि0मी0) | 2,77,54,500.00 | दो करोड़ सतहतर लाख चौवन हजार पाँच सौ रू0 मात्र | | |
| | | पोटका प्रखण्ड अन्तर्गत उलनसाई L054 PMGSY Road से बारेटोला तक पथ का विशेष मरम्मति कार्य। (लं–1.270 कि0मी0) | 82,73,000.00 | बिरासी लाख तिहतर हजार रू0 मात्र | | |
| | | आर.ई.ओ. रोड से मानिकपुर तक पथ का विशेष मरम्मति कार्य। (लं–2.150 कि0मी0) | 1,31,47,500.00 | एक करोड़ एकतीस लाख सैंतालीस हजार पाँच सौ रू0 मात्र | | |
| | | जायाडीह से बनकाटी तक पथ का विशेष मरम्मति कार्य। (लं–2.600 कि0मी0) | 1,55,53,500.00 | एक करोड़ पचपन लाख तिरपन हजार पाँच सौ रू0 मात्र | | |
| | | कुल | **10,88,57,300.00** | **दस करोड़ अठ्ठासी लाख सन्तावन हजार तीन सौ रू0 मात्र** | | |

2. वेबसाईट में निविदा प्रकाशन की तिथिः– **01.01.2025।**
3. ई–निविदा प्राप्ति की अंतिम तिथि एवं समयः– **15.01.2025** अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– **16.01.2025** अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर

PR 343214 (REO) 24-25 (D)



ନୂଆଦିଲ୍ଲୀ : କେରଳର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଏକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯେଉଁଥିରେ ଯୋଗ ଦେବା ପାଇଁ ଥ୍ରିକ୍କାକରା ବିଧାୟିକା ଉମା ଥମାସ ପହଞ୍ଚିଥିଲେ । ହେଲେ ହଠାତ୍ ଏମିତି କିଛି ଅଘଟଣ ଘଟିଥିଲା । ଯେଉଁ କାରଣରୁ ସେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଷ୍ଟାଡିୟମରେ ପହଞ୍ଚିଥିଲେ କଂଗ୍ରେସ ବିଧାୟିକା। ହଠାତ୍ ଷ୍ଟାଡିୟମ ଗ୍ୟାଲେରିରୁ ତଳକୁ ଖସି ପଡ଼ିଲେ ବିଧାୟିକା ଉମା । ପ୍ରାୟ ୧୫ ଫୁଟ ଉଚ୍ଚତାରୁ ଖସିଯିବାରୁ ତାଙ୍କ ମୁଣ୍ଡ ଓ ଫୁସଫୁସରେ ଗଭୀର ଆଘାତ ଲାଗିଛି। ସେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ନେଇ ମେଡିକାଲ ପକ୍ଷରୁ କୁହାଯାଇଛି। ସେପଟେ ଆୟୋଜକଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏକ ମାମଲା ରୁଜୁ ହୋଇଛି। ଏପରି ଅଘଟଣ କାହିଁକି ଘଟିଲା, ତାହାର କାରଣ ଖୋଜିବାକୁ ଯାଞ୍ଚ ଆରମ୍ଭ ହୋଇଥିବା ନେଇ ଅଧିକାରୀ ସୂଚନା ଦେଇଛନ୍ତି। ଉମା ଥମାସ୍ କେରଳ ବିଧାନସଭାର ସଦସ୍ୟ ଅଛନ୍ତି।

# କୃଷକ ସଂଗଠନର ପଞ୍ଜାବ ବନ୍ଦ ଡାକରା, ୧୫୦ ଟ୍ରେନ ବାତିଲ



ନୂଆଦିଲ୍ଲୀ : ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ସୋମବାର ପଞ୍ଜାବରେ ରାଜ୍ୟବ୍ୟାପୀ ବନ୍ଦ ଡାକରା ଦିଆଯାଇଛି। ଆମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂହ ଡଲ୍ଲେୱାଲଙ୍କୁ ସମର୍ଥନ କରି ଏକାଧିକ ଦାବିରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏହି ବନ୍ଦ ଡାକରା ଦେଇଛନ୍ତି କୃଷକ ସଂଗଠନ। ଫଳରେ ସାରା ରାଜ୍ୟରେ ରାସ୍ତାଘାଟ ବନ୍ଦ ହେବା ସହ ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସାମବାର ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ବନ୍ଦ ଡାକରା ଦେଇଛନ୍ତି ଏକାଧିକ କୃଷକ ସଂଗଠନ। ୩୫ ଦିନ ହେବ ଆମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂହ ଡଲ୍ଲେୱାଲଙ୍କ ସ୍ୱାସ୍ଥ୍ୟରେ କ୍ରମାଗତ ଅବନତୀ ଘଟୁଛି। ପଞ୍ଜାବ ସରକାର ମନାଇବାକୁ ଚେଷ୍ଟା କରିବା ସତ୍ତ୍ୱେ ସେ ଚିକିତ୍ସା ପାଇଁ ରାଜି ହେଉନାହାନ୍ତି। ଅନ୍ୟପଟେ ଚାଷୀ ନେତା ସରବନ ସିଂହ ପଂଧେର କହିଛନ୍ତି ଯେ, ଏହି ବନ୍ଦଙ୍କୁ ସମର୍ଥନ କରିବାକୁ ଆମେ ତିନି କୋଟି ପଞ୍ଜାବବାସୀଙ୍କୁ ଅନୁରୋଧ କରିଥିଲୁ। ଆମେ ଜୋର କରି କାହାର ଦୋକାନ ବା ସଂସ୍ଥାକୁ ବନ୍ଦ କରିନାହୁଁ। ହେଲେ ସମସ୍ତେ ନିଜ ଇଚ୍ଛାରେ ସବୁ ବନ୍ଦ କରି ଆମକୁ ସମର୍ଥନ କରିଛନ୍ତି। ଏବେ ପର୍ଯ୍ୟନ୍ତ ବନ୍ଦ ସଫଳ ରହିଛି। ଆମେ ପଞ୍ଜାବକୁ ଚାରିପଟରୁ ଆସୁଥିବା ଟ୍ରେନ ସେବାକୁ ବନ୍ଦ କରିଛୁ। ଆଜି ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ରାସ୍ତା ଓ ରେଳ ଧାରଣା ବନ୍ଦ ରହିବ। ପଞ୍ଜାବବାସୀ ନିଜ ହୃଦୟରୁ ସମର୍ଥନ କରି ଏହି ବନ୍ଦ ପାଳନ କରୁଛନ୍ତି। ତେବେ ବନ୍ଦ ପାଳନ ବେଳେ ହିଂସା ହେଉ ବୋଲି ସରକାର ଚାହୁଁଥିବା କହିଛନ୍ତି ସରବନ ସିଂହ। ତେଣୁ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦକୁ ସଫଳ କରିବା ପାଇଁ ସେ ପଞ୍ଜାବର ଯୁବବର୍ଗଙ୍କୁ ଅନୁରୋଧ କରିଛନ୍ତି। ବନ୍ଦ ବେଳେ ମେଡିକାଲ ଓ ଅନ୍ୟ ଜରୁରୀକାଳିନ ସେବା ଉପରେ କୌଣସି ପ୍ରଭାବ ପଡ଼ିବନି ବୋଲି କହିଛନ୍ତି ଚାଷୀ ନେତା। ଏପରିକି ବିବାହ ବରଯାତ୍ରୀଙ୍କୁ ମଧ୍ୟ ଅଟକାଯିବ ନାହିଁ। ସେହିଭଳି ଚାକିରି ପାଇଁ ଇଣ୍ଟର୍ଭ୍ୟୁ ଦେବାକୁ ଯାଉଥିବା ଯୁବବର୍ଗଙ୍କୁ କେଉଁଠାରେ ମଧ୍ୟ ଅଟକାଯିବ ନାହିଁ। କିଛିମାତ୍ରାରେ ସରକାରୀ କାର୍ଯ୍ୟାଳୟ ଓ ପେଟ୍ରୋଲ ପମ୍ପ ମଧ୍ୟ ଖୋଲା ରହିଛି। ସେପଟେ ପଞ୍ଜାବ ଟ୍ରକ ଡ୍ରାଇଭର ସଂଘ ଓ ଲୁଧିଆନା ଟ୍ରାନ୍ସପୋର୍ଟ ଡିଲର ସଂଘ ମଧ୍ୟ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ଅପରାହ୍ନ ୪ଟା ପର୍ଯ୍ୟନ୍ତ ସେବା ବନ୍ଦ ରଖିଛନ୍ତି। ସେହିଭଳି ଚାଷୀ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଆଜି ପାଇଁ ପଞ୍ଜାବରୁ ଯାତାୟାତ କରୁଥିବା ପ୍ରାୟ ୧୫୦ ଟ୍ରେନକୁ ବାତିଲ କରିଦେଇଛି ରେଳ ବିଭାଗ। ଯେଉଁଥିରେ ପଞ୍ଜାବ ସମେତ ଦିଲ୍ଲୀ, ରାଜସ୍ଥାନ, ହରିୟାଣା ଆଦି ରାଜ୍ୟର ଅନେକ ଲୋକ ମଧ୍ୟ ପ୍ରଭାବିତ ହେବେ।

## ବିଷ୍ଣୁଦେବଙ୍କୁ ଭେଟିଲେ ରାଷ୍ଟ୍ରୀୟ ଜୁଡୋ କ୍ରୀଡ଼ାବିତ୍ ହେମବତୀ

# ଅଲିମ୍ପିକ୍‌ରେ ମେଡାଲ ନେଇ ଫେରିବା ମୋ ସ୍ୱପ୍ନ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ରାଷ୍ଟ୍ରୀୟ ଜୁଡୋ କ୍ରୀଡ଼ାବିତ୍ ହେମବତୀ ନାଗଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ।

ଛତିଶଗଡ଼ର କୋଣ୍ଡା ଗାଁର ଝିଅ ହେମବତୀ ତାର ଉପଲବ୍ଧି ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ୨୦୨୪ ଗ୍ରହଣ କରିଛନ୍ତି । ହେମବତୀ ମୁଖ୍ୟମପନ୍ତ୍ରୀଙ୍କୁ ଭେଟିବା ସମୟରେ ନିଜର ଉପଲବ୍ଧି ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଅଲିମ୍ପିକ୍‌ରେ ଦେଶ ପାଇଁ ସେ ମେଡାଲ ନେଇକରି ଫେରିବେ । ଏପରି ଶୁଣିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ହେମବତୀଙ୍କୁ ସାବାସୀ ଦେବା ସହ ନିଜର ସ୍ୱପ୍ନ ପୂରଣ ପାଇଁ ସର୍ବଦା ମେହନତ କରିବାକୁ ପରାମର୍ଶ ଦେଇଥିଲେ । ସେ ଆହୁରି କହିଥିଲେ ଯେ, ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ତଥା କ୍ରୀଡ଼ାର ଉନ୍ନତି ପାଇଁ ସମସ୍ତ ସୁବିଧା ଯୋଗାଇ ଦେବାକୁ ମୁଁ ପ୍ରତିଶ୍ରୁତିବଦ୍ଧ । ମୁଖ୍ୟମନ୍ତ୍ରୀ ଶ୍ରୀ ହେମବତୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ କହିଥିଲେ ଯେ, ତୁମେ ଜାତୀୟ ଗେମ୍ ଓ ରାଷ୍ଟ୍ରୀୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ଜିତିବା ସହ ରାଜ୍ୟ ପାଇଁ ଗୌରବ ଆଣିଛ । ଏଥିପାଇଁ ତାଙ୍କୁ ସେ ଆଶୀର୍ବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଛତିଶଗଡ଼ର କୃଷିମନ୍ତ୍ରୀ ରାମବିଚାର ନେତାମ୍, ଖାଦ୍ୟ ମନ୍ତ୍ରୀ ଦୟାଲଦାସ ବାଘେଲ, ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ, ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ରାଜସ୍ୱ ମନ୍ତ୍ରୀ ଟଙ୍କରାମ ବର୍ମା, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ ଏବଂ ଉଦ୍ୟୋଗ ମନ୍ତ୍ରୀ ଲଖନଲାଲ୍ ଦେବଗନ ଉପସ୍ଥିତ ଥିଲେ ।

# ନଦୀରେ ଖସିପଡିଲା ଟ୍ରକ୍: ୬୦ ଜଣଙ୍କର ମୃତ୍ୟୁ



ନୂଆଦିଲ୍ଲୀ: ଆଫ୍ରିକୀୟ ଦେଶ ଇଥିଓପିଆରେ ଏକ ବଡ଼ ଦୁର୍ଘଟଣା ଘଟିଯାଇଛି। ଏକ ଯାତ୍ରୀ ଭରା ଟ୍ରକ୍ ନଦୀକୁ କସି ପଡିବାରୁ ୬୦ ଜଣ ପ୍ରାଣ ହରାଇଛନ୍ତି। ରାଜଧାନୀ ଆଡିସ୍ ଆବାବା ଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଥିବା ସିଡାମା ରାଜ୍ୟରେ ଏହି ଦୁର୍ଘଟଣା ଘଟିଛି। ଦକ୍ଷିଣ ସିଡାମା ଅଞ୍ଚଳର ଅଧିକାରୀଙ୍କ ଅନୁଯାୟୀ, ଏହି ଭୟଙ୍କର ଦୁର୍ଘଟଣା ବୋନା ଜିଲ୍ଲାରେ ଘଟିଛି। ଏହି ଦୁର୍ଘଟଣାରେ ଆହତମାନଙ୍କୁ ବୋନା ଜେନେରାଲ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଇଥିଓପିଆର ବ୍ରଡକାଷ୍ଟିଂ କର୍ପୋରେସନ୍ (ଇବିସି) ଅନୁଯାୟୀ ସମସ୍ତ ଲୋକ ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ। ସମସ୍ତ ଲୋକ ଏକ ଇଜୁଜୁ ଟ୍ରକରେ ଯାତ୍ରା କରୁଥିଲେ। କିନ୍ତୁ ହଠାତ୍ ଟ୍ରକଟି ଭାରସାମ୍ୟ ହରାଇ ନଦୀରେ ଖସିପଡିଥିଲା। ଅନ୍ୟପକ୍ଷରେ ନଦୀରେ ଲୋକଙ୍କ ସନ୍ଧାନ ଜାରି ରହିଛି। ସ୍ଥାନୀୟ ଲୋକ ଏବଂ ସରକାରୀ ବିଭାଗ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସୂଚନା ଥାଉ କି ଯେ ଇଥିଓପିଆରେ ଖରାପ ଡ୍ରାଇଭିଂ ମାନକ ଏଠାରେ ସୁରକ୍ଷିତ ପରିବହନ ପାଇଁ ସବୁଠାରୁ ବଡ ପ୍ରତିବନ୍ଧକ । ପ୍ରାୟ ଛଅ ବର୍ଷ ପୂର୍ବେ ୨୦୧୮ରେ, ଇଥିଓପିଆରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଛାତ୍ରମାନଙ୍କୁ ନେଇ ଯାଉଥିବା ଏକ ବସ୍ ଖାଲରେ ଖସିପଡିଥିଲା ଯେଉଁଥିରେ ୩୮ ଜଣ ପ୍ରାଣ ହରାଇଥିଲେ।

# ହୋଟେଲରୁ ଅଭିନେତାଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ: ପରଲୋକରେ ମଲୟାଲମ୍ ଅଭିନେତା ଦିଲୀପ ଶଙ୍କର। ଅନେକ ମଲାୟାଲମ୍ ଚଳଚ୍ଚିତ୍ର ଏବଂ ଟିଭି ସିରିଏଲରେ ଅଭିନୟ କରିଥିବା ଅଭିନେତା ଦିଲୀପ ଶଙ୍କରଙ୍କର ମୃତଦେହ ହୋଟେଲ ରୁମରୁ ମିଳିଥିବା ପୁଲିସ ସୂଚନା ଦେଇଛି। 'ଚପା କୁରିଶୁ' ଏବଂ 'ନର୍ଥ ୨୪ କାଥମ୍' ଭଳି ଚଳଚ୍ଚିତ୍ର ଏବଂ ଅନେକ ସିରିଏଲରେ କାମ କରିଥିବା ଅଭିନେତା ଦିଲୀପ ଶଙ୍କର ନିଜ ଚରିତ୍ର ପାଇଁ ଜଣାଶୁଣା ଥିଲେ। ପୁଲିସ କହିଛି ଯେ ସିରିଏଲର ସୁଟିଂ ପାଇଁ ସେ ଡିସେମ୍ବର ୧୯ରେ ଥିରୁବନନ୍ତପୁରମର ଏକ ହୋଟେଲରେ ରହିଥିଲେ। ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ହୋଟେଲ କର୍ମଚାରୀ ଦୁଇ ଦିନ ପୂର୍ବରୁ ଶଙ୍କରଙ୍କୁ ତାଙ୍କ ହୋଟେଲ ରୁମରେ ଶେଷ ଥର ପାଇଁ ଦେଖିଥିଲେ। ହୋଟେଲ କର୍ମଚାରୀ ଏବଂ ଧାରାବାହିକ ଟିମର ବାରମ୍ବାର କଲ୍ ପରେ ବି ଅଭିନେତା ଫୋନ ନଉଠାଇବାରୁ ରୁମ କବାଟ ବାଡାଇଥିଲେ ହୋଟେଲ କର୍ମଚାରୀ। ଦିଲୀପ କବାଟ ନଖୋଲିବା ପରେ ପୋଲିସକୁ ଏନେଇ ସୂଚନା ଦିଆଯାଇଥିଲା। ପୁଲିସ ଆସି କବାଟ ଖୋଲିବା ପରେ ଦିଲୀପ ଚେତାଶୂନ୍ୟ ହୋଇ ତଳେ ପଡ଼ିଥିବା ଦେଖିଥିଲା। ଏହା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୂଜାରୀ ଓ ଗ୍ରନ୍ଥି ସମ୍ମାନ ଯୋଜନା ଘୋଷଣା କଲେ କେଜରିୱାଲ



ନୂଆଦିଲ୍ଲୀ: ଦିଲ୍ଲୀ ନିର୍ବାଚନ ବିଧାନସଭା ପୂର୍ବରୁ ଅରବିନ୍ଦ କେଜ୍ରିୱାଲଙ୍କ ବଡ଼ ଘୋଷଣା କରିଛନ୍ତି। ଦିଲ୍ଲୀବାସୀଙ୍କ ପାଇଁ ନୂଆ ଯୋଜନା ଆଣିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ । ବୟସ୍କ ଏବଂ ମହିଳା ପରେ ମନ୍ଦିର ପୂଜାରୀ ଏବଂ ଗୁରୁଦ୍ୱାରା ଶିଖ୍ ଗୁରୁଙ୍କୁ ନୂଆବର୍ଷରେ ଉପହାର ଦେଇଛନ୍ତି। ସେମାନଙ୍କୁ ପୂଜାରୀ ଏବଂ ଶିଖଗୁରୁ ଯୋଜନା ମାଧ୍ୟମରେ ସମ୍ମାନିତ କରିବାକୁ ଘୋଷଣା କରିଛନ୍ତି। ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ଦିଲ୍ଲୀ ସରକାରଙ୍କ ଯୋଜନାକୁ ନେଇ ସେ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିବାକୁ ଯାଉଛନ୍ତି। ଏହାର ନାଁ ହେଉଛି ପୂଜାରୀ ଓ ଗ୍ରନ୍ଥି ସମ୍ମାନ ଯୋଜନା । ଏହି ସ୍କିମ୍ ଆଧାରରେ ମନ୍ଦିରର ପୂଜାରୀ ଏବଂ ଗୁରୁଦ୍ୱାରାର ଶିଖଗୁରୁ ମାନଙ୍କୁ ଏକ ସମ୍ମାନ ରାଶି ମିଳିବ । ପ୍ରତିମାସରେ ୧୮ ହଜାର ଟଙ୍କା ଲେଖାଏଁ ମିଳିବା ନେଇ ଘୋଷଣା କରିଛନ୍ତି ଅରବିନ୍ଦ କେଜ୍ରିୱାଲ। ଦେଶରେ ପ୍ରଥମ କରି ପାଇଁ ଏଭଳି ଯୋଜନା ଘୋଷଣା ହୋଇଛି । ଯେଉଁ ମାନେ ମନ୍ଦିରରେ ପିଢୀ ପିଢୀ ଧରି କର୍ମକାଣ୍ଡ କରି ଆସୁଛନ୍ତି । ପରିବାରକୁ ଧ୍ୟାନ ନଦେଇ ନିଜ କାମ ଉପରେ ଏକାଗ୍ରତା ରଖିଆସିଛନ୍ତି ସେମାନଙ୍କ ପାଇଁ ଆମ୍ ଆଦମୀ ପାର୍ଟି ସରକାର ପ୍ରଥମ କରି ପୂଜାରୀ ଏବଂ ଗ୍ରନ୍ଥି ସମ୍ମାନ ଯୋଜନା ଆଣିଛନ୍ତି । ଏହି ଯୋଜନା ଦ୍ୱାରା ବହୁ ସଂଖ୍ୟାରେ ପୂଜାରୀ ଏବଂ ଶିଖଗୁରୁ ଉପକୃତ ହେବେ । ଦିଲ୍ଲୀ ପୂଜାରୀ ଏବଂ ଗ୍ରନ୍ଥି ସମ୍ମାନ ଯୋଜନା ଡିସେମ୍ବର ୩୧ ତାରିଖରେ ଶୁଭାରମ୍ଭ । ସେହି ଦିନ ଠାରୁ ପଞ୍ଜୀକରଣ ଆରମ୍ଭ ହେବା ବୋଲି ଘୋଷଣା କରିଛନ୍ତି ଅରବିନ୍ଦ କେଜ୍ରିୱାଲ । କନଟ ପ୍ଲେସରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେହି ଠାରୁ ପୂଜାରୀଙ୍କ ନାଁ ରେଜିଷ୍ଟ୍ରାଶନ ଆରମ୍ଭ ହେବ । ଦିଲ୍ଲୀର ସମସ୍ତ ମନ୍ଦିର ଏବଂ ଗୁରୁଦ୍ୱାରା ଯାଇ ଆପ୍ ବିଧାୟକ ଏବଂ ଆଶାୟୀ ପ୍ରାର୍ଥୀମାନେ ପୂଜାରୀ ଏବଂ ଶିଖଗୁରୁଙ୍କ ନାମ ପଞ୍ଜୀକରଣ କରିବେ। ଏହି ଯୋଜନା ଘୋଷଣା ମାଧ୍ୟମରେ ଅରବିନ୍ଦ କେଜ୍ରିୱାଲ ଭାରତୀୟ ଜନତା ପାର୍ଟିକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି । ବିଜେପିକୁ ସମର୍ଥନ ନକରିବାକୁ ଦିଲ୍ଲୀବାସୀଙ୍କୁ ଅପିଲ୍ କରିଛନ୍ତି ଆପ୍ ମୁଖ୍ୟ । ବିଜେପି ଦିଲ୍ଲୀରେ ମହିଳା ସମ୍ମାନ ପଞ୍ଜୀକରଣକୁ ବନ୍ଦ କରିବାକୁ ପୋଲିସକୁ ପଠାଇଥିଲା ବୋଲି କେଜ୍ରିୱାଲ ଅଭିଯୋଗ କରିଛନ୍ତି ।

# ବାଣିଜ୍ୟ

ମୁମ୍ବାଇ: ଆମାଜନ.ଇନର ହୋମ୍ ସପିଂ ସ୍ପ୍ରି ସହ ନୂଆବର୍ଷକୁ ବେଶ୍ ଧୁମଧାମରେ ପାଳନ କରନ୍ତୁ, ଯେଉଁଥିରେ ୱାଟର ହିଟର, ରୋଷେଇ ଉପକରଣ, ଆସବାବପତ୍ର ସମେତ ବିଭିନ୍ନ ଉତ୍ପାଦରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଓ କ୍ୟାସବ୍ୟାକ୍ ମିଳିବ। ଗ୍ରାହକମାନେ ୩ରୁ ୭ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଓରିଏଣ୍ଟ, ହାଭେଲ୍ସ, ବୋଶ, ଲାଇଫଲଙ୍ଗ ଭଳି ଶୀର୍ଷ ବ୍ରାଣ୍ଡର ବେଷ୍ଟସେଲରଙ୍କ ଉପରେ ଆକର୍ଷଣୀୟ ଡିଲ୍ ଉପଭୋଗ କରିପାରିବେ। ନୂତନ ବର୍ଷରେ ଆଶ୍ଚର୍ଯ୍ୟଜନକ ଡିଲ୍‌କୁ ହାତଛଡ଼ା କରନ୍ତୁ ନାହିଁ ଏବଂ ଆପଣଙ୍କ ପସନ୍ଦର ଘରୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ କିଣାକିଣି କରନ୍ତୁ । ସ୍ୱତନ୍ତ୍ର କୁପନରେ ଅତରିକ୍ତ କ୍ୟାଶବ୍ୟାକ ସହିତ ଏଚ୍‌ଡିଏଫ୍‌ସି, ଆଇଡିଏଫସି ଏବଂ ଫେଡେରାଲ ବ୍ୟାଙ୍କ କାର୍ଡରେ ୧୦% ପର୍ଯ୍ୟନ୍ତର ତୁରନ୍ତ ବ୍ୟାଙ୍କ ଡିସକାଉଣ୍ଟ୍ ପାଇପାରିବେ । ବିକ୍ରେତାଙ୍କଠାରୁ ଆକର୍ଷଣୀୟ ଡିଲ୍ ସହିତ ଆମାଜନ.ଇନ ଉପରେ ଲୋକପ୍ରିୟ ହୋମ୍, କିଚେନ୍ ଏବଂ ଆଉଟଡୋର୍ ଉତ୍ପାଦ ମଧ୍ୟରେ ରହିଛି ଓରିଏଣ୍ଟ ଇଲେକ୍ଟ୍ରିକ୍ ଆରେଭା ପୋର୍ଟେବଲ୍ ରୁମ୍ ହିଟର ଯାହା ମାତ୍ର ୧୪୯୯ ଟଙ୍କାରେ ଉପଲବ୍ଧ ରହିଛି। ଆମାଜନରେ ହାଭେଲ୍ସ ଆଡୋନିଆ ସ୍ୱିନ୍ ୨୫ ଲିଟର ଷ୍ଟୋରେଜ୍ ୱାଟର ହିଟର ୧୧,୪୯୯ ଟଙ୍କାରେ, ବୋସ୍ ପ୍ରଫେସନାଲ ଜିଡବ୍ଲ୍ୟୁଏସ ୬୦୦ ଆଙ୍ଗେଲ ଗ୍ରାଇଣ୍ଡର ୨୧୯୯ ଟଙ୍କାରେ, ବୋସ୍ ପ୍ରଫେସନାଲ ଜିଏସବି ୫୦୦ ଆରଇ କୋର୍ଡେଡ୍-ଇଲେକ୍ଟ୍ରିକ୍ ଡ୍ରିଲ୍ ଟୁଲ୍ ସେଟ୍ ୩୬୯୯ ଟଙ୍କାରେ ଉପଲବ୍ଧ ରହିଛି।

## କିମ୍ସରେ ଲାଗିଲା ଅତ୍ୟାଧୁନିକ କାର୍ଡିଆକ୍ ଲେଜର ମେସିନ୍

# ଜଟିଳ ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ପୂର୍ବ ଭାରତରେ ପ୍ରଥମ ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜଟିଳ ହୃଦ୍‌ରୋଗର ସରଳ ଚିକିତ୍ସା ପାଇଁ କିମ୍ସରେ ଆରମ୍ଭ ହୋଇଛି କାର୍ଡିଆକ୍ ଲେଜର ମେସିନ୍ ଜରିଆରେ ରୋଗୀ ସେବା। ଜଟିଳରୁ ଜଟିଳତମ ହୃଦ୍‌ରୋଗ ଚିକିତ୍ସା ପାଇଁ ସମଗ୍ର ପୂର୍ବ ଭାରତରେ ପ୍ରଥମ ଥର ଲାଗି କିମ୍ସରେ ଏଭଳି ଯନ୍ତ୍ର ସ୍ଥାପନା କରାଯାଇଛି। ଏହାକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଉଦ୍‌ଘାଟନ କରିଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍ସ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଲେଜର ମେସିନ୍ ଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ହୃଦ୍‌ରୋଗୀମାନେ ବିଶେଷ ଉପକୃତ ହୋଇପାରିବେ। ପାରମ୍ପରିକ ଆଞ୍ଜିଓପ୍ଲାଷ୍ଟି ଦ୍ୱାରା ଚିକିତ୍ସା ହୋଇପାରୁନଥିବା କରୋନାରୀ ଓ ପେରିଫେରା ଆଥେରେକ୍ଟୋମି, ଲିଡ୍ ମ୍ୟାନେଜମେଣ୍ଟ ଭଳି ଜଟିଳ ହୃଦ୍‌ଯନ୍ତ୍ର ସମସ୍ୟା ଏହି ଲେଜର ମେସିନ୍ ଜରିଆରେ ଚିକିତ୍ସା ହୋଇପାରୁଛି। ଏ ନେଇ କିମ୍ସର ବରିଷ୍ଠ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡା. ଅନୁପମ ଜେନା କହିଛନ୍ତି ଏହା ଦ୍ୱାରା ଆମେ ଅତ୍ୟାଧୁନିକ ହୃଦ୍‌ରୋଗ ଚିକିତ୍ସା ଯୋଗାଇ ଦେଇପାରୁଛୁ। ଏଭଳି ଚିକିତ୍ସା ପୂର୍ବରୁ ଆମ ରାଜ୍ୟରେ ସମ୍ଭବ ହୋଇପାରୁ ନଥିଲା। ରୋଗୀର ଆର୍ଟେରୀରେ ବ୍ଲକେଜ୍ କିମ୍ବା ପେସ୍‌ମେକର୍ ଲିଡ ରିମୁଭାଲ ଭଳି ଜଟିଳ ପ୍ରକ୍ରିୟା ଏବେ ସହଜରେ ହୋଇପାରୁଛି। ମାତ୍ର ୨୦ରୁ ୩୦ ସେକେଣ୍ଡ ମଧ୍ୟରେ ଏହି ଲେଜର ମେସିନ୍ କମ୍ ବୟସର ରୋଗୀଙ୍କୁ ହୃଦ୍ ସମସ୍ୟାରୁ ମୁକ୍ତ କରିପାରୁଛି। କିମ୍ସ ହୃଦ୍‌ରୋଗ ବିଭାଗ ମୁଖ୍ୟ ଡା. ଶୁଭାଶିଷ ମିଶ୍ର କହିଛନ୍ତି ଏହି ଯନ୍ତ୍ର ଦ୍ୱାରା ରକ୍ତ ଜମାଟ ଓ ବ୍ଲକେଜ ଆଦି ସମସ୍ୟା ଅତି ସହଜରେ ସମାଧାନ ହୋଇପାରୁଛି। ଏହା ସହିତ ଜଟିଳ କରୋନାରୀ ହୃଦରୋଗର ଚିକିତ୍ସା କରିବା ସହ ରୋଗୀଠାରେ ଥିବା ଷ୍ଟେଣ୍ଟ ଜନିତ ବିପଦରୁ ହ୍ରାସ କରିଥାଏ। ସୂଚନାଯୋଗ୍ୟ, କିମ୍ସ ପ୍ରଦ୍ୟୁମ୍ନ ବଳ ମେଡିକାଲ୍‌ରେ ହୃଦ୍‌ରୋଗ ବିଭାଗରେ ସର୍ବାଧୁନିକ ଯନ୍ତ୍ରପାତି ସହ ଅତ୍ୟାଧୁନିକ, ଦକ୍ଷ ଓ ଉଚ୍ଚ ତାଲିମ ପ୍ରାପ୍ତ ବିଶେଷଜ୍ଞଙ୍କ ଦ୍ୱାରା ହୃଦ୍‌ରୋଗ ଚିକିତ୍ସା କରାଯାଇଥାଏ। ଡା ଅନୁପମ ଜେନା, ଡା ଶୁଭାଶିଷ ମିଶ୍ର, ଡା ପଞ୍ଚାନନ ସାହୁ ଡ. ଚନ୍ଦନ କୁମାର ରାୟ ମହାପାତ୍ରଙ୍କ ଭଳି ଅନୁଭବୀ ଡାକ୍ତରମାନେ ରୋଗୀସେବା ଯୋଗାଇ ଦେଉଛନ୍ତି।

# ଆର୍‌ଏସ୍‌ପିର ଟ୍ରାକ୍ ହପ-୩ ରେ ଡବଲ୍ ଡେକ୍ ପ୍ଲାଟଫର୍ମ ଉଦ୍‌ଘାଟିତ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର କଞ୍ଚାମାଲ ପ୍ରବନ୍ଧନ ବିଭାଗ (ଆରଏମଏଚପି)ର ଟ୍ରାକ୍ ହପ-୩ରେ ଏକ ଡବଲ୍ ଡେକ୍ ପ୍ଲାଟଫର୍ମକୁ ଡିସେମ୍ବର ୩୦ ତାରିଖରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ, ଅପରେସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏମ ପି ସିଂ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀଙ୍କ ସମେତ ବହୁ ମୁଖ୍ୟ ମହା ପ୍ରବନ୍ଧକ, ବିଭାଗ ମୁଖ୍ୟ ତଥା ବିଭାଗର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଟ୍ରାକ ହପ-୩ ଆରଏସ୍‌ପିର ନିଜସ୍ୱ ଖଣିରୁ ଲୁହାପଥର ଫାଇନ୍ସ ଆଣୁଥିବା ବକ୍ସ ରେଳବାଇ ରେକ ଅନଲୋଡିଂରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଟ୍ରାକ୍ ହପ-୩ରେ ଥିବା ଡବଲ୍ ଡେକ୍ ପ୍ଲାଟଫର୍ମ ଅନଲୋଡିଂ ଅପରେସନ୍ ପାଇଁ ସୁରକ୍ଷିତ ପ୍ରବେଶ ପ୍ରଦାନ କରି ସୁରକ୍ଷାରେ ଉନ୍ନତି ସଂଗଠିତ କରୁଛି ଏବଂ ଶ୍ରମିକଙ୍କୁ ୱାଗନ୍ ଉପରକୁ ଚଢିବାର ଆବଶ୍ୟକତାକୁ ଦୂର କରିଛି। ଏହା ଦ୍ରୁତ ଅନଲୋଡିଂ ସହିତ କାର୍ଯ୍ୟକ୍ଷମ ଦକ୍ଷତାକୁ ଉନ୍ନତ କରିଛି, ରେକ୍ ବନ୍ଦୋବସ୍ତ ଏବଂ ଡେମୁରେଜ ଖର୍ଚ୍ଚ ହ୍ରାସ କରୁଛି ଏବଂ ରେଳ ୱାଗନ୍‌ଗୁଡ଼ିକୁ ହମରିଙ୍ଗର ଆବଶ୍ୟକତାକୁ ମଧ୍ୟ ଦୂର କରି କ୍ଷତିରୁ ରକ୍ଷା କରିଛି। ଏଥିସମେତ ପ୍ଲାଟଫର୍ମ ଲୁହାପଥର ଫାଇନ୍ସର ଉତ୍ତମ ସ୍ଥାନାନ୍ତର ସୁନିଶ୍ଚିତ କରୁଛି ତଥା ସାମଗ୍ରୀର ସର୍ବୋଚ୍ଚ ଉପଯୋଗ ସୁନିଶ୍ଚିତ କରୁଛି ଏବଂ ଅନଲୋଡିଂ ପ୍ରକ୍ରିୟାକୁ ସରଳ କରୁଛି ।

# ବେଙ୍ଗାଲୁରୁର ଚାୟା ଏମ୍ ଭି ଏସ୍‌ବିଆଇ ଲାଇଫ୍ ସ୍ପେଲ ବି ସିଜନ-୧୪ର ବିଜେତା




ବେଙ୍ଗାଲୁରୁ: ମିର୍ଚି ସହଯୋଗରେ ଆୟୋଜନ କରାଯାଉଥିବା ଭାରତର ସମ୍ମାନଜନକ ବନାନ ପ୍ରତିଯୋଗିତା ଏସବିଆଇ ଲାଇଫ ସ୍ପେଲ ବି ସିଜନ-୧୪ର ଗ୍ରାଣ୍ଡ ଫାଇନାଲ କୋଲକାତାରେ ଅନୁଷ୍ଠିତ ହୋଇଯାଇଛି। ବେଙ୍ଗାଲୁରୁର ଆରଟି ନଗରର ପ୍ରେସିଡେନ୍ସି ସ୍କୁଲର ୧୩ ବର୍ଷୀୟ ବିଦ୍ୟାର୍ଥୀ ଚାୟା ଏମ ଭି ଚାମ୍ପିଅନ ହୋଇଛନ୍ତି। ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ଛାତ୍ରୀ ଚାୟା 'ସ୍ପେଲ ମାଷ୍ଟର ଅଫ ଇଣ୍ଡିଆ' ଟାଇଟଲ ହାସଲ କରିଛନ୍ତି। ଜୟପୁରର କେମ୍ବ୍ରିଜ କୋର୍ଟ ହାଇ ସ୍କୁଲର ୧୩ ବର୍ଷୀୟ ଛାତ୍ର ମେଧାଂଶ ଭଦାଦି ପ୍ରଥମ ଉପ ବିଜେତା ହୋଇଥିବା ବେଳେ ହାଇଦ୍ରାବାଦର କେନେଡି ହାଇ ଗ୍ଲୋବାଲ ସ୍କୁଲର ୧୪ ବର୍ଷୀୟ ଛାତ୍ର ଯାଶ୍ୱିନ ପଚାଉରି ଦ୍ୱିତୀୟ ଉପ ବିଜେତା ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ମନ୍ଦିରା ବେଦୀ ଅତିଥି ଭାବେ ଯୋଗ ଦେଇଥିଲେ। ଏସବିଆଇ ଲାଇଫ ସ୍ପେଲ ବି ସିଜନ-୧୪ର ଜାତୀୟ ଚାମ୍ପିଅନଙ୍କୁ ୧,୦୦,୦୦୦ ଟଙ୍କାର ପୁରସ୍କାର ସମେତ ନିଜ ପିତାମାତାଙ୍କ ସହିତ ହଂକଂର ଡିଜନିଲ୍ୟାଣ୍ଡକୁ ସମଗ୍ର ଖର୍ଚ୍ଚ ବହନ ସହ ପୁରସ୍କାର ମିଳିଛି। ଏସବିଆଇ ଲାଇଫ୍ ଇନସ୍ୟୁରାନ୍ସର କର୍ପୋରେଟ୍ ଯୋଗାଯୋଗ ଏବଂ ସିଏସଆର ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି ଯେ, ଏସ୍‌ବିଆଇ ଲାଇଫ୍ ସ୍ପେଲ୍ ବି ସିଜିନ୍ ୧୪ର ଆଉ ଏକ ଅଧ୍ୟାୟ ଶେଷ ହେବା ପରେ ଆମେ କେବଳ ବିଜେତାଙ୍କୁ ନୁହେଁ ବରଂ ଅବିଶ୍ୱସନୀୟ ଉତ୍ସାହ ଏବଂ ଦୃଢ଼ତାର ସହ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛୁ। ଚାୟା ଏମ୍ ଭି ଉତ୍ସାହ ପ୍ରକାଶ କରି କହିଛନ୍ତି ଯେ, ଏହି ପୁରସ୍କାର ଜିତି ମୁଁ ଉତ୍ସାହିତ ମନେ କରୁଛି। ଯେତେବେଳେ ମୁଁ ଏମସିକ୍ୟୁ ଭାବରେ ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେଇଥିଲି ମୋର ଆଶା କମ ଥିଲା।

# ଚାକିରି ଛାଡୁଛନ୍ତି ଘରୋଇ ବ୍ୟାଙ୍କ କର୍ମଚାରୀ

ନୂଆଦିଲ୍ଲୀ: ଘରୋଇ ବ୍ୟାଙ୍କଗୁଡ଼ିକରେ ବହୁ ସଂଖ୍ୟାରେ କର୍ମଚାରୀ ଚାକିରି ଛାଡୁଛନ୍ତି। ଏହାର ହାର ୨୫ ପ୍ରତିଶତରେ ପହଞ୍ଚିଛି, ଯାହାକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଚିନ୍ତାରେ ପଡିଛି। ଏତେ ସଂଖ୍ୟାରେ କର୍ମଚାରୀ ଚାକିରି ଛାଡ଼ିବା କିମ୍ବା ବଦଳାଇବା ବ୍ୟାଙ୍କ କାର୍ଯ୍ୟକୁ ଗୁରୁତର ପ୍ରଭାବିତ କରିବା ଆଶଙ୍କା ରହିଛି। ସ୍ମଲ୍ ଫାଇନାନ୍ସ ବ୍ୟାଙ୍କଗୁଡ଼ିକରେ ମଧ୍ୟ ସମାନ ଧରଣର ସ୍ଥିତି। ୨୦୨୩-୨୪ରେ ସରକାରୀ ବ୍ୟାଙ୍କ କର୍ମଚାରୀ ତୁଳନାରେ ଘରୋଇ ବ୍ୟାଙ୍କ କର୍ମଚାରୀ ସଂଖ୍ୟା ଅଧିକ ଥିଲା। ମାତ୍ର ଗତ ତିନି ବର୍ଷ ଧରି ଘରୋଇ ବ୍ୟାଙ୍କଗୁଡ଼ିକରେ ଚାକିରି ଛାଡ଼ିବା ହାର ହାରାହାରି ଭାବେ ୨୫ ପ୍ରତିଶତ ରହୁଛି। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ କହିଛି ଯେ ଏତେ ସଂଖ୍ୟାରେ କର୍ମଚାରୀ ଚାକିରି ଛାଡ଼ିବା ଦ୍ୱାରା ଗ୍ରାହକ ସେବାରେ ବିଭ୍ରାଟ ହେବା, ସଂସ୍ଥା ବିଷୟରେ କର୍ମଚାରୀଙ୍କ ଜ୍ଞାନ କମ୍ ରହିବା ଏବଂ ନିଯୁକ୍ତି ଖର୍ଚ୍ଚ ବଢ଼ିବା ଆଶଙ୍କା ରହିଛି। ଏହି ସମସ୍ୟାର ମୁକାବିଲା ଲାଗି ଏକ ଦୃଢ଼ ରଣନୀତିର ଆବଶ୍ୟକତା ରହିଛି ବୋଲି ରିଜର୍ଭ ବ୍ୟାଙ୍କ କହିଛି। ସରକାରୀ ବ୍ୟାଙ୍କରେ କାର୍ଯ୍ୟ କରୁଥିବା କର୍ମଚାରୀ ସଂଖ୍ୟା ୧୩ ବର୍ଷର ନିମ୍ନ ସ୍ତରକୁ ହ୍ରାସ ପାଇଛି। ୨୦୧୦-୧୧ରେ ୭,୫୫,୧୦୨ କର୍ମଚାରୀ ସରକାରୀ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ୨୦୨୩-୨୪ ସୁଦ୍ଧା ସେମାନଙ୍କ ସଂଖ୍ୟା ସେହି ପାଖାପାଖି ଅର୍ଥାତ୍ ୭,୫୬,୧୦୫ରେ ରହିଛି। ୨୦୧୬-୧୭ରୁ ୨୦୨୩-୨୪ ମଧ୍ୟରେ ବ୍ୟାଙ୍କ ଶିଳ୍ପରେ ୫ ଲକ୍ଷରୁ ଅଧିକ କର୍ମଚାରୀ ବଢ଼ିଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ କର୍ମଚାରୀ ସଂଖ୍ୟା କିନ୍ତୁ ସେହି ସମୟରେ ୧ ଲକ୍ଷ କମିଥିଲା। ୨୦୨୨-୨୩ରେ ଚାକିରି ଛାଡ଼ିବା ହାର ୩୧-୫୧ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ପହଞ୍ଚିଥିଲା। ତାହାକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ସତର୍କ କରାଇଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ବନ୍ଧନ ବ୍ୟାଙ୍କ, ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ଓ ଆରବିଏଲ୍ ବ୍ୟାଙ୍କରେ ୭ ଲକ୍ଷ ୩୦ ହଜାରରୁ ଅଧିକ କର୍ମଚାରୀ କାର୍ଯ୍ୟ କରୁଛନ୍ତି।

# ବିଡର ନମିଳିବାରୁ ଖଣି ନିଲାମ ବାତିଲ୍

ନୂଆଦିଲ୍ଲୀ: କେନ୍ଦ୍ର ସରକାର ୧୧ଟି ଖଣିର ନିଲାମ ବାତିଲ କରିଛନ୍ତି। ଏହି ଖଣିଗୁଡ଼ିକ ମଧ୍ୟରୁ ଚାରିଟି ଖଣି ଲାଗି କେହି ବିଡ୍ ଦାଖଲ କରିନଥିଲେ। ଅନ୍ୟ ଖଣିଗୁଡ଼ିକ ଲାଗି ସର୍ବନିମ୍ନ ତିନିଟି ବୈଷୟିକ ବିଡ୍‌ର ଆସିନଥିଲା। ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଥିବା ଟଙ୍ଗଷ୍ଟନ ଓ ଗ୍ଲୁକୋନାଇଟ୍ ଖଣି ପାଇଁ କୌଣସି ବିଡ୍‌ର ଆସିନଥିଲା। ଟର୍ବାଇନ୍ ଠାରୁ ଆରମ୍ଭ କରି ଇଲେକ୍ଟ୍ରିକ୍ ଯାନ (ଇଭି) ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବ୍ୟବହାର ହେଉଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ ଯଥା କୋବାଲ୍ଟ, ତମ୍ବା, ଲିଥିୟମ୍, ନିକେଲ୍ ଓ ବିରଳ ମୃତ୍ତିକା ଆଦିର ଉପଲବ୍ଧତାକୁ ବଢ଼ାଇବା ଲାଗି ଏହି ସବୁ ଉପାଦାନ ଥିବା ଖଣିଗୁଡ଼ିକୁ ନିଲାମ କରିବା ଲାଗି ସରକାର ପଦକ୍ଷେପ ନେଇଛନ୍ତି। ପୂର୍ବରୁ ନିଲାମର ତିନିଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହା ଥିଲା ଚତୁର୍ଥ ପର୍ଯ୍ୟାୟ। ଖଣି ପାଇବାକୁ ସଂସ୍ଥାଗୁଡ଼ିକ ମଧ୍ୟରେ ଆଗ୍ରହର ଅଭାବରୁ ପ୍ରଥମ ପର୍ଯ୍ୟାୟରେ ୧୪ଟି, ଦ୍ୱିତୀୟରେ ୧୪ଟି ଓ ତୃତୀୟ ପର୍ଯ୍ୟାୟ ନିଲାମରେ ତିନିଟି ଖଣିର ନିଲାମ ବାତିଲ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ୪୮ଟି ଖଣିକୁ ନିଲାମ ଲାଗି ଉପଲବ୍ଧ କରାଯାଇଥିବା ବେଳେ ସେଥିରୁ ୨୪ଟି ଖଣିକୁ ସଫଳତାର ସହ ନିଲାମ କରାଯାଇଥିବା ଜଣାପଡିଛି ।



ରାଉରକେଲା (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ରବିବାର ହକି ଇଣ୍ଡିଆ ଲିଗ୍‌ର ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଶ୍ରାଚୀ ରା’ ବେଙ୍ଗଲ ଟାଇଗର୍ସ ୩-୨ ଗୋଲରେ ହାଇଦ୍ରାବାଦ ତୁଫାନ୍‌କୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ହର୍ମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ସୁରମା ହକି କ୍ଲବ୍ ୪-୧ (୧-୧) ସୁଟ୍‌ଆଉଟ୍‌ରେ ଓଡ଼ିଆ ପୁଅ ଅମିତ ରୋହିଦାସଙ୍କ ତାମିଲନାଡୁ ଡ୍ରାଗନ୍‌କୁ ପରାସ୍ତ କରିଛି। ସୁରମା ହକି କ୍ଲବ ଓ ତାମିଲନାଡୁ ଡ୍ରାଗନ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଘନଘନ ଆକ୍ରମଣ ପ୍ରତିଆକ୍ରମଣ ସତ୍ତ୍ୱେ ପ୍ରଥମ ତିନି କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା। ଚତୁର୍ଥ କ୍ୱାର୍ଟର କିନ୍ତୁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ତାମିଲନାଡୁର ନାଥନ ଏଫ୍ରାମ୍‌ସ ୪୯ତମ ମିନିଟ୍‌ରେ ଏକ ପେନାଲ୍‌ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରି ଦଳକୁ ଆଗୁଆ କରିଥିଲେ। ତେବେ ୫୪ତମ ମିନିଟ୍‌ରେ ସୁରମା ହକି କ୍ଲବ୍‌ର ଗୁର୍ଜାନ୍ତ ସିଂହ ଗୋଲ୍ ଶୁଝି ଦେଇଥିଲେ। ଶେଷସୁଦ୍ଧା ଆଉ କେହି କାହାରିକୁ ଗୋଲ୍ ଦେଇ ନପାରିବାରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍‌ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ କିନ୍ତୁ ସୁରମା ବାଜିମାରି ନେଇଥିଲା। ପ୍ରଥମ ମ୍ୟାଚ୍‌ର ବିଜୟୀ ବେଙ୍ଗଲ ଟାଇଗର୍ସର ଯୁଗରାଜ ସିଂହ (୯), ସୁଖଜିତ ସିଂହ (୨୦) ଓ ଆଫାନ ୟୁସୁଫ (୩୬) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିବା ବେଳେ ହାଇଦ୍ରାବାଦ ତୁଫାନ୍‌ର ତିମୋଥି ଡାନିଏଲ(୪୧) ଓ ଆର୍ଥର ଡି’ ସ୍ଲୁଭର(୫୯) ଗୋଟିଏ ଲେଖାଏଁ ଗୋଲ୍ ଶୁଝି ଥିଲେ।



# ବକ୍ସିଂ ଡେ ଟେଷ୍ଟ : ଭାରତର ଲଜ୍ଜାଜନକ ପରାଜୟ

ମେଲବର୍ଣ୍ଣ : ୧୩ ବର୍ଷ ପରେ ଭାରତ ବିପକ୍ଷରେ ବକ୍ସିଂ ଡେ ଟେଷ୍ଟ ଜିତି ନେଇଛି ଅଷ୍ଟ୍ରେଲିଆ। ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପହଞ୍ଚିବା ଆଶା ଏକ ପ୍ରକାର ମଉଳି ଯାଇଛି। ବର୍ଡର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ଭାରତ ଶୋଚନୀୟ ଭାବେ ପରାସ୍ତ ହୋଇଛି। ମେଲବର୍ଣ୍ଣରେ ଖେଳାଯାଇଥିବା ଏହି ମ୍ୟାଚରେ ୧୮୪ ରନରେ ପରାଜୟ ସହିତ ଭାରତୀୟ ଦଳ ସିରିଜରେ ୨-୧ରେ ପଛରେ ପଡିଛି। କେବଳ ଏତିକି ନୁହେଁ, ବକ୍ସିଂ ଡେ ଟେଷ୍ଟରେ ପରାଜୟ ସହ ରୋହିତ ବାହିନୀ ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ପହଞ୍ଚିବା ଆଶା ମଧ୍ୟ ଏକ ପ୍ରକାର ମଉଳି ଯାଇଛି। ଏହି ମ୍ୟାଚରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରଥମ ଇନିଂସରେ ୪୭୪ ରନର ବିଶାଳ ସ୍କୋର କରିଥିଲା ଘରୋଇ ଦଳ। ଯେଉଁଥିରେ ଷ୍ଟିଭ୍ ସ୍ମିଥଙ୍କ ୧୪୦ ରନର ଶତକୀୟ ପାଳି ସାମିଲ ଥିଲା। ଏହାର ଜବାବରେ ଭାରତୀୟ ଦଳ ପ୍ରଥମ ଇନିଂସରେ ୩୬୯ ରନ୍ ହିଁ କରିପାରିଥିଲା। ୨୧ ବର୍ଷୀୟ ନୀତୀଶ କୁମାର ରେଡ୍ଡୀ ଭାରତ ପାଇଁ ୧୧୪ ରନର ଦମଦାର ଶତକୀୟ ଇନିଂସ ଖେଳିଥିଲେ। ଏହା ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ଟେଷ୍ଟ ଶତକ ଥିଲା। ତେବେ କଙ୍ଗାରୁ ଦଳ ପ୍ରଥମ ଇନିଂସ ଆଧାରରେ ଭାରତୀୟ ଦଳ ଉପରେ ୧୦୫ ରନ୍ ଅଗ୍ରଣୀ ହାସଲ କରିଥିଲା। ଏହି ମ୍ୟାଚର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆର ମାର୍ନୁସ୍ ଲାବୁସେନଙ୍କ ୭୦ରନ୍ ଏବଂ ଅଧିନାୟକ ପ୍ୟାଟ୍ କମିନ୍ସ ୪୧ ଓ



ନାଥାନ୍ ଲାୟନଙ୍କ ୪୧ ରନର ପାଳି ବଳରେ ୨୩୪ ରନ୍ ସଂଗ୍ରହ କରି ଭାରତ ଉପରେ ୩୩୯ ରନର ଅଗ୍ରଣୀ ହାସଲ କରିଥିଲା ଘରୋଇ ଦଳ। ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଟିମ୍ ଇଣ୍ଡିଆ ଆଗରେ ଏହି ମ୍ୟାଚ୍ ଜିତିବା ପାଇଁ ୩୪୦ ରନର ଲକ୍ଷ୍ୟ ରହିଥିଲା। ହେଲେ ଯୁବ ଓପନର ଜୈସୱାଲ(୮୪)ଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ପ୍ରାୟ ନିରାଶ କରିଥିଲେ। ଋଷଭ ପନ୍ତ ୩୦ ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିବାବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ବି ଛୁଇଁପାରିନଥିଲେ। ଫଳରେ ଆଜି ମ୍ୟାଚର ଅନ୍ତିମ ଦିନରେ ଦ୍ୱିତୀୟ ଇନିଂସରେ ୭୯.୧ ଓଭର ଖେଳି କେବଳ ୧୫୫ ରନରେ ସମସ୍ତ ୱିକେଟ ହରାଇଛି ଭାରତ। ଏହା ସହିତ ୧୩ ବର୍ଷ ହେବ ବକ୍ସିଂ ଡେ ଟେଷ୍ଟରେ ଭାରତଠାରୁ ଜିତିନଥିବା ଅଷ୍ଟ୍ରେଲିଆ ଏହି ପରାଜୟ ଧାରାକୁ ଭାଙ୍ଗି ୧୮୪ ରନରେ ଏହି ମ୍ୟାଚ୍ ଜିତିନେଇଛି।

# ବିଶ୍ୱ ରାପିଡ ଚେସ୍: ହମ୍ପି ଚାମ୍ପିଅନ୍

ନ୍ୟୁୟର୍କ: ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଫିଡେ ମହିଳା ବିଶ୍ୱ ରାପିଡ ଚେସ୍ ଚାମ୍ପିୟନ ହୋଇଛନ୍ତି। ଅନ୍ତିମ ରାଉଣ୍ଡରେ ଇଣ୍ଡୋନେସିଆର ଇନେନେ ସୁକାନ୍ଦରଙ୍କୁ ହରାଇ ସେ ଏହି ସଫଳତା ପାଇଛନ୍ତି। ଭାରତର ଏହି ନମ୍ବର ୱାନ ମହିଳା ଚେସ୍ ତାରକା ହମ୍ପି ଦ୍ୱିତୀୟ ଥରପାଇଁ ଏହି ଟାଇଟଲ ଜିତିଛନ୍ତି। ପୂର୍ବରୁ ସେ ୨୦୧୯ରେ ଜର୍ଜିଆରେ ଚାମ୍ପିୟନ ହୋଇଥିଲେ। ଚାଇନାର ଜୁ ୱେନଜୁନଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ସେ ଏକାଧିକଥର ଏହି ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ନିକଟରେ ସିଙ୍ଗାପୁରରେ ଚାଇନାର ଡିଙ୍ଗ ଲିରେନଙ୍କୁ ହରାଇ ଭାରତର ଡି. ଗୁକେଶ ବିଶ୍ୱ ଚାମ୍ପିୟନ ହୋଇଥିଲେ। ଏବେ ହମ୍ପିଙ୍କ ସଫଳତା ଯୋଗୁ ୨୦୨୪ ଭାରତୀୟ ଚେସ୍ ପାଇଁ ଆହୁରି ସ୍ମରଣୀୟ ହୋଇଯାଇଛି। ଗତ ସେପ୍ଟେମ୍ବରରେ ବୁଦାପେଷ୍ଟରେ ଅନୁଷ୍ଠିତ ଚେସ୍ ଅଲିମ୍ପିଆଡ୍‌ରେ ଭାରତ ପ୍ରଥମଥରପାଇଁ ଉଭୟ ଓପନ ଓ ମହିଳା ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ



ରଚିଥିଲା। ଏଠାରେ ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ହମ୍ପି ୧୧ଶ ତଥା ଅନ୍ତିମ ରାଉଣ୍ଡରେ ଏକମାତ୍ର ଖେଳାଳିଭାବେ ବିଜୟୀ ହୋଇ ୮.୫ ପଏଣ୍ଟ ସହିତ ମହିଳା ବିଭାଗରେ ଶୀର୍ଷସ୍ଥାନ ହାସଲ କରିଥିଲେ। ଚାଇନାର ୱେନ୍ ଜୁନ୍‌ଜୁ ଓ ଭାରତର ଡି. ହାରିକାଙ୍କ ସମେତ ୬ ଜଣ ୮ ପଏଣ୍ଟ ଲେଖାଏ ପାଇ ୨ୟରୁ ୭ମ ସ୍ଥାନରେ ରହିଥିଲେ। ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ପଦ୍ମିନୀ ରାଉତ ୬.୫ ପଏଣ୍ଟ ସହିତ ପ୍ରତିଯୋଗିତା ଶେଷ କରିଥିଲେ। ଫିଡେ ପତାକାରେ ରୁଷିଆ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଭୋଲୋଡର ମୁର୍ଜିନ ୧୦ ପଏଣ୍ଟ ପାଇ ପୁରୁଷ ବିଭାଗରେ ଚାମ୍ପିୟନ ହୋଇଥିଲେ। ଅନ୍ୟ ଦୁଇ ରୁଷୀୟ ପ୍ରତିଯୋଗୀ ଆଲେକଜାଣ୍ଡର ଗ୍ରିଶ୍ଚୁକ ଓ ଇଆନ ପେପୋମନିଆଚି ୯.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ।

## ବୁରୁକୁନା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

# କଲମଛୁଇଁ ଚାମ୍ପିଅନ୍



କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ବୁରୁକୁନା କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ସିରିଜ୍ ମ୍ୟାଚ୍‌ରେ ରାକସବାହାଲ ଟିମକୁ ହରାଇ କଲମଛୁଇଁଟିମ ଚାମ୍ପିଅନ୍ ହୋଇଛି। ପ୍ରଥମ ମ୍ୟାଚରେ କଲମଛୁଇଁ ବ୍ୟାଟିଂ କରି ୧୦ ଓଭରରେ ୯୯ ରନ୍ ସଂଗ୍ରହ କରିଥିଲା । ଜବାବରେ ରାକସବାହାଲ ୧୦ ଓଭର ୬ ୱିକେଟ୍ ହରାଇ ୮୫ ରନ୍ ସଂଗ୍ରହ କରିଥିଲା । ଦ୍ୱିତୀୟ ମ୍ୟାଚରେ କଲମଛୁଇଁ ୭ ଓଭରରେ ୪ ୱିକେଟ୍ ହରାଇ ୮୨ ରନ୍ ସଂଗ୍ରହ କରିଥିଲା । ରାକସବାହାଲ ୭ ଓଭରରେ ୬ ୱିକେଟ୍ ହରାଇ ୫୫ ରନ୍ ସଂଗ୍ରହ କରିଥିଲା । କଲମଛୁଇଁ ଦଳର ବରୁଣ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମାନସ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଘୋଷଣା କରାଯାଇଥିଲା। ପ୍ରିୟବ୍ରତ ବାଜିଗର ଓ ଶକ୍ତି ବେହେରା ଫାଇନାଲ୍ ଖେଳକୁ ପରିଚାଳନା କରିଥିଲେ। ଉଦଯାପନି ମ୍ୟାଚରେ ସମ୍ମାନୀତ ଅତିଥି ଭାବରେ ସମାଜସେବୀ ପ୍ରହ୍ଲାଦ ସାମଲ, ସମିତି ସଭ୍ୟ ଯୁଗଳ କିଶୋର ସାହୁ, ରୋହିଲା ପଞ୍ଚାୟତ ସରପଞ୍ଚ ଦିବ୍ୟ ରଞ୍ଜନ ନାଏକ, ସମାଜସେବୀ ସୁମନ୍ତ କୁମାର ପ୍ରଧାନ, ବିନୋଦ କୁମାର ସାହୁ, ସଞ୍ଜୟ ସାହୁ, ଜଗଜୀବନ ପ୍ରଧାନ, ଅର୍ଜୁନ ସାହୁ, କିଶୋର ବାଜିଗର, ଜନକ ନାଏକ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ଶଅପ ଟିମକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । କ୍ଲବ୍‌ର ସଦସ୍ୟ ବିକାଶ ସେଠୀ, ସୌଭାଗ୍ୟ ନାଏକ, ସୁମନ ବେହେରା, ବିଜୟ ବାଜିଗର, ରତ୍ନାକର ସେଠୀ, ପ୍ରକାଶ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତା

# ଭାମିନି ସ୍କୁଲର ୩ ଛାତ୍ର ମନୋନୀତ

ଉମରକୋଟ (ଭାସ୍କର ନ୍ୟୁଜ୍) : ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ଥର ପାଇଁ ଜାତୀୟ ସ୍ତରରେ ହକି ଖେଳିବା ପାଇଁ ଓଡ଼ିଶା ରାଜ୍ୟ ଦଳରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନୀ ଠାରେ ଥିବା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ୩ ଜଣ ଛାତ୍ର ମନୋନୀତ ହେଇଛନ୍ତି। ଆସନ୍ତା ୨ ରୁ ୭ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ଠାରେ ଅନୁଷ୍ଠିତ ହେବାକୁ ଥିବା ୬୮ ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବୟସର ବାଳକ ବିଭାଗରେ ଓଡ଼ିଶା ରାଜ୍ୟ ପାଇଁ ହକି ଖେଳରେ ଅଂଶ ଗ୍ରହଣ କରିବେ। ଏହି ୩ ଛାତ୍ର ହେଲେ ଅଷ୍ଟମ ଶ୍ରେଣିର ଛାତ୍ର ହଲଦର ସାନ୍ତ ଓ ସମୀର ସାନ୍ତା ଓ ସପ୍ତମ ଶ୍ରେଣିର ଛାତ୍ର ଜିତେନ୍ଦ୍ର ଭତ୍ରା। ହଲଧର ଡିଫେନ୍ସ ଖେଳୁଥିବା ବେଳେ ସମୀର ଓଫେନ୍ସ ଓ ଜିତେନ୍ଦ୍ର ଗୋଲ କିପର ଭାବେ ଖେଳିବେ। ରାଜ୍ୟ ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ତାଙ୍କ ପତ୍ର ସଂଖ୍ୟା ୩୬୯୪୧ ତାରିଖ ୨୪/୧୨/



୨୪ ଅନୁସାରେ ନବରଙ୍ଗପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଏହି ୩ ଖେଳାଳୀଙ୍କୁ ୨୬ ତାରିଖରେ ସୁନ୍ଦରଗଡ଼ ଠାରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଓଡ଼ିଶାର ହକି ଟିମ ୨୬ ରୁ ୨୯ ପର୍ଯ୍ୟନ୍ତ ଟାଉନ ସରକାରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା କୋଚିଂ କ୍ୟାମ୍ପରେ ଯୋଗଦାନ କରିଛନ୍ତି। ଓଡ଼ିଶା ହକି ଦଳ ୩୦ ତାରିଖରେ ସୁନ୍ଦରଗଡ଼ ଠାରୁ ଭୋପାଳ ଅଭିମୁଖେ ଯାତ୍ରା କରିବେ। ଏହି ୩ ଛାତ୍ର ଅଧ୍ୟୟନରତ କରୁଥିବା ସ୍କୁଲର କ୍ରୀଡା ଶିକ୍ଷକ କିଶୋର ସିଲଙ୍କ ଦ୍ୱାରା ତାଲିମ ପାଇ ଆସୁଥିଲେ। ତେବେ ଭାମିନି ସ୍କୁଲର ୩ ଛାତ୍ର ୧୪ ବର୍ଷ ହକି ପ୍ରତିଯୋଗିତା ରେ ଓଡ଼ିଶା ଦଳ ପାଇଁ ଖେଳିବା ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ଘଟଣା ବୋଲି କ୍ରୀଡ଼ା ଶିକ୍ଷକ କିଶୋର ସିଲ୍ ସୁଚନା ପ୍ରଦନ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା ଓ କ୍ରୀଡ଼ା ଶିକ୍ଷକ କିଶୋର ସିଲଙ୍କ ମାଗ ଦର୍ଶନରେ ଏହି ଭ।ମିନୀ ସ୍କୁଲର ଛାତ୍ରମାନେ ଜାତୀୟ ସ୍ତରରେ ହକି ଖେଳିବା ପାଇଁ ମନୋନୀତ ହେଇଛନ୍ତି।

# ଫେବୃଆରୀ ୧୯ରୁ ଚାମ୍ପିଅନ୍ସ ଟ୍ରଫି

ନୂଆଦିଲ୍ଲୀ : ଚାମ୍ପିଅନ୍ସ ଟ୍ରଫି ୨୦୨୫କୁ ନେଇ ଲାଗି ରହିଛି ଚର୍ଚ୍ଚା । ନିକଟରେ ପ୍ରକାଶ ପାଇଛି ଚାମ୍ପିଅନ୍ସ ଟ୍ରଫିର କାର୍ଯ୍ୟସୂଚୀ । ବହୁ ବାଦ ବିବାଦ ପରେ ହାଇବ୍ରିଡ ମଡେଲରେ ଟୁର୍ଣ୍ଣାମେଣ୍ଟ କରିବାକୁ ରାଜି ହୋଇଛି ପାକିସ୍ତାନ । ଏହା ୧୯ ଫେବୃଆରୀରୁ ୯ ମାର୍ଚ୍ଚ ପର୍ଯ୍ୟନ୍ତ ଖେଳାଯିବ । ଚାମ୍ପିଅନ୍ ଟ୍ରଫିରେ ଅଂଶ ଗ୍ରହଣ କରିବେ ମୋଟ ୮ଟି ଟିମ୍ । ସବୁ ଟିମ୍ ୨ଟି ଲେଖାଏଁ ଗ୍ରୁପରେ ବିଭକ୍ତ ହେବେ । ଟିମ୍ ଇଣ୍ଡିଆ, ପାକିସ୍ତାନ, ନ୍ୟୁଜିଲ୍ୟାଣ୍ଡ ଏବଂ ବାଂଲାଦେଶ ଗ୍ରୁପ୍ ଏରେ ରହିଛନ୍ତି। ଟିମ୍ ଇଣ୍ଡିଆ ତାର ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ୨୦୨୫ ଚାମ୍ପିଅନ୍ସ ଟ୍ରଫି ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇନାହିଁ। କିନ୍ତୁ ୨୦୧୭ ମସିହାରେ ବିଜେତା ଟିମ୍‌କୁ ୨.୨ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୧୯ କୋଟି ଟଙ୍କା ଦିଆଯାଇଥିଲା। ୨୦୧୭ ଚାମ୍ପିଅନ୍ସ ଟ୍ରଫିରେ ରନର୍ ଅପ୍ ଟିମ୍‌କୁ ୧.୧ ମିଲିୟନ୍ ଡଲାର୍ ଅର୍ଥାତ୍ ପ୍ରାୟ ୯.୩ କୋଟି ଟଙ୍କା ଏବଂ ଅନ୍ୟ ଦୁଇ ସେମିଫାଇନାଲିଷ୍ଟଙ୍କୁ ୪.୫-୪.୫ ଲକ୍ଷ ଡଲାର ଅର୍ଥାତ୍ ପ୍ରାୟ ୪ କୋଟି ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏଥିସହିତ ୨୦୨୪ ଟି-୨୦ ବିଶ୍ୱକପ ସମୟରେ ଟିମ୍ ଇଣ୍ଡିଆ ପ୍ରାୟ ୨୦.୮୬ କୋଟି ଟଙ୍କା ପାଇଛି । ଖବର ଅନୁଯାୟୀ ୨୦୧୩ ଚାମ୍ପିଅନ୍ସ ଟ୍ରଫି ତୁଳନାରେ ୨୦୧୭ ଚାମ୍ପିଅନ୍ସ ଟ୍ରଫିରେ ଆଇସିସି ଅଧିକ ପୁରସ୍କାର ରାଶି ଦେଇଥିଲା । ଏଭଳି ପରିସ୍ଥିତିରେ ଆଇସିସି ଏଥର ପୁରସ୍କାର ରାଶି ମଧ୍ୟ ବୃଦ୍ଧି କରିପାରେ ବୋଲି ଚର୍ଚ୍ଚା ହେଉଛି।




# ବିରାଟ-ରୋହିତଙ୍କ ଅବସରକୁ ନେଇ ଶାସ୍ତ୍ରୀଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟରେ ଖରାପ ପ୍ରଦର୍ଶନ ଯୋଗୁଁ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମା ଏବଂ କ୍ରିକେଟର ବିରାଟ କୋହଲି ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ରୋହିତ ଭଲ ରନ୍ ସ୍କୋର କରିପାରିନାହାନ୍ତି। ଅନ୍ୟପକ୍ଷରେ ବିରାଟ କୋହଲି ଗୋଟାଏ ଶତକ ପରେ ଭଲ ରନ୍ କରିପାରିନାହାନ୍ତି। ଦୁହିଁଙ୍କ ପ୍ରଦର୍ଶନ ସୁଧୁରୁନଥିବାରୁ ଦୁହେଁ ଖୁବଶୀଘ୍ର ଟେଷ୍ଟ କ୍ରିକେଟରୁ ଅବସର ନେବେ ବୋଲି ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ମଧ୍ୟରେ ପୂର୍ବତନ ଭାରତୀୟ କୋଚ୍ ରବି ଶାସ୍ତ୍ରୀ ଏହି ପ୍ରସଙ୍ଗକୁ ନେଇ ନିଜ ପ୍ରତିକ୍ରିୟା ଦେଇଛନ୍ତି। ରବି ଶାସ୍ତ୍ରୀ ଷ୍ଟାର ସ୍ପୋର୍ଟସକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ ବିରାଟ କୋହଲି ଆସନ୍ତା ୩-୪ବର୍ଷ ପର୍ଯ୍ୟନ୍ତ ଖେଳିବେ। ଏହା ସହିତ ରୋହିତ ଶର୍ମାଙ୍କ ବିଷୟରେ ଶାସ୍ତ୍ରୀ କହିଛନ୍ତି ଯେ, ସେ ଜଣେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍ ଏବଂ ସେ ଅବସର ନେବେ କି ନାହିଁ ଏହାର ନିଷ୍ପତ୍ତି ସେ ନିଜେ ନେବେ।

# ଏକ୍ସେଲ୍ ଶିଲ୍ଡ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ : ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ ବିଜୟୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) :ଭୁବନେଶ୍ୱରର ସେଣ୍ଟ ଯୋଶେଫ ହାଇସ୍କୁଲ ପଡିଆରେ ରବିବାରଦିନ ଅନୁଷ୍ଠିତ ହୋଇଥିବା ଏକ୍ସେଲ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪ର ଫାଇନାଲ ରୋମାଞ୍ଚକର ମ୍ୟାଚରେ ସହିଦ ସ୍ପୋର୍ଟିଂ କ୍ଲବକୁ ୧୮ ରନରେ ହରାଇ ଚାମ୍ପିଅନ୍ସ ଟ୍ରଫି ହାସଲ କରିଛି ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍। ଫାଇନାଲ ମ୍ୟାଚରେ ଉଭୟ ଦଳ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଟସ୍ ଜିତି ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ୍ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୮୧ ରନ ଟାର୍ଗେଟ୍ ଦେଇଥିଲା, ଯାହାକୁ ସହିଦ ସ୍ପୋର୍ଟିଂ ଦଳକୁ ମୁକାବିଲା କରିବା କଷ୍ଟକର ହୋଇପଡ଼ିଥିଲା। ସପ୍ତାହବ୍ୟାପୀ ଚାଲିଥିବା ଏକ୍ସେଲ ସିଲ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୪, ଚାମ୍ପିଅନ୍ସ ଟ୍ରଫିରେ ୧୪ ବର୍ଷରୁ କମ୍ ବୟସ ଶୃଙ୍ଖଳା ଚମ୍ପିଆନସିପ୍ରେ ଓଡ଼ିଶାରୁ ୧୬ଟି କ୍ରିକେଟ୍ ଟିମ୍ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ତଥା ଫାଇନାଲ ମ୍ୟାଚ ଡିସେମ୍ବର ୨୯ତାରିଖରେ ଖେଳାଯାଇଥିଲା। ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ଅନ୍ତର୍ଜାତୀୟ ଆଥଲେଟ୍ ତଥା ସ୍ପ୍ରିଣ୍ଟର ଅନୁରାଧା ବିଶ୍ୱାଳ, ବିଶିଷ୍ଟ ରାଜନେତା ଜଗନ୍ନାଥ ପ୍ରଧାନ, ଭାରତୀୟ କରାଟେ ଖେଳାଳି ଭାଲେନା ଭାଲେଣ୍ଟିନା, ପାରା ଆଥଲେଟ୍ ରାଖାଲ କୁମାର ସେଠୀ, ସେଣ୍ଟ ଯୋଶେଫ ହାଇସ୍କୁଲର ସଂଯୋଜିକା ଜୟନ୍ତୀ ସାମୁଏଲ, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ଛୋଟରାୟ, ଟିବିଟି ଅନସାରୀ, ତାମିଲ ସଙ୍ଘର ସାଧାରଣ ସମ୍ପାଦକ ଡ. ଗୌର ଚନ୍ଦ୍ର ମହାପାତ୍ର, ସଭାପତି ଏକ୍ସେଲ କ୍ରିକେଟ ଏକାଡେମୀ ଡ଼ଃ ରଘୁନାଥ ରାଓ ବିଜେତା ଦଳ ଓ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶାର ବର୍ଷର ସବୁଠାରୁ ଉଦୀୟମାନ କ୍ରିକେଟରଙ୍କୁ ପୁରସ୍କୃତ କରିବା ପାଇଁ ଏକ୍ସେଲ କ୍ରିକେଟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି ଏବଂ ଚଳିତ ବର୍ଷ ସୟଦ ତୁଫେଲ ଅହମ୍ମଦଙ୍କୁ ଏହି ପୁରସ୍କାରପ୍ରଦାନ ପାଇଁ ମନୋନୀତ କରାଯାଇଥିଲା। ଅନ୍ତର୍ଜାତୀୟ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଆନୁଷ୍ଠାନିକ ଭାବେ ମହିଳା ପ୍ରିମିୟର ଲିଗ୍ ୨୦୨୫କୁ ଉଦ୍ଘାଟନ କରିଥିଲେ ଯାହା ଏକ୍ସେଲ କ୍ରିକେଟ୍ ଏକାଡେମୀଦ୍ୱାରା ଅନୁଷ୍ଠିତ ହେବ। ଏହି ଡବ୍ଲୁପିଏଲ୍ ୨୦୨୫ ଓଡ଼ିଶାର ଯୁବ ବାଳିକା କ୍ରିକେଟ୍ ଖେଳାଳୀମାନଙ୍କ ପାଇଁ ସର୍ବୋଚ୍ଚ ପ୍ରତିଯୋଗିତାମୂଳକ ସ୍ତରରେ ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ଯାହା ଦ୍ୱାରା ଭବିଷ୍ୟତର ବୃହତ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିବା ପାଇଁ ସେମାନଙ୍କର ଦକ୍ଷତାର ବୃଦ୍ଧିଘଟିବ। ଏହାର ପଞ୍ଜୀକରଣ ୧୧ ଜାନୁୟାରୀ ୨୦୨୫ରୁ www.excelcricketacademy.com ର ଅଫିସିଆଲ୍ ୱେବସାଇଟରେ ଆରମ୍ଭ ହେବ।




# ୨ବର୍ଷ ପରେ ବାବରଙ୍କ ଅର୍ଦ୍ଧଶତକ

ନୂଆଦିଲ୍ଲୀ : ଦୀର୍ଘ ୨ ବର୍ଷ ଧରି ପାକିସ୍ତାନ କ୍ରିକେଟ ପ୍ରେମୀ କରିଥିବା ଅପେକ୍ଷାର ଅନ୍ତ ଘଟିଛି। ଶେଷରେ ବାବର ଆଜମଙ୍କ ବ୍ୟାଟରୁ ଟେଷ୍ଟ କ୍ରିକେଟରେ ବାହାରିଛି ପ୍ରଥମ ଅର୍ଦ୍ଧଶତକ। ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ବାବର ୮୫ ବଲରେ ୫୦ ରନର ଇନିଂସ ଖେଳିଛନ୍ତି। ଏହି ଇନିଂସରେ ସେ ୯ଟି ଚୌକା ମାରିଛନ୍ତି। ଏଥିସହ ସାଉଦ ସକିଲଙ୍କ ସହ ମିଶି ୪ର୍ଥ ୱିକେଟ ପାଇଁ ୭୯ ରନ ବି ଯୋଡ଼ିଛନ୍ତି। ଶୁକ୍ରବାର ଷ୍ଟମ୍ପ ଅପସାରଣ ବେଳକୁ ବାବର ୧୬ ରନ କରି ଅପରାଜିତ ରହିଥିଲେ। ବର୍ଷା ଯୋଗୁ ଆଜି ବିଳମ୍ବରେ ମ୍ୟାଚ୍ ଆରମ୍ଭ ହୋଇଥିଲା। କିନ୍ତୁ ବାବର ବିଳମ୍ବ ନ କରି କାଗିସୋ ରବାଡାଙ୍କ ବଲରୁ ନିଜର ପ୍ରଥମ ରନ ହାସଲ କରିଥିଲେ। ଏହାପରେ ଡେନ ପିଟରସନଙ୍କୁ ଚୌକା ମଧ୍ୟ ମାରିଥିଲେ। ଇନିଂସର ୩୬ତମ ଓଭରରେ ସେ ୧ ରନ ନେଇ ନିଜର ୫୦ ରନ ପୂରଣ କରିଥିଲେ। ବାବର ୨୦୨୨ ଡିସେମ୍ବର ୨୬ ତାରିଖରେ ଶେଷଥର ପାଇଁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଶେଷଥର ପାଇଁ ଟେଷ୍ଟରେ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। କରାଚିରେ ଖେଳା ଯାଉଥିବା ଏହି ମ୍ୟାଚ୍‌ରେ ସେ ପାକିସ୍ତାନର କ୍ୟାପ୍‌ଟେନ ମଧ୍ୟ ଥିଲେ। ତାଙ୍କ ବ୍ୟାଟରୁ ୧୬୧ ରନର ଇନିଂସ ଦେଖିବାକୁ ମିଳିଥିଲା। ସେବେଠାରୁ ବାବରଙ୍କ ବ୍ୟାଟରୁ ଆଉ ଅର୍ଦ୍ଧଶତକ ଦେଖିବାକୁ ମିଳି



ନଥିଲା। ଦୀର୍ଘ ୨୦ଟି ଇନିଂସ ପରେ ବାବରଙ୍କ ତାଙ୍କ ଟେଷ୍ଟ କ୍ୟାରିୟରର ୨୭ମ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୦୨୨ ଡିସେମ୍ବର ପରେ ଟେଷ୍ଟ କ୍ରିକେଟରେ ବାବରଙ୍କ ଆଭରେଜ କେବଳ ୨୧ ରହିଥିବା ବେଳେ ସେ ୪୨୦ ରନ କରିପାରିଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୦ ରନ କରିଥିଲେ ହେଁ ବାବର ଆଉ ଆଗକୁ ବଢ଼ି ପାରି ନଥିଲେ। ତାଙ୍କୁ ମାର୍କୋ ୟାନେସନ ଶର୍ଟ କଭରରେ ଆଉ କରି ଦେଇଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୨୧୧ ରନ କରିଥିବା ବେଳେ ଜବାବରେ ଦକ୍ଷିଣ ଆଫ୍ରିକା ୩୦୧ ରନ କରିଛି। ଫଳରେ ଘରୋଇ ଟିମକୁ ଗୁରୁତ୍ୱପୂର୍ଣ୍ଣ ୯୦ ରନର ଲିଡ୍ ମିଳିଥିଲା। ଦ୍ୱିତୀୟ ଇନିଂସରେ ବାବର ୫୦ ରନ ଇନିଂସ ଖେଳିଥିଲେ ହେଁ ୟାନସେନ ପାକିସ୍ତାନକୁ ଘାଇଲା କରିଥିଲେ। ସେ ଏକାକୀ ୬ଟି ୱିକେଟ ନେବାକୁ ପାକିସ୍ତାନ ୨୩୭ ରନରେ ଅଲଆଉଟ ହୋଇଯାଇଛି। ଏବେ ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଟେଷ୍ଟ ଜିତିବା ପାଇଁ ୧୪୮ ରନର ଟାର୍ଗେଟ ମିଳିଛି। କିନ୍ତୁ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୩ଟି ୱିକେଟ ହରାଇଥିଲେ ହେଁ କେବଳ ୨୭ ରନ କରି ପାରିଛି। ଏବେ ଦଳକୁ ଜିତିବା ପାଇଁ ୧୨୧ ରନ ଦରକାର ଥିବା ବେଳେ ହାତରେ ୭ଟି ୱିକେଟ ରହିଛି।

# ବିଶ୍ୱ ଟେଷ୍ଟ୍ ଚାମ୍ପିୟନଶିପ୍ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ : ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଦକ୍ଷିଣ ଆଫ୍ରିକା ପ୍ରଥମ ଦଳ ଭାବେ ପ୍ରବେଶ କରିଛି। ଦକ୍ଷିଣ ଆଫ୍ରିକା ନିଜ ମାଟିରେ ପାକିସ୍ତାନକୁ ରୋମାଞ୍ଚକର ଢଙ୍ଗରେ ୨ ୱିକେଟରେ ପରାସ୍ତ କରିଛି। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ଜିତିବା କ୍ଷଣି ଦକ୍ଷିଣ ଆଫ୍ରିକା ୬୬.୬୭ ବିଜୟ ପ୍ରତିଶତ ସହ ଫାଇନାଲ ଟିକେଟ ହାତେଇଛି। ସେହିପରି ଅଷ୍ଟ୍ରେଲିଆ ମଧ୍ୟ ଭାରତକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ସେଞ୍ଚୁରିଆନରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟ ବେଶ ରୋମାଞ୍ଚକର ରହିଥିଲା। ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୨୧୧ ରନ କରିଥିଲା। ଏହାର ଜବାବରେ ଦକ୍ଷିଣ ଆଫ୍ରିକା ୩୦୧ ରନ କରିଥିଲା। ଫଳରେ ଘରୋଇ ଟିମକୁ ଗୁରୁତ୍ୱପୂର୍ଣ୍ଣ ୯୦ ରନର ଲିଡ୍ ମିଳିଥିଲା। ଦ୍ୱିତୀୟ ଇନିଂସରେ ବାବର ଆଜମ ୫୦ ରନ ଇନିଂସ ଖେଳିଥିଲେ ହେଁ ୟାନସେନ ପାକିସ୍ତାନକୁ ଘାଇଲା କରିଥିଲେ। ସେ ଏକାକୀ ୬ଟି ୱିକେଟ ନେବାକୁ ପାକିସ୍ତାନ ୨୩୭ ରନରେ ଅଲଆଉଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଟେଷ୍ଟ ଜିତିବା ପାଇଁ ୧୪୮ ରନର ଟାର୍ଗେଟ ମିଳିଥିଲା। କିନ୍ତୁ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୩ଟି ୱିକେଟ ହରାଇଥିଲେ ହେଁ କେବଳ ୨୭ ରନ କରି ପାରିଥିଲା। ଦଳକୁ ଜିତିବା ପାଇଁ ୧୨୧ ରନ ଦରକାର ଥିବା ବେଳେ ଏଡେନ ମାର୍କରମ ଓ ଅଧିନାୟକ ତେମ୍ବା ବଭୂମା ରନକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। ହେଲେ ଦଳୀୟ ସ୍କୋରା ୬୨ ଥିବା ବେଳେ ମାର୍କରମ(୩୭) ଆଉଟ ହୋଇଯାଇଥିଲେ। ବଭୂମା ମଧ୍ୟ ୪୦ ରନ କରିପାରିଥିଲେ।



ଡାଭିଡ ବେଣ୍ଡିଂହାମ ୧୪, କେୟଲେ ଭାର୍ଣ୍ଣୟେ ୨ ଓ କୋରବିନ ବୋଚ ପ୍ରଥମ ବଲରେ ଆଉଟ ହୋଇଯିବାରୁ ଦକ୍ଷିଣ ଆଫ୍ରିକା ସଙ୍କଟରେ ପଡ଼ିଥିଲା। ପାକିସ୍ତାନ ପାଇଁ ମିଡିୟମ ଦ୍ରୁତ ବୋଲର ମହମ୍ମଦ ଆବାସ ଦକ୍ଷିଣ ଆଫ୍ରିକାର ୮ଟି ୱିକେଟ ମଧ୍ୟରୁ ୬ଟି ଦଖଲ କରିଥିଲେ। ଲାଗୁଥିଲା ଦକ୍ଷିଣ ଆଫ୍ରିକା ୧୪୮ ରନର ବିଜୟ ଲକ୍ଷ୍ୟକୁ ହାସଲ କରିପାରିବ ନାହିଁ। କିନ୍ତୁ ୯ମ ୱିକେଟ ପାଇଁ ମାର୍କୋ ୟାନସେନ ଓ କାଗିସୋ ରବାଡା ୫୧ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ରୋମାଞ୍ଚକର ବିଜୟ ଭେଟି ଦେଇଛନ୍ତି। ଦଳକୁ ଜିତିବା ପାଇଁ ୨ ରନ ଦରକାର ଥିବା ବେଳେ ରବାଡା ଚୌକା ମାରି ବିଜୟ ମୁଣ୍ଡି ମାରିଛନ୍ତି। ସେ ଶେଷ ଯାଏ ୨୬ ବଲରେ ୩୧ ଓ ୟାନସେନ ୨୪ ବଲରେ ୧୬ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପାଇଁ ମହମ୍ମଦ ଆବାସ ପାରୁ ଯାଏ ଚେଷ୍ଟା କରିଥିଲେ ହେଁ କିଛି ବି ଲାଭ ମିଳି ନଥିଲା। ସେ ୬ଟି ୱିକେଟ ନେଇଥିବା ବେଳେ ନସୀମ ଶାହ ଓ ଖୁରାମ ଶାହଜାଦ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

# ରାଶିଫଳ - ୨୦୨୫

**ମେଷ-** ୨୦୨୫ ମସିହା ଶୁଭାଶୁଭ ମିଶ୍ରଫଳ ରହିବ । କାରଣ ୧୨ଶରେ ବ୍ୟୟଗୃହସ୍ଥ ଶନି ରହିବେ । ତେଣୁ ଅଶୁଭ ପ୍ରଭାବ ଅପ୍ରେଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ରହିବ, ଏହି ପ୍ରଭାବରୁ କର୍ମ କ୍ଷେତ୍ରରେ ଉଥାନପତନ ରହିବ । ବର୍ଷର ଶେଷ ୮ମାସ ଶୁଭଗୃହରେ ରାହୁଙ୍କର ଉପସ୍ଥିତି ଅନେକ ସଫଳତାର କାରଣ ହେବେ । ବ୍ୟବସାୟରେ ଲାଭ ବୃଦ୍ଧି ସହିତ ନୂତନତା ଆସିବ । ଚାକିରିରେ ପଦୋନ୍ନତି ମର୍ଯ୍ୟାଦା ଲାଭ ହେବ । ଆର୍ଥିକ ଉନ୍ନତି ସହିତ ବନ୍ଧୁଙ୍କର ସହଯୋଗରେ ସଫଳତାପୂର୍ଣ୍ଣ ବର୍ଷ ରହିବ । ସେୟାର ବଜାର ନିବେଷ ଫଳପ୍ରସୁ ହେବନାହିଁ । ଛୋଟମୋଟ ଚୋରି ଡକାୟତିର ସମ୍ଭାବନା ରହିବ । ବୈବାହିକ ଓ ପ୍ରେମ ସମ୍ବନ୍ଧରେ ଅପ୍ରେଲରୁ ସେପ୍ଟେମ୍ବର ଅଶୁଭ ଫଳ ମିଳିବ । ମହିଳାମାନେ ପେଟଜନିତ ବ୍ୟଥା ଭୋଗ କରିବେ ଓ ଛାତ୍ରଛାତ୍ରୀମାନେ ବର୍ଷତମାମ ଶୁଭଫଳ ପାଇବେ । ଜାଗାବାଡି କ୍ରୟବିକ୍ରୟରେ ଧୋକା ମିଳିବ । ସେଥିପ୍ରତି ସତର୍କ ରହିବେ ।

**ପ୍ରତିକାର- ଓଁ ହନୁମତେ ନମୋ ନମଃ" ପ୍ରତି ମଙ୍ଗଳବାର ୨୧ଥର ଜପନ୍ତୁ ରକ୍ତପ୍ରବାଳ ଧାରଣ କରନ୍ତୁ ଓ ରକ୍ତଦାନ କରନ୍ତୁ ।**

**ବୃଷ -** ୨୦୨୫ ଅତିଶୁଭ ଶନିଙ୍କର ସୁ-ପ୍ରଭାବରୁ ଏହି ରାଶି ନିମନ୍ତେ ଅନେକ ସଫଳତା ପ୍ରାପ୍ତି ହେବ । ମନରେ ଥିବା ପ୍ରତି ଯୋଜନା ଫଳବତୀ ହେବ । ଅନେକ ଶୁଭଫଳଦାୟୀ ଘଟଣାମାନ ଘଟିଯିବ । ମୁଖ୍ୟାଂଶରେ ଆର୍ଥିକ ସ୍ଥିତିରେ ଅନେକ ସୁଧାର ମିଳିବ । କର୍ମକ୍ଷେତ୍ରରେ ପରିସ୍ଥିତି ବର୍ଷତମାମ ସପକ୍ଷରେ ରହିବ । ମାନ,ସମ୍ମାନ ଓ ପଦୋନ୍ନତି ପ୍ରାପ୍ତ ହେବ ମାତ୍ର ସ୍ଥାନ, କ୍ଷେତ୍ର ପରିବର୍ତ୍ତନ ହେବ । ବ୍ୟବସାୟୀ ଏବଂ ରାଜନୈତିକ ବ୍ୟକ୍ତିବିଶେଷ ପ୍ରତି ଯୋଜନାକୁ ସୁଚାରୁରୂପେ ତୁଲାଇ ଲାଭାନ୍ୱିତ ହେବେ । ମହିଳାମାନେ ମନମୁତାବକ ପରିବେଶ ପାଇ ଆତ୍ମଶାନ୍ତିରେ ଓ ନିରୋଗରେ କାଳାତିପାତ କରିବେ । ଛାତ୍ରଛାତ୍ରୀ ନିଜନିଜ କ୍ଷେତ୍ରରେ ସଫଳ ହେବେ ।

**ପ୍ରତିକାର- ପ୍ରତ୍ୟେକ ଶୁକ୍ରବାର ଲକ୍ଷ୍ମୀ ମା'ଙ୍କର ସ୍ତୁତିପାଠ, ଗୋମାତାଙ୍କୁ ରୁଟିଗୁଡ ଖାଇବାକୁ ଦିଅନ୍ତୁ ଓ ଧଳାପୋଖରାଜ ଧାରଣ କରନ୍ତୁ ।**

**ମିଥୁନ -** ୨୦୨୫ର ପ୍ରଥମ ଚାରିମାସ କର୍ମଗୃହସ୍ଥ ଭାଗ୍ୟଅଧିପତି ଶନି ଓ ଶୁଭ ବୃହସ୍ପତି ଭାଗ୍ୟଉଦୟ ସହିତ କର୍ମକ୍ଷେତ୍ରରେ ଯୋଜନା ମୁତାବକ ସମସ୍ତ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବେ ପରିଶ୍ରମର ଫଳ ଦେବାରେ ସହାୟକ ହେବେ । ବ୍ୟବସାୟରେ ନୂଆ ନୂଆ ଯୋଜନା କରି ପାଦ ଆଗକୁ ବଢାଇଲେ ନିଶ୍ଚୟ ସଫଳତା ମିଳିବ । ଯେଉଁମାନେ ପ୍ରେମ କରୁଛନ୍ତି ବିବାହର ସୁଯୋଗ ସୃଷ୍ଟି ହେବ । ରାଜନୈତିକ ବ୍ୟକ୍ତିବିଶେଷ ଲୋକସମ୍ପର୍କର ସୁଫଳ ନିଶ୍ଚୟ ପାଇବେ । ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସଫଳତା ପ୍ରାପ୍ତ ହେବେ । ମହିଳାମାନେ ସମସ୍ତ କାର୍ଯ୍ୟରେ ପ୍ରଶଂସା ଶୁଣିବେ ।

**ପ୍ରତିକାର- ବୁଧବାର ଜଗନ୍ନାଥ ମନ୍ଦିର ଦର୍ଶନ, ପାନ୍ନାରତ୍ନ ଧାରଣ କରିବେ, ଶାଗୁଆ ରଙ୍ଗର ବସ୍ତ୍ର କୌଣସି ଅନାଥ କନ୍ୟା କିମ୍ବା କିନ୍ନରଙ୍କୁ ଦାନ ଓ ସବୁଜ ପନିପରିବା ଗୋମାତାଙ୍କୁ ଦେବେ ।**

**କର୍କଟ -** ୨୦୨୫ ମସିହାର ଗ୍ରହସ୍ଥିତି ଅନୁଯାୟୀ ମାନସିକ ପ୍ରଫୁଲ୍ଲତା ଓ ବନ୍ଧୁ ପରିବାରବର୍ଗଙ୍କ ଠାରୁ ସାହାଯ୍ୟ ପାଇ ଆତ୍ମନିର୍ଭରଶୀଳତା, ଦୃଢତା, ଶତ୍ରୁଦମନ, ବୁଦ୍ଧିଗତ କୌଶଳ, ଧନଲାଭ ଓ ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । ରାଜନୈତିକ ବ୍ୟକ୍ତିବିଷେଶ ଲୋକସମ୍ପର୍କର ସୁଫଳ ନିଶ୍ଚୟ ପାଇବେ । ଛାତ୍ରଛାତ୍ରୀମାନେ ସ୍ଥିରଚିତ୍ତରେ ରହି ପ୍ରଶଂସିତ ହେବେ । କର୍ମସଂସ୍ଥାନ ସନ୍ଧାନରେ ଥିବା ପଲାମାନଙ୍କୁ ନିଶ୍ଚୟ ସଫଳତା ମିଳିବ । ଲାଗିରହିଥିବା ରୋଗରେ ଉପଶମ ମିଳିବା ସହ ମାନସିକ ଶାନ୍ତି ମିଳିବ । ଶତ୍ରୁଦମନ ହେବା ସହ ଆର୍ଥିକସ୍ଥିତି ସ୍ୱଚ୍ଛଳ ହେବ । ସମସ୍ତ ବ୍ୟବସାୟୀ ମଧ୍ୟମ ଫଳପ୍ରାପ୍ତ ହେବେ ।

**ପ୍ରତିକାର- ପ୍ରତି ଶନିବାର ୧୦୮ଥର "ଓଁ ଶଂ ଶନିଶ୍ଚରାୟ ନମଃ" ଜପ, ପୂର୍ଣ୍ଣିମା ତିଥିରେ ଭଗବାନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଓ ଅଧିକାଂଶ ସମୟ ଧବଳ ବସ୍ତ୍ର ପରିଧାନ କରିବେ ।**

**ସିଂହ -** ୨୦୨୫ ଅଶୁଭ ଶନି ସମୟ ପରିକ୍ରମଣ ହେତୁ ସ୍ୱାସ୍ଥ୍ୟବାଧା ଓ ଦୁର୍ଘଟଣା ସ୍ଥିତି ଦେବେ ମାତ୍ର ଅପ୍ରିଲ ୨୧ତାରିଖରୁ ବର୍ଷତମାମ ଶୁଭ ଗୃହସ୍ଥ ବୃହସ୍ପତି ନୂତନ କର୍ମ ସଂସ୍ଥାନର ସମ୍ଭାବନା ଓ ବ୍ୟବସାୟ ବାଣିଜ୍ୟରେ ଲାଭ, ସାଂସାରିକ ଜୀବନରେ ବହୁଦିନର ପୁରୁଣା ସ୍ମୃତି ଉଜ୍ଜିବିତ କରାଇ ସୁଖଶାନ୍ତି ପରିସ୍ଥିତି ସହିତ ପ୍ରତ୍ୟେକ କ୍ଷେତ୍ରରେ ସଫଳତାର ପାହାଚ ଚଢିବାରେ ସହାୟକ ହେବେ । ସହଯୋଗୀର ସହଯୋଗ କର୍ମ କ୍ଷେତ୍ର ସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ସୁଧାର ଆଣିବ । ଚାକିରି କ୍ଷେତ୍ରରେ ପଦୋନ୍ନତି ହେବ ଏବଂ ଏହା ଧନବୃଦ୍ଧିର କାରଣହେବ, ଧାର୍ମିକ ପରିବେଶ ପ୍ରତି ମନବଳିବ । ବୈଦେଶିକ ବ୍ୟାପାର ଏବଂ ଆମଦାନୀ ରପ୍ତାନୀ ବ୍ୟବସାୟରେ ଲାଭ ହେବ । ବନ୍ଧୁଙ୍କର ସହେଯାଗ ପ୍ରତି ସମୟ ମିଳିବ, ଯୋଜନା ମୁତାବକ ସମସ୍ତ କ୍ଷେତ୍ରରେ ସହଯୋଗ ମିଳିବ । ପରିଶ୍ରମର ଫଳ ମିଳିବ, ବ୍ୟବସାୟରେ ନୂଆ ନୂଆ ଯୋଜନା କରି ପାଦ ଆଗକୁ ବଢାଇଲେ ନିଶ୍ଚୟ ସଫଳତା ମିଳିବ । ଯେଉଁମାନେ ପ୍ରେମ କରୁଛନ୍ତି ବିବାହର ସୁଯୋଗ ସୃଷ୍ଟି ହେବ । ଛାତ୍ରଛାତ୍ରୀ ଓ ମହିଳା ମାନେ ପରିବାରର ସମସ୍ତ ସୁଯୋଗ ପାଇବେ ।

**ପ୍ରତିକାର- ପ୍ରତିଦିନ ସୂର୍ଯ୍ୟଙ୍କୁ - ଓଁ ଘୃଣି ସୂର୍ଯ୍ୟାୟ ନମଃ ୯ଥର ଜପକରି - ତାମ୍ରପାତ୍ରରେ ଜଳ ସହିତ ରକ୍ତଚନ୍ଦନ ମିଶାଇ ଅର୍ଘ୍ୟ ଅର୍ପଣ କରନ୍ତୁ ଏବଂ ମାଣିକ୍ୟ ରତ୍ନ ୫ରତିର ଧାରଣ କରିବେ ଓ ୫ପାଳି ଶନିମେଳା କରିବେ ।**

**କନ୍ୟା-** ୨୦୨୫ ଯେତେ ବିପଦ ଆପଦର ସମ୍ମୁଖୀନ ହେଲେ ମଧ୍ୟ ଖଣ୍ଡନର ଉପାୟ ଓ ଧନପ୍ରାପ୍ତିର ଆଶା ତଥା ଉଦ୍ୟମରେ ସଫଳତାର ବର୍ଷ ରହିବ । ଅବିବାହିତାମାନଙ୍କର ବିବାହର ସମ୍ଭାବନା ସୃଷ୍ଟି ହେବ । ଏପ୍ରିଲ ମାସ ପର୍ଯ୍ୟନ୍ତ ଭାଗିଦାରୀ ବ୍ୟବସାୟରେ ଆର୍ଥିକ କ୍ଷେତ୍ରକୁ ନେଇ ମତାନ୍ତର ସୃଷ୍ଟି ହେବ । ମାତାପିତାମାନେ ନିଜ ସନ୍ତାନଙ୍କ ପାଇଁ ଗର୍ବ ଅନୁଭବ କରିବେ । ବୁଦ୍ଧି ଓ କୌଶଳ ଦ୍ୱାରା ଶତ୍ରୁକୁ ପରାସ୍ତ କରିବେ । ମାତ୍ର ସ୍ୱାସ୍ଥ୍ୟଗତ ଅସୁବିଧାକୁ ଏଡେଇ ଦିଆଯାଇନପାରେ । ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସଫଳତା ପ୍ରାପ୍ତହେବ । ପ୍ରକାଶକ, ଲେଖକ, କଳାକାର ଅଧିକ ଶୁଭଫଳ ପାଇବେ ।

**ପ୍ରତିକାର- ପ୍ରତି ବୁଧବାର ବିଷ୍ଣୁଭଗବାନଙ୍କୁ ଦର୍ଶନ, ପୂର୍ଣ୍ଣିମାରେ ବିଷ୍ଣୁଙ୍କର ବ୍ରତ, ସ୍ତୁତିଜପ ସହିତ ଅପାରଗଙ୍କୁ ସାହାର୍ଯ୍ୟ ସହଯୋଗ କରନ୍ତୁ । ପାନ୍ନା ରତ୍ନ ଧାରଣ କରନ୍ତୁ ।**

**ତୁଳା -** ୨୦୨୫ ଶୁଭ ବୃହସ୍ପତି ଭାଗ୍ୟଉଦୟ ସହିତ କର୍ମକ୍ଷେତ୍ରରେ ଯୋଜନା ମୁତାବକ ସମସ୍ତ କ୍ଷେତ୍ରରେ ସହଯୋଗ ପ୍ରଦାନ କରିବେ । ପରିଶ୍ରମର ଫଳ ଦେବାରେ ସହାୟକ ହେବେ । କର୍ମକ୍ଷେତ୍ରରେ ଦକ୍ଷତା ପ୍ରତିପାଦନ ସହ ଲାଭ ମିଳିବାର ସମ୍ଭାବନା ଅଧିକ । ଶୁଭଗ୍ରହ ମାନଙ୍କର ପ୍ରଭାବ ବର୍ଷର ଶେଷ ପର୍ଯ୍ୟନ୍ତ ରହିବ ଫଳରେ ଆର୍ଥିକ ଉନ୍ନତି ପରିଲକ୍ଷିତ ହେବ । ବ୍ୟବସାୟରେ ଆର୍ଥିକ ଲାଭ ବଢିବ । ଚାକିରିରେ ନୁତନ ପଦମର୍ଯ୍ୟାଦା ଲାଭ ହେବ । ମାତ୍ର କିଛିଟା ପାରିବାରିକ ସମସ୍ୟା ବୃଦ୍ଧି ହେବ । ଯାନବାହାନ ଜନିତ କ୍ଷତି ହେବ । କ୍ୟାରିୟର ଗଢିବାର ଭଲ ଅବସର ପାଇବେ । ଆର୍ଥିକ ଦିଗଟି ମଧ୍ୟମ ରହିବ । ଯେଉଁମାନେ ପ୍ରେମ କରୁଛନ୍ତି ବିବାହର ସୁଯୋଗ ସୃଷ୍ଟି ହେବ । ପରିବାରରେ ଶୁଭ କାର୍ଯ୍ୟସମ୍ପନ୍ନ ହେବ । ମହିଳାମାନଙ୍କର ଉଦରପୀଡା ଜନିତ ଅସନ୍ତୋଷ ରହିବ ।

**ପ୍ରତିକାର- ଶୁକ୍ରବାର ମା' ଲକ୍ଷୀଙ୍କର ବ୍ରତ ସହିତ ଗୋମାତାଙ୍କୁ ଗୁଡ ଖାଇବାକୁ ଦେଲେ ଅଟକିଥିବା କାର୍ଯ୍ୟ ହେଇଯିବ । ଧଳା ପ୍ରବାଳ ରତ୍ନଧାରଣ ଶୁଭପ୍ରଦ ।**

**ବିଛା-** ୨୦୨୫ ସମସ୍ତ ଦିଗରୁ ଶୁଭ ପ୍ରଭାବ ରହିବ । ଆର୍ଥିକ ସ୍ଥିତି ସୁଦୃଢ ହେବ । କର୍ମକ୍ଷେତ୍ରରେ ଉଚ୍ଚ ପଦସ୍ଥ ଅଧୀକାରିଙ୍କର ସୁଭାଜନ ହେବେ । କଳା, ବିଜ୍ଞାନ ଓ ବାଣିଜ୍ୟରେ ସଫଳତାର ସ୍ୱାଦ ଚାଖିବେ । ସମସ୍ତ କ୍ଷେତ୍ରରେ ସୁ-ସମ୍ପର୍କ ସୃଷ୍ଟି ହେବ । ବନ୍ଧୁବାନ୍ଧବଙ୍କ ସହାୟତାରେ ଲାଭାନ୍ୱିତ ହେବେ । ରାଜନୈତିକ ବ୍ୟକ୍ତିବିଶେଷ ପ୍ରତି ଯୋଜନାକୁ ସୁଚାରୁ ରୂପେ ତୁଲାଇ ଲାଭାନ୍ୱିତ ହେବେ । ମହିଳାମାନେ ମନମୁତାବକ ପରିବେଶ ପାଇଁ ଆତ୍ମଶାନ୍ତିରେ ଓ ନିରୋଗରେ କାଳାତିପାତ କରିବେ । ଛାତ୍ରଛାତ୍ରୀ ନିଜନିଜ କ୍ଷେତ୍ରରେ ସଫଳ ହେବେ । ମହିଳାଙ୍କର ଅଧିକ ଶୁଭଫଳ ପାପ୍ତିଯୋଗ ସହିତ ଖୁବ୍ ଆନନ୍ଦରେ ବର୍ଷଟି କଟିବ । ଅନେକ ଦିନରୁ ଅଟିକିଥିବା କାର୍ଯ୍ୟ ପୂର୍ଣ୍ଣତା ଲାଭ କରିବ । ଭାଇଭଉଣି ମାନଙ୍କର ସହଯୋଗ ଆତ୍ମବଳ ବୃଦ୍ଧି କରାଇବ ।

**ପ୍ରତିକାର- ପ୍ରତି ମଙ୍ଗଳବାର ଓ ଶନିବାର ଭଗବାନ ହନୁମାନଙ୍କୁ ଦର୍ଶନ ସହିତ ହନୁମାନ ଚାଳିଶା ଜପ କରିବା ସହିତ ଜୀବଜନ୍ତୁ ଏବଂ ଭୋକିଲାଙ୍କୁ ଖାଇବାକୁ ଦିଅନ୍ତୁ ଏବଂ ପ୍ରବାଳ ରତ୍ନ ଧାରଣ କରନ୍ତୁ ।**

**ଧନୁ -** ୨୦୨୫ ଶୁଭ ବୃହସ୍ପତି ପ୍ରଭାବରୁ କର୍ମ କ୍ଷେତ୍ରରେ ଶୁଭଫଳ ପାପ୍ତିଯୋଗ ସହିତ ସାମାଜିକ ସ୍ତରରେ ମାନ ସମ୍ମାନ ବଳବତ୍ତର ରହିବ । ଚିକିରିରେ ପଦ କିମ୍ବା ସ୍ଥାନ ପରିବର୍ତ୍ତନ ହୋଇପାରେ ଓ ପାରିବାରିକ ସଂପର୍କରେ ସ୍ୱଚ୍ଛତା ରହିବ । ମାନସିକ ଶାନ୍ତିରେ କିଛିଟା ବାଧା ଉପୁଜିବ । ବିଦ୍ୟା, ବସ୍ତ୍ର ଓ ମିଠାଖାଦ୍ୟ ସମ୍ବନ୍ଧିୟ ବ୍ୟବସାୟରେ ଲାଭ ପ୍ରାପ୍ତିର ସମୟ ରହିବ । ବନ୍ଧୁଙ୍କ ଠାରୁ ସହଯୋଗ ମିଳିବ । ପରିବହନ ବ୍ୟବସାୟ ଏବଂ ଅଟକି ରହିଥିବା ଅର୍ଥର ପୁନରାବର୍ତ୍ତନ ହେବ । କର୍ମସଂସ୍ଥାନ ସନ୍ଧାନରେ ଥିବା ପଲାମାନଙ୍କର ମନମୁତାବକ ପଦପଦବୀ ନମିଳିଲେ ମଧ୍ୟ ନିଶ୍ଚୟ ନିଯୁକ୍ତିର ସମ୍ଭାବନା ରହିବ । ସେୟାର ବଜାର ନିବେଶ ଫଳପ୍ରସୂ ହେବନାହିଁ । ମହିଳାମାନେ କର୍ମ ନିପୁଣ ହେବେ, ପ୍ରୋତ୍ସାହନ ଓ ପରିଶ୍ରମର ଫଳ ମିଳିବ ।

**ପ୍ରତିକାର - ପ୍ରତି ଗୁରୁବାର ତାରିଣୀ ମନ୍ଦିର ଦର୍ଶନ, ପୋଖରାଜ ରତ୍ନ କିମ୍ବା ବ୍ରହ୍ମଜଷ୍ଟି ମୂଳ ହଳଦିଆ ସୂତାରେ ଧାରଣ କରନ୍ତୁ ।**

**ମକର -** ୨୦୨୫ ସକାରାତ୍ମକ ଭାବନା ଓ କର୍ମପ୍ରତି ନିଷ୍ଠା ବାଣିଜ୍ୟ ବ୍ୟବସାୟରେ ଏବଂ ଚାକିରି କ୍ଷେତ୍ରରେ ଆୟ ବୃଦ୍ଧି ଓ ସହକର୍ମୀଙ୍କର ସହଯୋଗ ମନୋବଳ ଦୃଢ କରିବ । ପଦୋନ୍ନତିର ସମ୍ପୂର୍ଣ୍ଣ ସୁଯୋଗ ମିଳିବ । ବୁଦ୍ଧି ଓ କୌଶଳରେ ଶତ୍ରୁମାନଙ୍କୁ ଦମନ କରିବାରେ ସଫଳହେବେ । ଜମିଜମା ଓ ମାଲିମକୋଦ୍ଦମା ଜନିତ ପରିସ୍ଥିତି ସମାଧାନ ହୋଇଯିବ । ସମସ୍ତ ଶୁଭ କର୍ମ ବା ଗୃହରେ ମାଙ୍ଗଳିକ କାର୍ଯ୍ୟ ସମ୍ପର୍ଣ୍ଣ ହେବ । ରାଜନୈତିକ ବ୍ୟକ୍ତିବିଶେଷ ଲୋକସମ୍ପର୍କର ସୁଫଳ ନିଶ୍ଚୟ ପାଇବେ । ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସଫଳତା ପ୍ରାପ୍ତ କରିବେ । ମହିଳା ପରିବାରରେ ପ୍ରଶଂସିତ ହେବେ ।

**ପ୍ରତିକାର- ଶନିବାର ଭଗବାନ ଶନି, କାଳୀ କିମ୍ବା ହନୁମାନଙ୍କର ମନ୍ଦିର ଦର୍ଶନ, ସମାଜର ଅବହେଳିତମାନଙ୍କୁ ଯଥା ସମ୍ଭବ ସହାୟତା ସହିତ ନିଳମ ରତ୍ନ ଧାରଣ କରନ୍ତୁ ।**

**କୁମ୍ଭ-** ୨୦୨୫ ମୂଖ୍ୟାଂଶରେ ଆର୍ଥିକସ୍ଥିତିରେ ଅନେକ ସୁଧାର ମିଳିବ । କର୍ମକ୍ଷେତ୍ରରେ ପରିସ୍ଥିତି ବର୍ଷତମାମ ସପକ୍ଷରେ ରହିବ । ଧନ, ମାନସମ୍ମାନ ଓ ଲୋକସଂପର୍କ କ୍ଷେତ୍ରରେ ସଫଳତା ମିଳିବ । ଆର୍ଥିକ ଉନ୍ନତି ପରିଲକ୍ଷିତ ହେବ । ଶତ୍ରୁଦମନ, ବୁଦ୍ଧିଗତ କୌଶଳ, ମାନସିକ ପ୍ରଫୁଲତା, ଗୁରୁଜନଙ୍କର ପ୍ରିୟପାତ୍ର ଆଦି ଅନେକ ଲାଭ ମିଳିବ । ନୂତନ ଯାନବାହାନ କିମ୍ବା ଭୂମି ଗୃହ କ୍ରୟ କରିବେ । ସହଯୋଗୀଙ୍କର ସହାୟତାରେ ଯୋଜନାମାନ ସଫଳ ହେବ । ଗୃହରେ ମାଙ୍ଗଳିକ କର୍ମ ହେବ । ମାତ୍ର ସ୍ୱାସ୍ଥ୍ୟ ଓ ପାରିବାରିକ ସମ୍ପର୍କରେ ବାଧା ପରିବେଶ ଲାଗି ରହିବ । କର୍ମଜୀବୀ ମହିଳାମାନଙ୍କର ଆର୍ଥିକ ଉନ୍ନତି ହେବ । ଓ ଛାତ୍ରୀମାନଙ୍କର ପ୍ରତି ଚେଷ୍ଟା ସଫଳ ହେବ ।

**ପ୍ରତିକାର- ପ୍ରତି ସୋମବାର ଓ ଶନିବାର "ଓଁ ନମଃ ଶିବାୟ" ୧୦୮ଥର ଜପ ସହିତ ରୁଟିରେ ସୋରିଷତେଲ ମାରି କାଉ କିମ୍ବା କଳା କୁକୁରକୁ ଖାଇବାକୁ ଦିଅନ୍ତୁ ଏବଂ ନିଳମ ରତ୍ନ ଧାରଣ କରିବେ ।**

**ମୀନ-** ୨୦୨୫ ଚାକିରି ଓ ବ୍ୟବସାୟରେ ସଫଳତାର ପାହାଚ ଚଢିବେ । କୌଣସି ସମାଜ କଲ୍ୟାଣ କାର୍ଯ୍ୟ କ୍ଷେତ୍ରରେ ସାହାଯ୍ୟ ସହଯୋଗର ହାତ ବଢିବ ଓ ସମ୍ମାନିତ ହେବେ । ମାତ୍ର ସାଂସାରିକ ଜୀବନ ବାଧାପ୍ରାପ୍ତ ହେବ । କର୍ମକ୍ଷେତ୍ରରେ ଯୋଜନା ମୁତାବକ ସମସ୍ତ କ୍ଷେତ୍ରରେ ସହଯୋଗ ମିଳିବ । ପରିଶ୍ରମର ଫଳ ମିଳିବ, ବ୍ୟବସାୟରେ ନୂଆ ନୂଆ ଯୋଜନା କରି ପାଦ ଆଗକୁ ବଢାଇଲେ ନିଶ୍ଚୟ ସଫଳତା ମିଳିବ ।ଯେଉଁମାନେ ପ୍ରେମ କରୁଛନ୍ତି ବିବାହର ସୁଯୋଗ ସୃଷ୍ଟି ହେବ । ରାଜନୈତିକ ବ୍ୟକ୍ତିବିଷେଶ ଲୋକସମ୍ପର୍କର ସୁଫଳ ପାଇବେ । ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ସଫଳ ହେବେ । ମହିଳାସଦସ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସମ୍ପର୍କରେ ବାଧା ପରିବେଷ ମଧ୍ୟରେ ରହିବେ ।

**ପ୍ରତିକାର- ଗୁରୁବାର ମା' ତାରିଣୀଙ୍କ ମନ୍ଦିର ଦର୍ଶନ, ହଳଦୀଜଳ କଦଳୀ ବୃକ୍ଷ ମୂଳରେ ଦାନ ଓ ପୋଖରାଜ ଧାରଣ କରନ୍ତୁ ।**

# କାହାପାଇଁ କେମିତି ୨୦୨୫ ରାଜନୈତିକ ଭବିଷ୍ୟତ

## ଦେଶ ଓ ରାଜ୍ୟ

ଓଡ଼ିଶା ଓ ଭାରତର ରାଶି କର୍କଟ, ୮ମସ୍ଥ ଅଶୁଭ ରାହୁ ସଂକ୍ରାମକ ରୋଗସୃଷ୍ଟି ସହିତ ରାଜନୈତିକ ଅସନ୍ତୋଷ ଓ ଦରଦାମ ବୃଦ୍ଧି କରାଇବେ ଏବଂ ପରେ ଏପ୍ରିଲ ଠାରୁ ଶେଷ ୮ମାସ ଅନ୍ୟାନ୍ୟ ଗ୍ରହଚକ୍ର ପ୍ରଭାବରେ ଆଶାଜନକ ବୃଷ୍ଟିପାତ, ବନ୍ୟାବାତ୍ୟା ପରିସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବ କିନ୍ତୁ ମୁଖ୍ୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକର ଦୈବି ଦୁର୍ବିପାକ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆର୍ଥିକ ବୋଝ ବଢିବା ଫଳରେ ସରକାର ବ୍ୟତିବ୍ୟସ୍ତ ହୋଇଯିବେ । ଯାହାକୁ ନେଇ ରାଜନୈତିକ କୁଠାରଘାତ ସୃଷ୍ଟି ହେବ । ପ୍ରଶାସନିକ ସ୍ତରରେ ସମସ୍ତ ବିଭାଗ ସରକାରଙ୍କର ନିୟନ୍ତ୍ରଣ ମଧ୍ୟରେ ରହିବ । ଧାନ ଫସଲ ଓ ରବି ଜାତୀୟ ଫସଲ ଭଲ ହେଲେ ମଧ ବଜାରରେ ଦରଦାମ ଅସନ୍ତୁଳିତ ସହିତ ଅତ୍ୟାବଶ୍ୟକୀୟ ଦ୍ରବ୍ୟଗୁଡ଼ିକର ଦରବୃଦ୍ଧି କରିବେ । ସରକାରଙ୍କ ନିୟନ୍ତ୍ରଣରେ ତୈଳ ଦରବୃଦ୍ଧି ରହିପାରିବନାହିଁ । କୃଷିଋଣ ଓ ଗୋଷ୍ଠୀ ଋଣ ଫଳବତୀ ହେବ ଏହାର ଫାଇଦା ଚଳନ୍ତି ସରକାର ପାଇବେ । କର୍ମନିଯୁକ୍ତି ବୃଦ୍ଧିହେବ । ରାଜନୈତିକ ଦଳ ମଧରେ ବିଶାଳ କନ୍ଦଳ ଦେଖାଦେବ । ଭାତୃ ବିବାଦ ବା ସ୍ୱଦଳ ମଧ୍ୟରେ ଅନ୍ତଃ କନ୍ଦଳ ବଢିବ, ଦଳୀୟକର୍ମୀମାନେ ଅସନ୍ତୋଷ ସୃଷ୍ଟି କରିବେ । ରାଜ୍ୟର ସ୍ୱାର୍ଥ ହାସଲରେ ବହୁତ ବଡ ପରିବର୍ତ୍ତନର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ଓ ଏହାକୁ ନେଇ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ସଂଖ୍ୟା ବୃଦ୍ଧି ପାଇବ । ବିରୋଧୀ ଦଳଙ୍କର ପତିଆରା ବୃଦ୍ଧି ପାଇବ, ଯାହାର ଫାଇଦା ବିରୋଧି ଦଳ ନେବେ । ରାଜ୍ୟ ମୁଖିଆଙ୍କ ମାନସିକ କଷ୍ଟ ବଢ଼ିବ । ଏସବୁ ସମସ୍ୟା ଭିତରେ ଗତି କଲେ ମଧ ମୁଖିଆ ନିଜର ଶାସନ ଗୋଟିକୁ ସୂଚାର ରୂପେ ତୁଲାଇ ବାରେ ସକ୍ଷମ ହେବେ ।

## ମୋହନ ଚରଣ ମାଝୀ



ଜନ୍ମ ତାରିଖ ୦୬/୦୧/୧୯୭୨ ଅନୁଯାୟୀ ସିଂହ ରାଶି । ଏହି ବର୍ଷ ଶୁଭ ଏକାଦଶ ଲାଭ ଗୃହସ୍ଥ ବୃହସ୍ପତି ଅନେକ ପ୍ରକାରେ ଶୁଭ ପ୍ରଭାବ ମିଳିବ । ରାଜନୀତିରେ ଅନେକ ସଫଳତାର ପାହାଚ ଚଢ଼ିବାରେ ଭାଗ୍ୟର ଆର୍ଶୀବାଦ ମିଳିବ । ରାଜନୀତିର ଗୋଟି ଚାଳନାରେ ସିଦ୍ଧହସ୍ତ ହୋଇଚାଲିବେ । ଏ ବର୍ଷ ଜନ ସମର୍ଥନ ବଢ଼ିଚାଲିବ । ନୂଆ ନୂଆ ଜନ ହିତକର ଯୋଜନା ମାନ କରି ଜନ ସମର୍ଥନ ଗୋଟେଇବାରେ ସଫଳ ରହିବେ । ରାଜ୍ୟର ଅନେକ ଶିଳ୍ପ ସଂସ୍ଥାନ ଗଢି ଅନେକଙ୍କୁ ରୋଜଗାର ଦେବାରେ ସଫଳ ହେବେ । କୃଷିକାର୍ଯ୍ୟକୁ ଅଗ୍ରାଧିକାର ଦେଇ ରାଜ୍ୟର କୃଷିଜାତ ଉତ୍ପାଦନ ବୃଦ୍ଧି ସହିତ କୃଷକ ପରିବାରର ଆଶୀର୍ବାଦ ପ୍ରାପ୍ତ ହେବେ ।

## ନବୀନ ପଟ୍ଟନାୟକ



ନବୀନଙ୍କର ରାଶି ମିଥୁନ । ରାଜନୈତିକ ଗ୍ରହ ରାହୁ ବର୍ଷର ଅର୍ଦ୍ଧାଧିକ ସମୟ ଶୁଭରେ ରହିବେ ତେଣୁ ରାଜନୈତିକ ସଫଳତା, କର୍ମଗୃହସ୍ଥ ଭାଗ୍ୟଅଧିପତି ଶନି ଉର୍ଣ୍ଣତି କରିବାରେ ସହାୟକ ହେବା ସହିତ ଲୋକପ୍ରିୟତା ବୃଦ୍ଧି କରାଇବେ ଓ ଶୁଭ ବୃହସ୍ପତି ବର୍ଷତମାମ ଅନେକ ପ୍ରକାର ସଫଳତାର ପୃଷ୍ଠା ଯୋଡି ହୋଇଚାଲିବ । ତେଣୁ ୨୦୨୫ ରେ ଜନ୍ମ ଜାତକର ଦଶାମହାଦଶା ତଥା ଗ୍ରହମାନଙ୍କର ଶୁଭ ଅବସ୍ଥିତି ବଳରେ ଯେତେ ବାଧା ସୃଷ୍ଟି ହେଲେ ମଧ୍ୟ ନିଜର ପତିଆରା ଜାହିରି କରିବାରେ ସକ୍ଷମ ରହିବେ । ବହୁ ପ୍ରଶଂସାର ପାତ୍ର ହେବେ ଏବଂ ବିଶ୍ୱ ସ୍ତରରେ ସମ୍ମାନିତ ହେବାର ସୁଯୋଗ ଆସିବ । ଏହା ସହିତ ନବୀନଙ୍କର ରୋଗ ଗୃହ ବଳବାନ ଶୁଭ ପ୍ରଭାବ ଦେବ ତେଣୁ ସ୍ୱାସ୍ଥ୍ୟଗତ ଅସୁବିଧା ମାତ୍ରା ନିୟନ୍ତ୍ରଣରେ ରହିବ ।

## ବିଜେଡି ଦଳ

ବିଜେଡି ଦଳ ଯେବେ ସୃଷ୍ଟି ହୋଇଥିଲା ସେହି ସମୟକୁ ପରିଲିକ୍ଷିତ କଲେ ଦଳର ସ୍ୱରାଶି ତୁଳା ରାଶି ।୨୦୨୫ ମସିହାରେ ଶୁଭ ଗ୍ରହସ୍ଥିତି ଦଳର ସଫଳତା ବୃଦ୍ଧି କରାଇବେ ମାତ୍ର ଅଶୁଭ ରାହୁଚଳନ ବିରୋଧୀ କନ୍ଦଳ ସହିତ ଦୁର୍ବିପାକ ବୃଦ୍ଧି ବିରୋଧାଭାଷ ବିରୋଧୀଙ୍କର ବୃଦ୍ଧି କରାଇବେ । ତେଣୁ ଦଳପାଇଁ ଏହାର ପ୍ରଭାବରେ ଅନେକାଂଶରେ ଦୃଢତାର ସହିତ ଦଳର କ୍ଷମତା ବୃଦ୍ଧି ସହିତ ବିରୋଧୀଙ୍କୁ ସମ୍ମୁଖୀନ ହେବାରେ କେତେକାଂଶରେ କଷ୍ଟସାଧ୍ୟ ବ୍ୟାପାର ହୋଇଯିବ । ଦଳର ମୁଖିଆଙ୍କୁ ଏହାର ସୁଫଳ ମିଳିବାରେ ଅନେକାଂଶରେ କଷ୍ଟସାଧ୍ୟ ହୋଇପଡିବ ଫଳରେ ଦଳରେ ଯେଉଁସବୁ କର୍ମୀମାନେ ଭିତିରିଭାବରେ ବିରୋଧୀ ଅଛନ୍ତି ସେମାନଙ୍କର ମୁଖା ଖୋଲିଯିବା ଭଳି ପରିସ୍ଥିତି ସୃଷ୍ଟି ହେବ ଏବଂ ଏହାର ଫାଇଦା କେତେକାଂଶରେ ବିରୋଧୀଙ୍କୁ ଫାଇଦା ହେବ ।

## ବିଜେପି ଦଳ

ବିଜେପି ଦଳ ଯେବେ ସୃଷ୍ଟି ହୋଇଥିଲା ତାର ସମୟକୁ ପରିଲିକ୍ଷିତ କଲେ ଜଣାଯାଏ ଦଳର ସ୍ୱରାଶି-ବିଛା ରାଶି । ୨୦୨୫ ମସିହା ଶୁଭଗୃହସ୍ଥ ବୃହସ୍ପତି ସହିତ ଶୁଭଗୃହସ୍ଥ ଶନିଙ୍କର ଅବସ୍ଥାନ ରହିବ । ଫଳତଃ ଅନେକ ଆକସ୍ମିକ ରାଜନୈତିକ ଫାଇଦା ମିଳିବ । ଶତ୍ରୁ ବୃଦ୍ଧି କରୁଥିବା ଗୃହସ୍ଥ ଅଶୁଭ ରାହୁ ଦଳପାଇଁ ଅନେକ ବାଧା ଉପୁଜାଇବାର କାରଣହେବେ । ଦଳର ପତିଆରା ବୃଦ୍ଧି ପାଇଁ ବାଧା ସୃଷ୍ଟି କରାଇବେ ଏବଂ ମାତ୍ର ରାଜ୍ୟ ତଥା ଦେଶରେ ନିଜର କର୍ମୀ ବୃଦ୍ଧିହେବେ ଫଳରେ ନିଜର ଉପସ୍ଥିତି ଆଖିଦୃଷ୍ଟିଆ ବଢିବ । କୁଣ୍ଡଳୀର ଦଶାମହାଦଶା ତଥା ରାଜନୈତିକ ଗ୍ରହମାନଙ୍କର ଶୁଭାବସ୍ଥାନ ଅନୁସାରେ ଦେଶ ଓ ରାଜ୍ୟରେ ନିଜର ପତିଆରା ଜାହିର କରିବା ଓ ନିଜର କର୍ମୀମାନଙ୍କୁ ଏହାର ଭରପୁର ଫାଇଦା ଉଠାଇବାରେ ସମୟ ସହାୟତା କରିବ ।

## ନରେନ୍ଦ୍ର ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରାଶି ବିଛା । ଏଣୁ ୨୦୨୫ ମସିହା କର୍ମ ଓ ଲାଭ ଗୃହର ଅଧିପତି ଅତି ଶୁଭଗୃହରେ ବର୍ଷ ତମାମ ରହିବେ । ଅନେକ ମାନସମ୍ମାନର ପ୍ରାପ୍ତିର ସୂଚନା ଓ ଆଚମ୍ବିତ କଳାଭଳି ଦେଶର ହିତରେ ଅନେକ ଯୋଜନା ସଫଳତାର ସହିତ ବିନିଯୋଗ କରି ସମୁହ ଉନ୍ନତିର କାରଣ ହେବେ । ବୃହସ୍ପତିଙ୍କର ପ୍ରଭାବରେ ଅନେକ ଧନ ବୃଦ୍ଧିକାରୀ ଯୋଜନା କରି ସଫଳତାର ସହ ଆର୍ଥିକ ସ୍ଥିତି ସୁଧାରିବାରେ ସହାୟକ ହେବେ ମାତ୍ର ନିଜ ଦଳିୟ କର୍ମୀଙ୍କର କପଟତାର ଶିକାର ସହିତ ବିରୋଧିଙ୍କର ତାଡନାର ଶିକାର ଫଳରେ ମାନସିକ ସ୍ତରରେ ଅଶାନ୍ତି ହୋଇଯିବାଭଳି ପରିସ୍ଥିତି ଭୋଗିପାରନ୍ତି ତଥାପି କୁଣ୍ଡଳିର ସମୟ ଅନୁସାରେ ଓ ଜନସମର୍ଥନ ସୃଷ୍ଟି କରାଉଥିବା ଶୁଭଗୃହସ୍ଥ ମହାଗ୍ରହ ଶନି ନିଜର ପତିଆରା ଯାହିରି କରିବାରେ, ନିଜ ଦଳ ସଜାଡିବାରେ ଓ ବିରୋଧି ଦଳର ଶକ୍ତି ପରାହତ କରିବାରେ ଅନେକାଂଶରେ ସଫଳ ହେବେ । ଜନସାଧାରଣଙ୍କର ସ୍ୱାସ୍ଥ୍ୟମାନ ବୃଦ୍ଧି ଉଦ୍ଦେଶ୍ୟରେ ଅଯଥା ବ୍ୟୟବରାଦ କରିବାକୁ ପଡିବ ଯାହା ବେଳେବେଳେ ମୁଣ୍ଡବ୍ୟଥାର କାରଣ ହେବ । ତଥାପି ରାଶି ସହିତ ଜନ୍ମ କୁଣ୍ଡଳିରେ ରାଜନୈତିକ ଗ୍ରହ ମାନଙ୍କର ଶୁଭାବସ୍ଥାନ ଓ ଦଶା ମହାଦଶାର ପ୍ରଭାବରେ ଦେଶ ଓ ରାଜ୍ୟରେ ନିଜର ସ୍ୱତନ୍ତ୍ର ସ୍ଥାନ ଯାହିର କରିବାରେ ଓ ନିଜର କର୍ମୀମାନଙ୍କୁ ଏହାର ଭରପୁର ଫଇଦା ଉଠାଇବାରେ ସହାୟତା କରିବେ ।



## ଧର୍ମେନ୍ଦ୍ର ପ୍ରଧାନ



ଧର୍ମେନ୍ଦ୍ର ପ୍ରଧାନଙ୍କର ତୁଳା ରାଶି । ୨୦୨୫ମସିହାରେ ଶୁଭ ବୃହସ୍ପତି ସହିତ ଯୋଗକାରକ ଅତିଶୁଭ ଶନି କେନ୍ଦ୍ରରେ ଶୁଭ ଗୃହରେ ଆତ୍ମବଳ ବୃଦ୍ଧି ସହିତ ଦଳପାଇଁ ଏହାର ସୁପ୍ରଭାବ ଅନେକାଂଶରେ ଦୃଢତାର ସହିତ ଦଳର କ୍ଷମତା ବୃଦ୍ଧି ସହିତ ବିରୋଧିଙ୍କୁ ସମ୍ମୁଖୀନ ହେବାରେ ସଫଳ କରାଇବାରେ ସହଯୋଗ ମିଳିବ । ମୁଖିଆଙ୍କର ଅତିପ୍ରିୟ କରାଇବାରେ ଅନେକାଂଶରେ ସାହାଯ୍ୟ କରିବ ଫଳରେ ଦଳରେ ଯେଉଁସବୁ କର୍ମୀମାନେ ଭିତିରି ଭାବରେ ବିରୋଧୀ ଅଛନ୍ତି ସେମାନଙ୍କର ମୁଖା ଖୋଲିଯିବା ଭଳି ପରିସ୍ଥିତି ସୃଷ୍ଟି କରାଇ ମୁଖିଆଙ୍କର ଅତିପ୍ରିୟ ହେବେ । ତୁଳା ରାଶିର ଅତ୍ୟନ୍ତ ଯୋଗକାରକ ଶନି ମହାଗ୍ରହ ଶୁଭାବସ୍ଥାନ ପ୍ରଭାବରେ ଜନସମର୍ଥନ ବା ଲୋକପ୍ରିୟତା ବୃଦ୍ଧି ହେବ ।

## କଂଗ୍ରେସ ଦଳ

ଦଳ ଯେବେ ସୃଷ୍ଟି ହୋଇଥିଲା ତାର ସମୟକୁ ପରିଲିକ୍ଷିତ କରାଗଲେ ଦଳର ସ୍ୱରାଶି-ମେଶ ରାଶି ।୨୦୨୫ ମସିହାରେ ଅଶୁଭ ବୃହସ୍ପତି ସହିତ ରାହୁ ପ୍ରଥମ ଚାରିମାସ ବାଧାବିଘ୍ନ ଭରା ପରିବେଶ ରହିବ । କର୍ମ ଓ ଲାଭ ଗୃହର ଅଧିପତି ଶନି ଅଶୁଭଗୃହସ୍ଥ ବର୍ଷ ତମାମ ରହିବେ । ତେଣୁ ଦଳପାଇଁ ଅଶୁଭକାରକ ସାବ୍ୟସ୍ତ ହୋଇ ଦେଶ ତଥା ରାଜ୍ୟରେ ନିଜର ଉପସ୍ଥିତିର ଜରୁରତା ସାବ୍ୟସ୍ତ କରାଇବାରେ ଅସଫଳ ହେବେ । ଅଶୁଭଗୃହସ୍ଥ ରାହୁ ଦଳ ତଥା ଦଳୀୟ କର୍ମୀଙ୍କର ଆତ୍ମବଳ କମାଇବେ, ମୁଖିଆଙ୍କର ଅପାରଗତା ମୁଣ୍ଡବିବିନ୍ଧାର କାରଣ ହେବ । ଜନସମର୍ଥନ ହାତେଇବାରେ ଅସଫଳ ହେବେ । ନିଜର କିଛି ବିଚକ୍ଷଣ ବୁଦ୍ଧି ସମ୍ପନ୍ନ କର୍ମୀମାନଙ୍କ ବଳରେ ସମସ୍ତଙ୍କୁ ଆଚମ୍ବିତ କରାଇବା ଭଳି କିଛି ଜନପ୍ରିୟ କାମ କରିବେ ଯାହା ଭବିଷ୍ୟତ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ ଏବଂ ନିଜ ଦଳ ମୁଖିଆଙ୍କୁ ଏହାର ଶୁଭ ପ୍ରଭାବ କିଛିଟା ମିଳିବ ।

## ରାହୁଲ ଗାନ୍ଧୀ



ରାହୁଲ ଗାନ୍ଧୀଙ୍କର ରାଶି ବିଛା । ଏଣୁ ୨୦୨୫ ମସିହାରେ ପ୍ରଥମ ଚାରିମାସ ଶୁଭ ଶନି ଶୁଭଫଳ ପ୍ରଦାନରେ ସହୟକ ହେବେ ମାତ୍ର ପରେ ଅଶୁଭ ଗୃହସ୍ଥ ଶନି ଓ ରାହୁଙ୍କର ଅବସ୍ଥାନ ଅନେକ ବାଧାବିଘ୍ନର ସୂଚନା ଓ ମାନସମ୍ମାନ କ୍ଷୁର୍ଣ୍ଣର କାରଣ ହେବେ । ବହୁ କ୍ଷେତ୍ରରେ କଳହ ଓ ନିଜ ଦଳ ମଧ୍ୟରେ ଅନ୍ତଃଦ୍ୱନ୍ଦର ପ୍ରଭାବରେ ପ୍ରଭାବିତ ହେବେ । ଦଳିୟ କର୍ମୀଙ୍କର କପଟତାର ଶିକାର ହୋଇପାରନ୍ତି ଫଳରେ ମାନସିକ ସ୍ତରରେ ହତାଶ ହୋଇଯିବାଭଳି ପରିସ୍ଥିତି ଭୋଗିପାରନ୍ତି । ବିଛାରାଶି ନିମନ୍ତେ ଏହିବର୍ଷ ଶୁଭକାରକ ତଥା ଜନସମର୍ଥନ ଦେଉଥିବା ମହାଗ୍ରହ ଶୁଭ ବୃହସ୍ପତି ଶୁଭଗୃହରେ ଥିବାରୁ ନିଜର ପତିଆରା ଜାହିରି କରିବାରେ,ନିଜ ଦଳ ସଜାଡିବାରେ ଓ ବିରୋଧି ଦଳର ଶକ୍ତି ପ୍ରଦର୍ଶନକୁ ଦୃଢତାର ସହିତ ସାମ୍ନା କରିବାରେ ସଫଳ ହେବେ । ତଥାପି ନିଜ ଦଳର ମାନ ବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟସ୍ତରରେ ଅଯଥା ପରିବର୍ତ୍ତନ କରିବାକୁ ପଡିବ ଯାହା ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ହେବ । ତଥାପି ରାଶି ସହିତ ଜନ୍ମ କୁଣ୍ଡଳିରେ ରାଜନୈତିକ ଗ୍ରହ ମାନଙ୍କର ଶୁଭାବସ୍ଥାନ ଓ ଦଶା ମହାଦଶାର ପ୍ରଭାବରେ ଦେଶ ଓ ରାଜ୍ୟରେ ନିଜର ସ୍ୱତନ୍ତ୍ର ସ୍ଥାନ ଯାହିର କରିବାରେ ଓ ନିଜର କର୍ମୀମାନଙ୍କୁ ଏହାର ଭରପୁର ଫଇଦା ଉଠାଇବାରେ ସହାୟତା କରିବେ ।

## ପ୍ରାକୃତିକ ପରିବେଶ

୨୦୨୫ ଅପ୍ରେଲ ଠାରୁ ଅକ୍ଟୋବର ମାସ ଅନେକ ପ୍ରାକୃତିକ ବିପର୍ଯ୍ୟୟ ସହିତ ପୁନର୍ବାର ସଂକ୍ରାମକ ରୋଗ ପ୍ରତ୍ୟାବର୍ତ୍ତନ କରିବାଭଳି ଭୟ ପରିସ୍ଥିତି ଓ ଅନେକ ପ୍ରକାରେ ଅଭାବୀ ସ୍ଥିତି ଜନଜୀବନ କ୍ଷୟକ୍ଷତିର କାରଣ ହେବ । ବାତ୍ୟା ବନ୍ୟା ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିବ । ଫସଲ ଅମଳ ଆଶାତୀତ ହେବ । ଅଗ୍ନିବର୍ଷି ଅସହ୍ୟ ଗ୍ରୀଷ୍ମପ୍ରବାହ ମାତ୍ରାଧିକ ହେବ । ବିଭିନ୍ନ ସମୟରେ ବିଭିନ୍ନ ଅଚଂଳରେ ବିନା କାରଣରେ ଅଗ୍ନି ଦ୍ୱାରା ଜନଜୀବନ କ୍ଷୟକ୍ଷତି ହେବ । ଅନେକାଂଶରେ ବର୍ଷର ବିଭିନ୍ନ ସମୟରେ ପ୍ରକୃତିର ତାଣ୍ଡବ ଅସହ୍ୟ ହୋଇପଡିବ ।

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର
ଭୁବନେଶ୍ୱର-୨୧ ୯୪୩୮୩୮୯୦୩୯
୦୬୭୪-୨୭୨୦୯୬୬



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ, କଣ୍ଣପଡା ଗ୍ରାମର ଆରାଧ୍ୟ ଠାକୁରାଣୀ କାଳେନ୍ଦୀ ମନ୍ଦିର ପ୍ରାଙ୍ଗଣରେ ଭତ୍ତା ହିତାଧିକାରୀମାନଙ୍କର ଭତ୍ତା ବୃଦ୍ଧି ସମ୍ପର୍କିତ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ତ୍ରିଲୋଚନପୁର ପଞ୍ଚାୟତର ଭତ୍ତା ହିତାଧିକାରୀମାନେ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ରାଜ୍ୟ ନୀଳାଚଳ ମହାସଂଘର ଆବାହକ ମାନସ କୁମାର ପ୍ରଧାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ବଡଦୁଃଖର ବିଷୟ ୨୦୧୮ ମସିହା ଡିସେମ୍ବର ୨୫ରିଖ ଠାରୁ ଆଜି ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଟି ସରକାରଙ୍କ ପାଖରେ ଜାରି ରହିଛି । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ରାଜ୍ୟପାଳ ରଘୁବର ଦାସ, ବର୍ତ୍ତମାନର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭତ୍ତା ବୃଦ୍ଧି ସଂପର୍କରେ ଜଣାଇ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରି ନାହିଁ । ଗତ ୧୬ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ ପୁରୀ ଜିଲ୍ଲାପାଳଙ୍କ ମାଧ୍ୟମରେ ୧୧ଗୋଟି ବ୍ଲକର ଭତ୍ତା ହିତାଧିକାରୀମାନଙ୍କର ରାଜ୍ୟ ଆବାହକ ମାନସ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

# ରାମଚଣ୍ଡୀ ପୀଠ ଆୟବ୍ୟୟର ସ୍ୱତନ୍ତ୍ର ଅଡ଼ିଟ ଓ ଭୂସମ୍ପତ୍ତି ଉଦ୍ଧାର ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଦରିଆ ରାମଚଣ୍ଡୀ ପୀଠ, ରାମନଗର ଅଞ୍ଚଳର ଏକ ପ୍ରମୁଖ ଆଧ୍ୟାତ୍ମିକ ସ୍ଥଳ ଭାବେ ରାଜା ରାଜୁଡ଼ା ସମୟରୁ ଜଣାଶୁଣା ରହିଛି । ଆଉ ୧୯୭୨ ମସିହା ଠାରୁ ଏହି ପୀଠ ଦେବୋତ୍ତର ବିଭାଗ ଅଧୀନରେ ରହି ଆସିଛି। କିନ୍ତୁ ନିୟମ ଅନୁସାରେ ପ୍ରତି ଦୁଇ ବର୍ଷରେ ଥରେ ନୂଆ ଟ୍ରଷ୍ଟବୋର୍ଡ ଗଠନ ହେବା କଥା। ହେଲେ ଦିର୍ଘ ବର୍ଷ ଧରି ଏହି ନିୟମକୁ ପାଳନ କରାଯାଉନାହିଁ। ଅର୍ଥାତ ଜଣେ ବ୍ୟକ୍ତି ୨୦୧୪ ମସିହାରୁ ଏହି ଦାୟିତ୍ୱରେ ରହିଥିଲେ। ବିଭିନ୍ନ ସୂତ୍ରରୁ ମିଳିଥିବା ଜମିକୁ ହିସାବକୁ ନେଲେ ଠାକୁରାଣୀଙ୍କ ଭୂସମ୍ପତ୍ତି ପ୍ରାୟ ୨୨୦ ଏକରରୁ ଅଧିକ ହୋଇଥିବା ବେଳେ ବର୍ତ୍ତମାନ ସେଥିରୁ ପ୍ରାୟ ୯୦ ଭାଗ ଜମି ଜବରଦଖଲରେ ରହିଛି । ସ୍ଥାନୀୟ ପ୍ରଶାସନକୁ ହାତ ବାରିସୀ କରି ଭୂସମ୍ପତ୍ତି



ବ୍ୟତୀତ ମନ୍ଦିରରେ ଅନୁଷ୍ଠିତ ହେଉଥିବା ବିବାହ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ରାମଚଣ୍ଡୀ ମେଳା (ପଣା ସଂକ୍ରାନ୍ତି) ଇତ୍ୟାଦି ବିଭିନ୍ନ ସୂତ୍ରରୁ ରୋଜଗାର ହେଉଥିବା ବେଳେ ବର୍ଷ ବର୍ଷ ଧରି ଆୟ ବ୍ୟୟର ଅଡ଼ିଟ କରା ଯାଇନାହିଁ। ଯାହା ସୂଚାଉଛି ବଡ଼ ଧରଣର ଲୁଟ ହୋଇଛି। ଏତଦ୍ ବ୍ୟତୀତ ୧୯୭୨ ମସିହା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମନ୍ଦିରର ଆୟବ୍ୟୟ ଉପରେ ସ୍ୱତନ୍ତ୍ର ଅଡ଼ିଟ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କରାଯିବା ସହ ଠାକୁରାଣୀଙ୍କ ୨୨୦ ଏକର ଜମି ଉଦ୍ଧାର କରାଯିବା ଏବଂ ଜମି ଜବରଦଖଲ କାରୀ ଓ ଏହି କାର୍ଯ୍ୟରେ ସହଯୋଗ କରିଥିବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ମାନଙ୍କ ବିରୋଧରେ ଆଇନ ଗତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏଥିସହିତ ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡା ଜିଲ୍ଲା ସଂଯୋଜକ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ସମାଜସେବୀ ହରେକୃଷ୍ଣ ପାତ୍ର, ସୁବ୍ରତ ସେଠୀ, ପ୍ରଭାତ ରଞ୍ଜନ ଜେନା, ନଗେନ୍ଦ୍ର ଜେନା, ବିଘ୍ନେଶ ସେଠୀ, ଅମିତାଭ ଚାନ୍ଦ, ନିରଞ୍ଜନ ପରିଡା, ସନ୍ତୋଷ ପୋଥାଳ, ମୃତ୍ୟୁଞ୍ଜୟ ପରିଡା, ଭୀମସେନ ସେଠୀ ପ୍ରମୁଖ ଏ ନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଏହି ଅଭିଯୋଗର ନକଲ ଦେବୋତ୍ତର ଆୟୋଗ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରସମନ ବିଭାଗ ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି ।

# ଏଆରଏସ୍ ଟପର ହେଲେ କୀର୍ତ୍ତିରଞ୍ଜନ



କଣାସ (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କଣାସ ବ୍ଲକ ସାହୁପଡା ପଞ୍ଚାୟତ ଅଞ୍ଜିରା ଗ୍ରାମର କୀର୍ତ୍ତିରଞ୍ଜନ ବରାଳ ଚଳିତ ବର୍ଷ ସର୍ବଭାରତୀୟ କୃଷିଭିତ୍ତିକ ଗବେଷଣା ସେବାରେ ଏଆରଏସ୍ (ଟପର) ହୋଇ ବୈଜ୍ଞାନିକ ହୋଇଛନ୍ତି । ସେ ଆଗରୁ ମଧ୍ୟ ଜେଆରଏଫ ଓ ଏସ୍ଆରଏଫ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିସହିତ ସେ ପରିବାର ଓ ଗ୍ରାମବାସୀଙ୍କ ପାଇଁ ଗୌରବ ଆଣିଛନ୍ତି ।

# କଣ୍ଟାପଡା ପଞ୍ଚାୟତ ସମିତିର ସାଧାରଣ ବୈଠକ



କଣ୍ଟାପଡ଼ା (ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ପଞ୍ଚାୟତ ସମିତି ସଭା କକ୍ଷରେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଜୀନା ଭୋଇଙ୍କ ସଭାପତିତ୍ୱରେ ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉକ୍ତ ବ୍ଲକର ୧୪ ଗୋଟି ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ମୁଖ୍ୟତଃ ପଞ୍ଚାୟତ ସମିତିର ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପାନୀୟ, ପରିମଳ, ଖାଉଟି ସାମଗ୍ରୀ, ପଞ୍ଚାୟତ ସମିତିର ତତ୍ତ୍ୱାବଧାନରେ ଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ କଣ୍ଟାପଡା ତହସିଲଦାର ପ୍ରସନ କୁମାର ସାମନ୍ତରାୟ ଅତିରିକ୍ତ ଭିଡିଓ ରୁବି ତପସ୍ୱିନୀ ଦାଶ, ଜିଲ୍ଲା ପରିଷଦ ପିୟୁଷ ରଂଜନ ମିଶ୍ର, ଜିଲ୍ଲା ପରିଷଦ କ୍ରିଷ୍ଣା ରାଣୀ ବେହେରା, ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ବରାଳ, ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କଣ୍ଟାପଡା ସରପଞ୍ଚ ନିର୍ମଳ ସାହୁ, ଅଭିଷେକ ମହାପାତ୍ର, ହେମନ୍ତ ମଳିକ, ସୁବ୍ରତ ଦାଶ, ତୃପ୍ତି ରଂଜନ ମଳିକ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଜଳ ସେଚନ ବିଭାଗ, ଜଳ ଓ ପରିମଳ ବିଭାଗ, ଓ ବିଭିନ୍ନ ବିଦ୍ୟୁତ ବିଭାଗର କର୍ମଚାରୀ ସହ ଅନ୍ୟ ବିଭାଗର କର୍ମଚାରୀ ମାନେ ମଧ୍ୟ ଉପସ୍ଥିତ ଥିଲେ।

# ମଙ୍ଗଳା କପ, ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ

କାକଟପୁର (ଭାସ୍କର ନ୍ୟୁଜ): ରାଜ୍ୟସ୍ତରୀୟ ମଙ୍ଗଳା କ୍ରିକେଟ କପର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଜୁଭେନାଇଲ ସ୍ପୋର୍ଟିଂ କଟକ ଟସ ଜିତି ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇ ୨୫ ଓଭରରେ ୮ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା । ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୨୧ ଓଭରରେ ୬ ଉଇକେଟ ହରାଇ ବିଜୟ ଲାଭ କରିବା ସହିତ ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି । ଦଳ ପକ୍ଷରୁ ଅଭିଷେକ ନାଥ ୩୬ ବଲ ରେ ୪୦ ରନ କରି ମ୍ୟାନ ଅଫ ଦି ମ୍ୟାଚ ଆଖ୍ୟା ଅର୍ଜନ କରିଥିଲେ । ଆସନ୍ତା ଜାନୁଆରୀ ୫ ତାରିଖରେ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଆଲଫା ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ କ୍ଲବର ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ ପ୍ରକାଶ କରିଛନ୍ତି । ଓଡିଶା କ୍ରିକେଟ ଆସୋସିଏସନ ର ୨ ବରିଷ୍ଠ ଅମ୍ପେୟାର ନିର୍ମଳ କୁମାର ମିଶ୍ର ଏବଂ ଅୟେସକାନ୍ତ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ଅଞ୍ଜନ କୁମାର ଦୀକ୍ଷିତ, ଭବାନୀ ବେହେରା ଧାରବିବରଣୀ ପ୍ରଦାନ କରିଥିଲେ । ଆୟୋଜକ କ୍ଲବର ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, କୋଷାଧ୍ୟକ୍ଷ ଇଂ ସୂର୍ଯ୍ୟକାନ୍ତ ଦୀକ୍ଷିତ, ଶ୍ୟାମସୁନ୍ଦର ରଣା, ସୁଶାନ୍ତ ଦାଶ, ସଞ୍ଜୟ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

# ବେତନଟୀ ପ୍ରିମିୟର ଲିଗ୍, ଆରିୟନ ଫାଇଟର ଚାମ୍ପିଅନ



ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୧ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ପାଇନାଲ ମ୍ୟାଚକୁ ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତ ଉଦଘାଟନ କରିଥିବା ବେଳେ ଏଥିରେ ବାହାନଡା ଟାଇଗର ଓ ଆରିୟନ ଫାଇଟର ମୁହାଁମୁହି ହୋଇଥିଲେ। ବାହାନଡା ଟାଇଗର ଟସ୍ ଜିଣି ପ୍ରଥମେ ୨୫ ଓଭରରେ ୮ ୱିକେଟ ହରାଇ ୨୦୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ବାହାନଡା ଟାଇଗର ୨୧ ଓଭରରେ ସପ୍ତମ ୱିକେଟ ହରାଇ ୧୫୨ ରନ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ବେତନଟୀ କ୍ରିକେଟ କ୍ଲବ୍ ସଭାପତି ଶଶିକାନ୍ତ ମହାପାତ୍ରଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ କ୍ରିଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦାନ କରି ଗ୍ରାମାଞ୍ଚଳରେ ଏଭଳି ଏକ ପ୍ରିମିୟର ଲିଗ୍ ଆୟୋଜନ ହେଉଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି , ଅତିଥି ଭାବରେ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ ପରିଡ଼ା, କ୍ଲବ୍ ସମ୍ପାଦକ ଦିଲ୍ଲୀପ ରାଉତ ପ୍ରମୁଖ ମଞ୍ଚାମାନ ଥିଲେ। ସଠିଲୋ ସମିତି ସଭ୍ୟ କିଶୋର ନାୟକ ମଞ୍ଚ ପରିଚାଳନା କରିଥିଲେ। ଆରିୟନ ଫାଇଟର ଖେଳାଳି ଦୀପକ ବେହେରା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଏହି ପ୍ରିମିୟର ଲିଗର ସର୍ବଶ୍ରେଷ୍ଠ ଖେଳାଳି ଭାବରେ ହରିହର ମାହାନାଙ୍କୁ ବିବେଚନା କରାଯାଇଥିଲା। ଚାମ୍ପିଅନ ଆରିୟନ ଫାଇଟର କୁ ୧ ଲକ୍ଷ ଟଙ୍କା ଓ ରନରସପ ବାହାନଡା ଟାଇଗର କୁ ୭୦ ହଜାର ସହ ଟ୍ରଫି ଓ ତୃତୀୟ ଦଳ ଭାବରେ ମା ଦୁର୍ଗା ଫାଇଟର ଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଖେଳକୁ କେ ଇନ୍ଦ୍ରଜିତ ପ୍ରସାଦ ଓ ଦେବାଶିଷ ଗୁପ୍ତା ପରିଚାଳନା କରିଥିଲେ।

# ପାରା ବ୍ୟାଡମିଣ୍ଟନରେ ଅଭୟଙ୍କୁ ରୌପ୍ୟ

କେନ୍ଦୁଝର (ଭାସ୍କର ନ୍ୟୁଜ): ରାଜ୍ୟ ପାରା ବ୍ୟାଡମିଣ୍ଟନ ୨୦୨୪-୨୫ ପ୍ରତିଯୋଗିତାରେ କେନ୍ଦୁଝର ଜିଲାର ଯୁବକ ଅଭୟ ଜେନା (୩୮)ଉପବିଜେତା ହୋଇ ରୋପ୍ୟ ଜିତି ଜିଲା ପାଇଁ ଗୌରବ ଆଣିଛନ୍ତି । ଏଥିସହ ସେ ଆସନ୍ତା ବର୍ଷ ହେବାକୁ ଥିବା ଜାତୀୟସ୍ତର ପ୍ରତିଯୋଗିତାରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ତାଙ୍କ ଘର କେନ୍ଦୁଝର ସହର ଜଗନ୍ନାଥପୁର ସାହିରେ । ଏହି ରାଜ୍ୟ ପାରା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଭୁବନେଶ୍ୱର ନୟାପଲ୍ଲିସ୍ଥିତ ଇଣ୍ଡୋର ଷ୍ଟାଡିଅମରେ ଡିସେମ୍ବର ୨୮ ରୁ ୩୦ ତାରିଖ ତିନି ଦିନଧରି ଅନୁଷ୍ଠିତ ହୋଇଥିଲା । ନିଜର ହ୍ୱିଲ ଚେୟାର ନଥିବା ବେଳେ ଏକ ହ୍ୱିଲ ଚେୟାର ମିଳିଲେ ସେ ଭଲ ଭାବରେ ଅଭ୍ୟାସ




କରିପାରିବେ ବୋଲି ଅଭୟ କହିଛନ୍ତି । ଏଭଳି ପ୍ରତିଭାବାନ ଖେଳାଳିଙ୍କୁ ଉପଯୁକ୍ତ ସହାୟତା ପ୍ରଶାସନ ପକ୍ଷରୁ ଯୋଗାଇଦେବାକୁ କ୍ରିଡାପ୍ରେମୀ ମାନେ ମତବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତାରେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଯୁଗ୍ମ ସମ୍ପାଦକ ତଥା ରାଜ୍ୟର ବରିଷ୍ଠ କ୍ରିକେଟ ଅମ୍ପାୟାର ସଂଗ୍ରାମ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ତାଙ୍କୁ ଖୁବ ଶୀଘ୍ର ଏକ ହୁଇଲ ଚେୟାର ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

# ମୌଳିକ ଅଧିକାର ପାଇଁ ଗ୍ରାମବାସୀଙ୍କ ଗଣଧାରଣା

ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୌଳିକ ସୁବିଧା ପାଇଁ ଗଣଧାରଣା ଦେଇଛନ୍ତି କେଞ୍ଚୁଡ଼ି ଗାଁର ୪୨ ଗୋଟି ଆଦିବାସୀ ପରିବାର। ଆଦିବାସୀ ଚେତନା ସଂଗଠନ ପକ୍ଷରୁ ଏହି ଗଣଧାରଣା ପ୍ରଦର୍ଶନ କରାଯାଇଥିବା ବେଳେ ମୁଖ୍ୟ ଦାବି ଗାଁକୁ ରାସ୍ତା, ପାନୀୟ ଜଳ ଭଳି ସୁବିଧା ସହ ଘରଡିହ, ଜଙ୍ଗଲ ଜମି ପଟ୍ଟା, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିବା କଥା କେଞ୍ଚୁଡ଼ି ଗାଁକୁ ୨୦୦୮



ମସିହାରେ ରାଜସ୍ୱ ଗାଁର ମାନ୍ୟତା ପାଇଁ ସମସ୍ତ ଦସ୍ତାବିଜ ସରକାରୀ ସ୍ତରରେ ଦିଆଯାଇଥିଲେ ମଧ୍ୟ ତେବେ ଗାଁକୁ ନା ରାଜସ୍ୱ ଗାଁର ମାନ୍ୟତା ମିଳି ପାରିଛି, ନା ଗ୍ରାମବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ମିଳି ପାରିଛି। ନାହିଁ ନାହିଁର ଗାଁ ହୋଇଛି କେଞ୍ଚୁଡ଼ି ଗାଁ। ଯାହାକୁ ନେଇ ଗ୍ରାମବାସୀ ମାନେ ନିଜର ମୌଳିକ ସୁବିଧା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ପାରମ୍ପରିକ ଧନୁ ତୀର ଧରି ଗ୍ରାମବାସୀ ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସମ୍ବନ୍ଧରେ ସରକାରଙ୍କୁ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଏକ ମାସ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

# ରକ୍ତଦାନ ଶିବିର ଓ ଇ-ଟ୍ରାଇସାଇକେଲ ପ୍ରଦାନ

ଭଦ୍ରେଶ୍ୱର (ଭାସ୍କର ନ୍ୟୁଜ): 'ଆମ ସ୍ୱାଭିମାନ' ଟ୍ରଷ୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଇ ଟ୍ରାଇସାଇକେଲ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦାନ କରିଥିଲେ। ମୁଖ୍ୟବକ୍ତାଭାବେ ନାଟ୍ୟକାର ଅଭୟ କୁମାର ଦାସ, ସମ୍ମାନିତ ଅତିଥିଭାବେ ସୁକାନ୍ତ ଚନ୍ଦ୍ର ବେହେରା, ଆମ ସ୍ୱାଭିମାନ ଟ୍ରଷ୍ଟର ସଭାପତି ସନ୍ତୋଷ କୁମାର ସାହୁ ସଭାପତିତ୍ୱ କରିଥିଲେ। ସଂଯୋଜକ ପ୍ରଦ୍ୟୁମ୍ନ କୁମାର ବାରିକ ମଂଚ ପରିଚାଳନା କରିଥିଲେ। ସମ୍ପାଦକ ତ୍ରିଲୋଚନ ବେହେରା ବାର୍ଷିକ ବିବରଣୀ ପାଠ ଓ ଶେଷରେ ଉପଦେଷ୍ଟା ଉମେଶ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସରପଂଚ ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ଭଦ୍ରେଶ୍ୱର ଥାନା ଗୋତରା ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆପିଲୋ ଠାରେ ଅନୁଷ୍ଠିତ ହୋଇଥିଲା।

# ଗୋଷ୍ଠୀ ସମ୍ବଳ କର୍ମୀ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ରାଜ୍ୟର ସମସ୍ତ ଗୋଷ୍ଠୀ ସମ୍ବଳ କର୍ମୀ ସଂଘ ତରଫରୁ ମାହାଙ୍ଗା ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୧୯ ବର୍ଷ ହେଲାକାର୍ଯ୍ୟ କରିଆସୁଥିବା କର୍ମଚାରୀମାନଙ୍କ ଚାକିରିକୁ ନିୟମିତ କରାଯିବା ନିମନ୍ତେ ଦାବି କରାଯାଇଛି। ଦୀର୍ଘ ୧୯ ବର୍ଷ ଧରି ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଓଡିଶାର ୩୦ଟି ଜିଲ୍ଲାରେ ଥିବା ୩୧୪ଟି ବ୍ଲକରେ ଗତ ୨୦୦୬ ମସିହା ଠାରୁ ସର୍ବଶିକ୍ଷା ଅଭିଯାନ ତରଫରୁ ଓପେପା ଅଧିନରେ ଚୁକ୍ତିଭିତିକ ଭାବେ ଗୋଷ୍ଠୀ ସମ୍ବଳ କର୍ମୀମାନେ କାର୍ଯ୍ୟକରିଆସୁଛନ୍ତି । ରାଜ୍ୟରେ ଥିବା ୮୨,୬୭୬ଜଣ ଦିବ୍ୟାଙ୍ଗ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିବା ସହ ସରକାରଙ୍କର ସମସ୍ତ ସୁବିଧା ସୁଯୋଗ ପହଞ୍ଚାଇବା ନିମନ୍ତେ ଗୋଷ୍ଠୀ ସମ୍ବଳକର୍ମୀମାନେ ନିରବଚ୍ଛିନ ଭାବେ କାର୍ଯ୍ୟ କରିଆସୁଛନ୍ତି। ଶିକ୍ଷାଅଧିକାର ଓ ସମଗ୍ର ଶିକ୍ଷା ଅଭିଯାନ ଅନ୍ତର୍ଗତ ୬ରୁ ୧୮ ବର୍ଷ ବୟସର ଭିନ୍ନକ୍ଷମ ଛାତ୍ର ଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ ନେଇ ଏହି କର୍ମୀମାନେ କାର୍ଯ୍ୟକରିଆସୁଛନ୍ତି। ସମାନ କାମକୁ ସମାନ ଦରମା ସରକାର କହୁଥିଲା ବେଳେ ୬ ବର୍ଷର ଶିକ୍ଷାସହାୟକମାନେ ଜେଟ ପିଟିର ମାନ୍ୟତା ପାଉଥିଲା ବେଳେ ସମ୍ବଳ କର୍ମୀମାନେ ସମାନ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଉପଯୁକ୍ତ ଦରମା କିମ୍ବା ସମ୍ମାନ ପ୍ରଦର୍ଶନ କରାଯାଉନଥିବାର ଅଭିଯୋଗ ହୋଇଛି। ସରକାର ଏହି ସମ୍ବଳ ଗୋଷ୍ଠୀକର୍ମୀମାନଙ୍କୁ ଶିକ୍ଷକର ମାନ୍ୟତା ପ୍ରଦାନ ନିମନ୍ତେ ସଂଘର କାର୍ଯ୍ୟକର୍ତ୍ତା ଆନନ୍ଦମୟୀ ବେଉରା, ଅନିଳା ଷଡଙ୍ଗୀ, ଗାୟତ୍ରୀ ବଳ, ଦିପ୍ତିମୟୀ ରାଉତରାୟ, ସାରଦା ଦେବୀ ଓ ରଞ୍ଜିତ ମଳିକ ପ୍ରମୁଖ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ଜରିଆରେ ଏକ ଦାବିପତ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି।

# ବାଘ ଛାଲ ଜବତ, ୨ ଗିରଫ

କେନ୍ଦୁଝର (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲା ପୋଲିସ ଚିତା ବାଘ ଚମଡା ତସ୍କରୀ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଘଟଗାଁ ଏସଡିପିଓଙ୍କ କାର୍ଯ୍ୟାଳୟରୁ ଏକ ପ୍ରେସ ବିଜ୍ଞପ୍ତିରେ ଏନେଇ ସୂଚନା ଦିଆଯାଇଛି । ଗିରଫ ଅଭିଯୁକ୍ତ ହେଲେ ମୟୁରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ବସନ୍ତପୁର ଗ୍ରାମର ରାମ ବାଣ୍ଡିଆ (୩୩) ଓ ଖଡିପାଳ ଗ୍ରାମର ସାଗର କୁଲାପଡିଆ । ସେମାନଙ୍କ ଠାରୁ ପୋଲିସ ଏକ ଚିତାବାଘ ଚମଡା,



ଓଡି-୦୨ଇ/୫୭୮୮ ନମ୍ବର ବାଇକ, ଦୁଇଟି ମୋବାଇଲ ଫୋନ ଜବତ କରିଥିବା ଜଣାପଡିଛି । କେନ୍ଦୁଝର ଏସପି ଓ ଡିଏଫଓ ଙ୍କ ନିର୍ଦ୍ଦେଶରେ ପୋଲିସ ଓ ବନ ବିଭାଗ ଅଧିକାରୀ ଙ୍କୁ ନେଇ ଏକ ଟିମ ଯୁଗ୍ମ ଚଢାଉ କରି ପାଟଣା ଅଂଚଳରୁ ଚିତାବାଘ ଚମଡା କିଣାବିକା ବେଳେ ଚଢାଉ କରି ଧରିଥିବା ସୂଚନା ମିଳିଛି । ବନ ବିଭାଗ ପକ୍ଷରୁ ଏନେଇ ଓଆର ୮୪/୨୦୨୪-୨୫ ନମ୍ବର କେସ ରୁଜୁ କରିଥିବା ବେଳେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ର ଧାରା ୯,୩୯(୩) ଓ ୪୪ ରେ ମାମଲା ରୁଜୁ କରି ବନ ବିଭାଗ ସେମାନଙ୍କୁ ଗିରଫ କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି ।

# ସମାଜସେବୀଙ୍କ ପରଲୋକ

ବାରିପଦା (ଭାସ୍କର ନ୍ୟୁଜ): ଶନିବାର ବାହାନଡା ପଞ୍ଚାୟତରେ ଅବସ୍ଥିତ ଥିବା ଅଁଳାଶୁଳୀ ଗ୍ରାମର ସମାଜସେବୀ ଇଶ୍ୱର ଚନ୍ଦ୍ର ସୋରେନ୍ (୭୮)ଙ୍କ ଦେହ ଅସୁସ୍ଥତା ଯୋଗୁଁ ଖୁଣ୍ଟା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇ ଥିଲା ଏବଂ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘଷଣା କରିଥିଲେ। ସେ ଜଣେ ସାନ୍ତାଳୀ ଲେଖକ, ସାନ୍ତାଳୀ ଭାଷା ଲିପି ପ୍ରଚାରକ, ସାନ୍ତାଳୀ ଭାଷା ମୋର୍ଚ୍ଚା ରାଲିର ଜଣେ ପଦାଧିକାରୀ ସହିତ ପଞ୍ଚାୟତ ରାଜ ବିଭାଗରେ ବାହାନଡା ପଞ୍ଚାୟତର ସରପଞ୍ଚ ମଧ୍ୟ ଥିଲେ। ରାଷ୍ଟ୍ରିୟ ଲାଇବ୍ରେରି କଲିକତାରେ ମଧ୍ୟ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିଲେ। ଆଦିବାସୀ ସେଙ୍ଗେଲ ଅଭିଯାନ୍ କପ୍ତିପଦା ସବ୍‌ଡିଭିଜନ କମିଟିର ସଭାପତି ଉଦୟ ନାଥ ହେମ୍ବ୍ରମ୍ ମରଶରିରକୁ ଫୁଲ ମାଳ ଦେବା ସହିତ, ଲକ୍ଷ୍ମଣ ସାହିର ଶ୍ୟାମ ହେମ୍ବ୍ରମ, ଭଂଜୁର୍ ବାରିପଦାରୁ ବିଶ୍ୱନାଥ ମୁର୍ମୁ, ହାତିବନ୍ଧାରୁ ସାଥ୍ୱୀ ହାଁସଦା, ଭଲାଗଡିଆ ସରପଞ୍ଚ ନନ୍ଦକିଶୋର୍ ହାଁସଦା, ବାହାନଡାର ପୂର୍ବତନ ସରପଞ୍ଚ ଧନେଶ୍ୱର ଟୁଡୁ, ବାଳେପାଳ ଗ୍ରାମର ଶିକ୍ଷକ ରତ୍ନାକର ହେମ୍ବ୍ରମ ଓ ଗ୍ରାମ ବାସୀ ମାନେ ଅନ୍ତିମ ସତ୍କାର କରିଥିଲେ।

# ଭୂଗୋଳ ବିଭାଗର ସେମିନାର

କଣାସ (ଭାସ୍କର ନ୍ୟୁଜ): କଣାସ ବ୍ଲକ ଗଡସାନପୁଟ ପଞ୍ଚାୟତରେ ପ୍ରତିଷ୍ଠିତ ଚଉଦ ମୌଜା ବିଦ୍ୟୁତ୍ ସ୍ନାତକ ମହାବିଦ୍ୟାଳୟ ଭୂଗୋଳ ସମ୍ମାନ ବିଭାଗରେ ଏକ ସେମିନାର ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପରିବେଶ ସମସ୍ୟା ଓ ସମାଧାନ ଶୀର୍ଷକ ଆଲୋଚନାରେ ଅଧ୍ୟାପକ ପ୍ରକାଶ ମାନସିଂହ, ସଂଧ୍ୟାରାଣୀ ବେହେରା, ଡ. ଦିଲ୍ଲୀପ୍ ରାଉତ, ରିଙ୍କୁ ଭାରିମାଲ, ନିରଂଜନ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଚନ୍ଦନ ଶ୍ରୀଚନ୍ଦନ ସେମିନାର ଅଭିମୁଖ୍ୟ ବର୍ଣ୍ଣନା କରିଥିଲେ । ନିରୁପମା ଶ୍ରୀଚନ୍ଦନ, ଦୀପକ ମହାପାତ୍ର, ରତିକାନ୍ତ ମାନସିଂହ, କଳ୍ପନା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଶିମିଳିପାଳ ପାଦଦେଶରେ ଷ୍ଟ୍ରବେରୀ ଚାଷ; ସ୍ୱାବଲମ୍ବୀ ହେଉଛନ୍ତି ସ୍ଥାନୀୟ ଆଦିବାସୀ

ବାରିପଦା (ଭାସ୍କର ନ୍ୟୁଜ): ସବୁଜ ପତ୍ର ସାଙ୍ଗକୁ ଧଳା ଫୁଲ ସହ ଲାଲ୍ ରଙ୍ଗର ପେନ୍ଥା ପେନ୍ଥା ଫଳିଛି ଷ୍ଟ୍ରବେରୀ ଆଉ ବାସ୍ନାରେ ମହକି ଯାଉଛି ଶିମିଳିପାଳ ପାଦଦେଶ ଅଞ୍ଚଳ। ଏହି କାହାଣୀ ଶାମାଖୁଣ୍ଟା ବ୍ଲକର ତାରାଯୋଡି ଏବଂ କୋଚିଳାଘାଟିର ୨୫ ଜଣ ଚାଷୀଙ୍କର ଯେଉଁମାନେ ଏଣିକି ପାରମ୍ପରିକ ଚାଷ ସହିତ ବିଦେଶୀ ଫଳ ଷ୍ଟ୍ରବେରୀ ମଧ୍ୟ ଚାଷ କରୁଛନ୍ତି। ମୟୂରଭଞ୍ଜରେ ଧାନ, ଡାଲି ଜାତୀୟ ଓ ପନିପରିବା ଚାଷ ସହ କିଛି ନୂଆ ଫସଲ ଚାଷ କରିବାର ପ୍ରୟାସ ନେଇ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଷ୍ଟ୍ରବେରୀ ଚାଷ ଜିଲ୍ଲା ପ୍ରଶାସନ ମିଶନ ମୋଡରେ କାର୍ଯ୍ୟକରି ସଫଳ ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ ଥର ପାଇଁ ଶିମିଳିପାଳ ପାଦ ଦେଶରେ ପ୍ରାକୃତିକ ପରିବେଶ ଏହି ଚାଷ ପାଇଁ ଅନୁକୂଳ ହୋଇଥିବାରୁ ସେଠିକାର ଚାଷୀ ମାନେ ମନୋନିବେଶ କରିଛନ୍ତି ଏହି ଷ୍ଟ୍ରବେରୀ ଚାଷରେ। ରାଜ୍ୟ ସରକାରଙ୍କ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାନ, ଉଦ୍ୟାନକୃଷି ବିଭାଗ,



ମୃତ୍ତିକା ସଂରକ୍ଷଣ ତଥା ଜଳଛାୟା ପ୍ରକଳ୍ପ ଓ କୃଷିବିଜ୍ଞାନ କେନ୍ଦ୍ର-୧ ଶାମାଖୁଣ୍ଟା ସମେତ ଅନ୍ୟାନ୍ୟ ବିଭାଗ ସହଯୋଗରେ ଷ୍ଟ୍ରବେରୀ ଚାଷ ସଫଳ ହୋଇପାରିଛି। ଏଥିପାଇଁ ଉଦ୍ୟାନକୃଷି ବିଭାଗ, ମହାରାଷ୍ଟ୍ରର ମହାବଳେଶ୍ୱର ଅଞ୍ଚଳରୁ ପାଖାପାଖି ୧,୭୦,୦୦୦ ଷ୍ଟ୍ରବେରୀ ଚାରାକୁ ନେଇ ୧୦ ଏକର ଚାଷ ଜମିରେ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଥିବା ଏହି ଫଳ ଚାଷ ବର୍ତ୍ତମାନ ଫଳପ୍ରସୁ ଅବସ୍ଥାରେ। ଏଥିନିମନ୍ତେ, ପ୍ରଶାସନ ପକ୍ଷରୁ ପାଇପ ଯୋଗେ ସିଞ୍ଚନ ଜଳଯୋଗାଣ ସୁବିଧା ଯୋଗାଇ ଦିଆଯାଇଥିଲା ଏବଂ ତା ସହିତ ମଲଚିଂ ପଦ୍ଧତିରେ ମୃତ୍ତିକାର ଗୁଣ ଓ ସଂରଚନାରେ ଉନ୍ନତି ସହିତ ଆର୍ଦ୍ରତା ବଜାୟ ରଖିବା ଏବଂ ବାଷ୍ପୀକରଣ ହ୍ରାସ କରିବାରେ ସାହାଯ୍ୟ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ ବିଶେଷଜ୍ଞ ଓ ଚାଷୀଙ୍କ ମତରେ ଗଛ ଲାଗିବାର ଦୁଇ ମାସ ଦିନ ମଧ୍ୟରେ ଫଳ ଉତ୍ପାଦନ ହୋଇଛି ଏବଂ ଏଥିପାଇଁ କୌଣସି ଅଧିକ ପରିଶ୍ରମ ଲାଗୁନାହିଁ। ଜିଲ୍ଲାପାଳଙ୍କ ଏହି ଅନନ୍ୟ ପ୍ରୟାସ ଫଳରେ ଆଜି ମୟୂରଭଞ୍ଜରେ ମଧ୍ୟ ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଛି । ଏହାପୂର୍ବରୁ ଜିଲ୍ଲାପାଳ ଶ୍ରୀ ସୟ କୋରାପୁଟ ଓ ନୂଆପଡ଼ାରେ ଏହି ଚାଷ ଆରମ୍ଭ କରି ଜାତି, ଜନଜାତି ବର୍ଗର ଲୋକଙ୍କୁ ରୋଜଗାରର ମାଧ୍ୟମ ଯୋଗାଇଥିବା କଥା ଗଣମାଧ୍ୟମରେ ପ୍ରଚାର ହେବା ସହିତ ଅନେକ ସାଧୁବାଦ ମଧ୍ୟ ମିଳିଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମାର୍ଗଦର୍ଶିକା, ଆଦିବାସୀ ସମନ୍ୱିତ ଉନ୍ନୟନ ସଂସ୍ଥା ଏହି ମିଳିତ ଉଦ୍ୟମରେ ହୋଇଥିବା ପ୍ରକଳ୍ପ ଜରିଆରେ ଆବଶ୍ୟକ ଖତ, ସାର, କୀଟନାଶକ ଔଷଧ ଓ ଅନ୍ୟାନ୍ୟ ସହଯୋଗ ଯୋଗାଇ ଦିଆଯାଇ ଥିବା ବେଳେ ନିକଟସ୍ଥ ପଲପଲା ନଦୀର ଉଠାଜଳସେଚନ ଜରିଆରେ ଚାଷ ଜମିକୁ ଜଳସେଚନ ଦ୍ୱାରା ପ୍ରଭାବିତ କରାଯାଇ ପାରିଛି। ଜିଲ୍ଲାପାଳ ନିଜେ ଚାଷୀଙ୍କ ସହିତ ଆଲୋଚନା କରି ଚାଷ ପଦ୍ଧତିରେ ସୁଧାର ଏବଂ ତ୍ୱରିତ ବ୍ୟବସ୍ଥା ଅଣାଯିବ ପାଇଁ ପଦକ୍ଷେପ ନେଇଛନ୍ତି। ଆଦିବାସୀଙ୍କ ଜୀବନ ଜୀବିକାରେ ଉନ୍ନତି ତଥା ବିକଳ୍ପ କୃଷି ଜରିଆରେ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏଭଳି ନୂତନ ଯୋଜନା ଜିଲ୍ଲାପାଳ ଶ୍ରୀ ସୟଙ୍କ ପ୍ରୟାସରେ ଆରମ୍ଭ ହୋଇ ସଫଳ ହେଉଥିବା ବେଳେ ଆସନ୍ତା ବର୍ଷଠାରୁ ପାଖାପାଖି ୫୦ଏକର ଜମିରେ ଏହି ଷ୍ଟ୍ରବେରୀ ଚାଷ କରାଯିବ ବୋଲି ଲକ୍ଷ୍ୟ ରହିଛି । ଚାଷ ଉପରେ ନିର୍ଭର କରୁଥିବା ଆଦିବାସୀଙ୍କ ପାଇଁ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ମଧ୍ୟ ଉଦାହରଣ ହୋଇପାରିବେ ଏଠାକାର ଅଧିବାସୀ ଓ ଜୀବନଶୈଳୀର ଏକ ନୂଆ ରାହା ଦେଖାଇବ ଷ୍ଟ୍ରବେରୀ।

# ଅସହାୟଙ୍କୁ କମ୍ବଳ ବଣ୍ଟନ



ତିହିଡ଼ି (ଭାସ୍କର ନ୍ୟୁଜ): ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ସାମାଜିକ ସଂଗଠନ ଉତ୍କଳମଣି ସେବା ସଂଘର କର୍ମକର୍ତ୍ତାମାନେ ସମାଜସେବାକୁ ବ୍ରତଭାବେ ଗ୍ରହଣ କରି ଦୁଃଖୀ ରଙ୍କଙ୍କ ସେବାରେ ନିଜକୁ ସମର୍ପିତ କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ଅସହାୟ ମାନଙ୍କର ସାହାରା ସାଜି ଶୀତ ରାତିରେ ଫୁଙ୍ଗୁଳା ହୋଇ ପ୍ଲାଟଫର୍ମ ଓ ରାସ୍ତା କଡ଼ରେ ଶୋଇଥିବା ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରୁଛି। ରେଳଷ୍ଟେସନରେ ଅସହ୍ୟ ଜାଡ଼ରେ ଶୋଇଥିବା ଅସହାୟଟେ ହେଉକି ଘରପୋଡ଼ି, ବନ୍ୟା, ବାତ୍ୟା ବିପନ୍ନ ହୁଅନ୍ତୁ ସମସ୍ତଙ୍କ ମୁହଁରେ ଟିକେକ ହସ ଫୁଟାଇବା ଲକ୍ଷ୍ୟରେ ସଂଘର ଯୁବ ସ୍ୱେଚ୍ଛାସେବୀମାନେ ତତ୍ପର ରହିଛନ୍ତି। ନାଇଟ୍ ମିଶନରେ ସଂଘର କର୍ମକର୍ତ୍ତାମାନେ ମୟୁରଭଞ୍ଜ ଜିଲ୍ଲା ଠାକୁର ମୁଣ୍ଡା ବ୍ଲକ୍ ଅଧୀନ ଖେସାକୁଦର, ରାଇପଦା, ନିଶାପୋଶି, ଖଣ୍ଡବନ୍ଧ,ପଡିଆ ବେଡା, ବୋରିଂ ଅଞ୍ଚଳରେ ଶୀତବସ୍ତ୍ର ବଣ୍ଟନ କରିଛନ୍ତି। ସେହିପରି ସଂଘ ପକ୍ଷରୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଜନଗହଳି ରେଳଷ୍ଟେସନରେ ଅସହାୟମାନେ ଶୀତରେ ରାତିରେ ଶୋଇଥିବା ବେଳେ ସେମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସଂଘର ଏଭଳି ସାଧୁ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ଖଗେଶ୍ୱର ତ୍ରିପାଠୀ, ବିସ୍ମୟ ବିହାରୀ ସାହୁ, ରବୁ ସଲିମ୍, ହରିହର କର, ରବିନ୍ଦ୍ର ନାୟକ, ଚଢ଼େଇ ମଲିକ, ଜ୍ୟୋତିପ୍ରକାଶ ପତି, ବିପ୍ଲବ ସାହୁ, ତୁଷାର ନାୟକ, ପିତାମ୍ବର ମହନ୍ତ, ହେମନ୍ତ ମହନ୍ତ, ସତ୍ୟ ସାହୁ ଇତ୍ୟାଦି ସହଯୋଗ କରିଥିଲେ।



କୋଷାଗୁମୁଡ଼ା (ଭାସ୍କର ନ୍ୟୁଜ): ମିଲର୍ସଙ୍କ କଟନୀ ଛଟଣୀରେ ହନ୍ତସନ୍ତ ହୋଇଛନ୍ତି ଚାଷୀ। ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା। ମୁଖ୍ୟରାସ୍ତାରେ ଧାନ ପକାଇ ଚାଷୀ କରିଛନ୍ତି ରାସ୍ତା ଅବରୋଧ ଏବଂ ପ୍ରତିବାଦ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ରାଜଡ଼ା ଧାନ ମଣ୍ଡି ଠାରେ। ଧାନ ମଣ୍ଡିରେ ତିନିଦିନରୁ ପଡି ରହିଛି ପାଖାପାଖି ୧୫ ହଜାର କୁଇଣ୍ଟାଲ ଧାନ । ତଥାପି ଉଠି ପାରୁ ନାହିଁ ଧାନ କିମ୍ବା ଆସୁ ନାହାନ୍ତି ମିଲର୍ସ । ଯାହାକୁ ନେଇ ଚାଷୀ ଅସନ୍ତୋଷ ହେଉଥିବା ଦେଖିବାକୁ ମିଳିଛି। ତିନି ଦିନରୁ ଆଣିଥିବା ଧାନ ର ରକ୍ଷଣ ବକ୍ଷଣ କରି କରି ଚାଷି ହନ୍ତସନ୍ତ ହଇ ଆଜି ଶେଷରେ ରାଜଡ଼ା ନବରଙ୍ଗପୁର ମୁଖ୍ୟ ରାସ୍ତା ଉପରେ ଧାନ ରଖି ରାସ୍ତା ବନ୍ଦ କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରଶାସନର ଅପାରଗତା ଏବଂ ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଦିନିଆ ବର୍ଷା ପାଇଁ ଅଧାରୁ ଅଧିକ ଚାଷୀଙ୍କ ଧାନ ନଷ୍ଟ ହେଇଛି ଏବଂ ଯେଉଁ ଚାଷି ମାନେ ଧାନ ସୁରକ୍ଷିତ ରଖି ଧାନ ବିକିବା ଆଶାରେ ମଣ୍ଡିକୁ ଆଣିଛନ୍ତି ବର୍ତମାନ ସେମାନଙ୍କ ଧାନ ମଣ୍ଡିରୁ ଉଠିପାରୁ ନାହି । ଯେଉଁଥି ପାଇଁକି ଧାନ ମଣ୍ଡିରେ ଚାଷି ହଇରାଣ ହରକତ ହେଉଛନ୍ତି।

# ବିଦ୍ୟୁତ୍ ସଂଯୋଗ ପରେ ଧାରଣା ପ୍ରତ୍ୟାହୃତ



କାଳିଆପାଣି(ଭାସ୍କର ନ୍ୟୁଜ): ଓଡିଶା ଖଣିନିଗମ କାଳିଆପାଣି ଚିରୁଗୁଣିଆ ମାଝିସାହିର ଶତାଧିକ ମହିଳା ସୋମବାର ଦିନ ଓଏମସି ଟାଉନସିପ ମୁଖ୍ୟ ଫାଟକ ଆଗରେ ବିଜୁଳି ଓ ପାଣି ବନ୍ଦ କରିବା ପ୍ରତିବାଦରେ ଧାରଣା ଦେଇଥିଲେ । ଫଳରେ କ୍ୟାମ୍ପରୁ ବାହାରକୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ବିଗତ ୨୫ବର୍ଷ ହେଲା ଓଏମସି କଲୋନୀରୁ ଚିରୁଗୁଣିଆ ମାଝିସାହି ଓ ବିର୍ସା ନଗର ବସ୍ତି ବାସିନ୍ଦାମାନେ ମାଗଣାରେ ବିଜୁଳି ଓ ପାଣି ବ୍ୟବହାର କରିଆସୁଛନ୍ତି । କିଛି ମାସ ହେଲା ଓଏମସି ସେମାନଙ୍କ ବିଜୁଳି ଓ ପାଣିକୁ କାଟି ଦେବାରୁ ବସ୍ତିର ମହିଳାମାନେ ଆସି କହିବାରୁ ସେମାନଙ୍କୁ ପୁନଶ୍ଚ ସଂଯୋଗ ଦିଆଯାଇଥିଲା । ଗତ ମାସରେ ଆର ଏମ ଆଶିଷ ସାମନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ପୁଣି ଓଏମସି ସେମାନଙ୍କ ବିଜୁଳି କାଟିବାରୁ ସେମାନେ ଦକ୍ଷିଣ କାଳିଆପାଣି ଖଣି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ସେମାନଙ୍କୁ ବୁଝାସୁଝା କରି ଏକମାସ ପର୍ଯ୍ୟନ୍ତ ଅନ୍ୟତ୍ର ବିଜୁଳି ସଂଯୋଗ ନେବା ପର୍ଯ୍ୟନ୍ତ ପୁଣି ବିଜୁଳି ସଂଯୋଗ ଦେଇଥିଲେ । ମାସେ ପରେ ଆଜକୁ ୫ ଦିନ ପୂର୍ବରୁ ବିଜୁଳି କାଟିବାରୁ ଶୁକ୍ରବାର ଦିନ ସେମାନେ ଖଣି କାର୍ଯ୍ୟାଳୟକୁ ଆସି ଏକ ବିଦ୍ୟୁତ ଟ୍ରାନ୍ସଫର ବସାଇବା ପର୍ଯ୍ୟନ୍ତ ବିଜୁଳି ସଂଯୋଗ ପାଇଁ କାର୍ମିକ ପ୍ରବନ୍ଧକ ଶୁଶାନ୍ତ ସେଠିଙ୍କୁ ଦାବିପତ୍ର ଦେଇଥିଲେ । ଶନିବାର ସୁଧା ବିଜୁଳି ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । କିନ୍ତୁ ବିଜୁଳି ସଂଯୋଗ ନହେବାରୁ ସୋମବାରେ ଚିରୁଗୁଣୁଆ ମଝିସାହିର ଶତାଧିକ ମହିଳା ଆସି ଟାଉନସିପ ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ । ଖବର ପାଇ କାଳିଆପାଣି ପୋଲିସ ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଖଣି ପରିଚାଳକଙ୍କ ସହ ଏକ ବୈଠକ ଅପରାହ୍ନରେ ଘଟଣା ସ୍ଥଳରେ କରାଯାଇ ସମାଧାନ କରାଯାଇଥିଲା । ଏକ ନୂତନ ଟ୍ରାନ୍ସଫରମର ଓଏମସି ପକ୍ଷରୁ ଲଗାଯିବା ପର୍ଯ୍ୟନ୍ତ ବିଜୁଳି ସଂଯୋଗ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇ ବିଜୁଳି ସଂଯୋଗ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଓଏମସି ପକ୍ଷରୁ ବରିଷ୍ଠ କାର୍ମିକ ପ୍ରବନ୍ଧକ ଦେବାଶିଷ ସାମଲ, ବରିଷ୍ଠ ବିଦ୍ୟୁତ ପ୍ରବନ୍ଧକ ସତ୍ୟବ୍ରତ ସାହୁ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟ ସାଲୁକା ହନହଗା ସମାଜସେବୀ ଆଶିଷ କୁମାର ଜେନା ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ ।

# ଜମୁଛି ପାରାଦୀପ ମହୋତ୍ସବ: ସାଂସ୍କୃତିକ କାର୍ଯ୍ୟକ୍ରମରେ ବଢୁଛି ଦର୍ଶକଙ୍କ ଭିଡ଼



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଜୟଦେବ ସଦନରେ ସାତଦିନ ଧରି ଚାଲିଥିବା ପାରାଦୀପ ମହୋତ୍ସବ ସଫଳତାର ସହ ଆଗେଇ ଚାଲିଛି । ଏହି ମହୋତ୍ସବରେ ଦିନ ବଢ଼ିବା ସହିତ ବଢୁଛି ଦର୍ଶକଙ୍କ ଭିଡ । ଓଡ଼ିଶାର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଚଟପଟି ଖାଦ୍ୟର ମଜା ନେଉଛନ୍ତି ପାରାଦୀପବାସୀ । ପ୍ରତ୍ୟେକ ସନ୍ଧ୍ୟାରେ ପାରାଦୀପ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ ପରେ ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପାରାଦୀପ ମହୋତ୍ସବର ଆକର୍ଷଣ ପାଲଟିଥିବା ବେଳେ ବିଭିନ୍ନ ପ୍ରକାର ଷ୍ଟଲ୍ ବୁଲି କିଣାକିଣି କରୁଛନ୍ତି ଦର୍ଶକ । ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିକୁ ମନେ ପକାଇ ଅଟଳ ମେମୋରିଆଲ୍ ଟ୍ରଷ୍ଟ୍ ତରଫରୁ ଆୟୋଜିତ ପାରାଦୀପ ମହୋତ୍ସବ ୬ବର୍ଷରେ ପହଞ୍ଚିଥିବା ବେଳେ ଓଡିଶା ଶିଳ୍ପମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁଙ୍କ ପାରାଦୀପବାସୀଙ୍କ ପ୍ରତି ଭଲପାଇବା ଓ ପରିକଳ୍ପନା ଆଜି ପାରାଦୀପ ମହୋତ୍ସବକୁ ସଫଳ କରିଛି ବୋଲି କହିଛନ୍ତି ଆୟୋଜକ କମିଟି । ଦିନ ବଢ଼ିବା ସହିତ ପାରାଦୀପ ମହୋତ୍ସବରେ ଦର୍ଶକଙ୍କ ଭିଡକୁ ଆୟୋଜକ କମିଟି ଉତ୍ସାହିତ ହେବା ସହିତ ଆଉ ତିନିଦିନ ଅହେତୁକ ଜନଗହଳି ହେବା ନେଇ ଆୟୋଜକ କମିଟି ଆଶାବାଦୀ ରହିଥିବା ବେଳେ ଶାନ୍ତି ଶୃଙ୍ଖଳାର ସହିତ ମହୋତ୍ସବର ଆୟୋଜନକୁ ନେଇ ପାରାଦୀପ ପୋଲିସ ପ୍ରଶାସନକୁ ପ୍ରଶଂସା କରିଛନ୍ତି ଆୟୋଜକ କମିଟି ।

# ଭଦ୍ରକ କଲେଜର ୧୯୯୫ ସ୍ନାତକ ବ୍ୟାଚ୍‌ର ବନ୍ଧୁମିଳନ

ଧାମନଗର (ଭାସ୍କର ନ୍ୟୁଜ୍) : ଭଦ୍ରକ କଲେଜର ୧୯୯୫ ସ୍ନାତକ ବ୍ୟାଚର ବନ୍ଧୁମିଳନ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀପ ଗାହାଣ ଓ ଶ୍ରୀମତୀ ନିରୁପମା ପତିଙ୍କର ଆହ୍ୱାନରେ ୧୯୯୫ ସ୍ନାତକ ବ୍ୟାଚର ବନ୍ଧୁମିଳନ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ପରେ ୧୯୯୫ ସ୍ନାତକ ବ୍ୟାଚର ମହାମିଳନ ସମସ୍ତଙ୍କ ମନରେ ଖୁସିର ମାହୋଲ ସୃଷ୍ଟି କରିଥିଲା। ଉକ୍ତ ବ୍ୟାଚର ପଦ୍ମନାଭ ପତ୍ରୀ ଯିଏ କି ବର୍ତ୍ତମାନ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକଙ୍କର ସଭାପତିତ୍ୱରେ ଏ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶୈଳେନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥୀ ଭାବରେ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀଯୁକ୍ତ ବଳରାମ ମିଶ୍ର ଏବଂ ମୁଖ୍ୟ ବକ୍ତା ଭାବରେ ବର୍ତ୍ତମାନର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଦୁର୍ଗାଶଙ୍କର ଦାସ ଯୋଗ ଦେଇ ୧୯୯୫ ବ୍ୟାଚର ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ପ୍ରଦାନ କରିଥିଲେ। ନିରୁପମା ପତି ଏବଂ ପ୍ରଦୀପ୍ତ ସ୍ୱାଇଁ ସଭା ପରିଚାଳନା କରିଥିଲେ। ରଶ୍ମିରଞ୍ଜନ ଦାସ ଅତିଥି ମାନଙ୍କର ପରିଚୟ ପ୍ରଦାନ ଓ କରୁଣାକର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବନ୍ଧୁ ମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା।ସଭାର ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ବେଦ ଓଁକାର ଧ୍ୱନି କରାଯାଇଥିଲା ଏବଂ ତତ୍ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଦିବଂଗତ ମନମୋହନ ସିଂ, ଦିବଂଗତ ଅଧ୍ୟାପକ ଏବଂ ୧୯୯୫ ବ୍ୟାଚର ଦିବଂଗତ ବନ୍ଧୁ ମାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଓମ ରଥଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା ଏବଂ ଆର୍ଯ୍ୟ ଉପାସନାଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସେମାନଙ୍କୁ ଅତିଥି ମାନଙ୍କର ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ବ୍ୟାଚର ବନ୍ଧୁ ମାନେ ନିଜ ନିଜର ଆତ୍ମ ପରିଚୟ ଓ ବର୍ତ୍ତମାନର କର୍ମମୟ ଜୀବନ ବିଷୟରେ ବର୍ଣ୍ଣନା କରିଥିଲେ। ପରେ ବନ୍ଧୁ ମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ ପରିବେଷଣ ହୋଇଥିଲା। ଉକ୍ତ ମହାମିଳନ କାର୍ଯ୍ୟକ୍ରମରେ ଦିଲ୍ଲୀପ ଗାହାଣ, ପଦ୍ମନାଭ ପତ୍ରୀ, ସନ୍ତୋଷ ପାଣିଗ୍ରାହୀ, ସତ୍ୟଜିତ ରଥ, ପ୍ରଦୀପ ନାୟକ, ରଶ୍ମୀ ରଞ୍ଜନ ଦାସ, ନିରୁପମା ପତି, କଳ୍ପନା ନାୟକ, ପୁଷ୍ପଲତା ସେନାପତି, ହେମେନ୍ଦ୍ର ପରିଡା, କରୁଣାକର ନାୟକ, ସଚ୍ଚି ତ୍ରିପାଠୀ, ଗୟାଧର ସାହୁ, ଶ୍ରୀକାନ୍ତ ବାରିକ, ରାମପ୍ରସାଦ ବାରିକ, ନିରଞ୍ଜନ ସୂତାର, ଜିତୁ ସାବତ ଏବଂ ଅନ୍ୟମାନେ ସହଯୋଗ କରିଥିଲେ. ପରିଶେଷରେ ରେ ଦିଲ୍ଲୀପ ଗାହାଣ ସମସ୍ତ ଅତିଥି ଓ ବନ୍ଧୁ ବାନ୍ଧବୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





### ||||||||||||||||||| କେନ୍ଦୁଝର ନାଗରିକ ମଞ୍ଚର ମାସିକ ବୈଠକ |||||||||||||||||||

# ଇସ୍ପାତ କାରଖାନା ସ୍ଥାପନ ଲାଗି ମୁଖ୍ୟମନ୍ତ୍ରୀଙ୍କ ସହ ଖୁବ ଶୀଘ୍ର ହେବ ଆଲୋଚନା

କେନ୍ଦୁଝର, :୩୦/୧୨ ସୁଯୋଗ ସବୁ ବେଳେ ଆସେନି, ଏବେ ନାହିଁ ତ କେବେ ନାହିଁ । ଏହି କଥା ଉପରେ ଜୋର୍ ଦେଇ ସ୍ଥାନୀୟ ବିବେକାନନ୍ଦ ସ୍କୁଲ ପରିସରରେ କେନ୍ଦୁଝର ନାଗରିକ ମଞ୍ଚର ୨୦୨୪ ବର୍ଷର ଶେଷ ବୈଠକ ମଞ୍ଚର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ଥର ଲାଗି ଜିଲ୍ଲାର ଲଡୁଆ ବ୍ୟକ୍ତି ଶ୍ରୀ ମୋହନ ଚରଣ ମାଝି ଏବେ ରାଜ୍ୟ ମୁଖ୍ୟମନ୍ତ୍ରୀ । ତେଣୁ ଜିଲ୍ଲାର ବ୍ୟାପକ ଉନ୍ନତି କରିବା ଲକ୍ଷରେ ଜିଲାର ଅଣରାଜନୈତିକ ଅଗ୍ରଣୀ ଗଣ ସଙ୍ଗଠନ କେନ୍ଦୁଝର ନାଗରିକ ମଞ୍ଚ ତତ୍ପର ହୋଇ ଉଠିଛି। ଏହି ବୈଠକରେ ପ୍ରଥମେ କେନ୍ଦୁଝର ଓକିଲ ସଂଘର ସଭାପତି ଶ୍ରୀ ଆଲୋକ କୁମାର ମହାନ୍ତ ନାଗରିକ ମଞ୍ଚର ସଭାପତି ଶ୍ରୀ ହିମାଂଶୁ କୁଅଁରଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ଅଧିବକ୍ତା ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ନାଗରିକ ମଞ୍ଚ ସମ୍ପାଦକ ସତ୍ୟ ରଂଜନ ସାମଲଙ୍କୁ ପୁଷ୍ପ ଗୁଚ୍ଛ ଦେବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତି ଶ୍ରୀ ହିମାଂଶୁ ଶେଖର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାରେ ଏଥର ସୁଯୋଗ ଥିବାରୁ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ଲାଗି ତୁରନ୍ତ ପଦକ୍ଷେପ ନେବାକୁ ପ୍ରସ୍ତାବ ପାରିତ ହୋଇଥିଲା। ଯାହାକୁ ସମସ୍ତେ ସମର୍ଥନ କରି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ କହିଥିଲେ। ଏହାପରେ ଜିଲ୍ଲାରେ କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ସହ ବ୍ୟାପକ ନିଯୁକ୍ତି ଲାଗି ମଞ୍ଚରେ ଆଲୋଚନା ହୋଇଥିଲା। କେନ୍ଦୁଝରର ବିଲାତି ଚାଷ ସହ ପିଜୁଳି ଓ ଆମ୍ବ ପ୍ରକ୍ରିୟାକରଣ ଶିଳ୍ପ ହେଲେ ହଜାର ହଜାର ପିଲା ନିଯୁକ୍ତି ପାଇବେ ତେଣୁ ପଦକ୍ଷେପ ଲାଗି ଚିଠା ପ୍ରସ୍ତୁତ ଲାଗି ସମସ୍ତେ ସହମତ ହୋଇଥିଲେ। ଆନ୍ଧ୍ରପ୍ରଦେଶର ଖାଦ୍ୟ ଓ ପ୍ରକ୍ରିୟାକରଣ ପରାମର୍ଶଦାତା ଶ୍ରୀ ବି ଆର ପିଲାଇଙ୍କ ସହ ଜିଲାରେ ବିଲାତି, ପିଜୁଳି ଓ ଆମ୍ବ ଚାଷ କୁ ଚାଷୀଙ୍କ ଭିତରେ ଆଦୃତ କରାଇବାର ଯୋଜନା ପ୍ରସ୍ତୁତ କରାଯାଇଥିଲା। ସେହିପରି କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ଅବବାହିକାରେ ଥିବା ୩୫ରୁ ଉର୍ଦ୍ଧ୍ୱ ଖଣି ଓ କାରଖାନା ମୃତ୍ତିକା କ୍ଷୟ ଉପରେ ନଜର ଦେଉ ନଥିବାରୁ ବୈତରଣୀ ପାଣି ରକ୍ତ ବର୍ଣ୍ଣା ହେଉଛି ମାଟି ଧୋଇ ହୋଇ ଏହି କାନପୁର ବନ୍ଧ ଖୁବ ଶୀଘ୍ର ମୃତ୍ତିକା କ୍ଷୟ ଯୋଗୁ ପୋତି ହୋଇ ଯିବାର ସମ୍ଭାବନା ଅଛି । ତେଣୁ ସ୍ୱତନ୍ତ୍ର ନୀତି କରି ଖଣି ଓ କାରଖାନାକୁ ବ୍ୟବସ୍ଥିତ କରିବାକୁ ଆବଶ୍ୟକୀୟ ଯୋଜନା ର ପ୍ରସ୍ତାବ ସରକାରଙ୍କୁ ଦେବା କଥାଏହି ବୈଠକରେ ଆଲୋଚିତ ହୋଇଥିଲା। ସଂପାଦକ ଶ୍ରୀ ସାମଲ ନାଗରିକ ମଞ୍ଚର ପ୍ରତିଷ୍ଠାର ଇତିହାସ କଥା ସମସ୍ତ ସଦସ୍ୟଙ୍କ ଅବଗତ କରାଇବା ସହିତ ସମସ୍ତେ ଜିଲ୍ଲା ଲାଗି ଏକଜୁଟ ହେବାକୁ କହିଥିଲେ। ସେହିପରି ସହ ସଂପାଦକ ଶ୍ରୀ ଦିଲୀପ କୁମାର ସାହୁ ନାଗରିକ ମଞ୍ଚ ଜିଲ୍ଲାର ସାଧାରଣ ଲୋକଙ୍କ ସ୍ୱର ହେଉ ସାଧାରଣ ଲୋକଙ୍କ କଥା କହୁ ବୋଲି କହିଥିଲେ ଯାହାକୁ ସମସ୍ତେ ସମର୍ଥନ କରିଥିଲେ। ସେହିପରି ଘଟଗାଁ ତାରିଣୀ ପୀଠ ସମେତ ସମସ୍ତ ପର୍ଯ୍ୟଟନ ସ୍ଥଳୀର ବିକାଶ କଥା ମଧ ଆଲୋଚନା କରା ଯାଇଥିଲା। ବିଭିନ୍ନ ଆଲୋଚନାରେ ମଞ୍ଚର ଉପସଭାପତି ଅଧିବକ୍ତା ଦୟାନିଧି ମହାନ୍ତ, ବରିଷ୍ଠ ସଦସ୍ୟ ଭକ୍ତ ବତ୍ସଳ ମହାନ୍ତି, ସତ୍ୟଜିତ ସାମନ୍ତରାୟ ଆଦି ମତ ରଖିଥିଲେ। ଜିଲ୍ଲାର ଉନ୍ନତି ଲାଗି ତଥା ମଞ୍ଚର କାର୍ଯ୍ୟକ୍ରମ ନେଇ ଅନେକ ଆବଶ୍ୟକୀୟ ପ୍ରସ୍ତାବ ଦେଇଥିଲେ। ମଞ୍ଚର କୋଷାଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସମସ୍ତ ବିବରଣୀ ଲିପିବଦ୍ଧ କରି ଚିଠା ପ୍ରସ୍ତାବ ଦେଇଥିଲେ। ତେବେ ଏହି ବୈଠକରେ ଏକ ଦାବିପତ୍ର ପ୍ରସ୍ତୁତ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସହ ପ୍ରତ୍ୟକ୍ଷ ଭାବେ ଖୁବ ଶୀଘ୍ର ଆଲୋଚନା କରି ଜିଲ୍ଲାର ଉନ୍ନତି ଲାଗି ବିଭିନ୍ନ ପ୍ରକଳ୍ପକୁ ଆଗେଇ ନେବାକୁ ମଞ୍ଚର କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଦାୟିତ୍ୱ ସଭାପତି ନେଇ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକାରୀ କରିବାକୁ ଉଦ୍ୟମ କରିବେ ବୋଲି କହିଥିଲେ। ଶେଷରେ ଅଧିବକ୍ତା ଅମୂଲ୍ୟ ସାମଲ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ ହୋଇଥିଲା।

# ଜିଲ୍ଲାପାଳଙ୍କୁ ବିଜେଡିର ଦାବିପତ୍ର



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। କ୍ଷେତରେ ଏକର ଏକର ଧାନ କଟାହୋଇ ପଡିବିଲରେ ଗଜା ହେବା ସହ ପଚି ନଷ୍ଟ ହୋଇଯାଇଛି। ଲଗାଣ ବର୍ଷା ପାଇଁ ପରିବା ଚାଷୀମଧ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ଚାଷୀଙ୍କ ଆର୍ଥୀକମାନଦଣ୍ଡ ଭୁଷୁଡି ଯାଇଥିବା ବେଳେ ସେମାନଙ୍କୁ ତୁରନ୍ତ କ୍ଷତିପୁରଣ ଦେବା ସହ ସଠିକ୍ ଢଙ୍ଗରେ କ୍ଷୟକ୍ଷତିର ଆକଳନ କରିବା ପାଇଁ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ସୋମବାର ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତରେ ଶହ ଶହ ହେକ୍ଟର ଜମିରେ ଧାନ ଗଜା ହେବା ସହ ପଚି ନଷ୍ଟ ହୋଇଯାଇଛି। ଅଦ୍ୟାବଧି ପ୍ରଶାସନ କ୍ଷୟକ୍ଷତି ଆକଳନ କରିନଥିବା ବେଳେ ସହାୟତା ପ୍ରଦାନ ପାଇଁ ଟାଳଟୁଳ ନୀତି ପୋଷଣ କରୁଛି ବୋଲି ସରକାରୀ ବିରୋଧି ନାରାଦେଇ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅଧକ୍ଷା ରୋଜି ସେଠୀ, ଉପାଧକ୍ଷ ଅଶୋକ କୁମାର ଓଝା, ଜ୍ୟୋତି ପ୍ରକାଶ ସ୍ୱାଇଁ, ପୂର୍ବତନ ସରପଂଚ କ୍ଷୀରୋଦଚନ୍ଦ୍ର ପଣ୍ଡା,ଜିଲ୍ଲାପରିଷଦ ସଭ୍ୟ ଭୁପତି ଭୁଷଣ ଷଣ୍ଢ, ବିପ୍ଳବ କେଶରୀ କାପ, ସରପଂଚ ହିମାଂଶୁ ନାରାୟଣ ମଲ୍ଲ, ଜୟଦେବ ରାଉତ, ସମିତି ସଭ୍ୟ ପ୍ରଦୋଶ ସାହୁ ସମେତ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଯାଇ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଜାଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ଧାନ ମଣ୍ଡିରେ ବିକ୍ରିପାଇଁ ଧାନର ମାନ ପରଖିବା ସମୟରେ ଚାଷୀଙ୍କୁ ସୁହାଇଲା ଭଳି ମାର୍ଗଦର୍ଶିକା ଜାରି କରିବା ପାଇଁ ଦାବି କରିଥିଲେ। ସରକାର ଚାଷୀଙ୍କର ବୃହତର ସ୍ୱାର୍ଥକୁ ଆଖି ଆଗରେ ରଖି ସେମାନଙ୍କୁ ସହାୟତା,କ୍ଷତିପୁରଣ ଓ ବୀମା ସହାୟତାରାଶି ପ୍ରଦାନ କରିବାକୁ ଦାବି ହୋଇଛି। ଏସମ୍ପର୍କରେ ତହସିଲଦାର ଅନିତା ନାୟକ ପ୍ରତିକ୍ରୀୟା ଦେଇ କହିଛନ୍ତି କ୍ଷୟକ୍ଷତି ଆକଳନ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଯୋଗ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରିତ ସରକାରୀ ନିର୍ଦ୍ଦେଶାନାମା ଅନୁଯାଇ ସହାୟତା ପ୍ରଦାନ କରାଯାଇଛି।

# ବାଣୀପୀଠ ମହୋତ୍ସବ ଉଦ୍‌ଯାପିତ

ବେତନଟୀ (ଭାସ୍କର ନ୍ୟୁଜ): ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ ଚାଲିଥିବା ୪୫ତମ ବାଣୀପୀଠ ମହୋତ୍ସବ ଉଦ୍‌ଯାପନ ଅବସରରେ ସକାଳେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ 'କବିତା କୁସୁମାଞ୍ଜଳୀ'ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୮ ଘଟିକାରେ ପ୍ରଥମେ ଡ଼କ୍ଟର ତ୍ରିନାଥ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ସାରସ୍ୱତ ପତ୍ରକାର ଇତିହାସ ସଂପର୍କରେ କବି ବିପିନ ବିହାରୀ ମହାନ୍ତି ମତବ୍ୟକ୍ତ କରିଥିଲେ। ମା' ନିଶାମଣି ରାଉତ ଜ୍ଞାନ ଜ୍ୟୋତି ପ୍ରଜ୍ୱଳନ କରିଥିବା ବେଳେ ସୋନାକ୍ଷି ଗୁରୁମା, ଲକ୍ଷ୍ମୀପ୍ରିୟା, ଆଦ୍ୟାଶା, ଶିବାନୀ ଓ ମନିଷାଙ୍କ ଦ୍ୱାରା ପ୍ରତିଭା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଅଧକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ତତ୍ତ୍ୱାବଧାନରେ କବିତା କୁସୁମାଞ୍ଜଳୀ ଆରମ୍ଭ ହୋଇଥିଲା। ସଚୀନ୍ଦ୍ର କୁମାର ବିଶ୍ୱାଳ, ବଙ୍କିମ ଚନ୍ଦ୍ର ବାରିକ ଓ ଡକ୍ଟର ସ୍ୱାଗତିକା ସାହୁ ମଞ୍ଚ ପରିଚାଳ କରିଥିବାବେଳେ କବିତା ସଂଯୋଜନା କବି ସନ୍ନ୍ୟାସୀ ପାତ୍ର, କବି ନମିତା ରାଉତ କରିଥିଲେ ଉକ୍ତ ସଭାରେ ରାଧାମାଧବ ରଥ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଡଃ ସ୍ୱର୍ଣ୍ଣଲତା ଲେଙ୍କା ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଝାରସୁଗୁଡାର କବି ଡକ୍ଟର ପ୍ରିୟମ୍ବଦା ଦାସ ଯୋଗଦାନ କରି ଥିଲେ। ଆଦରଣୀୟ ଅତିଥିଭାବେ ଡ଼କ୍ଟର ସନ୍ତୋଷ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନୀର ସଂପାଦକା ସୌରିନ୍ଦ୍ରୀ ସାହୁ, ପରିବେଶବିତ୍ ସ୍ୱରାଜ କହଁର, ଡୋଳାମଣି ଶତପଥି ଓ ସତ୍ୟବ୍ରତ ମିଶ୍ର ଯୋଗଦାନ କରିଥିଲେ। ଅନୁଷ୍ଠାନର ସଂପାଦିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅତିଥି ପରିଚୟ ଶିବଶଙ୍କର ଭୂୟାଁ ଓ ଧନ୍ୟବାଦ ଅର୍ପଣ ଶାନ୍ତିପ୍ରବୀର ରାଉତ କରିଥିଲେ।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଗୋପ (ଭାସ୍କର ନ୍ୟୁଜ): ଗୋପ ବ୍ଲକ ବୈଠକ ଗୃହରେ ପୁରୀ ଜିଲ୍ଲାପାଳଙ୍କ ୪ର୍ଥ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସରକାର ଲୋକମାନଙ୍କ ସମସ୍ୟାକୁ ତାଙ୍କ ହାତ ପାଖରେ ସମାଧାନ କରିବା ଲକ୍ଷ୍ୟ ନେଇ ଏହି ଜନ ଅଭିଯୋଗ ଶିବିର କରୁଥିବା ବେଳେ ଗୋପ ବ୍ଲକରେ ସରକାରଙ୍କ ଏହି ଜନ ହିତକର ଯୋଜନା ଲକ୍ଷ୍ୟଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି । ପ୍ରଚାର ପ୍ରସାର ଅଭାବରୁ ଆଗରୁ ତାଙ୍କ ସମସ୍ୟା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପାଇଁ ଚାହିଁ ରହିଥିବା ଲୋକମାନେ ଜାଣି ନପାରି ପଛରେ ଆସି ନିରାଶରେ ଫେରିଥିଲେ । ଏହି ସମସ୍ୟା ସବୁବେଳେ ସୃଷ୍ଟି ହେଉଥିଲେ ମଧ ଜିଲ୍ଲା ପ୍ରଶାସନ କି ବ୍ଲକ ପ୍ରଶାସନ ସେଥିପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଉପସ୍ଥିତିରେଏହି ଅଭିଯୋଗ ପ୍ରକୋଷ୍ଠରେ ୪୦ ଜଣ ଅଭିଯୋଗକାରୀ ଅଭିଯୋଗ କରିଥିବା ବେଳେ ସେମାନଙ୍କର ସମସ୍ୟାକୁ ସମାଧାନ କରିବାପାଇଁ ଉପଜିଲ୍ଲାପାଳ ରାଜକିଶୋର ଜେନା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଂଜନ ମହାନ୍ତି, ଆଶୁତୋଷ ଦେ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକିରୀ ବିରଜା ଶଙ୍କର ରଥ, ବିଡିଓ ଛବିରାଣୀ ସାହୁ, ଏସଡିପିଓ ପ୍ରଭାତ କୁମାର ମଲ୍ଲିକ,ଅଧକ୍ଷା ଝୁନୁ ମଲ୍ଲିକ, ଉପାଧକ୍ଷ ବନ ରଂଜନ ପଟ୍ଟନାୟକଙ୍କ ସମେତ ଜିଲ୍ଲା ଅଧିକାରୀ ଓ ବ୍ଲକ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଶେଷକରି ଭତ୍ତା, ଆବାସ ଯୋଜନା, ପାନୀୟଜଳ ସମସ୍ୟା, ମୃତ୍ତିକା ସଂରକ୍ଷଣ ବିଭାଗରେ ଦୁର୍ନୀତି ଆଦିକୁ ନେଇ ଅଭିଯୋଗ ହୋଇଥିବା ବେଳେ ସବୁଠାରୁ ଅଧିକ ୧୫ ଟି ଅଭିଯୋଗ ରାଜସ୍ୱ ବିଭାଗର ହୋଇଥିଲା ।

### ||||||||||||||||||| ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ |||||||||||||||||||

# ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବି





କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ ସନ୍ତପୁରା ଗାଁର ଭୂମିହୀନ ଚାଷୀ ଭାବଗ୍ରାହୀ ମଳିକଙ୍କ ହୃଦଘାତ ଜନିତ ମୃତ୍ୟୁ ଆକସ୍ମିକ ନୁହେଁ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ସୋମବାର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରି ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛି। ପ୍ରକାଶ ଥାଉକି ଡେରାବିଶ ବ୍ଲକର ସନ୍ତପୁରା ଗ୍ରାମର ଫସଲ ହାନି ଯୋଗୁ ମୃତ ଚାଷୀ ଭାବଗ୍ରାହୀ ମଳିକଙ୍କ ପରିବାର ସହିତ ଆଲୋଚନା କଲାବେଳେ ଜଣା ପଡିଲା ଯେ ତାଙ୍କର ମୋଟ ଅଠର ଗୁଣ୍ଠ ଚାଷଜମି ଅଛି ଓ ଏକ ଡ଼ିସିମିଲି ଘର ଡିହ ଅଛି। ଛଅ ଜଣ ପରିବାରକୁ ପ୍ରତିପୋଷଣ କରିବା ପାଇଁ ଏଥର ଆଉ ଆଠ ଏକର ଜମି ଭାଗ ଚାଷ କରିଥିଲେ। ଏଥିପାଇଁ ମଧ ସେ ଅଢେଇ ଲକ୍ଷ ଟଙ୍କା ହାତ ଉଧାରୀ ଆଣିଥିଲେ। ସମସ୍ତ ଧାନ ଫସଲ ଅଦିନିଆ ବର୍ଷାରେ ଉଜୁଡି ଯିବାରୁ ସବୁ ବୁଲି ଦେଖି ଆସିଲା ପରେ ମାନସିକ ଭାରସାମ୍ୟ ହରାଇ ହୃଦଘାତରେ ମୃତ୍ୟୁ ବରଣ କରିଛନ୍ତି। ତାଙ୍କର ଘର ବୋଲି କହିଲେ ଗୋଟିଏ ଚାଳ ଛପର ଘର। ଏପର୍ଯ୍ୟନ୍ତ ଆବାସ ଯୋଜନାରେ ଭାବଗ୍ରାହୀଙ୍କୁ ସାମିଲ କରାଯାଇ ନାହିଁ। ତାଙ୍କ ଘରକୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଯାଇ ନାହାନ୍ତି ବୋଲି ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଥିଲେ। କେବଳ ଡେରାବିଶ ତହସିଲଦାର ତାଙ୍କ ଜମି ପାଖକୁ ଯାଇ ମଝିଆ ପୁଅ ଠାରୁ ଗୋଟିଏ ସାଧା କାଗଜରେ ଦସ୍ତଖତ କରେଇ ନେଇଛନ୍ତି ବୋଲି ଆନ୍ଦୋଳନକାରୀ ମାନେ କହିଥିଲେ। ଭାବଗ୍ରାହୀ ତାଙ୍କ ଛଅ ଜଣିଆ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏଥି ସହିତ ସାରା ଜିଲ୍ଲାରେ ସମସ୍ତ ଫସଲ ଉଜୁଡି ଯାଇଛି। ସମସ୍ତ ଧାନ ଗଜା ହେବାସହିତ ଆଜିବି ପାଣିରେ ବୁଡି ରହିଛି। ଧାନ ହରାଇବା ସହିତ ନଡ଼ା ବି ନାହିଁ। ଅନ୍ୟ ପକ୍ଷରେ ସମସ୍ତ ପନିପରିବା ଶେଷ ହୋଇ ଯାଇଛି। ଏଣୁ ସଂଯୁକ୍ତ କିଷାନ ମୋର୍ଚ୍ଚା ଦାବି କରିଛି ଯେ ଭାବଗ୍ରାହୀଙ୍କ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ସହିତ ପଚାଶ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଭାବଗ୍ରାହୀଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରୀ ଦିଆଯାଉ। ଅଦିନିଆ ବର୍ଷାରେ ସାରା ଜିଲ୍ଲାରେ ଉଜୁଡି ଯାଇଥିବା ସମସ୍ତ ଜମିକୁ ୟୁନିଟି ଭାବେ ଗ୍ରହଣ କରି ଯୁଦ୍ଧ କାଳୀନ ଭିତ୍ତିରେ ତଦନ୍ତ କରାଯାଇ ପ୍ରକୃତ କ୍ଷତିପୂରଣ ଦିଆଯାଉ। ଉଜୁଡି ଯାଇଥିବା ପନିପରିବାର କ୍ଷତି ଭରଣା କରାଯାଉ। ସମସ୍ତ କୃଷି ଋଣ ଛାଡ କରାଯାଉ ବୋଲି ଦାବି କରାଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ଆବାହକ ଗୟାଧର ଧଳ, ଆଡଭୋକେଟ ରମଣୀରଞ୍ଜନ ରାଉତରାୟ, ଅଧ୍ୟାପକ ଅଜୟ ସାମଲ, ମାଧବ ଦାସ, ଆଦିକନ୍ଦ ରାଉଳ, ବିଜୟ ଦାସ, ଦାଶରଥି ସାହୁ, ଭୀମସେନ ବେହେରା, ବିକାଶ ଦାସ, ପ୍ରକାଶ ମହାନ୍ତି, ସୁହାନା ବେଗମ, ଧୀରେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ଚୌଧୁରୀ, କୁଳମଣି ଦାସ, ହରେକୃଷ୍ଣ ମାଝୀ, ରମେଶ ପ୍ରଧାନ, କେଦାର ସାମନ୍ତରାୟ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# କ୍ଷତିଗ୍ରସ୍ତ କୃଷକଙ୍କୁ ଖୁବ ଶୀଘ୍ର ଦିଆଯିବ ସହାୟତା: ମନ୍ତ୍ରୀ



ପୁରୀ (ଭାସ୍କର ନ୍ୟୁଜ): ଅଦିନିଆ ବର୍ଷା କୃଷକ ମାନଙ୍କୁ କଷ୍ଟ ଦେଇଛି। ସେମାନଙ୍କ ଉତ୍ପାଦିତ ସୁନାର ଫସଲକୁ ନଷ୍ଟ କରିଛି। କିନ୍ତୁ ସରକାର କୃଷକ ମାନଙ୍କ ସହ ଠିଆ ହୋଇଛନ୍ତି ଓ ସେମାନଙ୍କୁ ସମସ୍ତ ସହଯୋଗ ଦେବେ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସୂଚନା ଦେଇଛନ୍ତି। ପିପିଲି ବ୍ଲକ୍ ସମ୍ମିଳନୀ କକ୍ଷରେ ଅଦିନିଆ ବର୍ଷାରେ କ୍ଷତି ଗ୍ରସ୍ତ ହୋଇଥିବା ଫସଲର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସରକାର ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଚାଷୀଙ୍କ ସହ ରହିଛନ୍ତି ଓ ଏଥି ପାଇଁ ମୁଖ୍ୟମନ୍ତ୍ରୀ ନିଜେ ଓ ତାଙ୍କ ନିର୍ଦ୍ଦେଶରେ ସମସ୍ତ ମନ୍ତ୍ରୀ ମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି ଚାଷ ଜମି ପରିଦର୍ଶନ ସହ କୃଷକ ମାନଙ୍କ ସହ ଆଲୋଚନା କରୁଛନ୍ତି। କ୍ଷତି ଗ୍ରସ୍ତ ଚାଷୀ ମାନଙ୍କୁ ରିଲାଏନ୍ସ ବୀମା କମ୍ପାନୀ, ପ୍ରଶାସନ, କୃଷି ବିଭାଗ, ସମବାୟ ବିଭାଗ ପକ୍ଷରୁ ସଚେତନ କରାଇବା ସହ ୧୪୪୪୭ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ଯୋଗାଯୋଗ ପାଇଁ ପରାମର୍ଶ ଦେବାକୁ ସୂଚନା ଦେଇଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧାନ, ଅନ୍ୟାନ୍ୟ ପରିବାପତ୍ର ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିବାରୁ ସରକାର ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେଇ ଚାଷୀଙ୍କ ମନରେ ସାହସ ଦେବେ ବୋଲି କହିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ ସହ ଅଦିନିଆ ବର୍ଷାରେ ଜିଲ୍ଲା ରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଡେଲାଙ୍ଗ ବ୍ଲକ୍ ଚାଇଁପୁର ପଞ୍ଚାୟତର ସଡଙ୍ଗୋଇ ଉତ୍ତରବାଡ, ସଡଙ୍ଗୋଇ ପଶିମାବାଡ଼, ସଉରିଆ ପଞ୍ଚାୟତର ସଉରିଆ ଓ ଗଙ୍ଗପୁର, କଲ୍ୟାଣପୁର ପଞ୍ଚାୟତ ର ରାଜୁଆ ଏବଂ ପିପିଲ ବ୍ଲକ ହାଟସାହି ପଞ୍ଚାୟତର ବ୍ରହ୍ମଲଙ୍ଗା, ବାଜପାୟୀ ଛକ, ମିର୍ଜାପୁର ଓ ଦନଗହିରି ଗ୍ରାମ ର ପନିପରିବା ଫସଲ କ୍ଷେତ୍ର ଦେଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପିପିଲି ବିଡ଼ିଓ ସରୋଜ କୁମାର ରାଉତ, ଡିଆରସିଏସ ସୁନିତା ପତି, ଜିଲ୍ଲାର ସମସ୍ତ ତହସିଲଦାର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।



ମାର୍ଶାଘାଇ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ କପିଳମୁନି ଉଚ୍ଚ ବିଦ୍ୟାଳୟ, ପିଜାଳାର ୧୯୯୦ ମସିହାର ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ମାର୍ଶାଘାଇ ସ୍ଥିତ ମା' ଗୋଜବାୟାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଉକ୍ତ ବ୍ୟାଚର ଶତାଧିକ ଛାତ୍ରଛାତ୍ରୀ ଓ ସେମାନଙ୍କର ପରିବାରର ସଦସ୍ୟମାନେ ଯୋଗଦାନ କରିଥିଲେ । ଉକ୍ତ ବ୍ୟାଚର ବହୁ ସୁନାମଧନ୍ୟ ପ୍ରତିଷ୍ଠିତ ପିଲାମାନେ ନିଜ ନିଜର ଅଭୂଷ୍ଣ ସଂଯୋଗରେ ଏକ ଭୋଜି ଓ ସଭାର ଆୟୋଜନ କରିଥିଲେ । ଉକ୍ତ ସଭାରେ କିଛି ଦିବଂଗତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନିମନ୍ତେ ଦୁଇ ମିନିଟ୍‌ର ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସଂଯୋଜନା ସଭାପତି ଡ. ସମର ସିଂହ ଓ ଅନ୍ୟାନ୍ୟ ବରିଷ୍ଠ ଛାତ୍ରଛାତ୍ରୀମାନେ ମିଳିମିଶି ସୁଚାରୁ ରୂପେ ସମ୍ପାଦନ କରିଥିଲେ । ସେମାନଙ୍କ ମଧ୍ୟରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରୁ ଯୁବ କଂଗ୍ରେସ ଦଳର ନେତା ତଥା ବିଧାୟକ ପ୍ରାର୍ଥୀ ରାଜକିଶୋର ପ୍ରଧାନ, ବିଶିଷ୍ଟ ସମାଜସେବୀ ନଳିନୀକାନ୍ତ ସେନାପତି, ଅନୁଦା ସାମଲ, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ, ଉଷ୍ମଣ ଲେଙ୍କା, ବରିଷ୍ଠ ଶିକ୍ଷକ ସେବେନ୍ଦ୍ର ବେହେରା ଓ ପୁରାତନ ଛାତ୍ରୀମାନଙ୍କ ମଧ୍ୟରୁ ସରସ୍ୱତୀ, ଅନିତା, ମଧୁସ୍ମିତା ଓ କବିତା ଅନ୍ୟ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ପୁରୁଣା ସ୍ମୃତିକୁ ମନେପକାଇ ଥିଲେ । ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ଦିନ ପରେ ଏକାଠି ହୋଇଥିବାରୁ ଭାବବିହ୍ୱଳ ହୋଇପଡ଼ିଥିଲେ ଛାତ୍ରଛାତ୍ରୀ ।

## ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ହେଲେ ବଡ଼ଚଣା ଥାନାଧିକାରୀ



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅସିତ କୁମାର ବଳବନ୍ତରାୟ ପଦୋନ୍ନତି ପାଇ ବଡ଼ଚଣା ଥାନାଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି । ତେବେ ଏଠାରେ ଥିବା ଥାନାଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି କରାଯାଇଛି । ବଡ଼ଚଣା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ଅସାମାଜିକ କାର୍ଯ୍ୟ ରୋକିବା ଉପରେ ଗୁରୁତ୍ୱ ଦେବେ ବୋଲି ନୂତନ ଥାନା ଅଧିକାରୀ ବଳବନ୍ତରାୟ ଗଣମାଧ୍ୟମଙ୍କୁ ସୂଚନା ଦେଇଛନ୍ତି । ନୂତନ ଥାନା ଅଧିକାରୀଙ୍କ କାର୍ଯ୍ୟ ଯୋଗଦାନ ଚଣ୍ଡିଖୋଲ ଓ ଧାନମଣ୍ଡଳ ଫାଣ୍ଡିର କର୍ମଚାରୀଙ୍କ ସହିତ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ବଳବନ୍ତରାୟ କାର୍ଯ୍ୟ ନିଷ୍ଠା ଦକ୍ଷତା ସହିତ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ସେ ସୁଚାରୁ ରୂପେ ନିଜର କାର୍ଯ୍ୟ ତୁଲାଇବା ସହିତ ନିଜର ପୋଲିସ କର୍ମଚାରୀମାନଙ୍କ ସହିତ ମିଳାପରେ କାର୍ଯ୍ୟ କରି ଆସୁଛନ୍ତି । ନୂତନ ଥାନା ଅଧିକାରୀ ଭାବେ ବଳବନ୍ତରାୟଙ୍କୁ ବିଭିନ୍ନ ମହଲରୁ ମଧ୍ୟ ଶୁଭେଚ୍ଛାବାର୍ତ୍ତା ମିଳିଛି । ବଡ଼ଚଣା ଥାନା ଅଧିକାରୀ ଭାବେ ସେ ନିଜର କାର୍ଯ୍ୟଭାର ସୁଚାରୁ ରୂପେ ତୁଲାଇବେ ବୋଲି ଆଶା ରଖାଯାଉଛି ।

## ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଆନନ୍ଦପୁର ସବଡିଭିଜନ ଗସ୍ତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବଡିଭିଜନର ଭଣ୍ଡାରିଡିହା, ଶୈଳଙ୍ଗ, ବେଲବାହାଳି, ବାଉଠ ଓ ବୋଲପଡ଼ା ପ୍ରଭୃତି ଧାନମଣ୍ଡିକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ତୋଫାନୀ ଗସ୍ତ କରିଛନ୍ତି । ଏହି ଧାନମଣ୍ଡି ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ଧାନ ସଂଗ୍ରହ ନିର୍ଦ୍ଦେଶାବଳୀ ପ୍ରାବଧାନ ଅନୁଯାୟୀ ଧାନମଣ୍ଡିଗୁଡ଼ିକ ଠିକଠାକ କାମ କରୁଛନ୍ତି କି ନାହିଁ ତାହାର ତଦାରଖ କରିଥିଲେ । ଓଡ଼ିଶାରେ ବିଜେପି ମୋହନ ଚରଣ ମାଝି ସରକାର ଆସିବା ପରେ ଚାଷୀମାନଙ୍କର ଆୟକୁ ଦୁଇଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନାମାନ ଚାଲୁ କରିଛନ୍ତି । ତନ୍ମଧ୍ୟରୁ ଧାନ କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ୪୮ ଘଣ୍ଟା ମଧ୍ୟରେ ଚାଷୀ ପ୍ରଦାନ ବ୍ୟବସ୍ଥା କରିଛନ୍ତି ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ । ଚାଷୀମାନଙ୍କୁ ଆଉ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ ବୋଲି ସାହୁ କହିଥିଲେ । ଧାନ କିଣା କାରବାରରେ ବ୍ୟାପକ ସ୍ୱଚ୍ଛତାର ସହିତ କରିବା ପାଇଁ ମୋହନ ଚରଣ ମାଝି ସରକାର ବଦ୍ଧ ପରିକର ଅଟେ । ଯେଉଁମାନେ ଧାନ କିଣା କାରବାରରେ ବଦମାସି କରିବେ କିମ୍ବା ଚାଷୀମାନଙ୍କୁ ହଇରାଣ ହରକତ କରିବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହେଶ୍ୱର ସାହୁ ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଧାନ ସଂଗ୍ରହ କମିଟିର ସଦସ୍ୟ ଶ୍ରୀଧର ସାହୁ, ପ୍ରଣବ ପୁହାଣ, ଭଗବାନ ମହାରଣା, ଦିଲ୍ଲୀପ କୁମାର ନାୟକ, କୃଷ୍ଣଚନ୍ଦ୍ର ରାଉତ, ଶୁଭଦର୍ଶନୀ ପ୍ରିୟଦର୍ଶିନୀ ରାଉତ, କୃଷ୍ଣ ଚନ୍ଦ୍ର ପରିଡ଼ା, ସରୋଜ କୁମାର ସାହୁ, ଜୟନ୍ତ କୁମାର ସାହୁ, ପିତାମ୍ବର ଶା, ପ୍ରମୋଦ କୁମାର ପୁହାଣ, ଅନାଦି ସାହୁ, ବନମାଳୀ ସାହୁ, ଉଭବ ଚନ୍ଦ୍ର ଓଝା, ତୀର୍ଥବାସି ଯେନା, ଶ୍ରୀଧର ମହାନ୍ତ, ମଦନ ରାଉତ, ପ୍ରଫୁଲ୍ଲ କୁମାର ମଲ୍ଲିକ, ଚିନ୍ତାମଣି ନାୟକ, ବଲ୍ଲଭ ସାହୁ, ସୁରେନ୍ଦ୍ର ପାଲ, ପଞ୍ଚାନନ ତ୍ରିପାଠୀ, ଅଞ୍ଜନ ତ୍ରିପାଠୀ, ସୁରୋଶ ସାହୁ, ଶୁଭେନ୍ଦୁ ଦାଶ, ସଞ୍ଜୟ କୁମାର ତ୍ରିପାଠୀ, ହରି ଓଝା, ରାମ ଚନ୍ଦ୍ର ସା ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତା ଯୋଗଦାନ କରିଥିଲେ ।

## ବାର୍ଷିକ ମହୋତ୍ସବ ପାଳିତ



ଡେରଙ୍ଗ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ଅନ୍ତର୍ଗତ ଡେରଙ୍ଗ ପଞ୍ଚାୟତରେ ଆଜି ତୈଳିକ ବୈଶ ସମାଜର ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି । ସମାଜର ପରମ୍ପରାକୁ ବଜାୟ ରଖି ସମାଜର ମଙ୍ଗଳ କାର୍ଯ୍ୟକୁ ଆଧାର କରି କାର୍ଯ୍ୟକ୍ରମ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ତୈଳିକ ବୈଶ ସମାଜର ସମସ୍ତ ପୁରୁଷ, ମହିଳା ଓ ଛୋଟ ପିଲାମାନେ ଏକାଠି ହୋଇଥିଲେ । ଏହି ଅବସରରେ ନାଚ, ଗୀତସାଙ୍ଗଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିତେନ୍ ସାହୁ, ବୁଲୁ ସାହୁ ପରିଚାଳନା କରିଥିଲେ ଓ ସଭାରେ ସପ୍ତରାଜ୍ୟର ଉପସଭାପତି ବିଛନ୍ଦଚରଣ ସାହୁ, ସଭାପତି ଶିବରାମ ସାହୁ, ସମ୍ପାଦକ ବିରଞ୍ଚି ସାହୁ, ଭୁଲୁ ସାହୁ, କିଶୋର ସାହୁ, ଯୋଗେଶ୍ୱର ସାହୁ, ଦୀପକ ସାହୁ ସମେତ ଅନେକ ସଭ୍ୟ ସହଯୋଗ କରିଥିଲେ ।

## କ୍ରିଷ୍ଣା କଲଚରାଲ ଗ୍ରୁପର ଅଷ୍ଟମ ବାର୍ଷିକ ଉତ୍ସବ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଷ୍ଣା କଲଚରାଲ ଗ୍ରୁପର ଅଷ୍ଟମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଶିକ୍ଷାବିତ ପ୍ରତାପ କୁମାର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର କ୍ରିଷ୍ଣା କଲଚରାଲ ଗ୍ରୁପର ପ୍ରତିଷ୍ଠାତା ସୁଦୀପ୍ତା ଦତ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରି ଅଷ୍ଟମ ବାର୍ଷିକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଅର୍ପଣ କରିଥିଲେ । ଅନୁଷ୍ଠାନର ସମ୍ପାଦିକା କ୍ରିଷ୍ଣା ଦତ୍ତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ସତ୍ୟ ପ୍ରକାଶ କର, କ୍ରିଷ୍ଣା କଲଚରାଲ ଗ୍ରୁପର ସଭାପତି କ୍ଷେତ୍ରମୋହନ ନନ୍ଦ ପ୍ରମୁଖ ଯୋଗ ଦେଇ କଳା, ସଂସ୍କୃତି, ପରମ୍ପରା ଉପରେ ଉଦବୋଧନ ଦେଇଥିଲେଙ୍ଘ ଏହାପରେ ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ, କଳାକାର, ସଙ୍ଗୀତଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଖବର କାଗଜ ବିତରଣ ପେଶା ନୁହେଁ ନିଶା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଖରା, ବର୍ଷା, ଶୀତକୁ ଖାତିରି ନକରି ବର୍ଷର ପ୍ରତିଟି ସମୟରେ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ବି ଗାଁ'ଠୁ ଅସ୍ତରଙ୍ଗ ବଜାର ପ୍ରତ୍ୟେକ ସାହି ଓ ଗଳିକନ୍ଦି ବୁଲି ଲୋକଙ୍କୁ ଖବର ବାଣ୍ଟିଥାନ୍ତି ଖବରକାଗଜ ବିତରକ । ଭୋରରୁ ସାଇକେଲ ଧରି ଅବା ପାଦରେ ଚାଲିଚାଲି ଅସ୍ତରଙ୍ଗ ବସଷ୍ଟାଣ୍ଡରେ ପହଞ୍ଚି ଖବରକାଗଜ ଧରି ଘରକୁଘର ବୁଲି ବାଣ୍ଟିଥାନ୍ତି । ସେହିପରି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ତିନିଜଣ ଖବରକାଗଜ ବିତରକ ଅଛନ୍ତି । ସେମାନେ କରୋନା କାଳରେ ମଧ୍ୟ ଜୀବନକୁ ବାଜି ଲଗାଇ ସାମାଜିକ କର୍ତ୍ତବ୍ୟକୁ ନିଜର ଧର୍ମ ବୋଲି ଭାବିନେଇ ଖବରକାଗଜ ବାଣ୍ଟିବା ଜାରି ରଖିଥିଲେ । ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଖବରକାଗଜ ବିତରଣ କରୁଥିବା ବୟସ୍କ ବିତରକ ହେଲେ ଦିବାକର ନାୟକ । ବୟସ ୬୦ ଛୁଇଁଲାଣି । ହେଲେ ଖବରକାଗଜ ବିତରଣକୁ ଏକ ନିଶା ଭାବେ ସେ ଗ୍ରହଣ କରିନେଇଛନ୍ତି । ସକାଳବେଳା ଖବରକାଗଜ ବିତରଣ ଓ ଅପରାହ୍ନ ସମୟରେ ନିଜ ବିଲ କାମ ସହ ଘର କାମ କରିଥାନ୍ତି । ଯାହା ସ୍ୱଳ୍ପ ପାରିଶ୍ରମିକ ମିଳେ ନିଜର ଗୁଜୁରାଣ ମେଣ୍ଟାଉଥିବା କହିଛନ୍ତି ବୟସ୍କ ଦିବାକର ନାୟକ । ଆଉ ଜଣେ ବିତରକ ସୂର୍ଯ୍ୟନାରାୟଣ କର, ବୟସ ୫୦ବର୍ଷ, କିନ୍ତୁ ଏହି ଖବରକାଗଜ ବିତରଣ ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱ ହେଲା କରିଆସୁଛନ୍ତି । ଗାଁ'ରେ ସେ ମନ୍ଦିରର ପୂଜାବିଧି ମଧ୍ୟ କରନ୍ତି । ଅସ୍ତରଙ୍ଗ ବଜାରଠାରୁ ତିନି କିଲୋମିଟର ଦୂର ଗାଁ'ରୁ ପ୍ରତିଦିନ ପ୍ରତ୍ୟୁଷରୁ ଅସ୍ତରଙ୍ଗ ବଜାରରେ ପହଞ୍ଚି ଖବରକାଗଜ ବିତରଣ କରନ୍ତି ସୂର୍ଯ୍ୟନାରାୟଣ କର ଓରଫ ଭାଇନା । ଅନ୍ୟ ଜଣେ ହେଉଛନ୍ତି ମାନସ ବିଶ୍ୱାଳ, ବୟସ ୫୦ବର୍ଷ ହେଲେ ଦୀର୍ଘ ୧୪ବର୍ଷ ହେଲା ପ୍ରତ୍ୟେକ ଦିନ ଗାଁ' ଗାଁ' ବୁଲି ସାଇକେଲ ମାଧ୍ୟମରେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି । ଏମାନଙ୍କ ମତରେ ଖବର କାଗଜ ଏମାନଙ୍କ ପାଇଁ ଏକ ବ୍ୟବସାୟୀ ନୁହେଁ ଏକ ନିଶା । ଏମାନଙ୍କ ଦୁଃଖ ହେଲା ଏମାନଙ୍କ କଥା ସରକାରଙ୍କ କାନରେ ବାଜୁନି । ସେମାନଙ୍କ ଦୈନିକ ତେଲଲୁଣ ସଂସାର କଥା ସରକାର ଚିନ୍ତା କରିବା ଜରୁରୀ ବୋଲି ବୟସ୍କ ଖବରକାଗଜ ବିତରକ ଦିବାକର ନାୟକ ପ୍ରମୁଖ ନିବେଦନ କରିଛନ୍ତି ।

**ଏମାନେ କ'ଣ କୁହନ୍ତି**

**ମାନସ ରଞ୍ଜନ ଖଣ୍ଡୁଆଳ (ସାମ୍ବାଦିକ)**

ସମାଜର ସବୁବର୍ଗର ଲୋକମାନେ ସରକାରୀ ସହାୟତା ପାଉଥିବା ବେଳେ ଖବରକାଗଜ ବିତରକଙ୍କ ପରିବାରକୁ ସରକାର ଭୁଲି ଯାଇଛନ୍ତି । ଏଣୁ ରାଜ୍ୟ ସରକାର ଖବରକାଗଜ ବିତରକଙ୍କ ଲାଗି କିଛି ଗୋଟିଏ କଲ୍ୟାଣକାରୀ ଯୋଜନା ହାତକୁ ନେବା ନିହାତି ଜରୁରୀ ।

ବିଜୟ କୁମାର ବେହେରା (ଉପସଭାପତି, ଅସ୍ତରଙ୍ଗ ମିଡ଼ିଆ ଫୋରମ୍) ସମାଜସେବୀ

ବାସ୍ତବରେ ଖବର କାଗଜ ବିତରକଙ୍କୁ ଚିହ୍ନଟ କରି ଏହି ପରିବାରଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ଓ ବୀମାଭୁକ୍ତ କରିବା ସହ ଆବାସ ଯୋଜନାରେ ସାମିଲ କରିବା ଦରକାର ।

**ନଟକିଶୋର ମହାନ୍ତି (ସମାଜସେବୀ)**

ବର୍ଷସାରା ଲୋକଙ୍କ ଘରକୁଘର ବୁଲି ସେବା ଯୋଗାଉଥିବା ଏହି ବିତରକମାନଙ୍କ କଥାକୁ ସମାଜ ବାସ୍ତବରେ ଭୁଲିଯାଇଛି । ଏମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ସରକାର ମାଗଣା ପାଠପଢ଼ା ଯୋଗାଇ ଦେଇପାରିଲେ ଆଗକୁ ବାଟ ଚାଲିପାରିବେ । ସରକାର ଏକଥା ଚିନ୍ତା କରିବା ଉଚିତ ।

## ଘରୋଇ କଳିରୁ ମହିଳାଙ୍କ ଆତ୍ମହତ୍ୟା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପାଟୁଳି ଗ୍ରାମ ରାଉତ ସାହିର ସୁକାନ୍ତି ରାଉତ(୩୩) ସୋମବାର ସକାଳେ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଘରୋଇ କଳିକୁ କେନ୍ଦ୍ର କରି ସୁକାନ୍ତି ଜୀବନ ହାରିଥିବା କୁହାଯାଉଛି । ସୁକାନ୍ତିଙ୍କ ସ୍ୱାମୀ ପ୍ରଫୁଲ୍ଲ ସୁରତରେ ରହି କାମ କରୁଛନ୍ତି । ରବିବାର ସୁକାନ୍ତିଙ୍କର ପରିବାର ଲୋକଙ୍କ ସହ ମନୋମାଳିନ୍ୟ ହୋଇଥିଲା । ସୁକାନ୍ତି ଏ ସମ୍ପର୍କରେ ସ୍ୱାମୀକୁ ଜଣାଇଥିଲେ । କିନ୍ତୁ, ସୋମବାର ସକାଳୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସେ ନିଜ ଶାଢ଼ିକୁ ରଶି ଭାବେ ବ୍ୟବହାର କରି ଘର ଓରାରେ ଝୁଲିପଡ଼ିଥିଲେ । ପରିବାର ଲୋକ ସୁକାନ୍ତିକୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଙ୍କ ସୂଚନା କ୍ରମେ ଥାନାରେ ୨୦/୨୪ନଂ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଥିଲା ।

## ପିନାକୀ ମିଶ୍ରଙ୍କୁ ଗାଁ' ମଜଲିସ ସାହିତ୍ୟ ଶିକ୍ଷକ ସମ୍ମାନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଗାଁ' ମଜଲିସ ସାହିତ୍ୟ ସଂସଦର ୩୫ତମ ବାର୍ଷିକ ଉତ୍ସବରେ ଓଡ଼ିଶାର ପ୍ରତିଷ୍ଠିତ କବି ପିନାକୀ ମିଶ୍ରଙ୍କୁ ଚଳିତବର୍ଷର ଗଣେଶ ମହାପାତ୍ର ସାହିତ୍ୟ ଶିକ୍ଷକ ସମ୍ମାନ ୨୦୨୪ ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲ୍ଲାର ସୋର ସଂସ୍କୃତି ଭବନ ଠାରେ ଆୟୋଜିତ ସଭାରେ ଅତିଥି ବାଗ୍ମୀ ଶୈଳଜ ରବି, ଝଙ୍କାର ପତ୍ରିକାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି, ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡ.ପ୍ରହ୍ଲାଦ ଚରଣ ମହାନ୍ତି, ମୁଖ୍ୟବକ୍ତା କବି ସୁବ୍ରତ ଦାସ ପ୍ରମୁଖ ମିଶ୍ରଙ୍କୁ ଉପଢୌକନ, ଫଳକ, ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଅନୁଷ୍ଠାନର ସଭାପତି ଡ. ରମାକାନ୍ତ ବେହେରା, ସମ୍ପାଦକ ଦେବେନ୍ଦ୍ର କୁମାର ପ୍ରଧାନ, ଶଙ୍ଖବେଳା ପତ୍ରିକାର ସମ୍ପାଦକ ଚନ୍ଦ୍ର ମୋହନ ମହାପାତ୍ର, କବି ସୁରଞ୍ଜନ ପାତ୍ର ପ୍ରମୁଖ ପିନାକୀ ମିଶ୍ରଙ୍କ କବିତାରେ ମାନବ ସମ୍ବେଦନ ଓ ବିଭୁଚିନ୍ତନ ପ୍ରତିଫଳିତ ହୋଇଥାଏ ବୋଲି ମତ ଦେଇଥିଲେ ।

## ରଗବୀ ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜାରୁ ୯ ସ୍ଥାନିତ



ବାରିପଦା, (ଭାସ୍କର ନ୍ୟୁଜ୍): ଆସନ୍ତା ଜାନୁୟାରୀ ୧ ଓ ୨ ତାରିଖ ବିହାର ରାଜ୍ୟ ପାଟନାର ପାଟିଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୧୪ ବର୍ଷରୁ କମ ବର୍ଗର ବାଳକବାଳିକାମାନଙ୍କର ଜାତୀୟସ୍ତର ରଗବୀ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ରାଜ୍ୟ ଟିମରେ ମୟୂରଭଞ୍ଜ ଜିଲ୍ଲାରୁ ୯ ଜଣ କ୍ରୀଡ଼ାବିତ ଚୟନ ହୋଇଛନ୍ତି । ସେମାନେ ହେଲେ ୧୪ ବର୍ଷରୁ କମ ବାଳକ ବିଭାଗରେ ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ସିନ୍ଦୁରଗୌରା ଉଚ୍ଚ ବିଦ୍ୟାଳୟର ମନୋଜ ସିଂ ଓ ହୃଦାନନ୍ଦ ସିଂ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିନ୍ଦୁରଗୌରାର ରହିଦାସ ସିଂ, ବାରିପଦା ସ୍ଥିତ ଏମଟିକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତକତପୁରର ମୁନା ସିଂ ଓ ବିକ୍ରମ ଦାସ । ସେହିଭଳି ବାଳିକା ବିଭାଗରେ ସିନ୍ଦୁରଗୌରା ଉଚ୍ଚ ବିଦ୍ୟାଳୟର ସନ୍ଧ୍ୟାମଣି ସିଂ, ବାରିପଦା ସ୍ଥିତ ରାଣୀଭୋଳ ଏସଏସଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅନୁପ୍ରିୟା ମୁର୍ମୁ, ସୁଗି ହେମ୍ବ୍ରମ, ହୀରା ମୁର୍ମୁ । ଏହି ସଫଳତା ପାଇଁ ଏମାନଙ୍କୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଯାଇଛି ।

## ସଡକ ଦୁର୍ଘଟଣାରେ ଯୁବକ ଗୁରୁତର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ପାଳଦାବାଙ୍କ ଚକବନ୍ଦୀ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା । ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇ କଟକରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ସୂଚନାଯୋଗ୍ୟ, ସୋମବାର ସକାଳ ପ୍ରାୟ ୧୦.୩୦ ସମୟରେ ଓଆର୨୨ସି ୧୯୪୭ନଂ ବାଇକ ଯୋଗେ ଭଦ୍ରକରୁ ଆସୁଥିବା ଗ୍ରାମାଞ୍ଚଳ ଥାନା ଅଧିନ ହଳଦୀଗଡ଼ିଆ ବାଇପାସ ଅଞ୍ଚଳର ଦୁଷ୍ମନ୍ତ ବେହେରା(୪୯) ସମ୍ପୃକ୍ତ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଦୁର୍ଘଟଣାର ସୂଚନା ପାଇ ଭଣ୍ଡାରିପୋଖରୀରୁ ଦମକଳକେନ୍ଦ୍ର କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ । ବର୍ତ୍ତମାନ ସୁଦ୍ଧା ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି । ଦୁଷ୍ମନ୍ତଙ୍କ ମୁଣ୍ଡ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ରେଫର କରିଦିଆଯାଇଥିବା ଜଣାଯାଇଛି । ପୁଲିସ ଦୁଷ୍ମନ୍ତଙ୍କ ବାଇକ ଜବତ କରି ତଦନ୍ତ ଚଳାଇଛି ।

## ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିନିକିଆ ଗଞ୍ଜାମ ଗସ୍ତ



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ନିର୍ବାଚନ ମଣ୍ଡଳୀରେ ଗତ ଲଘୁଚାପ ଜନିତ ବର୍ଷାରେ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୋମବାର ପୂର୍ବାହ୍ନରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ଶେରଗଡ଼, ତାଙ୍କରଡା, ଗୋବିନ୍ଦପୁର, ବୁରୁପଡା, ପୋଡ଼ଙ୍ଗୀ ଦେଇ ଚାଷୀ ମାନଙ୍କ ଉଜୁଡ଼ି ଯାଇଥିବା ଧାନ ଫସଲ ଦେଖିବା ସହ ଆସିକା ଠାରେ ପହଞ୍ଚି ଥିଲେ । ଏଠାରେ ଭଞ୍ଜନଗର ଉପ-ଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ସଂଗୀତା ସେନ, କୃଷି ଜିଲ୍ଲା ଅଧିକାରୀ ପ୍ରମୋଦ ମହାପାତ୍ର, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ସମେତ ସମସ୍ତ ଅଧିକାରୀଙ୍କ ସହ ଚାଷୀମାନଙ୍କ କ୍ଷୟକ୍ଷତି ଶୀଘ୍ର ଆକଳନ ପାଇଁ ପରାମର୍ଶ ଦେଇଥିଲେ । ଗସ୍ତ ସମୟରେ ଚାଷୀମାନଙ୍କର କ୍ଷୟକ୍ଷତି ବାବଦରେ ଆଲୋଚନା କରିବା ଏବଂ କ୍ଷତିଗ୍ରସ୍ତ ଚାଷୀଙ୍କୁ ସମବେଦନା ଜଣାଇଥିଲେ । ଆସିକା କାର୍ଯ୍ୟକ୍ରମ ଶେଷକରି ପଟ୍ଟନାୟକ କବିସୂର୍ଯ୍ୟନଗର ଅଭିମୁଖେ ଯାଇଥିଲେ । ଏହି ଗସ୍ତ ସମୟରେ ବିଜେଡ଼ିର ପୂର୍ବତନ ବିଧାୟକ ତଥା ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ପ୍ରଦୀପ ଅମାତ, ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟକ ମଞ୍ଜୁଳା ସ୍ୱାଇଁ, ଏନଏସି ଉପାଧକ୍ଷ ଜୟନ୍ତୀ ବିଷୋୟୀ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ପାଣିଗ୍ରାହୀ, ଅଭିମନ୍ୟୁ ନାହାକ, ଯୁବ ନେତା ନଚିକେତା ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ବ୍ଲକ୍ ସଭାପତି ରାଜେଶ ପଟ୍ଟନାୟକ, ଜିଲ୍ଲା ପରିଷଦ ମନୋଜ କୁମାର ଦୋରା, ସରପଞ୍ଚ ଜୟସେନ ସ୍ୱାଇଁ, ମନୋଜ ପରିଡ଼ା, ଜୟନ୍ତୀ ବେହେରା, ସମିତି ସଭ୍ୟ ତ୍ରିନାଥ ବେହେରା, ନନ୍ଦ ବିଷୋୟୀ, ଚିନି ଶିଳ୍ପର ପରିଚାଳନା ସଭାପତି ରବୀନ୍ଦ୍ର ପଣ୍ଡା, କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁ ଧର ସାହୁ ଓ ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ, ତାରିଣୀ ସେନାପତି, ମହିଳା ନଗର ସଭାପତି ରଶ୍ମିତା ସେନାପତିଙ୍କ ଅନେକ କର୍ମୀ ଏଠାରେ ଉପସ୍ଥିତ ରହିଥିଲେ ।

## ସାଂସଦଙ୍କ ହାତରେ ସହରବାସୀଙ୍କ ଜୀବନ

କେସିଙ୍ଗା,(ଭାସ୍କର ନ୍ୟୁଜ):କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରଶାସନିକ ଉଦ୍ୟମ ଆରମ୍ଭ ହୋଇଛି । ସହରରେ ରେଲୱେ ସୁଉଚ୍ଚ ପୋଲ ନିର୍ମାଣ ଚାଲିଛି । ଏହି ପୋଲ କେସିଙ୍ଗା ପୁରୁଣା ଚେକ୍ ଗେଟରୁ ବାହାରି ଓମନଗର ପଛପଟୁ ଜାତୀୟ ରାଜପଥକୁ ସଂଯୋଗ କରିବା ଫଳରେ ସହରର ମଧ୍ୟ ଭାଗରେ ଏହା ସଂଯୋଗ ହେଉଥିବାରୁ ଟ୍ରାଫିକ ବ୍ୟବସ୍ଥା ଆଗଭଳି ହିଁ ରହିବ । ଏହାକୁ ବାଇପାସ ମାଧ୍ୟମରେ ଜୋଲକୋ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ହେଉଛି । ଏନେଇ ଗତ ଗୁରୁବାର ଦିନ କଳାହାଣ୍ଡି ସାଂସଦ ମାଳବିକା ଦେଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସାଂସଦ ଦେଓ ଉକ୍ତ ଦାବିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଦାବିପତ୍ର ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ଏହା କାର୍ଯ୍ୟକାରୀ ନ ହେଲେ ସହରରେ ଦୁର୍ଘଟଣା ବୃଦ୍ଧିପାଇବା ସହ ଲୋକଙ୍କ ଧନଜୀବନ ନଷ୍ଟ ହେବ । ତେଣୁ ବର୍ତ୍ତମାନ ସ୍ଥିତିରେ ସାଂସଦଙ୍କ ହାତରେ ସହରବାସୀଙ୍କ ଜୀବନ ।

## ବୋଲଗଡ଼ ମହୋତ୍ସବ-୨୪ ଚତୁର୍ଥ ସନ୍ଧ୍ୟା



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ସଦର ମୁଖ୍ୟାଳୟ ସ୍ଥିତ ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବୋଲଗଡ଼ ମହୋତ୍ସବ ଆଶା-୨୪ର ଚତୁର୍ଥ ସନ୍ଧ୍ୟାରେ ଖୋଲା ଆକାଶ ରଙ୍ଗମଞ୍ଚରେ ପାଇକ ନୃତ୍ୟ ଦର୍ଶକ ମାନଙ୍କୁ ବିଭୋର କରିଥିଲା । ଏହି ଖୋଲା ରଙ୍ଗମଞ୍ଚରେ ଦୀର୍ଘ ୫ଦିନ ବ୍ୟାପି ସ୍ଥାନୀୟ ଓ ରାଜ୍ୟ ସରକାର ତଥା ଆନ୍ତଃରାଜ୍ୟ କଳାକୃତି ସହ ସମ୍ବଲପୁରୀ ନୃତ୍ୟ, ଗ୍ରାମ୍ୟ କଳାକୃତି, ପାଲା, ଧୁଡୁକି, ରାମତାଳି, ଓଡ଼ିଶୀ, ସଂକୀର୍ତ୍ତନ ଇତ୍ୟାଦି ପରିବେଷଣ ଦର୍ଶକ ମାନଙ୍କୁ ରିମଝିମ ଶୀତୁଆ ସନ୍ଧ୍ୟାରେ ବେଶ ଖୋରାକ ଯୋଗାଇ ବାନ୍ଧି ରଖିଥିଲା । ଏହି ୪ର୍ଥ ସନ୍ଧ୍ୟାରେ ମଞ୍ଚର ସଭାପତି ରବୀନ୍ଦ୍ର ପରିଡ଼ା ମହୋତ୍ସବର ଗୁଣଗରିମା ସହ ଅଞ୍ଚଳର ବୀରତ୍ୱ ଗାଥା ସମ୍ପର୍କରେ କହିଥିଲେ । ସେହିପରି ମୁଖ୍ୟଅତିଥି ଭାବେ ସମାଜସେବୀ ମାନସ କୁମାର ବେହେରା ଯୋଗଦେଇ ବୋଲଗଡ଼ ଅଞ୍ଚଳକୁ ରକ୍ତରଞ୍ଜିତ ବୀରମାଟି ଓ ଏହି ମହୋତ୍ସବ ଭାଇଚାରର ସାରସ୍ୱତ ନିଦର୍ଶନ ସ୍ୱରୂପ ଓଡ଼ିଶା ରାଜ୍ୟର ଭୌଗଳିକ ମାନଚିତ୍ରରେ ଅଲିଭା ବିରତ୍ୱ ତଥା ସାହାସିକତାର ସହ ଜୀବନ ବଳିଦାନ ଚିତ୍ରକୁ ସ୍ୱତନ୍ତ୍ର ଭାବେ ସୂଚିତ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଗୁଣି ପ୍ରଧାନ, ପୀତବାସ ଲେଙ୍କା, ଉମେଶ ମହାପାତ୍ର, ଗଦାଧର ଚମ୍ପତି, ସଞ୍ଜୟ ବେହେରା, ଅଶ୍ୱନୀ ପଟ୍ଟନାୟକ, ସୁଶ୍ରୀ ଗୌରୀ ଦେବୀ, ଜୟକୃଷ୍ଣ ଦଳବେହେରା, ପ୍ରଫୁଲ୍ଲ କୁମାର ସିଂହ, କାବୁ ଚମ୍ପତିରାୟ, ରାଧାମୋହନ ସାହୁ, ଅମ୍ବିକା ମହାନ୍ତି, ମାନସ ପଟ୍ଟନାୟକ, ବଂଶୀଧର ସାହୁ, ଅଜିତ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ବୀର ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥିମାନେ ବୋଲଗଡ଼ ପ୍ରଦୀପ ସୁଶ୍ରୀ ପ୍ରତିଭା ଦଳାଇ, ବୋଲଗଡ଼ ସମ୍ମାନ ଦିବାକର ପରମଗୁରୁ, ମନୋଜ ଦଳାଇ, ଗୋପୀନାଥ ଖାଡ଼ଙ୍ଗା, ଅବନିକାନ୍ତ ପାଢ଼ୀ, ଡକ୍ଟର ମନୋଜ ସାହୁ, ରଞ୍ଜନ କର ଶର୍ମା(ବୃକ୍ଷବାବା), ଅର୍ଚ୍ଚିତା ଶ୍ରୀଚନ୍ଦନ, ମରଣୋତ୍ତର ସମ୍ମାନ ସାମ୍ବାଦିକ ସ୍ୱର୍ଗତ ଜୟକୃଷ୍ଣ ହୋତା ପ୍ରମୁଖମାନଙ୍କୁ 'ପୂଜ୍ୟପୂଜା' ସମ୍ବର୍ଦ୍ଧନାରେ ସମ୍ମାନିତ କରିଥିଲେ । ସନ୍ଧ୍ୟାର କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋତ୍ସବର ବରିଷ୍ଠ କର୍ମକର୍ତ୍ତାମାନେ ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ । ପରେ ଅତିଥିମାନେ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି ମଞ୍ଚାସିନ ହୋଇଥିଲେ । ସ୍ଥାନୀୟ ବଂଶୀଧର ସଂଗୀତ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା ଓ ବରିଷ୍ଠ ଉପଦେଷ୍ଟା ଐତିହାସିକ ରବୀନ୍ଦ୍ର ପରିଡ଼ା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଉମାକାନ୍ତ ବେବର୍ତ୍ତା ପଟ୍ଟନାୟକ ଓ ଗୁରୁକୃଷ୍ଣ ଦୁଃଖାନନ୍ଦ ସାମନ୍ତରାୟ ସଂଯୋଜନା କରିଥିବା ବେଳେ ମଞ୍ଚକୁ ମନୋଜ ସାହୁ ଓ ଶ୍ରୀକାନ୍ତ ଉପସ୍ଥାପନା କରିଥିଲେ । ମଞ୍ଚର ମୁଖ୍ୟ ଆକର୍ଷଣ ସିନେ କଳାକାର ପାୟଲ ରହିଥିଲେ । ଶେଷରେ ମନୋଜ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଲୋକଙ୍କର ବହୁଳମାତ୍ରାରେ ଭିଡ଼ ଦେଖିବାକୁ ମିଳିଥିଲା । ଶୀତୁଆ ରାତିକୁ ଖାତିର ନକରି ଦର୍ଶକମାନେ କାର୍ଯ୍ୟକ୍ରମକୁ ଖୁବ୍ ଉପଭୋଗ କରିଥିଲେ ।

## ବ୍ରାହ୍ମଣ ମହାସଂଘର ବୈଠକ




ଆସିକା, (ଭାସ୍କର ନ୍ୟୁଜ୍): ସୋମବାର ଆସକା ବସଷ୍ଟାଣ୍ଡ ନିକଟ ବୁଢ଼ି ମା' ଠାକୁରାଣୀ ମନ୍ଦିର ପରିସରରେ ବାହ୍ମଣ ମହାସଂଘର ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଗଙ୍ଗାଧର ଶତପଥୀ ଅଧକ୍ଷତା କରିଥିବା ବେଳେ ସଭାପତି ସତ୍ୟନାରାୟଣ ରଥ ବୈଠକ ପରିଚାଳନା କରିଥିଲେ । ପାରମ୍ଭରେ ପଣ୍ଡିତ ଶ୍ରୀକାନ୍ତ ମିଶ୍ର ବେଦ ପାଠ କରିବା ସହ ଶିକ୍ଷାବିତ ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ମହାସଂଘର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହୋଇଥିଲା । ବ୍ରାହ୍ମଣ ସମାଜ ସହ ଜନସାଧାରଣଙ୍କ ପାଇଁ ବହୁ ଉପାଦେୟ ପ୍ରସ୍ତାବ ଗୃହୀତ ହୋଇଥିଲା । କର୍ମକାଣ୍ଡ ବିତ୍, ସୁପ୍ରକାର, ମନ୍ଦିର ପୂଜକ ମାନଙ୍କୁ ସରକାରୀ ପ୍ରୋତ୍ସାହନ ଓ ସ୍ଥାୟୀତ୍ୱ ପାଇଁ ସରକାରୀ ସହାୟତା ଯୋଗାଇଦେବା ପାଇଁ ବୈଠକରେ ଦାବୀ କରାଯାଇଥିଲା । ଜିଲ୍ଲାରେ ତୃଣମୂଳ ସ୍ତରରେ ସଙ୍ଗଠନ ଋଷିକୂଲ୍ୟା ଓ ବଡ଼ନଦୀ ମିଶ୍ରଣ ସ୍ଥଳ, ବୁଢ଼ ତୋଟା ଉନ୍ନୟନ, ବ୍ରାହ୍ମଣମାନଙ୍କ ଏବଂ ଜନସାଧାରଣଙ୍କ ଆସିକା ଅଞ୍ଚଳରେ ଭୂ-ବନ୍ଦୋବସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ସଙ୍ଗଠନର ରୂପରେଖ ପ୍ରସ୍ତାବ ପାରିତ ହୋଇଥିଲା । ଉକ୍ତ ବୈଠକରେ ବନମାଳୀ ସାମନ୍ତରା, ନିରୋଜ ପାଢ଼ୀ, ପ୍ରଶାନ୍ତ ଭଞ୍ଜ, ସରୋଜ ଦାସ, ହୃଷିକେଶ ସାହୁ, ରବି ପାଣିଗ୍ରାହୀ, ଦିଲ୍ଲୀପ ପାଣିଗ୍ରାହୀ, ପ୍ରଦୀପ କୁମାର ଶତପଥୀ, ସୀତା ରାମ ଦାସ, ଗୋବିନ୍ଦ ଆଚାର୍ଯ୍ୟ, କିଶୋର ଚନ୍ଦ୍ର ପାତ୍ର, ଆଇନଜୀବୀ ବିନୋଦ ପାଣିଗ୍ରାହୀ, ପ୍ରତାପ ମିଶ୍ର, ଶକ୍ତି ପ୍ରସାଦ ଦାସ, ପ୍ରତାପ ମିଶ୍ର, ଉପେନ୍ଦ୍ର ନାଥ ମିଶ୍ର, ଗୌରୀଶଙ୍କର ମିଶ୍ର, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପ୍ରଦୀପ ପାଢ଼ୀ, ନିରଞ୍ଜନ ପଣ୍ଡା ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗଦେଇ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଧରାକୋଟ ବ୍ଲକ୍ ସଭାପତି ଓ ଆସିକା ଏନ୍ଏସି ସଭାପତି ଭାବେ ହୃଷିକେଶ ସାହୁ ଓ ଶକ୍ତି ପ୍ରସାଦ କରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଶେଷରେ ଶିକ୍ଷକ ପ୍ରଦୀପ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବୋଲଗଡ଼, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଶ୍ରୀ ରାଧାମାଧବ ସଂସ୍କୃତ ମହାବିଦ୍ୟାଳୟ, ଦେଉଳିଠାରେ ଜାତୀୟ ସେବା ଶିବିର ଯୋଜନା ଓ ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦର ମିଳିତ ଆନୁକୂଲ୍ୟରେ ସୋମବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବେଗୁନିଆ ବୋଲଗଡ଼ ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ, କଲେଜର ପ୍ରତିଷ୍ଠାତା ଭାଗିରଥି ସାହୁ, କଲେଜ ଅଧକ୍ଷ ବଟକୃଷ୍ଣ ସାହୁ, ସଂଯୋଜକ ପ୍ରଦୀପ ସାହୁ, ଡ. ଦେବିତାରୀ ଦାସ, ମାଧବ ମହାରଣା, ଡ. ଆହୁତି ରଥ, ସସ୍ମିତା ମିଶ୍ର, ଉତ୍ତମ କୁମାର ବେହେରା, ବ୍ରହ୍ମାନନ୍ଦ ନାୟକ, କେଶବ ଚନ୍ଦ୍ର ଜୟସିଂହ, ନିରଞ୍ଜନ ମହାପାତ୍ର, ନୃସିଂହ ମୁଦୁଲି, ବିକ୍ରମ କେଶରୀ ସାମନ୍ତରାୟଙ୍କ ସହଯୋଗ ରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା । ଛାତ୍ରଛାତ୍ରୀ, କଲେଜ ପ୍ରଶାସନର ଉଦ୍ୟମ ଓ ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହି ଶିବିରକୁ ଅଧ୍ୟାପକ ପ୍ରଦୀପ ସାହୁ ସଂଯୋଜନା କରିଥିଲେ । ବିଧାୟକ ସାହୁ କହିଛନ୍ତି ରକ୍ତଦାନ ମହାପୁଣ୍ୟ । ଏହି ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନଙ୍କ ଠାରୁ ସଂଗୃହୀତ ହୋଇଥିବା ରକ୍ତ ଆଗାମୀ ଦିନରେ ଅନେକ ଲୋକଙ୍କ ରକ୍ତାଭାବ ଦୂର କରିବ ବୋଲି କହିଥିଲେ । ସମସ୍ତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସୁସ୍ଥ, ସ୍ୱଚ୍ଛ ଓ ସବୁଜ ସମାଜ ଗଠନ ପାଇଁ ପରାମର୍ଶ ଦେଇଥିଲେ । ସଂଯୋଜକ ପ୍ରଦୀପ ସାହୁ ସମସ୍ତ ରକ୍ତଦାତାଙ୍କୁ ଧନ୍ୟବାଦ ଦେଇଥିଲେ ।



# ଫସଲ କ୍ଷୟକ୍ଷତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ



ପାରାଦୀପ, (ଭାସ୍କର ନ୍ୟୁଜ): ଲଘୁଚାପ ବର୍ଷା ଜନିତ ଧାନ ଓ ବିଭିନ୍ନ ଫସଲ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ରବିବାର ଦିନ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ଜଡ଼ିଗିଡ଼ା, ବୋଧେଇ, ପିଙ୍ଗଳମାଧବ, ମଣିଜଙ୍ଗା ସହ କିଛି ଅଞ୍ଚଳ ବୁଲି ଉପୁଡ଼ି ପଡ଼ିଥିବା ଫସଲକୁ ଦେଖିବା ପରେ କୁଜଙ୍ଗ ବ୍ଲକରେ ଏ ବାବଦରେ ସମୀକ୍ଷା କରିଥିଲେ ଉପମୁଖ୍ୟମନ୍ତ୍ରୀ । ଉପମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତଙ୍କୁ ଟିକିଟ ଜରିଆରେ ଉଭୟ ବୀମା କରିଥିବା ଓ ବୀମା କରି ନଥିବା ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଯେଉଁ ଚାଷୀଙ୍କର ଫସଲ ଓ ଜମି କ୍ଷତିଗ୍ରସ୍ତ ହୋଇଛି ସେମାନେ ମୋବାଇଲ ଫୋନ ମାଧ୍ୟମରେ ନିଜ ଜମି ଉପରେ ଛିଡ଼ା ହୋଇ ଜିଓଟ୍ୟାଗ୍ କରି ଫଟୋ ଉଠାଇବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ରହି ସରକାର ସବୁବେଳେ ଲୋକଙ୍କ ପାଖରେ ଅଛନ୍ତି ଏବଂ ରାଜ୍ୟ ସରକାରଙ୍କ ପୁରା ଟିମ୍ ଜନତାଙ୍କ ସେବାରେ ଲାଗିଛନ୍ତି ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଜେ. ସୋନାଲ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅଦ୍ୟାବଧି ୧୪,୫୦୦ ଚାଷୀ ପଞ୍ଜିକୃତ ହୋଇ ସାରିଥିବା ଜଣାଇଥିଲେ । ଏ ବାବଦରେ ୮ ଟି ବ୍ଲକର କ୍ଷୟକ୍ଷତି ରିପୋର୍ଟ ଗୋଟିଏ ଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ଏଆରସିଏସ୍ ପ୍ରଭାସ ଶତପଥୀ, ଆରକ୍ଷୀ ଅଧିକ୍ଷକ ଭବାନୀଶଙ୍କର ଉଦ୍‌ଗାତାଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ମାନସିକ ଯନ୍ତ୍ରଣାକାରୀଙ୍କ ପାଇଁ ମନସ୍ତାତ୍ତ୍ୱିକ ଆଲୋଚନାଚକ୍ର




କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଡ଼ ଅଁଳା ପଞ୍ଚାୟତ ସଭାଗୃହରେ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସେଲ୍ଫ ଏମ୍ପ୍ଲୁମେଣ୍ଟ ଏଣ୍ଡ୍ ରୁରାଲ ଡେଭେଲପମେଣ୍ଟ ଆନୁକୂଲ୍ୟରେ ମାନସିକ ଯନ୍ତ୍ରଣାକାରିଙ୍କ ପାଇଁ ମନସ୍ତାତ୍ତ୍ୱିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ କୃଷ୍ଣପ୍ରସାଦ ବଡ଼ ଅଁଳା ସିଆଳ ସିଆଣ୍ଡି ଚାରୋଟି ପଞ୍ଚାୟତର ୫୦ରୁ ଅଧିକ ମାନସିକ ଯନ୍ତ୍ରଣାକାରୀ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରକଳ୍ପ ନିର୍ଦ୍ଦେଶକ କେଳୁଚରଣ ଦାସ, ସମ୍ପାଦକ ଅଶୋକ କୁମାର ଜେନା କାଉନ୍‌ସିଲର ଅଙ୍କିତା ସାମଲ ଯୋଗଦେଇ ଯନ୍ତ୍ରଣାକାରିମାନଙ୍କ ପାଇଁ କିପରି ଯତ୍ନ ନେବେ ଆଲୋଚନା କରିଥିଲେ । ଏଥିରେ ଯନ୍ତ୍ରଣାକାରିମାନଙ୍କ ମନୋବଳ ବଢ଼ାଇବା ସହିତ ସେମାନେ ରୋଗୀଙ୍କ ଚିକିତ୍ସା ଓ ପରାମର୍ଶ ନେବା ସହ ସଠିକ ଚିକିତ୍ସା କରିବେ ସୂଚନା ଦେଇଥିଲେ । ପ୍ରତି ପଞ୍ଚାୟତରେ ଏକ ଗୋଷ୍ଠୀଭିତ୍ତିକ ଯନ୍ତ୍ରଣାକାରି ସଙ୍ଗଠନର ସଭ୍ୟ ଦଶରୁ ପନ୍ଦର ଜଣଙ୍କୁ ନେଇ ଗଠନ କରାଯାଇଥିବା ଯୋଗୁଁ ସେମାନେ କିପରି ସରକାରଙ୍କ ସୁବିଧାସୁଯୋଗ ପାଇବେ ସାମୂହିକ ଭାବେ ଚେଷ୍ଟା କରିବା ପାଇଁ ପରାମର୍ଶ ଦେଇଥିଲେ । କୃଷ୍ଣପ୍ରସାଦ ବ୍ଲକରେ ଚିହ୍ନଟ କରା ଯାଇଥିବା ମାନସିକ ରୋଗୀ ୭୬୨ଙ୍କ ମଧ୍ୟରୁ ବର୍ତ୍ତମାନ ୪୪୭ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି । ସେମାନଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଚିକିତ୍ସାଳୟ ଓ ପୁରୀ ଜିଲ୍ଲା ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା ହୋଇ ଔଷଧ ସେବନ କରୁଛନ୍ତି । ସେମାନେ ଯେପରି ଠିକ ସମୟରେ ଔଷଧ ଖାଇବେ ଗୋଷ୍ଠୀ ସଙ୍ଗଠକ ମିନାର୍ଭା, ମାମାଲୀ, ସୁନିତା, ହରପ୍ରିୟା ଓ ବାସୁଦେବ ଯନ୍ତ୍ରଣାକାରିଙ୍କୁ ସୂଚନା ଓ ପରାମର୍ଶ ଦେଇ ମଞ୍ଚ ପରିଚାଳନା କରିଥିଲେ ।

# 'ଆମ ବ୍ୟାଙ୍କ' ଚୋରିରେ ସମ୍ପୃକ୍ତ ୨ ଗିରଫ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବୟାବନାପୁର 'ଆମ ବ୍ୟାଙ୍କ'ରୁ ଗତ ଶନିବାର ରାତ୍ରରେ ଚୋରି ଯିବା ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ଠାରୁ ଚୋରି ଯାଇଥିବା ସମସ୍ତ ସାମଗ୍ରୀକୁ ତଦନ୍ତକାରୀ ଅଧିକାରୀ ସହକାରୀ ସବଇନିସପେକ୍ଟର ସୁଦର୍ଶନ ସେନ ଉଦ୍ଧାର କରିବାକୁ ସକ୍ଷମ ହୋଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ବେଳେ ଅନ୍ୟ ଜଣେ ଚନ୍ଦ୍ରଭାନୁପୁର ଗ୍ରାମର ହୃଷିକେଶ ନାୟକଙ୍କ ପୁଅ ଅନନ୍ତ(୩୪) ଓରଫ ଲିପୁ ଅଟେ । ସେମାନଙ୍କ ପାଖରୁ କମ୍ପୁଟର, ୨ଟି ପ୍ରିଣ୍ଟର, ସିସିଟିଭି ମନିଟର, ପଙ୍ଖା, କାର୍ଯ୍ୟାଳୟ ମଧ୍ୟରେ ଥିବା ଅଙ୍ଗନଓ୍ୱାଡି ପାଣି ମୋଟର ଓ ଚାଉଳ ଦୁଇ ବସ୍ତା ଆଦି ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି । ଚୋରମାନେ ଇନର୍ଭଟର ବିକ୍ରୟ କରିଦେଇଥିବା ଜଣାପଡ଼ିଥିଲା । ପୁଲିସ ଇନର୍ଭଟରକୁ ଉଦ୍ଧାର କରିଛି । ଏଥିସହ ଚୋରିରେ ବ୍ୟବହୃତ କଟର ଆଦି ମଧ ଜବତ ହୋଇଛି । ଅଭିଯୁକ୍ତ ଦ୍ୱୟଙ୍କୁ ଥାନାରେ ଅଟକ ରଖାଯାଇଛି । ବ୍ୟାଙ୍କ କର୍ମଚାରୀ ବୟାବନାପୁର ଗ୍ରାମର ଧନେଶ୍ୱର ରାଉତ ରବିବାର ଥାନାରେ ବ୍ୟାଙ୍କରୁ ଚୋରି ହୋଇଥିବା ନେଇ ଅଭିଯୋଗ କରିଥିଲେ ।

# ଶଙ୍ଖଚିଲା ପ୍ଲାଟିନମ୍ କପ୍ ଆୟୋଜିତ




ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଶଙ୍ଖଚିଲା ହିଙ୍ଗୁଳା ପଡ଼ିଆ ଠାରେ ହିଙ୍ଗୁଳା ହାଇସ୍କୁଲର ପଞ୍ଚସ୍ତରୀ ବର୍ଷ ପୂର୍ତ୍ତି ଉତ୍ସବ 'ପ୍ଲାଟିନମ୍ ଜୁବିଲି ସେଲିବ୍ରେସନ' ପାଳନ କରାଯାଇଥିଲା । ଏଥି ନିମନ୍ତେ ପୁରାତନ ଛାତ୍ର ସଙ୍ଘ ଆୟୋଜନରେ ୪୦ ଗୋଟି ବ୍ୟାଚକୁ ନେଇ ଚାଲୁ ରହିଥିବା ୨ ଦିନିଆ ଦିବାରାତ୍ରି ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ହିଙ୍ଗୁଳା ହାଇସ୍କୁଲର ପୁରାତନ ଛାତ୍ର ସଂଘ ୨୦୧୯ ବ୍ୟାଚ୍ ବ୍ୟାକ୍ ବେଞ୍ଚରସ୍ ଟିମ୍‌କୁ ହରାଇ ବ୍ୟାଚ୍ ୨୦୧୬ 'ସୁଇଟ୍ ଏଣ୍ଡ୍ ସ୍ମାଇଲ୍ ଫ୍ରେଣ୍ଡସ' ଚମ୍ପିୟାନ ହୋଇଛି । ଏହି ମର୍ଯ୍ୟାଦାଜନକ ଭାଇଚାରା ଭିତ୍ତିକ ଐତିହାସିକ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୨୯ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା । ଏହି ଖେଳରେ ମୋଟ୍ ଲିଗ୍ ମ୍ୟାଚ୍, ପ୍ରିଲିଗ୍, କ୍ୱାର୍ଟର, ସେମିଫାଇନାଲ ଓ ଫାଇନାଲକୁ ମିଶାଇ ୧୮ଟି ମ୍ୟାଚ ହୋଇଥିଲା ବେଳେ ପ୍ରଥମ ସେମିଫାଇନାଲ ହିଙ୍ଗୁଳା ହାଇସ୍କୁଲ ଏକାଦଶ ଏବଂ ୨୦୧୬ ବ୍ୟାଚ୍ ମଧ୍ୟରେ ହୋଇ ୨୦୧୬ ଫାଇନାଲକୁ ପ୍ରବେଶ କରିଥିଲା ସେହିଭଳି ଏହି ୬ ଓଭର ବିଶିଷ୍ଟ ୨ୟ ସେମିଫାଇନାଲରେ ୨୦୧୯ ଓ ୨୦୧୩ ମଧ୍ୟରେ ହୋଇ ୨୦୧୯ ଫାଇନାଲକୁ ଯାଇଥିଲା । ନିଷ୍ପତ୍ତି ଅନୁଯାୟୀ ୮ ଓଭର ବିଶିଷ୍ଟ ଏହି ଫାଇନାଲ ଖେଳ ୨୦୧୬ ବ୍ୟାଚ୍ ଓ ୨୦୧୯ ବ୍ୟାଚ୍ ମଧ୍ୟରେ ପ୍ରଥମେ ୨୦୧୬ ଟସ୍ ଜିତି କରି ବୋଲିଙ୍ଗ୍ ନିଷ୍ପତ୍ତି ନେଇଥିଲା ବେଳେ ୨୦୧୯ ତରଫରୁ କ୍ୟାପଟେନ ସ୍ନେହାଶିସ୍ ମହାକୁଡ଼ ୨୭ ବଲ୍ ସାମ୍ନା କରି ୪ ଟି ଚଉକା ସହିତ ୨୩ ରନ୍‌ରେ ଶ୍ରଦ୍ଧା ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ ଏବଂ ସେକେଣ୍ଡ୍ ହାଏଷ୍ଟ ସ୍କୋର ଭାବେ ୨୦୧୯ର ବିଶ୍ୱଜିତ ସାହୁ ୬ ବଲ୍‌ରେ ମଧ ୧୪ ରନ୍ କରି ରନ୍‌ଆଉଟ୍ ହୋଇଥିଲା ବେଳେ ମୋଟ୍ ଆଠ ଓଭରରେ ୬ ୱିକେଟ୍ ହରାଇ ୬୪ ରନ୍ କଲେକ୍ସନ୍ କରିଥିଲେ । ସେହିଭଳି ୨୦୧୬ ବ୍ୟାଚ୍‌ର ଅକ୍ଷୟ ମଲ୍ଲିକ ୨୭ ବଲ୍‌ରେ ୯ ଗୋଟି ଚଉକା ମାରି ଦଳ ପାଇଁ ୩୬ ରନ୍ ସଂଗ୍ରହ କରିବା ସହିତ ମ୍ୟାନ ଅଫ୍ ଦି ମ୍ୟାଚ୍ ଆଖ୍ୟା ପାଇଥିଲେ ଓ ମୋଟ୍ ୭ ଓଭର ୪ ଟି ବଲ୍‌ରେ ୨ ୱିକେଟ୍ ହରାଇ ୮ୱିକେଟ୍‌ରେ ଟାର୍ଗେଟ ୬୪କୁ ଅତିକ୍ରମ କରି ୨୦୧୬ ବ୍ୟାଚ୍ ପ୍ଲାଟିନମ୍ କପ୍‌ର ଚମ୍ପିୟାନ ଟ୍ରଫି ହାସଲ କରିବାକୁ ସକ୍ଷମ ହୋଇଥିଲାବେଳେ ୨୦୧୯ ରନର୍ସ ହୋଇଥିଲେ । ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିଜିତ ବାରିକ, ପୁରାତନ ଛାତ୍ର ସଙ୍ଘ ଉପସଭାପତି ବିଷ୍ଣୁ ଚରଣ ସାହୁ ଓ ସମ୍ପାଦକ ବିନୋଦ ବିହାରୀ ସାହୁ ଓ କାର୍ଯକାରୀ ସଭାପତି ଶ୍ରୀଧର ଦାସ, କୋଷାଧକ୍ଷ ରଘୁନାଥ ସାହୁ, ସହ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ଓ ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଜେନାଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ କୋରାଇ ବ୍ଲକ୍‌ର ଚେୟାରପର୍ସନ ଜୟନ୍ତୀ ଦଳେଇ ଓ ମୁଖ୍ୟ ବକ୍ତା ଭାବେ ଖମଣ ପଞ୍ଚାୟତ ସରପଞ୍ଚ ଜୟନ୍ତୀ ରାଉତ ଯୋଗଦେଇ ଖେଳ ପରିଚାଳକଙ୍କ ନିଷ୍ପତ୍ତି ଅନୁଯାୟୀ ବେଷ୍ଟ ବୋଲର ଭାବେ ତ୍ରିନାଥ ପହୀ, ବେଷ୍ଟ ବ୍ୟାଟ୍ସମ୍ୟାନ୍ ଭାବେ ଦେବାନନ୍ଦ ନାୟକ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅକ୍ଷୟ କୁମାର ମଲ୍ଲିକ, ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ଦୀପକ କୁମାର ନାୟକ, ସ୍କୋରର୍ ଭାବେ ଜ୍ଞାନରଞ୍ଜନ ପହୀ, ଜଗନ୍ନାଥ ବେହେରା, କମେଣ୍ଟର୍ ଭାବେ ଆଲୋକ କୁମାର ଦାସ୍, ସେକ.ଟି ରହମାନ, ବେଷ୍ଟ ଭଲେଣ୍ଟିୟର ନିତେଶ ଦାସ ୨୦୨୧ଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ସ୍ୱତନ୍ତ୍ର ସହଯୋଗୀ ଭାବେ ଭଗବାନ ମଲ୍ଲିକ, ଜେଜେ ସାଉଣ୍ଡ, ମା ଲକ୍ଷ୍ମୀ ଟେଣ୍ଟ ଡେକୋରେଟର ଓ ଷ୍ଟୁଡିଓ ଲେନ୍ସଙ୍କୁ ମଞ୍ଚରେ ସମ୍ମାନୀତ କରାଯାଇଥିଲା । ଏଥିରେ ଅମ୍ପେୟାର ଭାବେ ଛାୟା କାନ୍ତ ଦ୍ୱିବେଦୀ, ଦୁର୍ଗା ପ୍ରସାଦ ପଟ୍ଟନାୟକ, ବାବୁ ଦାସ, ରାଜେନ୍ଦ୍ର କୁମାର ଦାସ ଓ ଜିତେନ୍ଦ୍ର କୁମାର ମହାନ୍ତି, ସଂଯୋଜକ ଜିତେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଖେଳ ପରିଚାଳନା କରିଥିଲେ । ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟବ୍ରତ ସାହୁ, ଆର୍ଯ୍ୟ କୁମାର ବିଭାଷ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଗବାନ ସାହୁ, ନରେନ୍ଦ୍ର କୁମାର ନାୟକ, ସରୋଜ କୁମାର ସାହୁ, ସୁରଜ କୁମାର ନାୟକ, ପ୍ରଶାନ୍ତ କୁମାର ନାୟକ, ଦୀପକ କୁମାର ଗୁରୁ, ବିକ୍ରମ କେଶରୀ ସାହୁ, ଜୟନ୍ତ କୁମାର ସାହୁ, ଫିରୋଜ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ବେହେରା ସନ୍ତୋଷ କୁମାର ମହାକୁଡ଼ ପ୍ରମୁଖ ଅନ୍ୟମାନଙ୍କ ସହିତ ବିଶେଷ ସହଯୋଗ କରିଥିଲେ ।

# ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ) : ଭଦ୍ରକ ଜିଲ୍ଲା ତିହିଡ଼ି ରଙ୍ଗ ପ୍ରକାଶନୀ ପକ୍ଷରୁ ଟାଉନ ହଲ ପରିସରରେ ରବିବାର ସନ୍ଧ୍ୟାରେ ପୁସ୍ତକ ଲୋକାର୍ପଣ ଓ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ତିହିଡ଼ି କଲେଜର ପ୍ରାକ୍ତନ ଅଧକ୍ଷ ବରିଷ୍ଠ ସାହିତ୍ୟିକ ଡ.ଲକ୍ଷ୍ମୀଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ 'ନିତିଦିନ'ର ମୁଖ୍ୟ ସମ୍ପାଦକ ତଥା ଓଡ଼ିଶାର ବରିଷ୍ଠ ସାହିତ୍ୟିକ ମନୋଜ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ଭଲ ବହିଟିଏ ପ୍ରକାଶ କରିବାର ଅପେକ୍ଷାରେ ଥାଏ ଜଣେ ପ୍ରକାଶକ । ପ୍ରକାଶନର ସାର୍ଥକତା ସେତେବେଳେ ଯେତେବେଳେ ବହିଟିଏ ପାଠକାଦୃତ ହୁଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧିସ୍ନାତକ ଓଡ଼ିଆ ବିଭାଗ ମୁଖ୍ୟ ଡ.ସନ୍ତୋଷ କୁମାର ନାୟକ ଓ ସମୀକ୍ଷକ ଭାବେ ବିଶିଷ୍ଟ ଆଲୋଚକ ତଥା ଭଦ୍ରକ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଭୟ କୁମାର ଦାସ ଯୋଗଦେଇ 'ତୁଠ ପଥର' ସର୍ବମୟ କର୍ତ୍ତାଙ୍କର ଏକ ସୌନ୍ଦର୍ଯ୍ୟମୟ ଶୀଳ୍ପ ବୋଲି କହିଥିଲେ । ଏହି ଅବସରରେ ତିହିଡ଼ି ସରକାରୀ ହାଇସ୍କୁଲର ସହକାରୀ ଶିକ୍ଷକ ତଥା କବି ଦେବ କିଶୋର ଦାସଙ୍କ ପ୍ରଥମ କବିତା ସଂକଳନ 'ତୁଠ ପଥର'କୁ ଅତିଥି ମାନେ ଲୋକାର୍ପିତ କରିଥିଲେ । ଏହି ସଭାରେ ବର୍ଷିଆନ ସାହିତ୍ୟିକ ତଥା କଥାକାର ଉମାକାନ୍ତ ମିଶ୍ରଙ୍କୁ ପ୍ରଥମ ରଙ୍ଗ ପ୍ରକାଶନୀ ସାସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶିକ୍ଷକ ତଥା କବି ସୁବାସ ଦାସ ମାନପତ୍ର ପାଠ କରିଥିଲେ । କବି ଦେବକିଶୋର ଦାସ ନିଜ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରକାଶକ ରାଜେଶ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କବି ବିପ୍ଳବ ରଞ୍ଜନ ପତି ଅତିଥି ପରିଚୟ ଓ କବି କୃପାସିନ୍ଧୁ ମହାନ୍ତି ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖାଦ୍ୟସୁରକ୍ଷାରୁ ବଞ୍ଚିତ ନିରାଶ୍ରୟ ବୃଦ୍ଧ

ଭାପୁର, (ଭାସ୍କର ନ୍ୟୁଜ୍): କୌଣସି ବ୍ୟକ୍ତି ଖାଦ୍ୟସୁରକ୍ଷାରୁ ବଞ୍ଚିତ ହୋଇ ଅନାହାରରେ ମୃତ୍ୟୁବରଣ କରିବେ ନାହିଁ ବୋଲି କେନ୍ଦ୍ର ତଥା ରାଜ୍ୟସରକାର ଡିଣ୍ଡିମ ପିଟୁଥିବାବେଳେ ବାସ୍ତବିକ୍ ଗ୍ରାମାଞ୍ଚଳର ତୃଣମୂଳ ସ୍ତରର ଦୃଶ୍ୟ ଅଲଗା । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଏବେବି ଖାଦ୍ୟସୁରକ୍ଷାରୁ ବଞ୍ଚିତ ହୋଇ ଅନେକ ବୃଦ୍ଧବୃଦ୍ଧା ଅନାହାରରେ ଜୀବନ ବିତାଉଛନ୍ତି । ଯାହାଙ୍କୁ ଭୋଟ ଖଣ୍ଡିଏ ଦେଇ ଜନପ୍ରତିନିଧି ରୂପେ ଭୋଟର ଙ୍କ ସମସ୍ୟା ସମାଧାନ ପାଇଁ ବାଛିଥିଲେ ସେମାନେ ଅନ୍ଧ ଶାସନରେ ଜଳକା । ଏହିଭଳି ଏକ ବିକଳ ଦୃଶ୍ୟ ଦେଖିବାକୁ ମିଳିଛି ବିଜିପୁର ପଞ୍ଚାୟତ ଦୁବପଲ୍ଲି ଗ୍ରାମର ମଧୁସୂଦନ ପଣ୍ଡା ଙ୍କ କ୍ଷେତ୍ରରେ । ତାଙ୍କର ଜମିବାଡ଼ି ଚାଖଣ୍ଡେ ନ ଥିବାବେଳେ ବିପିଏଲ ହିତାଧିକାରୀ ହୋଇ ରେସନ ସାମଗ୍ରୀ ପାଇ ଆସୁଥିଲେ, କିନ୍ତୁ ଗତ ୫ ବର୍ଷ ହେଲା ବ୍ଲକପ୍ରଶାସନ ତାଙ୍କର ରେଶନ ସାମଗ୍ରୀ ପ୍ରଦାନ କୁ ହଠାତ୍ ବନ୍ଦ କରିଦେଇଛନ୍ତି । ଏହାର କାରଣ ବୁଝିବା ପାଇଁ ବ୍ଲକ ଠାରୁ ଜିଲ୍ଲା ପ୍ରଶାସନ(ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି) ପର୍ଯ୍ୟନ୍ତ ଘୁରି ବୁଲିଲେ ମଧ ସଠିକ୍ ଉତ୍ତର ପାଇଲେ ନାହିଁ । ପୁଣିଥରେ, ନୂଆ ଆବେଦନ କରିବାକୁ ବ୍ଲକ ଯୋଗାଣ ବିଭାଗ ତରଫରୁ ଉତ୍ତର ଆସିଥିଲେ ମଧ ତାଙ୍କର ଆବେଦନପତ୍ର ଫାଇଲ୍ ତଳେ ଚାପି ହୋଇ ରହିଯାଇଛି । ଫଳରେ, ବର୍ତ୍ତମାନ ସେ ଭୋକ ଉପାସରେ ଦିନ କାଟୁଥିବା ବେଳେ ତାଙ୍କୁ ବ୍ଲକ ପ୍ରଶାସନ ତୁରନ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ଚାଉଳ ଯୋଗେଇ ଦେବାପାଇଁ କୋହଭରା ସ୍ୱରରେ ନିବେଦନ କରିଛନ୍ତି ।

# ଶାଳପତ୍ରକୁ ବହୁଳମାତ୍ରାରେ ବ୍ୟବହାରକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା, (ଭାସ୍କର ନ୍ୟୁଜ୍):ମୟୁରଭଞ୍ଜ ଜିଲ୍ଲାରେ ପ୍ରଚୁର ପରିମାଣରେ ଉପଲବ୍ଧ ଥିବା ଔଷଧୀୟ ଶାଳପତ୍ର ଦ୍ୱାରା ପ୍ରସ୍ତୁତ ଖଲି, ଦୋନା ଓ ଅନ୍ୟାନ୍ୟ ସାମଗ୍ରୀର ବ୍ୟାପକ ଭାବରେ ବ୍ୟବହାର କରିବାକୁ ଉତ୍ସାହିତ କରିବାକୁ ଭଞ୍ଜସେନା ସଂଗଠନ ପକ୍ଷରୁ ଏକ ଦାବିପତ୍ର ମୟୁରଭଞ୍ଜ ଜିଲ୍ଲାପାଳଙ୍କ ନାମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ରରେ ଭଞ୍ଜସେନାର ପକ୍ଷରୁ ଜଣାଇ ଦିଆଯାଇଛି ଯେ ମୟୁରଭଞ୍ଜର ସମସ୍ତ ଛୋଟ ବଡ଼ ହୋଟେଲ, ରିସର୍ଟ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ପ୍ଲାଷ୍ଟିକ ଓ ଥର୍ମୋକୋଲର ବ୍ୟବହାରକୁ ପରିବର୍ତ୍ତିତ କରାଯାଇ ଶାଳପତ୍ର ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବ୍ୟବହାର ନିମନ୍ତେ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ରହିଛି । ଏହି କାର୍ଯ୍ୟ ମାଧ୍ୟମରେ ପର୍ଯ୍ୟାପ୍ତ ଭାବରେ ଜଳ ଓ ମାଟି ପ୍ରଦୂଷଣ ରୋକିବା ଏବଂ ସ୍ଥାନୀୟ ଜନତାଙ୍କ ଜୀବିକା ଉପାୟ କୁ ଉନ୍ନତ କରାଯାଇ ପାରିବା ସହିତ ଜନଜୀବନକୁ ରୋଗମୁକ୍ତ ରଖି ସୁସ୍ଥ ସମାଜର ପରିକଳ୍ପନା ନିଶ୍ଚିତ ସମ୍ଭବ ହୋଇପାରିବ । ଏତଦ୍ ଭିନ୍ନ ସଂଗଠନ ପକ୍ଷରୁ ଏହି ଦାବିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଛୋଟ ବଡ଼ ହୋଟେଲ ଓ ରିସର୍ଟ ମାଲିକମାନଙ୍କୁ ଲିଖିତ ଅନୁରୋଧ କରିବା ସହିତ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ସଚେତନତା ସୂଚନା ମଧ ଲଗାଯିବ ଭଞ୍ଜସେନା ପକ୍ଷରୁ । ଏହି ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନର ଅଧକ୍ଷ ସଞ୍ଜୀବ ରାଉତ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଏବଂ ଆବାହକ ରାକେଶ ବେହେରା ଉପସ୍ଥିତ ଥିଲେ ।ଉପର ବର୍ଣ୍ଣିତ ସମସ୍ତ ତଥ୍ୟ ଉକ୍ତ ସଙ୍ଗଠନର ମୁଖପାତ୍ର ମାନସ ବେହେରାଙ୍କ ନିକଟରୁ ପ୍ରାପ୍ତ ସୂଚନା ଆଧାରରେ ପ୍ରକାଶିତ । ଉକ୍ତ ଦାବିପତ୍ରର ଏକକିତା ପ୍ରତିଲିପି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

# ଏକ ରାଷ୍ଟ୍ର ଏକ ନିର୍ବାଚନ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର




ଛତ୍ରପୁର, (ଭାସ୍କର ନ୍ୟୁଜ୍): ଏକ ରାଷ୍ଟ୍ର ଏକ ନିର୍ବାଚନ ଶୀର୍ଷକକୁ ନେଇ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡ. ଅଜୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅର୍ଗସ ନିୟୁଜ ମୁଖ୍ୟ ସମ୍ପାଦକ ସଞ୍ଜୟ କୁମାର ଯୋଗଦେଇ ସାମ୍ପ୍ରତିକ ସମୟରେ ଏକ ରାଷ୍ଟ୍ର ଏକ ନର୍ବାଚନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିରେ । ମୁଖ୍ୟବକ୍ତା ଭାବରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରମୋଦ କୁମାର ତ୍ରିପାଠୀ ଏବଂ ରାଜା ମର୍ଦ୍ଦରାଜ ଦେବ ମହାବିଦ୍ୟାଳୟ ଅଧକ୍ଷ ଡ. ପ୍ରଶାନ୍ତ କୁମାର ରାଉତ, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ରାଜନୀତି ବିଭାଗର ପ୍ରଧାପକ ଡ. ସଞ୍ଜୟ କୁମାର ଓ ଡ.ଅମର ପ୍ରସାଦ ବିଶୋଇ ପ୍ରମୁଖ ଯୋଗଦେଇ ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ୱାନ ନେସନ ୱାନ ଇଲେକ୍ସନର ତାତ୍ତ୍ୱିକ ଏବଂ ରାଜନୈତିକ ସାମାଜିକ ଦିଗ ବିଷୟରେ ଆଲୋଚନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସବିଶେଷ ବିଷୟରେ ଆଲୋଚନା କରିଥିଲେ ।

# ଜାତୀୟ ଜିମ୍ନାଷ୍ଟିକ୍‌ରେ ପୁରୀ ଜିଲ୍ଲା ସ୍କୁଲ୍‌ର ସଫଳତା




ପୁରୀ, (ଭାସ୍କର ନ୍ୟୁଜ୍): ଡିସେମ୍ବର ୨୫ ରୁ ୨୮ ମଧ୍ୟରେ ଗୁଜରାଟ ରାଜ୍ୟର ସୁରତଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରେ ଓଡିଶା ଦଳ ଭାଗ ନେଇ ଚମ୍ପିୟାନ ହେଇଛି । ଓଡ଼ିଶା ଦଳରେ ପୁରୀ ଜିଲ୍ଲାସ୍କୁଲ୍‌ରୁ ୬ଜଣ ଖେଳାଳୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ସିନିଅର ବିଭାଗରୁ ପ୍ରୀତି ରେଡ୍ଡୀ ଅନିଭିନ୍ ବାର୍‌ରେ ଭାଗ ନେଇ ଫାଇନାଲରେ ପ୍ରବେଶ କରିବା ସହ ଦଳଗତ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ଜୁନିଅର ବିଭାଗରେ ପୁରୀ ଜିଲ୍ଲାସ୍କୁଲ୍‌ରୁ ଅକସରା ବେହୁରା ଓ ଦନଲକ୍ଷ୍ମୀ ରାଓ ଅଂଶଗ୍ରହଣ କରି ଦଳଗତ ସ୍ୱର୍ଣ୍ଣପଦକ ଲାଭ କରିବା ସହ ବ୍ୟକ୍ତିଗତ ରୂପେ ଦନଲକ୍ଷ୍ମୀ ରୌପ ପଦକ ପ୍ରାପ୍ତ କରିବାରେ ସମର୍ଥ ହୋଇଛନ୍ତି । ସବ୍ ଜୁନିଅର ବିଭାଗରେ ଭୂମିକା ରେଡ୍ଡୀ, ଖୁସି ରେଡ୍ଡୀ ଓ ଐଶ୍ୱର୍ଯ୍ୟା ଭଟ୍ଟାଚାର୍ଯ୍ୟ ଅଂଶଗ୍ରହଣ କରିଥିବା ବେଳେ ଭୂମିକା ରେଡ୍ଡୀ ବିମ୍ ଓ ଫ୍ଲୋର ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରି ପୁରୀ ଜିଲ୍ଲା ଓ ରାଜ୍ୟକୁ ଗୌରବାନ୍ୱିତ କରିପାରିଛନ୍ତି । ପୁରୀ ଜିଲ୍ଲାସ୍କୁଲ୍‌ର ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ରଙ୍କ ସହଯୋଗ ଓ ଶାରୀରିକ ଶିକ୍ଷା ଶିକ୍ଷକ ତଥା ଜିମ୍ନାଷ୍ଟିକ୍ ପ୍ରଶିକ୍ଷକ ରଞ୍ଜନ ରେଡ୍ଡୀଙ୍କ ଉଚ୍ଚ କୋଟିର ପ୍ରଶିକ୍ଷଣ ଓ ଅବଦାନ ଯୋଗୁଁ ଏହା ସମ୍ଭବପର ହୋଇପାରିଛି । ସୋମବାର ଖେଳାଳିମାନେ ପୁରୀରେ ପହଞ୍ଚିବା ପରେ ଷ୍ଟେସନ ଠାରେ ଓ ଜିଲ୍ଲା ସ୍କୁଲ୍ ପରିସର ମଧ୍ୟରେ ପ୍ରଧାନ ଶିକ୍ଷକ ଜ୍ୟୋତିର୍ମୟୀ ମିଶ୍ର, ବିଦ୍ୟାଧର ମିଶ୍ର, ଅରୁଣ କୁମାର ଭଟ୍ଟାଚାର୍ଯ୍ୟ, ଗୋପାଳ ଚନ୍ଦ୍ର ପରିଡ଼ା ଶିକ୍ଷକ, ସତ୍ୟବ୍ରତ ଷଡ଼ଙ୍ଗୀ, ମଧୁସୂଦନ ରାୟ, ବିଷ୍ଣୁ ଶ୍ରେଷ୍ଠ, ଜଗବନ୍ଧୁ ସାହୁ, ଜିତେନ୍ଦ୍ର ବେହେରା, ଶେଫାଳୀ ପତି, ଗାୟତ୍ରୀ ସେଠୀ, ଲକ୍ଷ୍ମଣ ସିଂଙ୍କୁ, ଦେବଦତ୍ତ ମିଶ୍ର, ଗୌତମ ନାୟକ ଓ ଦୀପକ ଗୋୟଲ ଆଦି ବିଭିନ୍ନ କ୍ରୀଡ଼ା ପ୍ରଶିକ୍ଷକ ତଥା ୩୦୦ ରୁ ଉର୍ଦ୍ଧ୍ୱ ଖେଳାଳିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଓ ପୁଷ୍ପମାଳ ପ୍ରଦାନ ପୂର୍ବକ ସେମାନଙ୍କୁ ଭବ୍ୟ ସ୍ୱାଗତ କରା ଯାଇଥିଲା । ଏତଦ୍ ବ୍ୟତୀତ କ୍ରୀଡ଼ା କ୍ଷେତ୍ରରେ ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିଥିବା ଏହି ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ଜିମ୍ନାଷ୍ଟିକ୍ ଆସୋସିଏସନ୍ ସମ୍ପାଦକ ଅଶୋକ କୁମାର ସାହୁ, ପୁରୀ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପୁରୀ ଜିଲ୍ଲା ସ୍କୁଲ୍ ଆଲୁମିନି ଆସୋସିଏସନ୍‌ର ସଭାପତି ରାଜକିଶୋର ପାତ୍ର, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍‌ର କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ ଓ ଜିଲ୍ଲା ସ୍କୁଲ୍ ପରିଚାଳନା କମିଟିର ସଭାପତି ସୁଧାଂଶୁ ଶେଖର ରାୟ ପ୍ରଭୃତି ମାନ୍ୟଗଣ୍ୟ ବରେଣ୍ୟ ବ୍ୟକ୍ତିତ୍ୱ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ।

# ଆଦର୍ଶକ୍ରୀଡା ଶିକ୍ଷକଙ୍କ ବିୟୋଗରେ ସଭା



ବାରିପଦା, (ଭାସ୍କର ନ୍ୟୁଜ୍): ଶ୍ୟାମାଖୁଣ୍ଟା ବ୍ଲକ ସ୍ଥିତ ଲାଲମୋହନ ପତି ସରକାରୀ ଉଚ୍ଚ ବିଦ୍ୟାଳୟ, ଧନପୁରର ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଉପେନ୍ଦ୍ରନାଥ ମହାନ୍ତଙ୍କ ପରଲୋକ ଯୋଗୁଁ ତାଙ୍କ ଏକାଦଶାହ କର୍ମ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ମୟୂରଭଞ୍ଜ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ଓ କୁଡୁମାଲୀ ସାଂସ୍କୃତିକ ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସେ ଜଣେ ଆଦର୍ଶ, ପରପୋକାରୀ, ମିଷ୍ଟଭାଷୀ, ସମୟାନୁବର୍ତ୍ତୀ କ୍ରୀଡା ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ କ୍ଷ ସେ ୧୯୮୨ ମସିହାରେ ସରକାରୀ ଚାକିରୀ ଆରମ୍ଭ କରି ୨୦୧୭ ମସିହାରେ ଅବସର ଗ୍ରହଣ କରିଥିଲେ । ୬୭ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ବିୟୋଗ ଏ ଅଞ୍ଚଳରେ ଏକ ଅପୂରଣୀୟ କ୍ଷତି ବୋଲି ମତପ୍ରକାଶ ସମସ୍ତେ କରିଥିଲେ । ଏହି ସଭାରେ କୁଡୁମାଲୀ ସାଂସ୍କୃତିକ ପରିଷଦର ସଭାପତି ଡ. ଭକ୍ତହରି ମହାନ୍ତ ଓ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଶିକ୍ଷାବିତ ମୋହନ ଚରଣ ମହାନ୍ତ, କିଶୋର କୁମାର ମହାନ୍ତ, ଅଶ୍ୱିନୀ କୁମାର ମହାନ୍ତ, ଶିକ୍ଷକ ଦୀପକ ରାମ, ସନ୍ତୋଷ କୁମାର ମହାନ୍ତ, ସନ୍ତୋଷ କୁମାର ବାରିକ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗୋବିନ୍ଦ ଚନ୍ଦ୍ର ମହାନ୍ତ, ଶାନ୍ତନୁ କୁମାର ମହାନ୍ତ, କମଳାକାନ୍ତ ମହାନ୍ତ, ରଜନୀ କାନ୍ତ ମହାନ୍ତ, ସଭାକର ମହାନ୍ତ ଆଦି ଅତିଥିବୃନ୍ଦ ଯୋଗଦେଇ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ସ୍ମୃତି ଚାରଣ ଓ ଏକ ଶ୍ରଦ୍ଧାଞ୍ଜଳି ପତ୍ର ପ୍ରଦାନ କରିଥିଲେ ।

# ଭରସା ପରିବାର ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ହରିଚନ୍ଦନପୁର ବ୍ଲକର ବିଭିନ୍ନ ଅଞ୍ଚଳରେ କମ୍ବଳ ନଥିବା ୩୦ ଜଣ ଅସହାୟ ବୃଦ୍ଧାଙ୍କୁ ଥଣ୍ଡା ଦାଉରୁ ମୁକ୍ତ କରିବା ପାଇଁ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ କମ୍ବଳ ପ୍ରଦାନ କରାଯାଇଛି । ସଙ୍ଗଠନର ସଂଯୋଜକ ଶୁନ୍ୟରଞ୍ଜନ ଘଣାଙ୍କ ପାଖରୁ ସୂଚନା ପାଇ ପ୍ରତିଷ୍ଠାତା ଲମ୍ବୋଦର ମହାନ୍ତଙ୍କ ନେତୃତ୍ୱରେ ସକ୍ରିୟ କର୍ମକର୍ତ୍ତା ମନରଞ୍ଜନ ସାହୁ, ରମେଶ ମହାନ୍ତ, ଶୁନ୍ୟରଞ୍ଜନ ଘଣା ଶୁକଦେବ ବାରିକ ପ୍ରମୁଖ ବୁଲି ବୁଲି ବକ୍ସିବାରିଗାଁ, ନିତ୍ୟାନନ୍ଦପୁର, କୁଣ୍ଡେଇ, ନୁଦୁରୁପଡା ଅଞ୍ଚଳରେ କମ୍ବଳ ବଣ୍ଟନ କରାଯାଇ ଥିଲା । କୁଣ୍ଡେଇ ଗ୍ରାମର କଟେ ମାଝୀ ନାମକ ଅନାଥ ବୃଦ୍ଧଙ୍କ ଦୀର୍ଘ ୨ବର୍ଷ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବା ସତ୍ତ୍ୱେ ଅସମ୍ପୂର୍ଣ୍ଣ ଘରେ ବିପଦସଂକୁଳ ଅବସ୍ଥାରେ ରହୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସଙ୍ଗଠନ ତଥା ଗ୍ରାମବାସୀ ଦାବୀ କରିଛନ୍ତି ।

### ଭବାନୀପାଟଣା ଧନୁଯାତ୍ରା ମହୋତ୍ସବ

## ଚାଲିଛି କଂସ ମହାରାଜାଙ୍କ ରାଜୁତି



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କେବଳ ବରଗଡରେ ନୁହେଁ, ବିଭିନ୍ନ ଜିଲ୍ଲାର ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଧନୁଯାତ୍ରା ପାଳନ ଓ କଂସ ମହାରାଜାଙ୍କ ଶାସନ କେତେ ଦିନ ଧରି ଚାଲେ। ଏହାକୁ ଦର୍ଶକମାନେ ମଧ୍ୟ ମନଭରି ଉପଭୋଗ କରିଥାଆନ୍ତି। ମାତ୍ର ବରଗଡର ଧନୁଯାତ୍ରା ଭଳି କୌଣସି ଜାଗାର ଧନୁଯାତ୍ରା ଏତେ ଲୋକପ୍ରିୟ ବା ବିଶ୍ୱ ପ୍ରସିଦ୍ଧ ହୋଇ ପାରିନାହିଁ। ତଥାପି ସବୁ ଲୋକଙ୍କ ପକ୍ଷରେ ବନ୍ଧୁ ପରିବାର ନେଇ ବରଗଡ ଧନୁଯାତ୍ରା ଦେଖିବା ସମ୍ଭବ ହୋଇପାରେ ନାହିଁ। ତାହାକୁ ଆଖି ଆଗରେ ରଖି ବୋଧହୁଏ ବିଭିନ୍ନ ସ୍ଥାନରେ ଧନୁଯାତ୍ରା ପାଳିତ ହୋଇଥାଏ। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ସେଁପୁର ଦୁର୍ଗାମଣ୍ଡପ ପଡିଆରେ ଠାରେ ଗତ ୯ ବର୍ଷ ଧରି ଧନୁଯାତ୍ରା ମହୋତ୍ସବ ପାଳିତ ହୋଇ ଆସୁଅଛି। ୟୁଥ ମାସ୍ ସେଁପୁର ଏବଂ ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘ ୯ ବର୍ଷ ହେଲା ଆୟୋଜିତ ହୋଇ ଆସୁଥିବା ଏହି ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ଲକ୍ଷାଧିକ ଦର୍ଶକ ଏହାର ମଜା ନେଇଥାଆନ୍ତି। ଚଳିତବର୍ଷ ମଧ୍ୟ ଏହି ଲୋକପ୍ରିୟ ଧନୁଯାତ୍ରା ୨୬ ତାରିଖ ଠାରୁ ଆରମ୍ଭ ହୋଇଛି ଓ ଏହା ଆସନ୍ତା ଜାନୁୟାରୀ ଦୁଇ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ୟୁଥ୍ ମାସ୍ ସେଁପୁର ପକ୍ଷରୁ ଜଣା ପଡିଛି। ଏବର୍ଷ କଂସ ଭୂମିକାରେ ବରଗଡସ୍ଥିତ ଚିଚିଣ୍ଡାର ଝସକେତନ ପ୍ରଧାନଙ୍କ ଅଭିନୟ ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିବା ବେଳେ ମୀନାବଜାର ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ବେଶ ଉତ୍ସବମୁଖର ହୋଇଉଠିଛି ଏହି ଅଂଚଳ। ଯାତ୍ରା କମିଟିରସଭାପତି ମାନ ଗୋବିନ୍ଦ ମାଝୀ, ଉପ ସଭାପତି ସୁଶାନ୍ତ ମାଝୀ, ସମ୍ପାଦକ ଭାଗ୍ୟବାନ ସାହୁ(କାହ୍ନା)ଏବଂ ଅନ୍ୟ ସହଯୋଗୀ ଗ୍ରାମବାସୀ ପ୍ରମୁଖ ପରିଚାଳନାରେ ସହଯୋଗ କରୁଥିବା ଜଣା ପଡିଛି। ଆସନ୍ତା ଜାନୁଆରୀ ଦୁଇ ତାରିଖ ଦିନ ଏହି ମହୋତ୍ସବ ଉଦ୍ଯାପିତ ହେବ।

## ସିଟିଜେନ ଫୋରମ୍‌ର ବୈଠକ

କୋକସରା,(ଭାସ୍କର ନ୍ୟୁଜ୍) କୋକସରା ବ୍ଲକ ସିନିୟର ସିଟିଜନ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଦାବି ଗୁଡ଼ିକ ମଧ୍ୟରେ ଲଘୁଚାପଜନିତ ବର୍ଷା ଯୋଗୁଁ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବା, କେନାଲ ଯୋଗେ ପାଣି ଯୋଗାଣ, ବ୍ଲକ ସଦର ମହକୁମା ଠାରେ ସବ୍ ଟ୍ରେଜରି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ, ଗୋଚର ଜମି ଚିହ୍ନଟ କରିବା ଆଦି ଦାବି ଗୁଡ଼ିକ ଉପରେ ପ୍ରସ୍ତାବ ଆଗତ ହୋଇଥିଲା। ବୈଠକରେ ମୀନକେତନ ପ୍ରଧାନ୍, ଧନେଶ୍ୱର ପଣ୍ଡା, ଶ୍ରୀନିବାସ ପ୍ରଧନୀ, କେଶବ ଚନ୍ଦ୍ର ନାଏକଙ୍କ ସହ ଅନେକ ସଭ୍ୟ ଉପସ୍ଥିତ ଥିଲେ।

## ନୂଆ ଅନୁଭୂତି, ନୂଆ ପରମ୍ପରା ସୃଷ୍ଟି କରୁଛି ଧନୁଯାତ୍ରା




ଧର୍ମଗଡ, (ଭାସ୍କର ନ୍ୟୁଜ): ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଏ। ସେଥିମଧ୍ୟରୁ ଦୁର୍ଗାପୂଜା, ଦଶହରା, ନୂଆଁଖାଇ ଇତ୍ୟାଦି ପର୍ବ ଭାବେ ପାଳନ କରାଯାଏ। ଦଶହରା, ନୂଆଁଖାଇ ଆଦିକାଳରୁ ପାରମ୍ପରିକ ଭାବେ ଗ୍ରହଣ କରାଯାଇଥିବା ବେଳେ ଦୁର୍ଗା ପୂଜା ଗତ ୫୦-୬୦ବର୍ଷ ତଳୁ ଅଞ୍ଚଳରେ ଆରମ୍ଭ ହୋଇଥିବା କୁହାଯାଏ। ବର୍ତ୍ତମାନ ଦଣ୍ଡପାଟ ଅଞ୍ଚଳରେ ଧନୁଯାତ୍ରା ଏକ ଭିନ୍ନ ମୋଡ଼ ନେଇଛି। ଗତ ୨୦୧୭ ମସିହାରେ ପ୍ରଥମ ଥର ବେହେରା ଠାରେ ଦଣ୍ଡପାଟ ଧନୁଯାତ୍ରା ଆରମ୍ଭ ହୋଇଥିଲା। ଚଳିତବର୍ଷରେ ୭ମ ଧନୁଯାତ୍ରା ଉତ୍ସବ ଆରମ୍ଭ ହୋଇଥିବା ବେଳେ ଦଣ୍ଡପାଟ ଅଞ୍ଚଳରେ ଏହି ଯାତ୍ରା ଏକ ପ୍ରକାର ନୂତନ ପରମ୍ପରା ସୃଷ୍ଟି କରୁଥିବା କୁହାଯାଉଛି। ତେବେ ବେହେରା ଗ୍ରାମର ଯୁବପିଢ଼ିଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଧନୁଯାତ୍ରା ଏବେ ଲୋକମୁଖୀ ଭାବେ ଛିଡ଼ା ହୋଇପାରିଛି। ୭ଦିନ ଧରି ଚାଲିଥିବା ଧନୁଯାତ୍ରା ଉତ୍ସବ ଉକ୍ତ ଅଞ୍ଚଳ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି। ସାଧାରଣତଃ ପଶ୍ଚିମ ଓଡିଶା ବରଗଡ଼ ଠାରେ ଧନୁଯାତ୍ରା ଅନୁଷ୍ଠିତ ହୋଇ ବିଶ୍ୱ ଦରବାରରେ ପ୍ରସିଦ୍ଧ ଲାଭ କରିପାରିଛି। ବର୍ତ୍ତମାନ ବେହେରା ଧନୁଯାତ୍ରା ଧୀରେ ଧୀରେ ପ୍ରଗତି ହୋଇ କଳାହାଣ୍ଡି ଓ ବାହାର ଜିଲ୍ଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସହାୟତା ହୋଇ ପାରିଛି। ୭ଦିନ ଧରି ଚାଲିଥିବା ଧନୁଯାତ୍ରା ଅଞ୍ଚଳ ପାଇଁ ଉତ୍ସବ ମୁଖର ଦେଖାଦେଇଛି। ଗତ ଶନିବାର ଦିନ ଠାରୁ ଆରମ୍ଭ ହୋଇଥିବା ଧନୁଯାତ୍ରାରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ମାନଙ୍କ ଯାଦୁରେ ବିଭୋର ହୋଇ ପଡିଛନ୍ତି ଦର୍ଶକ। ଆଉ ମାତ୍ର ୪ଦିନ ପରେ ଧନୁଯାତ୍ରା ଉଦ୍ଯାପିତ ହେବ। କୃଷ୍ଣ ବଳରାମ-କଂସଙ୍କୁ ବିନାଶ କରିବା ପରେ କାହାଣୀର ପରିସମାପ୍ତି ଘଟିବ। ଏହାରି ଭିତରେ ଧନୁଯାତ୍ରା ଉପରେ ଅନେକ ବୁଦ୍ଧିଜୀବୀ ମାନ୍ୟଗଣ୍ୟ ବ୍ୟକ୍ତି ଆମ ଓଡିଶା ଭାସ୍କର ନ୍ୟୁଜକୁ କହିଛନ୍ତି, ବିନ୍ଦୁସର ବିଶି (ଧନୁଯାତ୍ରା କମିଟି ସଭାପତି) ସମସ୍ତଙ୍କ ସହଯୋଗ ଆଉ ସହାନୁଭୂତିରେ ଦଣ୍ଡପାଟ ଭଳି ଅଞ୍ଚଳରେ ଏଭଳି ଏକ ପ୍ରୟାସ ଜାରି ରଖିଛୁ। କେବେଳ ଧନୁଯାତ୍ରା ଉତ୍ସବ ମନୋରଞ୍ଜନ ନ ହୋଇ ଲୋକଙ୍କ ଭିତରେ ଏକ ଏକତା, ସ୍ନେହ ଶ୍ରଦ୍ଧା ଜାଗ୍ରତ କରିବାରେ ସହାୟତା ହୋଇପାରିଛି। ବଟରାଜ-(ବ୍ୟବସାୟୀ) ଧନୁଯାତ୍ରା ଉତ୍ସବ କହିବାକୁ ଗଲେ ଆମ ପାଇଁ ଦ୍ୱି ପଇସା ଲାଭ କରିବାର ମାଧ୍ୟମ। ଲୋକଙ୍କ ସହ ସମ୍ପର୍କ ସ୍ଥାପନ ଆଉ ମନୋରଞ୍ଜନର ଏକ ନିଆରା ଅନୁଭୂତି ସୃଷ୍ଟି କରି ପାରିଛି। ସନ୍ଧ୍ୟା ସେନାପତି(ଦର୍ଶକ)- ଦଣ୍ଡପାଟ ଧନୁଯାତ୍ରା ଏକ ପ୍ରକାର ମନୋରଞ୍ଜନର ଖୁରାଗ ଯୋଗାଇବା ସମେତ ଏକ ଭାଇଚାର, ସ୍ନେହ ଆଦର୍ଶର ଏକ ପ୍ରେରଣା ଯୋଗାଇ ପାରିଛି। ଧର୍ମାନନ୍ଦ (ବୁଦ୍ଧିଜୀବୀ)ଏକ ନୂତନ ପାରମ୍ପରିକ ଅଞ୍ଚଳ ପାଇଁ ସୃଷ୍ଟି ହେଇଛି। ଅଞ୍ଚଳ ଦଣ୍ଡପାଟ ଧନୁଯାତ୍ରା ଉତ୍ସବ ପାଇଁ ଧୀରେ ଧୀରେ ସ୍ୱତନ୍ତ୍ର ପରିଚୟ ଦିଗକୁ ଯାଉଛି।

## ପୋଲିସ ଗାଡ଼ିକୁ ଧକ୍କା ଦେଲା ଟ୍ରକ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ବୋର୍ଡା ଫାଣ୍ଡି ସାପସିଲେଟ ନିକଟରେ ପୋଲିସ ଗାଡିକୁ ଏକ ଛତିଶଗଡ ଟ୍ରକ ଧକ୍କା ଦେଇଥିବା ଜଣାପଡିଛି। ଫଳରେ ପୋଲିସ ଗାଡ଼ିରେ ବସିଥିବା ବୋର୍ଡା ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ସମେତ ୪ ଜଣ କନଷ୍ଟେବଲ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଦୁର୍ଘଟଣାରେ ସେମାନେ ଆହତ ହୋଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ଧକ୍କା ଦେଇଥିବା ଛତିଶଗଡ଼ ଟ୍ରକ ନଂ(ସିଜି ୨୨ଜେ -୮୧୦୨) ହୋଇଥିବାବେଳେ ପୋଲିସ ଗାଡି ଜିପ ର ନଂ(ଓଆର୦୫ ଏକେ-୬୭୩୭) ବୋଲି ଜଣାପଡିଛି।

## ସ୍ଥାୟୀ ପଟ୍ଟା ଦାବିରେ ତହସିଲ ସମ୍ମୁଖରେ ଧାରଣା

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରେଗଡ଼ା କଲୋନୀ ପଡ଼ାବାସୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ସୂଚନା ମତେ ରେଗଡ଼ା କଲୋନୀ ପଡ଼ାବାସୀ କଲୋନୀ ପଡ଼ାରେ ବସବାସ କରିବାର ୪୪ବର୍ଷ




ବିତିଯାଇଥିଲେ ମଧ୍ୟ ଏମାନେ ସ୍ଥାୟୀ ପଟ୍ଟା ପାଇ ପାରୁ ନ ଥିବାରୁ ଧାରଣାରେ ବସିଥିବା କଲୋନୀ ପଡ଼ାବାସୀ କହିଛନ୍ତି। ତେବେ ଏଯାବତ ପଡ଼ାବାସୀଙ୍କ ଦାବି ଶୁଣିବାପାଇଁ ପ୍ରଶାସନ ଧାରଣାସ୍ଥଳରେ ପହଞ୍ଚି ନ ଥିବା ଜଣାପଡ଼ିଛି।

## ଡିଜିଟାଲ ମିଡ଼ିଆ ସଂଗଠନର ତୃତୀୟ ବାର୍ଷିକ ଉତ୍ସବ

ଜୁନାଗଡ଼, (ଭାସ୍କର ନ୍ୟୁଜ ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସଂସ୍କୃତି ଭବନ ତଥା ଟାଉନ ହଲ ଠାରେ ଓଡିଶା ଡିଜିଟାଲ ମିଡିଆ ସଂଗଠନ ଦ୍ୱାରା ଅନୁବନ୍ଧିତ କଳାହାଣ୍ଡି ଡିଜିଟାଲ ମିଡିଆ ସଂଗଠନର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକର୍ମରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡର ବିଧାୟକ ସୁଧୀର ପାଟଯୋଶୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ସତ୍ୟନାରାୟଣ ମୁଣ୍ଡଛିନା ଅଧକ୍ଷ ମାଣିକେଶ୍ୱରୀ ମହାବିଦ୍ୟାଳୟ ଥୁଆମୂଳ ରାମପୁରର ଯୋଗଦାନ କରିଥିଲେ ।




କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସିଂ ସଭା ପରିଚାଳନା କରିଥିବା ବେଳେ କଳାହାଣ୍ଡି ଡିଜିଟାଲ ମିଡିଆ ଆସୋସିଏସନର ସଭାପତି ରାଜେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ସମ୍ପାଦକ ରବି ଶଙ୍କର ସୁନାନୀ ମଞ୍ଚାସିନ ଥିଲେ । ଏହି ବାର୍ଷିକ ଉତ୍ସବରେ ଜୁନାଗଡ଼ର କଳା ବିକାଶ କେନ୍ଦ୍ରର କଳାକାର ମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ। ବିଧାୟକ କଳାବିକାଶ କେନ୍ଦ୍ରର ସମ୍ପାଦକ ମାନସ ରଞ୍ଜନ ସେଠୀଙ୍କୁ ମାନପତ୍ର ସହିତ ସମ୍ମାନିତ କରିଥିଲେ ଏବଂ ଜୁନାଗଡର ବିଶିଷ୍ଟ ସମାଜ ସେବୀ ଶ୍ରୀଯୁକ୍ତ ଦୁର୍ଗା ପ୍ରସାଦ ନାଏକଙ୍କୁ ମଧ୍ୟ ମାନପତ୍ର ସହିତ ଧର୍ମଗଡ ବିଧାୟକ ଶ୍ରୀଯୁକ୍ତ ପାଟଯୋଷି ସମ୍ମାନିତ କରିଥିଲେ । ପରେ ଏ ବର୍ଷର ସଫଳ ମହିଳା ଚାଷୀ ଭାବରେ ଜୁନାଗଡ଼ର ପୁଷ୍ପାଞ୍ଜଳି ପୂଜାରୀଙ୍କୁ ଏବଂ ଜୟପାଟଣାର ପ୍ରାଣ ରଞ୍ଜନ ନାୟକଙ୍କୁ ସଫଳ ଚାଷୀ ଭାବରେ ବିଧାୟକ ସମ୍ମାନିତ କରିଥିଲେ। ଶେଷରେ କଳାହାଣ୍ଡି ଡିଜିଟାଲ ମିଡିଆ ସଂଗଠନର ସମ୍ପାଦକ ରବି ଶଙ୍କର ସୁନାନି ମଂଚାସୀନ ଅତିଥି, ସମସ୍ତ ଗଣମାଧ୍ୟମ ବନ୍ଧୁ ଏବଂ ଉପସ୍ଥିତ ସମସ୍ତ ଗଣ୍ୟମାନ ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଜଣାଇ ସଭା ସମାପ୍ତ କରିଥିଲେ ।

## ଚେସ୍ ଏକାଡେମୀ ଉଦ୍‌ଘାଟିତ






ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଭବାନୀପାଟଣା ସହରର ତାରିଣୀ ମନ୍ଦିରପଡା ଠାରେ ଥିବା ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ୨୯ ତାରିଖ ରବିବାର ଦିନ କଳାହାଣ୍ଡି ଚେସ୍ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଅଛି। ଏହି ଉଦ୍‌ଘାଟନୀ ଉତ୍ସବ ଉପଲକ୍ଷେ ଆୟୋଜିତ ସଭାରେ କଳାହାଣ୍ଡି ଚେସ୍ ଏକାଡେମୀର ଅଧ୍ୟକ୍ଷ ତଥା ଏହାର ପ୍ରତିଷ୍ଠାତା ଡ. ଶିବରାମ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଚେସ୍ ଆର୍‌ବିଟର୍ ଦେବେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡି, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, କ୍ରୀଡାବିତ୍ ଦେବେନ୍ଦ୍ର ରାଉତ ତଥା ଚେସ୍ ପ୍ରଶିକ୍ଷକ ବିଜୟ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଶତାଧିକ ଛୋଟ ଛୋଟ ଚେସ୍ ଖେଳାଳୀ ଭାଗନେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁୟାରୀ ୧୨ ତାରିଖ ଜାତୀୟ ଯୁବ ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ଏହି ଏକାଡେମୀର ଛାତ୍ରଛାତ୍ରୀମାନଙ୍କୁ ପ୍ରତି ସପ୍ତାହର ଶନିବାର ଓ ରବିବାର ଅପରାହ୍ନରେ ଚେସ୍ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି।

## ୯୫ବ୍ୟାଚ ହାଇସ୍କୁଲ ଛାତ୍ରଙ୍କ ବନ୍ଧୁମିଳନ



ନର୍ଲା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ନର୍ଲା ହାଇସ୍କୁଲର ୧୯୯୫ବ୍ୟାଚର ବନ୍ଧୁମିଳନ ସମର କଟାବାଞ୍ଜି ନାଲ ଠାରେ ବିଶିଷ୍ଟ ସାମ୍ବାଦିକ ଦୀପକ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣ ଅନୁକୋଣରୁ ସମସ୍ତ ବନ୍ଧୁ ମାନେ ଯୋଗ ଦେଇ ଥିଲେ। ବହୁଦିନ ବ୍ୟବଧାନ ପରେ ବର୍ଷକୁ ଥରେ ବନ୍ଧୁ ମିଳନ ହୋଇ ଥିବାରୁ ପରିବେଶ ଆନନ୍ଦ ମୟ ହୋଇଯାଇଥିଲା। ଏହି ବନ୍ଧୁ ମିଳନରେ ସମ୍ବଲପୁରର (ଏ.ଏସ୍. ସି. ଓ) ଅଜୟ କୁମାର ଚାନ୍ଦ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ବରିଷ୍ଠ ଶିକ୍ଷକ ଲଳିତ ମାଝୀ, ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମାଝୀ,ସାମ୍ବାଦିକ ନିରଞ୍ଜନ ଗଉଡ଼, ବରିଷ୍ଠ କିରାଣୀ ଖିତିଶ୍ ପୋଢ଼, ବେଦାନ୍ତରେ କାର୍ଯ୍ୟ କରୁଥିବା କର୍ମଚାରି ଦୈତାରି ବାଗ, ଲାଞ୍ଜିଗଡ଼ର ଚାଷୀ ମନୋଜ୍ ବେହେରା ,ପ୍ରିୟବ୍ରତ ଚାନ୍ଦ, ସୁଦାମ ଝାଙ୍କର (ସମିତି ସଭ୍ୟ), ପ୍ରଦୀପ ଚନ୍ଦନ, ଚାଷୀ ଲୋହିତ ଭୋଇ ଓ କୀର୍ତ୍ତି ଭୋଇ ସହ ୨୫ରୁ ଉର୍ଦ୍ଧ ବନ୍ଧୁ ଯୋଗ ଦେଇ ନିଜ ନିଜର ଭାବନା ଆଦାନ ପ୍ରଦାନ କରି ଅତି ସୁରୁଖୁରୁରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ରାଶିଫଳ

ମଙ୍ଗଳବାର, ୩୧ ଡିସେମ୍ବର ୨୦୨୪



**ମେଷ ରାଶି:** କର୍ମକ୍ଷେତ୍ରରେ ଅଧିକାରୀଙ୍କ ସହଯୋଗ ଏବଂ ବିଶ୍ୱାସ ପାଇବେ। ଅପ୍ରତ୍ୟାଶିତ ଖର୍ଚ୍ଚ ହେତୁ ଟେନସନ ହେବେ। ଆଶା କରାଯାଉଥିବା କାର୍ଯ୍ୟରେ ବିଳମ୍ବ ହେବ। ପରିବାର ସହିତ ସ୍ଥାନୀୟ ଧର୍ମସ୍ଥାନକୁ ଯାତ୍ରା କରିବେ। ସାଥୀ ସହିତ ମତଭେଦ ଦୂର ହେବ।



**ବୃଷ ରାଶି:** ଗ୍ରାହକ ବ୍ୟବସାୟରେ ଭଲ ହେବେ। କାର୍ଯ୍ୟ ଆଚରଣ, ସଚ୍ଚୋଟତା କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଠିନ ପରିଶ୍ରମ କରିବା ଲାଭଦାୟକ ହେବ। ଚିନ୍ତା ରହିବ। ଶତ୍ରୁମାନେ ପରାସ୍ତ ହେବେ। ବ୍ୟବସାୟ ଯାତ୍ରା ସଫଳ ହେବ।



**ମିଥୁନ ରାଶି:** ସମ୍ମାନ ପାଇବେ। ବ୍ୟବସାୟରେ ନୂତନ ଚୁକ୍ତିନାମା ହେବ। ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। ବିବାଦ ଠାରୁ ଦୂରେଇ ରୁହନ୍ତୁ। କାର୍ଯ୍ୟରେ ସଫଳତା, ଶତ୍ରୁମାନେ ପରାସ୍ତ ହେବେ। ପେଟ ରୋଗରେ ପୀଡ଼ିତ ହେବାର ସମ୍ଭାବନା।



**କର୍କଟ ରାଶି:** ମନ୍ଦିରରେ ଠାକୁରଙ୍କ ଦର୍ଶନ ସୁଯୋଗ ପାଇବେ। ଯନ୍ତ୍ର ସହିତ ଯାନ ଏବଂ ଯନ୍ତ୍ର ବ୍ୟବହାର କରନ୍ତୁ। ଧନର ସମ୍ଭାବନା। ସାଙ୍ଗମାନଙ୍କୁ ଭେଟିବେ। ଯାତ୍ରା ସଫଳ ହେବ। କାରବାରରେ ସାବଧାନ ରୁହନ୍ତୁ। ଆଇନଗତ ବାଧା ଦୂର ହେବ।



**ସିଂହ ରାଶି:** ସ୍ୱାସ୍ଥ୍ୟ ଭଲ ରହିବ। ପ୍ରେମ ସଂପର୍କରେ ଦୂରେଇ ରୁହନ୍ତୁ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସାବଧାନ ରୁହ। ବିବାଦକୁ ଯାଆନ୍ତୁ ନାହିଁ। ଶତ୍ରୁମାନେ ପରାସ୍ତ ହେବେ। ଉପକୃତ ହେବେ। ଅଜ୍ଞାତ ଭୟ ଆପଣଙ୍କୁ ହନ୍ତସନ୍ତ କରିବ। ଶତ୍ରୁମାନେ ଶାନ୍ତ ରହିବେ।



**କନ୍ୟା ରାଶି:** ଜୀବନ ସାଥୀଙ୍କଠାରୁ ସମର୍ଥନ ପାଇବେ। ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ଆଖି ଯନ୍ତ୍ରଣା ହେବାର ସମ୍ଭାବନା। ଧନ ଲାଭ ହେବ। ଶତ୍ରୁ ଦ୍ୱାରା ଅସୁବିଧାରେ ପଡ଼ିବେ। ଅପମାନିତ ହେବାର ସମ୍ଭାବନା। ଧନ କ୍ଷତି। ଶାରୀରିକ ଯନ୍ତ୍ରଣା ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ।



**ତୁଳା ରାଶି:** ପ୍ରଗତିର ରାସ୍ତା ଖୋଲାଯିବ। କାର୍ଯ୍ୟ ପ୍ରତି ଉଦାସୀନତା ରହିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। କିଛି ଲାଭର ସମ୍ଭାବନା। ଚିନ୍ତା କମ୍ ହେବ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ଜମି ଏବଂ ନିର୍ମାଣ ପାଇଁ ଏକ ଯୋଜନା ପ୍ରସ୍ତୁତ ହେବ।



**ବିଛା ରାଶି:** ପାର୍ଟୀ ଏବଂ ପିକନିକ୍ ଉପଭୋଗ କରାଯିବ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ଶତ୍ରୁ ଉପରେ ବିଜୟ। କୁସଙ୍ଗରୁ କ୍ଷତି। ଜୀବନସାଥି ପାଇବେ। କିଛି ରୋଜଗାର ହେବ। ମାତା ଯନ୍ତ୍ରଣା ଭୋଗିବେ। କାରବାରରେ ସାବଧାନ ରୁହନ୍ତୁ।



**ଧନୁ ରାଶି:** ବୃଥା ବ୍ୟସ୍ତତା ରହିବେ। ଭୟ-ଯନ୍ତ୍ରଣା, ମାନସିକ ଦୁଶ୍ଚିନ୍ତା ସମ୍ଭାବନା। ଲାଭ ଠିକ ରହିବ। ଦୁଃଖଦ ଖବର ମିଳିପାରେ। କ୍ଷତି ଏବଂ ଭୟର ସମ୍ଭାବନା, ବୀରତ୍ୱ ସଫଳତା ଆଡକୁ ଗତି କରିବ, ଅସନ୍ତୋଷର ବାତାବରଣ ସୃଷ୍ଟି ହେବ। ଭୟ, ଯନ୍ତ୍ରଣା ଏବଂ ଦ୍ୱନ୍ଦ୍ୱ ହୋଇପାରେ।



**ମକର ରାଶି:** ଯାତ୍ରା ସମ୍ଭବ ହେବ। କିଛି ଦୁଃଖ ସମ୍ଭାବନା। ଲାଭ ହେବ। ମହିଳା ଶ୍ରେଣୀର ଯନ୍ତ୍ରଣା। କୁସଙ୍ଗ ଯୋଗୁଁ କଷ୍ଟ ସମ୍ଭାବନା। ଏହା ଏକ ଅସନ୍ତୁଷ୍ଟ ଦିନ ହେବ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଘର ବାହାରେ ଅଶାନ୍ତି ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**କୁମ୍ଭ ରାଶି:** ଆୟ ବୃଦ୍ଧି ପାଇବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ। ସ୍ୱାସ୍ଥ୍ୟ ଦୁର୍ବଳ ହେବ। ବିରୋଧର ସମ୍ଭାବନା, ଅର୍ଥ ହରାଇବା, ଘରେ ଅସନ୍ତୋଷ, ରୋଗ ଦ୍ୱାରା ଘେରି ରହିବାର ସମ୍ଭାବନା, କିଛି ସଫଳତାର ସମ୍ଭାବନା। ଚିନ୍ତା ଉପୁଜିବ। ସ୍ତ୍ରୀ ପୀଡା, କିଛି ଲାଭ ଆଶା କରନ୍ତୁ।



**ମୀନ ରାଶି:** ରୋଜଗାର ବୃଦ୍ଧି ପାଇବ। ବ୍ୟବସାୟ ଯାତ୍ରା ସଫଳ ହେବ। ପରିବାରର ଚିନ୍ତା ରହିବ। ଆପଣ ଅସୁସ୍ଥ ଅନୁଭବ କରିବେ। ଚିନ୍ତା ଆପଣଙ୍କୁଠାରୁ ମୁକ୍ତି ପାଇବ ନାହିଁ। ଝଗଡା ଏବଂ ଅପମାନରୁ ଦୂରେଇ ରୁହନ୍ତୁ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯